

ବିପର୍ଯ୍ୟୟ ଘଟାଇଲେ ବୋଇସନ୍ — ପୃଷ୍ଠା ୬

# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 72 | ଭାଗ ୩୪ | ସଂଖ୍ୟା ୭୨ | Bhubaneswar | Wednesday 4 June 2025 | Page 8 Rs. 4.00 | ● ଭୁବନେଶ୍ୱର ବୁଧବାର ୪ ଜୁନ୍ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


# ୧୮ ବର୍ଷ ପ୍ରତୀକ୍ଷାର ଅନ୍ତ



**ଆଇପିଏଲ୍-୧୮: ଚାମ୍ପିଅନ୍ ସ୍ୱାଦ ଚାଖିଲା ଆର୍‌ସିବି**

**ବିରାଟଙ୍କ ସ୍ୱପ୍ନ ସାକାର**

**ଶଶାଙ୍କ ଓ ଇଙ୍ଗଲିଶ୍‌ଙ୍କ ଇନିଂସ ବେକାର**

**ଅହମ୍ମଦାବାଦ,୩।୬:** ଆଇପିଏଲ୍‌ର ଅଷ୍ଟାଦଶ ସଂସ୍କରଣ ଉଦ୍‌ଯାପିତ ହୋଇଛି। ପାଖାପାଖି ଦୁଇ ମାସର ରୋମାଞ୍ଚ ପରେ ଶେଷରେ ବାଜିମାତ୍ କରିଛି ରୟାଲ୍ ଚାଲେଞ୍ଜର୍ସ ବାଙ୍ଗାଲୋର୍ (ଆର୍‌ସିବି)। ଏଠାରେ ପାଖାପାଖି ଲକ୍ଷେ ଦର୍ଶକଙ୍କ ଉପସ୍ଥିତିରେ ଖେଳାଯାଇଥିବା ହାଇଭୋଲେଟେଜ୍ ଫାଇନାଲ୍‌ରେ ଆର୍‌ସିବି ପ୍ରତିପକ୍ଷ ପଞ୍ଜାବ କିଙ୍ଗ୍‌ସକୁ ... ରନ୍‌ରେ ହରାଇ ଚାମ୍ପିଅନ୍ ହୋଇଛି। ଏଥିସହ ଦଳର ୧୮ ବର୍ଷର ଲମ୍ବା ପ୍ରତୀକ୍ଷାର ଅନ୍ତ ଘଟିଛି। ତା'ଛଡ଼ା ଦଳର ତାରକା ବ୍ୟାଟ୍ସମ୍ୟାନ୍ ତଥା ପୂର୍ବତନ ଅଧିନାୟକ ବିରାଟ କୋହଲିଙ୍କ ସ୍ୱପ୍ନ ମଧ୍ୟ ସାକାର ହୋଇଛି। କାରଣ କୋହଲି ଏକମାତ୍ର ଖେଳାଳି ଯିଏକି ଦଳ ପକ୍ଷରୁ ୧୮ଟିଯାକ ସଂସ୍କରଣରେ ପ୍ରତିନିଧିତ୍ୱ କରିଛନ୍ତି। ପୂର୍ବରୁ ମଧ୍ୟ ଦଳ ୩ ଥର ଚାମ୍ପିଅନ୍ ହେବାର ନିକଟତର ହୋଇଥିଲେ ମଧ୍ୟ କେବଳ ରନର୍ସଅପ୍‌ରେ ସନ୍ତୁଷ୍ଟ ରହିଥିଲା। କିନ୍ତୁ ଆଜି ଦଳର ମିଳିତ ପ୍ରଦର୍ଶନ ଖେଳାଳିମାନଙ୍କୁ ଟ୍ରଫି ଉଠାଇବାର ସୌଭାଗ୍ୟ ଦେଇଛି। ଆଜିର ଏହି ମହାମୁକାବିଲାରେ ପ୍ରଥମେ ବ୍ୟାଟିଂ କରିବାର ସୁଯୋଗ ପାଇ ଆର୍‌ସିବି ୯ ୱିକେଟ୍‌ରେ ୧୯୦ ରନ୍ କରିଥିଲା। ଏହାର ଜବାବ ଦେବାକୁ ଯାଇ ପଞ୍ଜାବ ୭ ୱିକେଟ୍‌ରେ ୧୮୪ ରନ୍ କରିବାକୁ ସକ୍ଷମ ହୋଇଥିଲା। ଫଳରେ ରଜତ ପାଟିଦାରଙ୍କ ନେତୃତ୍ୱାଧୀନ ଆର୍‌ସିବି ୬ ରନ୍‌ରେ ବିଜୟୀ ହୋଇଥିଲା। ଫଳସ୍ୱରୂପ ପଞ୍ଜାବ ଦ୍ୱିତୀୟ ଥର ପାଇଁ ରନର୍ସଅପ୍ ହୋଇଛି। ଏହା ପୂର୍ବରୁ ଦଳ ଗତ ୨୦୧୪ରେ ପ୍ରଥମ ଥର ପାଇଁ ଫାଇନାଲ୍‌ରେ ପହଞ୍ଚିଥିଲେ ମଧ୍ୟ ନିରାଶ ହୋଇଥିଲା। ଆର୍‌ସିବି ପକ୍ଷରୁ ତାରକା ଖେଳାଳି କୋହଲି ସର୍ବାଧିକ ୪୩ ରନ୍ କରିଥିବା ବେଳେ ତାଙ୍କର ଏହି ଇନିଂସରେ ୩ଟି ଚୌକା ରହିଥିଲା। ସେହିପରି ଅଧିନାୟକ ପାଟିଦାର ଗୋଟିଏ ଚୌକା ଓ ୨ଟି ଛକା ସହ ୨୬, ଲିଆମ୍ ଲିଭିଙ୍ଗଷ୍ଟୋନ୍ ୨ଟି ଛକା ସହ ୨୫ ଏବଂ ମୟଙ୍କ ଅଗରୱାଲ୍ ଓ ଜିତେଶ ଶର୍ମା ୨୪ ➩ପୃଷ୍ଠା-୬

**ପାକିସ୍ତାନର ୪୮ ଘଣ୍ଟା ଆକ୍ରମଣ ଯୋଜନା ଥିଲା**

# ଆମେ ୮ ଘଣ୍ଟାରେ ଶେଷ କରିଦେଲୁ: ଅନୀଲ ଚୌହାନ



**ନୂଆଦିଲ୍ଲୀ, ୩।୬:** ଚିଫ୍ ଅଫ୍ ଆର୍ମି ଷ୍ଟାଫ୍ ଜେନେରାଲ୍ ସିଡ଼ିଏସ ଅନୀଲ୍ ଚୌହାନ ଅପରେସନ ସିନ୍ଦୂର ଉପରେ ବୟାନ ଦେଇ ପହଲଗାମରେ ଯାହା ଘଟିଲା, ତାହା କ୍ରୁରତା ଥିଲା ବୋଲି କହିଛନ୍ତି।ଅପରେସନ ସିନ୍ଦୂର ପଛରେ ମୁଖ୍ୟ ଲକ୍ଷ୍ୟ ହେଉଛି ପାକିସ୍ତାନ ସରକାର ଦ୍ୱାରା ପ୍ରାୟୋଜିତ ଆତଙ୍କବାଦକୁ ରୋକିବା। ସିଡିଏସ୍ କହିଛନ୍ତି ଯେ ମେ ୧୦ ରାତି ପ୍ରାୟ ୧ଟା ବେଳେ ପାକିସ୍ତାନ ଲକ୍ଷ୍ୟ ୪୮ ଘଣ୍ଟା ଭିତରେ ଭାରତକୁ ବଡ଼ କ୍ଷତି ପହଞ୍ଚାଇବାର ଥିଲା।ଅନେକ ଆକ୍ରମଣ କଲେ ଓ ଏହି ସଂଘର୍ଷକୁ ସେମାନେ ହିଁ ବଢାଇଲେ।ଆମେ କେବଳ ଆତଙ୍କବାଦୀ ଠିକଣାକୁ ଟାର୍ଗେଟ୍ କରିଥିଲୁ।ସେମାନେ ୪୮ ଘଣ୍ଟା ଯାଏ ଆକ୍ରମଣ ଯୋଜନା ରଖିଥିଲେ, କିନ୍ତୁ ଆମେ ୮ ଘଣ୍ଟାରେ ଖେଳ ଶେଷ କରିଦେଲୁ।ପରେ ସେମାନେ ଫୋନ୍ କଲେ ଆଉ କଥା ହେବା ପାଇଁ କହିଲେ ।

ସେ କହିଛନ୍ତି ଭାରତକୁ ଆତଙ୍କବାଦୀ ଗତିବିଧିର ବନ୍ଧକ କରାନଯିବା ଦରକାର। ଭାରତ ଏବେ ଆତଙ୍କବାଦ ଓ ପରମାଣୁ ବ୍ଲାକମେଲକୁ ଶୁଣିବ ନାହିଁ। ଏହାସହ ସେ ପୁଣି ଦୋହରାଇଛନ୍ତି ଯେ ସାମରିକ ବାହିନୀ ପାଇଁ ଅସଫଳତା ଓ କ୍ଷତି କୌଣସି ପ୍ରଭାବ ପକାଏ ନାହିଁ।ଏଇଠି କ୍ଷତି ଗୁରୁତ୍ୱପୂର୍ଣ୍ଣ ନୁହେଁ, ପରିଣାମ ମହତ୍ୱପୂର୍ଣ୍ଣ।ସିଡିଏସ୍ ଅନୀଲ ଚୌହାନ କହିଛନ୍ତି ଯେ ଏହି ସଂଘର୍ଷର ଆରମ୍ଭ ପହଲଗାମ ଆତଙ୍କୀ ➩ପୃଷ୍ଠା-୬

**କବଳିତ କରୁଛି କରୋନା**

# ଦିନକରେ ନେଲା ୫ ମୁଣ୍ଡ

**୪ ନୂଆ ଭାରିଆଣ୍ଟ୍ ଯୋଗୁଁ ବଢୁଛି ସଂକ୍ରମଣ**



**ନୂଆଦିଲ୍ଲୀ,୩।୬:** ଦେଶରେ ଦିନକୁ ଦିନ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିଚାଲିଛି। ଇତିମଧ୍ୟରେ ଦେଶରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୪ ହଜାର ଟପି ୪୦୨୬ରେ ପହଞ୍ଚିଯାଇଥିବା ବେଳେ ଆଜି ଦିନକ ଭିତରେ ୫ ଜଣ ସଂକ୍ରମିତଙ୍କର ମୃତ୍ୟୁ ହୋଇଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସେହିପରି ଗତ ୨୪ ଘଣ୍ଟାରେ ୬୫ଟି ନୂଆ ମାମଲା ସାମ୍ନାକୁ ଆସିଛି। ଆଜି ୫ ଜଣ ସଂକ୍ରମିତଙ୍କ ମୃତ୍ୟୁ ପରେ ଦେଶରେ ଗତ ଜାନୁଆରୀରୁ ଅଦ୍ୟାବଧି ମୋଟ ୩୭ ଜଣଙ୍କ ଜୀବନ ଯାଇସାରିଛି। ସର୍ବାଧିକ ସଂକ୍ରମିତ ରାଜ୍ୟ ମଧ୍ୟରେ କେରଳ ଶୀର୍ଷରେ ରହିଥିବା ବେଳେ ରାଜଧାନୀ ଦିଲ୍ଲୀ ସହ ମହାରାଷ୍ଟ୍ର ଓ ଗୁଜରାଟରେ କ୍ରମାଗତ ଭାବେ ଉଦ୍‌ବେଗଜନକ ଭାବେ କରୋନା ତା'ର କାୟା ବିସ୍ତାର କରିଚାଲିଛି। ହଟ୍‌ସ୍ପଟ୍ ବନିଥିବା କେରଳରେ ସର୍ବାଧିକ ୧୪୪୬ ଜଣ ସଂକ୍ରମିତ ରହିଥିବା ବେଳେ ମହାରାଷ୍ଟ୍ର ସଂଖ୍ୟା ୪୯୪ ରହିଛି। ଏହାଛଡ଼ା ଗୁଜରାଟରେ ୩୯୭ ଜଣ, ଦିଲ୍ଲୀରେ ୩୯୩, ପଶ୍ଚିମବଙ୍ଗରେ ୩୭୨ ଜଣ, କର୍ଣ୍ଣାଟକରେ ୩୧୧ ଜଣ, ତାମିଲନାଡୁରେ ୨୧୫ ଜଣ, ଉତ୍ତର ପ୍ରଦେଶରେ ୧୩୮ ଜଣ, ରାଜସ୍ଥାନରେ ୭୫ ଜଣ, ହରିଆଣାରେ ୪୪ ଜଣ, ଆନ୍ଧ୍ର ପ୍ରଦେଶରେ ୨୮ ଜଣ, ପୁଡୁଚେରୀରେ ୨୭ ଜଣ, ମଧ୍ୟପ୍ରଦେଶରେ ୨୧ ଜଣ, ବିହାର, ଛତିଶଗଡ଼ ଓ ଝାଡ଼ଖଣ୍ଡ ୧୧ ଜଣ ଲେଖାଏଁ, ଜମ୍ମୁ ଏବଂ କାଶ୍ମୀର ଓ ପଞ୍ଜାବରେ ୯ ଜଣ ଲେଖାଏଁ, ଗୋଆରେ ୮ ଜଣ, ଆସାମରେ ୬ ଜଣ, ତେଲେଙ୍ଗାନା ଓ ସିକିମରେ ୪ ଜଣ ଲେଖାଏଁ, ଉତ୍ତରାଖଣ୍ଡରେ ୩ ଜଣ, ମିଜୋରାମ ଓ ଚଣ୍ଡିଗଡ଼ରେ ୨ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି।

ସେହିପରି ଗତ ୩ ଦିନ ଭିତରେ ଦେଶରେ ହଜାରେରୁ ଊର୍ଦ୍ଧ୍ୱ ଚିହ୍ନଟ ହୋଇଛନ୍ତି। କାରଣ ଶନିବାର ଦେଶରେ ସଂକ୍ରମିତଙ୍କ ସଂଖ୍ୟା ୩ ହଜାର ଅତିକ୍ରମ କରିଥିଲା। ସେହିପରି ଗତ ୨୪ ଘଣ୍ଟାରେ ବିଭିନ୍ନ ଚିକିତ୍ସାଳୟରୁ ୫୧୨ ଜଣ ସଂକ୍ରମିତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଅନ୍ୟପକ୍ଷରେ ଗତ ➩ପୃଷ୍ଠା-୬

## କେନ୍ଦ୍ରକୁ ଗଲେ ଆଶିଷ

**ଭୁବନେଶ୍ୱର,୩।୬(ସଂଚାର ବ୍ୟୁରୋ):** କେନ୍ଦ୍ରୀୟ ଡେପୁଟେସନରେ ଗଲେ ଆଇଏଏସ୍ ଅଧିକାରୀ ଆଶିଷ ଠାକରେ। ୨୦୧୧ ବ୍ୟାଚର ଏହି ଆଇଏଏସ ଅଧିକାରୀଙ୍କୁ ନିଯୁକ୍ତି ମିଳିଛି। ସେ ଦିଲ୍ଲୀରେ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରଣାଳୟର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିବେ। ଏନେଇ ଆଜି ଡିପାର୍ଟମେଣ୍ଟ୍ ଅଫ୍ ପର୍ସୋନେଲ୍ ଆଣ୍ଡ୍ ଟ୍ରେନିଂ (ଡିଓପିଟି) ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି । ଏଥିରେ କୁହାଯାଇଛି ଯେ ଶ୍ରୀ ଠାକରେ ଆଗାମୀ ୫ ବର୍ଷ ପାଇଁ ଏହି ପଦବୀରେ କାର୍ଯ୍ୟ କରିବେ। ଏଥିସହ ତାଙ୍କୁ ୩ ସପ୍ତାହ ମଧ୍ୟରେ କାର୍ଯ୍ୟରେ ଯୋଗ ଦେବାକୁ କୁହାଯାଇଛି। ଡିଓପିଟି ➩ପୃଷ୍ଠା-୬

## ପାଇଖାନା ଟାଙ୍କିରେ ଗଲା ୪ ଜୀବନ




**ଶୋକ ପ୍ରକଟ କଲେ ମୁଖ୍ୟମନ୍ତ୍ରୀ**

**୪ ଲକ୍ଷ ସହାୟତା ଘୋଷଣା**

**ନନ୍ଦାହାଣ୍ଡି,୩।୬(ସଂଚାର ବ୍ୟୁରୋ):** ନିର୍ମାଣାଧୀନ ପାଇଖାନା ଟାଙ୍କିରେ ଶ୍ୱାସରୁଦ୍ଧ ହୋଇ ଚାଲିଗଲା ୪ ଶ୍ରମିକଙ୍କ ଜୀବନ। ଏପରି ଅଭାବନୀୟ ଘଟଣା ଘଟିଛି ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ପଡାଲଗୁଡା ଗ୍ରାମରେ। ଗ୍ରାମର ଏକ ଘରୋଇ ନିର୍ମାଣାଧୀନ ପାଇଖାନାରେ କାମ କରୁଥିବା ସମୟରେ ଅଚାନକ ଫ୍ଲସ ଖସି ଯିବା ଫଳରେ ୨ ଜଣ ଗୁରୁତର ଭାବେ ଆହତ ହୋଇଥିଲେ। ସେଠାରେ ➩ପୃଷ୍ଠା-୬



**କାନ ଡେରିଥା**

ସ୍ତ୍ରୀ କେତେବେଳେ ସ୍ୱାମୀକୁ ମାରୁଛି
ସାବିତ୍ରୀ କୁ ଭୁଲିଯାଇ
ସାବିତ୍ରୀ ମରୁଛି ସତ୍ୟବାନ ହାତେ
ସମ୍ପର୍କ ଯେ ଦିଶୁ ନାହିଁ
ସବୁ ସେ ସମ୍ପତି ପାଇଁ...
ପରକୀୟା ପ୍ରୀତି ଉଛୁଳି ପଡିଲେ
ଶତ୍ରୁ ମୟ ଦିଶୁଥାଇ

■ ଦେବାଶିଷ

**ଆରମ୍ଭ ହେଲା 'ଶୂନ ଦୁର୍ଘଟଣା ଦିବସ'**

# ସୁରକ୍ଷିତ ଜୀବନ ପାଇଁ ସାମୂହିକ ସଂକଳ୍ପ

**୫୫ କାର୍ଯ୍ୟକ୍ରମ ସହ ପ୍ରକଳ୍ପର ଶୁଭାରମ୍ଭ**

**ଶପଥ ପାଠ କରାଇଲେ ମୁଖ୍ୟମନ୍ତ୍ରୀ**

**ନିୟମ ପାଳନ୍ତୁ, ସୁରକ୍ଷିତ ଘରକୁ ଫେରନ୍ତୁ**




**ଭୁବନେଶ୍ୱର,୩।୬(ସଂଚାର ବ୍ୟୁରୋ):** କେବଳ ପରିବାର କି ରାଜ୍ୟ ନୁହେଁ, ସମଗ୍ର ଅର୍ଥନୀତି ଉପରେ ଗଭୀର ପ୍ରଭାବ ପକାଇଥାଏ ଦୁର୍ଘଟଣା। କାରଣ ଏହା ବ୍ୟକ୍ତିଗତ କ୍ଷତି ନୁହେଁ, ବରଂ ସାମଗ୍ରିକ କ୍ଷତି। ତେଣୁ ସମସ୍ତେ ଘରୁ ବାହରିବାଠୁଁ ନେଇ ଫେରିବା ପର୍ଯ୍ୟନ୍ତ ସଡ଼କର ସମସ୍ତ ନିୟମ ସଠିକ୍ ଭାବେ ପାଳନ କରନ୍ତୁ ଓ ସୁରକ୍ଷିତ ଭାବେ ଘରକୁ ଫେରିବାକୁ ନିଶ୍ଚିତ କରନ୍ତୁ ବୋଲି ଆଜି ଶୂନ ଦୁର୍ଘଟଣା ଦିବସର ଶୁଭାରମ୍ଭ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ସଡ଼କରେ ଯାଉଥିବା ପ୍ରତ୍ୟେକ ବ୍ୟକ୍ତିଙ୍କ ସୁରକ୍ଷିତ ଜୀବନ ପାଇଁ ଏକ ସାମୂହିକ ପ୍ରତିବଦ୍ଧତାର ସଂକଳ୍ପ ସ୍ୱରୂପ 'ଶୂନ ଦୁର୍ଘଟଣା ଦିବସ' ଆଇଆଇଟି ମାଡ୍ରାସ ସହଯୋଗରେ ଆଜିଠାରୁ ଆରମ୍ଭ ହୋଇଥିବା ବେଳେ ଏହା ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ।

ଲୋକସେବା ଭବନ କନଭେନ୍‌ସନ୍ ସେଣ୍ଟରଠାରେ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଆୟୋଜିତ ଶୂନ ଦୁର୍ଘଟଣା ଦିବସ ଓ ସଡ଼କ ସୁରକ୍ଷା ସମ୍ପର୍କିତ ବିଭିନ୍ନ କାର୍ଯ୍ୟକ୍ରମର ଶୁଭାରମ୍ଭ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ➩ପୃଷ୍ଠା-୬

**ଜାତିଭିତ୍ତିକ ଜନଗଣନା**

# ଓଡ଼ିଶା ରାଜନୀତିକୁ ଦେବ ନୂଆ ମୋଡ଼ !

**ବଦଳିବ ବିଧାନସଭା କ୍ଷେତ୍ରର ଭୂଗୋଳ**

**ବଢ଼ିବାରେ ବିଧାନସବା ଆସନ ସଂଖ୍ୟା**

**ମହିଳା ଓ ପଛୁଆ ବର୍ଗ ପାଇଁ ସଂରକ୍ଷଣକୁ ନେଇ ଚର୍ଚ୍ଚା**

ଭୁବନେଶ୍ୱର, ୩।୬ (ସଂଚାର ବ୍ୟୁରୋ): ରାଜ୍ୟରେ ଆରମ୍ଭ ହେଲା ଜନଗଣନା ପ୍ରକ୍ରିୟା। ଏଥିସହ ଆରମ୍ଭ ହୋଇଯାଇଛି ରାଜନୈତିକ ଅବଗଣନା। ପ୍ରଥମ ଥର ପାଇଁ ଜାତିଭିତ୍ତିକ ଜନଗଣନା ହେଉଥିବାରୁ ଆଗକୁ ମହିଳା ସଂରକ୍ଷଣ ଓ ସୀମା ପୁନଃନିର୍ଦ୍ଧାରଣ ନେଇ ବଡ଼ ନିଷ୍ପତ୍ତି ନିଆଯିବାର ସମ୍ଭାବନା ରହିଛି। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ମଧ ଆଗକୁ ରାଜ୍ୟରେ ସୀମା ନିର୍ଦ୍ଧାରଣ ସହ ଲୋକସଭା ଓ ବିଧାନସଭାରେ ମହିଳା ସଂରକ୍ଷଣ ଲାଗୁ ହେବା ନେଇ ସୂଚନା ଦେଇଛନ୍ତି। କେନ୍ଦ୍ର ସରକାର ଧାର୍ଯ୍ୟ କରିଥିବା ସମୟ ଭିତରେ ରାଜ୍ୟ ସରକାର ଜନଗଣନା ସାରିବେ। ଏଥିପାଇଁ ଜିଲ୍ଲା ଓ ବ୍ଲକ୍ ସ୍ତରରେ ଜନଗଣନା ପାଇଁ ଅଧିକାରୀ ନିଯୁକ୍ତ ହେବେ। ଶେଷ ଥର ପାଇଁ ୨୦୧୧ରେ ଜନଗଣନା କରାଯାଇଥିଲା। ଗତ ୨୦୨୧ରେ କୋଭିଡ ➩ପୃଷ୍ଠା-୬

# ଭୁଶୁଡ଼ିଲା ଛାତ, ଧସିଲା ସାଇଫୁନ





**ଜଣେ ମୃତ, ୨ ଗୁରୁତର**

**ଘରେ ପଶିଲା ଡ୍ରେନ ପାଣି**

**ଲୋକଙ୍କ ରୋଷର ଶିକାର ହେଲେ ମେୟର**

**ଭୁବନେଶ୍ୱର,୩।୬(ସଂଚାର ବ୍ୟୁରୋ):** ରାଜଧାନୀ ଭୁବନେଶ୍ୱରରେ ହଠାତ ପାଣିପାଗ ପରିବର୍ତ୍ତନ ହେଲା ଭଳି ଗୋଟିଏ ପରେ ଗୋଟିଏ ଅଘଟଣ ଘଟିଚାଲିଛି। କେଉଁଠି କେନାଲ୍ ରୋଡ ଦବିଯାଉଛି ତ ଆଉ କେଉଁଠି ଛାତ ଭୁଶୁଡି ପଡୁଛି। ବରଗଡ କେନାଲ ରୋଡରେ ସାଇଫୁନ୍ ଧସେଇଯିବାରୁ ଲୋକଙ୍କ ଘରେ ନାଳ ପାଣି ପଶିଯାଇଥିଲା। ସେପଟେ ପୋଖରୀପୁଟ ଲିଙ୍ଗରାଜ ବିହାର ଅଞ୍ଚଳରେ ଏକ ପୁରୁଣା ଘରକୁ ଭଙ୍ଗାଯାଉଥିବା ସମୟରେ ଛାତ ପଡ଼ିଯିବାରୁ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଛି ଓ ଦୁଇ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି।

ପୋଖରୀପୁଟ ଲିଙ୍ଗରାଜ ବିହାର ଅଞ୍ଚଳରେ ଥିବା ଏକ ପୁରୁଣା କୋଠାକୁ ଭାଙ୍ଗିବାକୁ ଘର ମାଲିକ ଜଣେ ଠିକାଦାରଙ୍କୁ ଦାୟିତ୍ୱ ଦେଇଥିଲେ। ଗତ କିଛି ଦିନ ହେଲା ଘରଭଙ୍ଗା ପ୍ରକ୍ରିୟା ଚାଲିଥିଲା। ଏଥିରେ ୭/୮ ଜଣ ଶ୍ରମିକ ନିୟୋଜିତ ଥିଲେ। ତେବେ ଆଜି ସନ୍ଧ୍ୟାରେ ବର୍ଷା ହେଉଥିବା ସମୟରେ ମଧ୍ୟ ଘରଭଙ୍ଗା କାର୍ଯ୍ୟ ଚାଲିଥିଲା। ସ୍ଥାନୀୟ ଲୋକେ ମଧ୍ୟ ସନ୍ଧ୍ୟାରେ କାମ କରାଯାଉଥିବାରୁ ଏହାକୁ ବିରୋଧ କରିଥିଲେ। ହେଲେ ଠିକାଦାର ମାନିନଥିଲେ। କାମ ଚାଲିଥିବା ବେଳେ ହଠାତ ଛାତ ଭୁଶୁଡି ପଡିଥିଲା। ସେତେବେଳକୁ ୩ ଜଣ ଶ୍ରମିକ କାମ କରୁଥିଲେ। ସେମାନଙ୍କ ମଧ୍ୟରୁ ➩ପୃଷ୍ଠା-୬

# ଆସୁଛନ୍ତି ମେଧା: ନଜର ରଖିଛନ୍ତି ସରକାର

**ଭୁବନେଶ୍ୱର,୩।୬(ସଂଚାର ବ୍ୟୁରୋ):** ରାଜ୍ୟ ସରକାର ବର୍ଷପୂର୍ତ୍ତି ଉତ୍ସବ ପାଇଁ ଜୋରଦାର ପ୍ରସ୍ତୁତି ଚଳାଇଥିବାବେଳେ ଏହାରି ଭିତରେ ସରକାରଙ୍କ ଶିଳ୍ପାୟନର ବାଟ ଓଗାଳିବାପାଇଁ କ୍ଷେତ୍ର ପ୍ରସ୍ତୁତ ଚାଲିଥିବା ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ବିଶେଷକରି ବିଶିଷ୍ଟ ପରିବେଶବିତ୍ ତଥା ନର୍ମଦା ବଞ୍ଚାଅ ଆନ୍ଦୋଳନର ନେତ୍ରୀ ମେଧା ପାଟକରଙ୍କ ତିନି ଦିନିଆ ଓଡିଶା ଗସ୍ତକୁ ଦୃଷ୍ଟିରେ ରଖି ଏଭଳି ଚର୍ଚ୍ଚା ଜୋର ଧରିଛି।



ମେଧା ପାଟକର ତିନିଦିନିଆ ଓଡିଶା ଗସ୍ତରେ ଆସୁଥିବା ବେଳେ ରାୟଗଡାଠାରୁ ଆରମ୍ଭ କରି କଳାହାଣ୍ଡି, ଗଞ୍ଜାମ ଓ ଭୁବନେଶ୍ୱର ପର୍ଯ୍ୟନ୍ତ ତାଙ୍କର ବିଭିନ୍ନ କାର୍ଯ୍ୟକ୍ରମ ରହିଛି। ବିଶେଷକରି ରାୟଗଡା ଓ କଳାହାଣ୍ଡି ଜିଲ୍ଲାର ସିଜିମାଳି ସୁରକ୍ଷା ତଥା ମା' ମାଟି ମଞ୍ଚ ଦ୍ୱାରା ଆୟୋଜିତ ସଭାରେ ଉଦ୍‌ବୋଧନ ଦେବେ। ଏହି ମଞ୍ଚଟି ସାଧାରଣତଃ ବକ୍ସାଇଟ୍ ଉତ୍ତୋଳନକୁ ବିରୋଧ କରୁଛି। ପରିବେଶର ସୁରକ୍ଷା ପାଇଁ ଦୀର୍ଘଦିନ ହେଲା ଏ ନେଇ ଆନ୍ଦୋଳନ ଜୋର ଧରିଛି। ତେବେ ଏଠାରେ ଶିଳ୍ପାୟନ ସପକ୍ଷବାଦୀମାନେ ଗ୍ରାମସଭା ବସାଇ ଲୋକଙ୍କ ଅନୁମୋଦନ ନେଇ ବକ୍ସାଇଟ୍ ଖନନ ପାଇଁ ଦାବି କରି ଆସୁଛନ୍ତି। ଏହି ପ୍ରସଙ୍ଗକୁ ନେଇ ସେଠାରେ ଦୁଇ ଗୋଷ୍ଠି ମୁହାଁମୁହିଁ ହେଉଥିବାବେଳେ ମେଧାଙ୍କ ଗସ୍ତ ଅନେକ ଦୃଷ୍ଟିରୁ ଗୁରୁତ୍ୱ ବହନ କରୁଛି।

ସେହିଭଳି ମେଧା ପାଟକର ଗଞ୍ଜାମ ଜିଲ୍ଲାର ଋଷିକୂଲ୍ୟା ସୁରକ୍ଷା କାର୍ଯ୍ୟକ୍ରମରେ ଯୋଗ ଦେବା ସହିତ ଋଷିକୂଲ୍ୟା ନଦୀ ପାଶ୍ୱର୍ ଅଞ୍ଚଳକୁ ଗସ୍ତରେ ଯିବାର କାର୍ଯ୍ୟକ୍ରମ ରହିଛି। ଏଠାରେ ମଧ୍ୟ କେତେକ ଶିଳ୍ପସଂସ୍ଥା ଋଷିକୂଲ୍ୟାକୁ ପ୍ରଦୂଷିତ କରୁଥିବା ନେଇ ଅଭିଯୋଗ ହୋଇ ଆସୁଛି। ଏହାପରେ ମେଧା ଭୁବନେଶ୍ୱର ଗସ୍ତରେ ଆସିବେ। ଏଠାରେ ଦୟା ସୁରକ୍ଷା ଅଭିଯାନ ଓ ଜଳବାୟୁ ନ୍ୟାୟ କେନ୍ଦ୍ର ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ନିଜର ମତ ରଖିବେ। ମେଧା ସାଧାରଣତଃ ପରିବେଶର ସୁରକ୍ଷା ଉପରେ ନିଜର ମତ ରଖିବା ସହିତ ଶିଳ୍ପାୟନ ଯୋଗୁଁ ପରିବେଶ କିଭଳି ପ୍ରଦୂଷିତ ହୋଇଥାଏ ତାହା ଉପରେ କହିଥାନ୍ତି। ତାଙ୍କର ଏହି ଗସ୍ତ ସମୟରେ ରାଜ୍ୟର ଜଣାଶୁଣା ପରିବେଶବିତ୍‌ମାନେ ସାମିଲ ହେବେ। ଏହି ପରିବେଶବିତ୍‌ମାନଙ୍କ ମଧ୍ୟରୁ କେତେଜଣ ଅତୀତରେ ରାଜ୍ୟର ବିଭିନ୍ନ ସ୍ଥାନରେ ଶିଳ୍ପାୟନକୁ ଜୋରଦାର ବିରୋଧ କରିବାର ନଜିର ବି ରହିଛି। ତେଣୁ ମେଧାଙ୍କ ଏହି ଗସ୍ତ ଉପରେ ନେଇ ଶିଳ୍ପ ସପକ୍ଷବାଦୀମାନେ ତୀକ୍ଷ୍ଣ ନଜର ରଖିଥିବା ଲକ୍ଷ୍ୟ କରାଯାଉଛି। ଯେହେତୁ ରାଜ୍ୟ ସରକାର ବର୍ଷପୂର୍ତ୍ତି ଅବସରରେ ଲୋକଙ୍କ ଆଗରେ ନିଜର ସଫଳତା ରଖିବାକୁ ➩ପୃଷ୍ଠା-୬

**ଶିଳ୍ପାୟନର ବାଟ ଓଗାଳିବା ନେଇ ଚର୍ଚ୍ଚା**

**ଉତ୍ସାହିତ ପରିବେଶବିତ୍**

# ପୋତି ହେବାକୁ ବସିଲାଣି ଲୁଣା ନଦୀ କେନାଲ ମୁହାଣ

**ପଙ୍କ ଆଉ ଦଳରେ ଭର୍ତ୍ତି କେନାଲ**

**ଜଳସେଚନରେ ଦେଖାଦେଇଛି ଅସୁବିଧା**

**ପୁନରୁଦ୍ଧାର କରିବାକୁ ଦାବି**



**କେନ୍ଦ୍ରାପଡ଼ା,୩।୬ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲାର ସର୍ବପୁରାତନ ଥିବା ଜମ୍ବୁ-ମାର୍ଶାଘାଇ କେନାଲରୁ ଲୁଣା ନଦୀକୁ ସଂଯୋଗ କରୁଥିବା କେନାଲ ମୁହାଣ ଏବେ ଦଳ ଏବଂ ପଙ୍କରେ ପୋତି ହୋଇଗଲାଣି। ପ୍ରାୟ ଅଧ କିଲୋମିଟର ଲମ୍ବ ଏବଂ ପ୍ରାୟ ପଚାଶ ଫୁଟ ଚଉଡ଼ା ବିଶିଷ୍ଟ ଏହି କେନାଲ ଲୁଣା ନଦୀର କୁସୁନପୁର ନିକଟ ଲୁଣା ବ୍ରିଜ ପାଖରେ ଯାଇ ଲୁଣା ନଦୀରେ ମିଶିଛି । ଜଳ କ୍ଲିଷ୍ଟ ମାର୍ଶାଘାଇ ଅଂଚଳର ଲୋକମାନଙ୍କର ଶୌଚ ସ୍ନାନ ଆଦି ଦୈନନ୍ଦିନ କାର୍ଯ୍ୟ ପାଇଁ ଏହି କେନାଲ ବହୁତ କାମରେ ଲାଗୁଛି । ମାତ୍ର ଦଳ ଏବଂ ପଙ୍କରେ ଭର୍ତ୍ତି ହୋଇଯିବା ପରେ ଲୁଣା ନଦୀରୁ ସବୁ ସମୟରେ ପାଣି ଏହି କେନାଲରେ ପ୍ରବାହ କରି ପାରୁନାହିଁ, କେବଳ ଜୁଆର ସମୟରେ କିଛି କିଛି ନଦୀ ପାଣି ପ୍ରବେଶ କରୁଛି । ଏପଟେ ଉପରମୁଣ୍ଡରେ କେନାଲ ଶୁଖିଲା ପଡିଛି ତେଣୁ ଉପର ମୁଣ୍ଡରୁ କେନାଲରୁ ପାଣି ପ୍ରବେଶ କରୁ ନ ଥିବାରୁ ପଙ୍କ ଏବଂ ଦଳକୁ ଠେଲିବା ପାଇଁ ଜଳର ସ୍ରୋତ ସେତେଟା ପ୍ରଖର ହେଉନାହିଁ ।

ଏକଦା ଏହି କେନାଲ ମୁହାଣ ଜଳପଥ ପାଇଁ ବ୍ୟସ୍ତବହୁଳ ଥିଲା। ବଡ଼ ବଡ଼ ମଳିଙ୍ଗ ଡ଼ଙ୍ଗା, କୋଶଳୀ ଡ଼ଙ୍ଗା, ହୁଲି ଡଙ୍ଗି, ଯନ୍ତ୍ର ଚାଳିତ ସରକାରୀ ଲଞ୍ଚ ଆଦି ଯାତାୟତ କରୁଥିଲା। ମାର୍ଶାଘାଇ ବଜାରରୁ ବିଭିନ୍ନ ଅଂଚଳକୁ ସାମଗ୍ରୀ ପାରିବହନ ଏହି ମୁହାଣ ସ୍ଥଳରୁ ଜଳପଥରେ ହେଉଥିଲା । ତେଣୁ ଏହି କେନାଲ ଚିରସ୍ରୋତା ହୋଇ ରହୁଥିଲା ଫଳରେ ପଙ୍କ ଏବଂ ଦଳର ଦେଖା ଦର୍ଶନ ମିଳୁ ନ ଥିଲା। ଏବେ ଅଳ୍ପ କେଇଟା ଭୁଟୁଭୁଟି ଏବଂ ଡଙ୍ଗିକୁ ଛାଡିଦେଲେ ଆଉ ଅନ୍ୟ ଜଳଯାନ ଚଳପ୍ରଚଳ କରୁନାହିଁ। ତେଣୁ ଦଳ ଆଉ ପଙ୍କ ଧୀରେ ଧୀରେ ବୃଦ୍ଧି ପାଇ ସମଗ୍ର ମୁହାଣକୁ ଅବରୋଧ କରିସାରିଲାଣି। ମୁହାଣ ଅବରୋଧ ଯୋଗୁ ଜଳପ୍ରବାହ କମି ଥିବାରୁ ନିକଟସ୍ଥ ଚାଷ ଜମିରେ ଜଳସେଚନ ପାଇଁ ପାଣି ମଡ଼େଇବାକୁ ଚାଷୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଶୌଚ ସ୍ନାନ ସମେତ ଶୁଦ୍ଧିକ୍ରିୟାର ତୁଠ କର୍ମ କରିବା ପାଇଁ ଜୁଆର ସମୟକୁ ଅପେକ୍ଷା କରିବାକୁ ପଡୁଛି। ଜଳପ୍ରବାହ ସ୍ୱାଭାବିକ କରିବା ପାଇଁ ପଙ୍କ ଏବଂ ଦଳକୁ ଉଦ୍ଧାର କରିବା ସହିତ କେନାଲ ମୁହାଁଣକୁ ଖନନ କରିବାକୁ ଦାବୀ ହେଉଛି।

ଏ ନେଇ ଜଳନିକାସନ ବିଭାଜନ କାର୍ଯ୍ୟାଳୟ ପକ୍ଷରୁ ଦୁଇ ବର୍ଷ ତଳେ ଖନନ କରାଯିବା ନେଇ ଯୋଜନା ପ୍ରସ୍ତୁତ ହୋଇଥିବା ସ୍ଥାନୀୟ ଲୋକମାନେ କହିଛନ୍ତି ମାତ୍ର କାର୍ଯ୍ୟକାରୀ ହୋଇ ନ ପାରିବା ଦୁଃଖର ବିଷୟ ହୋଇଛି । ଜଳନିକାସ ବିଭାଜନର ଅଧିକ୍ଷଣ ଯନ୍ତ୍ରୀଙ୍କ ବାସଭବନର ସ୍ୱଳ୍ପ ଦୂରରେ ଏହି କେନାଲ ମୁହାଣର ଅବସ୍ଥିତି ତେଣୁ ଏହି କେନାଲ ମୁହାଣ ଖନନ କରିବାକୁ ଉକ୍ତ ବିଭାଗ ଗୁରୁତ୍ୱ ଦେବାକୁ ଦାବୀ ହେଉଛି।



## ପାଣି ନପାଇ ବ୍ଲକରେ ମହିଳାଙ୍କ ମହାଭାରତ

**ଆଳି,୩।୬ (ସଂଚାର ବ୍ୟୁରୋ):** ଆଳି ବ୍ଲକ ମେଣ୍ଟପୁର ପଞ୍ଚାୟତର କାଜିସାହି ଓ ତଳସାହି ଗ୍ରାମରେ ପାଣି ସମସ୍ୟାକୁ ନେଇ ତୁମୁଳକାଣ୍ଡ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି । ଗ୍ରାମରେ ଦୀର୍ଘ ଦିନ ହେବ ପାନୀୟ ଜଳ ସମସ୍ୟା ଲାଗି ରହିଥିବାରୁ ଏ ନେଇ ସରପଞ୍ଚ ଓ ବିଡ଼ିଓଙ୍କ ନିକଟରେ ବାରମ୍ବାର ଅଭିଯୋଗ କରିଥିଲେ ମଧ ଏଥିପ୍ରତି କେହି କର୍ଣ୍ଣ ପାତ କରୁ ନଥିବାରୁ ଗ୍ରାମରେ ଅସନ୍ତୋଷ ଦେଜିଥିଲା । କାଜିସାହି ଓ ତଳସାହି ଗ୍ରାମର ପ୍ରାୟ ଆଠ ଶହ ପରିବାର ପାଣି ପାଉନଥିବାରୁ ଗ୍ରାମର ଶତାଧିକ ମହିଳା ଓ ପୁରୁଷମାନେ ଗତ କିଛି ଦିନ ତଳେ ଗ୍ରାମ୍ୟରାସ୍ତା ରୋକ କରିବା ସହିତ ବ୍ଲକ ଆଗରେ ବିକ୍ଷୋଭ କରି ଆଳି ବ୍ଲକ ଉନୟନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ବ୍ଲକ ଉନ୍ନୟନ ଅଧିକାରୀ ବ୍ଲକରେ ପହଞ୍ଚି ପଞ୍ଚାୟତର ସରପଞ୍ଚ, ପିଇଓଙ୍କ ଉପସ୍ଥିତରେ ମହିଳା ମାନଙ୍କ ସହ ସମସ୍ୟା ନେଇ ବିସ୍ତୃତ ଆଲୋଚନା କରିଥିବା ସହ ଖୁବ୍ ଶୀଘ୍ର ସମସ୍ୟାର ସମାଧାନ ହେବାକୁ ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ଯଥା ପୂର୍ବଙ୍ଗ ତଥା ପରଂ ନୀତିରେ ପଞ୍ଚାୟତବାସୀଙ୍କ ଦୁଃଖ ଦୂର ନହେବାରୁ ପୁନର୍ବାର ଆଜି ଉକ୍ତ ଅଞ୍ଚଳର ଶତାଧିକ ମହିଳା ଓ ପୁରୁଷମାନେ ଜବରଦସ୍ତ ଆଳି ବ୍ଲକରେ ପଶି ବ୍ଲକର ସଭାଗୃହରେ ପଶି ଚେୟାର ଟେବୁଲ ଫୋପଡା ଫିଙ୍ଗା କରିବା ସହ ଚାଲିଥିବା ଏକ ଗୁରୁତ୍ୱ ପୂର୍ଣ୍ଣ ମିଟିଂକୁ ବନ୍ଦ କରିଦେଇଥିଲେ। ବିଡ଼ିଓଙ୍କ କାର୍ଯ୍ୟରେ ବାଧା ସୃଷ୍ଟି କରିବା ସହିତ ଜୋରଦାର ବିକ୍ଷୋଭ କରିବା ପରେ ଭୟରେ ବିଡ଼ିଓ ଅବିନାଶ ବିଶ୍ୱଜିତ ସେଠି ନିଜ ଅଫିସର ଏସି ରୁମକୁ ପଳେଇଯିବା ପରେ ମହିଳାମାନେ ମଧ ଜବରଦସ୍ତ ବିଡ଼ିଓଙ୍କ ଅଫିସ ଗୃହକୁ ଧସେଇ ପଶିଯାଇ ବିଡ଼ିଓଙ୍କୁ ତୀବ୍ର ବିରୋଧ କରିଥିଲେ। ପରେ ଆଳି ବିଡ଼ିଓ ପୋଲିସ, ପାନୀୟଜଳ ବିଭାଗ ଅଧିକାରୀ ଓ ସ୍ଥାନୀୟ ସରପଞ୍ଚଙ୍କୁ ସାଥିରେ ନେଇ ଗ୍ରାଉଣ୍ଡ ଜିରୋରେ ଉକ୍ତ ଅଞ୍ଚଳ ପରିଦର୍ଶନ କରି ଯଥାଶୀଘ୍ର ସମସ୍ୟାର ସମାଧାନ କରିବାକୁ ଦୃଢ ପ୍ରତିଶୃତି ଦେଇଛନ୍ତି। ଆଗକୁ ଦେଖିବାକୁ ରହିଲା ବିଡ଼ିଓଙ୍କ ପ୍ରତିଶୃତିକୁ ବିଭାଗୀୟ ଅଧିକାରୀମାନେ କେତେ ମାତ୍ରାରେ ପାଳନ କରୁଛନ୍ତି।

**ପାଣି ଯୋଗାଇ ଦେବାରେ ପ୍ରଶାସନ ଫେଲ୍**

**ପ୍ରତିଶ୍ରୁତି ପରେ ବି ପାଇନଥିଲେ ପାଣି**



## ବାଣିଜ୍ୟ ଓ ପରିବହନ ବିଭାଗର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ

**କେନ୍ଦ୍ରାପଡ଼ା, ୩।୬ (ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆଜି ଭୁବନେଶ୍ୱର ସ୍ଥିତ ଲୋକସେବା ଭବନର କନଭେନସନ ସେଣ୍ଟର ଠାରେ ବିଭିନ୍ନ ଉନ୍ନତିମୂଳକ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରିଛନ୍ତି । ଏହି ପରିପ୍ରେକ୍ଷୀରେ ରାଜ୍ୟର ସମସ୍ତ ଜିଲ୍ଲା ଭିଡ଼ିଓ କନଫରେନ୍ସ ମାଧମରେ ଯୋଡ଼ି ହୋଇଥିବା ବେଳେ କେନ୍ଦ୍ରାପଡ଼ା ଜିଲ୍ଲା ମଧ ସାମିଲ ହୋଇଥିଲା । ବାଣିଜ୍ୟ ଓ ପରିବହନ ବିଭାଗ ଦ୍ୱାରା ଆୟୋଜିତ ଜିଲ୍ଲା କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା,ମହାକାଳପଡ଼ା ବିଧାୟକ ଡ଼ଃ. ଦୁର୍ଗା ପ୍ରସନ୍ନ ନାୟକ ଙ୍କ ସମେତ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ମଲ୍ଲିକ, ଆଞ୍ଚଳିକ ପରିବହନ ଅଧିକାରୀ ଧୀରେନ୍ଦ୍ର କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ କେନ୍ଦ୍ରାପଡ଼ା ସହିତ ୨୧ ସ୍ଥାନରେ ସ୍ୱୟଂକ୍ରିୟ ପରୀକ୍ଷଣ ବ୍ୟବସ୍ଥାର ଶିଳାନ୍ୟାସ କରିଛନ୍ତି । ଏହା ସହିତ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ବିଭିନ୍ନ ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ କରିଛନ୍ତି । ପରେ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ସଡ଼କ ସୁରକ୍ଷା ସଂକ୍ରାନ୍ତରେ ଶପଥ ପାଠ କରାଇଥିଲେ ।

## ନିଶାମୁକ୍ତ ସଂକଳ୍ପ, ନିଶା ନୁହେଁ ଜୀବନ ରଥ ଉଦ୍‌ଘାଟନ



**କେନ୍ଦ୍ରାପଡ଼ା, ୩।୬ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ନୀଶାମୁକ୍ତ ଜୀବନ ପାଇଁ ଜନ ସାଧାରଣଙ୍କୁ ସଚେତନ କରିବା ପାଇଁ ନିଶାମୁକ୍ତ ସଂକଳ୍ପ, ନିଶା ନୁହେଁ ଜୀବନ ରଥ ଉଦ୍‌ଘାଟନ ହୋଇଯାଇଛି । ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର କୁମାର ମଲିକ, ଅବକାରୀ ଅଧିକ୍ଷକ ବିପ୍ର ମଣ୍ଡଳ ପ୍ରମୁଖ ଉପସ୍ଥିତ ରହି ଏହି ରଥକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ ରିଥିଲେ । ରଥଟି ଦୀର୍ଘ ୧ ମାସ ଧରି ଜିଲ୍ଲାର ପ୍ରତ୍ୟେକ ପଂଚାୟତ, ପୌରାଂଚଳ ବୁଲି ଜନ ସାଧାରଣ ଓ ଯୁବପିଢିଙ୍କୁ ନିଶାମୁକ୍ତ ଜୀବନ ପାଇଁ ସଚେତନ କରାଇବ । ଏହି ରଥ ଉଦ୍‌ଘାଟନ ସମୟରେ ଡିଏସ୍‌ଓ, ଡିଏସ୍‌ଏସ୍‌ଓ, ଅବକାରୀ ନିରୀକ୍ଷକ ହିତାଂଶୁ ଶେଖର ମଲିକ, ପଦ୍ମଲୋଚନ ନାୟକ, ନରଶ ପଣ୍ଡା, ଧର୍ମପଦ ଦାସ, କଳ୍ପନା ରାଉତଙ୍କ ସମେତ ଅବକାରୀ ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।

## ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ନିର୍ଦ୍ଦେଶକଙ୍କୁ ଦାବିପତ୍ର ପ୍ରଦାନ

**କେନ୍ଦ୍ରାପଡ଼ା, ୩।୬ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲାର ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଙ୍ଘର ସମ୍ପାଦକ ଅକ୍ଷୟ କୁମାର ପୋଥାଳ ଙ୍କ ନେତୃତ୍ୱ ରେ ଏକ ନଜଣିଆ ପ୍ରତିନିଧି ମଣ୍ଡଳୀ ଅଦ୍ୟ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ଭୁବନେଶ୍ୱର ଯାଇ ନିର୍ଦ୍ଦେଶକ ବାଲମୁକୁନ୍ଦ ଭୂୟାଁ ଙ୍କୁ ଦାବି ପତ୍ର ପ୍ରଦାନ କରିଛନ୍ତି । ୧୧/୨/୧୧ ଯୋଗଦାନ କରିଥିବା ଶିକ୍ଷକ/ଶିକ୍ଷୟତ୍ରୀ ମାନଙ୍କ ପାଇଁ ଓଟିଇଟି ନଥିବା ସତେ ତା ୩/୫/୨୫ ଅତିରିକ୍ତ ସଚିବ ଙ୍କ ଚିଠି ପ୍ରତ୍ୟାହାର ପାଇଁ ଦାବି କରିଛନ୍ତି ଏବଂ ସେହିପରି ପ୍ରାଥମିକ ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସ ଙ୍କୁ ମଧ ଦାବିପତ୍ର କରାଯାଇଛି । ଏହି ଦିଗ ରେ ନିର୍ଦ୍ଦେଶକ ହସ୍ତକ୍ଷେପ କରି ସମାଧାନ ପାଇଁ ପ୍ରତିଶୃତି ଦେଇଛନ୍ତି ।

## ତୁଳସୀ ମହିଳା ମହାବିଦ୍ୟାଳୟରେ ନୂତନ ଅଧ୍ୟକ୍ଷଙ୍କ ଦାୟିତ୍ୱ ଗ୍ରହଣ

**କେନ୍ଦ୍ରାପଡ଼ା, ୩।୬ (ସଂଚାର ବ୍ୟୁରୋ):** ଓଡିଶା ସରକାରଙ୍କ ଉଚ୍ଚଶିକ୍ଷାବିଭାଗଆଦେଶନଂ-୨୮୨୮୭,ତା୦୨.୦୬.୨୦୨୫ ଅନୁସାରେ ଡ଼. ମଥୁରି ଚରଣ ନାୟକ, ପ୍ରାଧାପକ ସମାଜ ବିଜ୍ଞାନ ବିଭାଗଙ୍କୁ ତୁଳସୀ ମହିଳା ମହାବିଦ୍ୟାଳୟର ନୂତନ ଅଧକ୍ଷ ଭାବେ ଅବସ୍ଥାପିତ କରାଯାଇଛି। ଡ଼ ନାୟକ କରିଲୋପାଟଣା ମହାବିଦ୍ୟାଳୟରେ ୦୩.୦୫.୧୯୮୯ ତାରିଖରୁ ଅଧାପନା ଆରମ୍ଭ କରିଥିଲେ । ଡ଼. ନାୟକ ୨୦୧୫ ମସିହାରେ ପଣ୍ଡିଚେରି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରୁ ପି.ଏଚ୍.ଡି ଲାଭ କରିଥିଲେ । ତା ୦୭.୦୬.୨୦୧୬ ରିଖରେ ତୁଳସୀ ମହିଳା ମହାବିଦ୍ୟାଳୟ କୁ ବଦଳି ହୋଇ ଆସିଥିଲେ । ତୁଳସୀ ମହିଳା ମହାବିଦ୍ୟାଳୟର ଶିକ୍ଷାଗତ ଓ ଢାଂଚାଗତ ବ୍ୟବସ୍ଥାରେ ଗୁଣାତ୍ମକ ପରିବର୍ତ୍ତନ ଆଣିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି ।





## ଉଦଘାଟନ ହେଲା ମୁଗ,ବିରି, ଚିନାବାଦାମ, ସୂର୍ଯ୍ୟମୁଖୀ କ୍ରୟ କେନ୍ଦ୍ର

**ଆଳି,୩।୬ (ସଂଚାର ବ୍ୟୁରୋ):** ଆଳି ନିଆଳ ପାକ୍ସ ରେ ଚାଷୀ ମାନଙ୍କ ଠାରୁ ମୁଗ ବିରି ସୂର୍ଯ୍ୟମୁଖୀ କ୍ରୟ କରିବା ନିମନ୍ତେ ମଙ୍ଗଳବାର ଦିନ ଶୁଭ ଉଦଘାଟନ ହୋଇଯାଇଛି। ନୂଆ ସରକାରଙ୍କ ନୂଆ ଯୋଜନାରେ ମଣ୍ଡିରେ ଯୋଡି ହେଲା ମୁଗ ,ବିରି ,ସୂର୍ଯ୍ୟମୁଖୀ ,ଚିନାବାଦାମ । ଆଳି ର ୩୪ ପଞ୍ଚାୟତର କୃଷି କୃଷକ ର ବିକାଶ ନିମନ୍ତେ ଏଭଳି ପଦକ୍ଷେପକୁ କୃଷକଙ୍କ ମହଲରେ ପ୍ରଶଂସା କରାଯାଇଛି। ଯେପରି ଧାନ ମଣ୍ଡିରେ ପଞ୍ଜିକରଣ କରାଯାଉଥିଲା ସେହିପରି ରବି ଶସ୍ୟ ପାଇଁ ପଞ୍ଜିକରଣ କରି ଟୋକନ ପାଇବା ପରେ ମଣ୍ଡିରେ ଶସ୍ୟ ଦେଇ ସରକାରଙ୍କ ଧାଜ୍ୟ ମୂଲ୍ୟ ପାଇପାରିବେ। ଯାହାକି ଚାଷୀ ଦଲାଲି ମୁକ୍ତ ହେବା ସହ ସିଧାସଳଖ ନିଜର ଚାଷ ସାମଗ୍ରୀ ମଣ୍ଡି ରେ ଦେଇ ଚାଷୀ ଉଚିତ୍ ଦାମ୍ ପାଇପାରିବ। ଏହି ଶୁଭ ଉଦଘାଟନୀ କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ମାର୍କଫେଡ଼ ଅଧିକାରୀ ପ୍ରଶାନ୍ତ ରାଉତ, ଆଳି ସହକାରୀ କୃଷି ଅଧିକାରୀ ସୁଚିତ୍ରା ପାତ୍ର,ଗ୍ରାମ୍ୟ କୃଷି କର୍ମଚାରୀ ସୁଧାରାଣୀ ସାହୁ, କେନ୍ଦ୍ର ସମବାୟ ବ୍ୟାଙ୍କ ମ୍ୟାନେଜର ନିହାର କାନ୍ତ ସ୍ୱାଇଁ,ନିଆଳ କୃଷି ସେବା ସମବାୟ ସମିତି ସମ୍ପାଦକ ଶିଶିର କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସରକାରଙ୍କ ଏ ଭଳି ପଦକ୍ଷେପକୁ ସାଧାରଣରେ ପ୍ରଶଂସା କରାଯାଇଛି।

## ସର୍ପ ଦଂଶନରେ ମହିଳା ମୃତ

**ମହାକାଳପଡ଼ା,୩।୬ (ସଂଚାର ବ୍ୟୁରୋ):** ମାର୍ଶାଘାଇ ଥାନା ଅନ୍ତର୍ଗତ ତିଖିରି ପଞ୍ଚାୟତ ବାଲିସୁଆଁ ଗ୍ରାମର ସୁରେନ୍ଦ୍ର ମହାନ୍ତି ଙ୍କ ସ୍ତ୍ରୀ ରଞ୍ଜିତା ମହାନ୍ତି (୫୧) ଙ୍କର ବିଷାକ୍ତ ସର୍ପ ଦଂଶନ ରେ ମୃତ୍ୟୁ ଘଟିଛି। ଗତକାଲି ବିଳମ୍ବିତ ରାତ୍ରୀରେ ରଞ୍ଜିତା ବାହାରକୁ ଉଠିଥିବା ସମୟରେ ତାଙ୍କୁ ଏକ ବିଷାକ୍ତ ସାପ କାମୁଡି ଦେଇଥିଲା । ପରିବାର ଲୋକେ ତାଙ୍କୁ ସଙ୍ଗେ ସଙ୍ଗେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ । ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଛି। ଏନେଇ ପରିବାର ଲୋକେ ମାର୍ଶାଘାଇ ଥାନା ରେ ଅଭିଯୋଗ କରିବା ପରେ ଥାନା ଅଧିକାରୀ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଜିଲ୍ଲା ମୁଖ୍ୟାଳୟ କୁ ଶବ ବ୍ୟବଛେଦ ପାଇଁ ପଠାଇଥିବା ଥାନା ଅଧିକାରୀ ତପନ କୁମାର ନାୟକ ପ୍ରକାଶ କରିଛନ୍ତି।

**ବିଇଓ ସଂଯୁକ୍ତାଙ୍କ ବ୍ୟବହାରରେ ଅସନ୍ତୁଷ୍ଟ ଅଞ୍ଚଳବାସୀ**

## କାର୍ଯ୍ୟାନୁଷ୍ଠାନ ସହ ବଦଳି ପାଇଁ ଶିକ୍ଷାମନ୍ତ୍ରୀଙ୍କୁ ଦାବିପତ୍ର

**ନିଶ୍ଚିନ୍ତକୋଇଲି,୩।୬ (ସଂଚାର ବ୍ୟୁରୋ):** ନିଶ୍ଚିନ୍ତକୋଇଲି ବ୍ଲକରେ ନୂତନ ମଣ୍ଡଳ ଶିକ୍ଷ୍ୟାଧିକାରିଣୀ ଯୋଗଦେବା ପରେ ଶିକ୍ଷା ବ୍ୟବସ୍ଥା ଭୁଶୁଡି ପଡ଼ିଥିବା ସହ ତାଙ୍କ ବ୍ୟବହାରରେ ଶିକ୍ଷକଙ୍କ ଠାରୁ ଆରମ୍ଭ କରି ସାମ୍ବାଦିକ, ଅଫିସ କର୍ମଚାରୀ, ପଞ୍ଚାୟତ ପ୍ରହଲ୍ଲାଦ କଲେଜ କର୍ମଚାରୀଙ୍କ ସହ ସାଧାରଣ ଜନସାଧାରଣ ଅସନ୍ତୁଷ୍ଟ ଥିବା ଜାଣିବାକୁ ମିଳିଛି।

ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷ୍ୟାଧିକାରିଣୀ ଲକ୍ଷେହିର ଲାବନ୍ୟବତୀ ବେହେରାଙ୍କ ସାଲେପୁର ବ୍ଲକକୁ ବଦଳି ପରେ ରାଧାନାଥ ବିଦ୍ୟାପୀଠ ଭେଡା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ମହାପାତ୍ର ଫେବୃଆରୀ ମାସରେ ନିଶ୍ଚିନ୍ତକୋଇଲି ବ୍ଲକ ଶିକ୍ଷ୍ୟାଧିକାରୀ କାର୍ଯ୍ୟାଳୟରେ ଯୋଗ ଦେଇଥିଲେ। ଯୋଗ ଦେବାର ଚାରି ମାସ ମଧରେ ପ୍ରାୟ ବହୁ ଅଭିଯୋଗ ତାଙ୍କ ନାମରେ ଆସିଥିବା ଜାଣିବାକୁ ମିଳିଛି। ଯୋଗ ଦେବାର କିଛିଦିନ ପରେ ଶିକ୍ଷକ ସଂଘ ତରଫରୁ ବିଇଓ ମହୋଦୟାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବାକୁ ଆସିଥିବା ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଶ୍ରୀମତୀ ମହାପାତ୍ର ଦୁର୍ବ୍ୟବହାର କରିଥିଲେ। ଏହାକୁ ନେଇ ଶିକ୍ଷକ ସଂଘର ଆଇନ ପରାମର୍ଶଦାତା ସହକାରୀ ଶିକ୍ଷକ ସୀତାକାନ୍ତ ସାମଲ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଏପରିକି ବିଇଓଙ୍କ କାର୍ଯ୍ୟାଳୟ ଆଗରେ ଅନଶନ କରିବା ପାଇଁ ଲିଖିତ ଜଣାଇଥିଲେ। ଶେଷରେ ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନଙ୍କ ହସ୍ତକ୍ଷେପ ପରେ ଉକ୍ତ ଘଟଣାର ସମାଧାନ ହେବା ସହ ବିଇଓ ମହୋଦୟା ଅପଦସ୍ତ ହୋଇଥିଲେ। ସେତିକିରେ ବିଇଓ ମହୋଦୟା ସୁଧୁରି ନଥିଲେ। ଏବେ ବିଇଓ କାର୍ଯ୍ୟାଳୟକୁ ସାମ୍ବାଦିକମାନେ ଆସିବାକୁ ସମ୍ପୂର୍ଣ୍ଣ ବାରଣ କରିଥିବା ବେଳେ ବିଦ୍ୟାଳୟ ତଥା ଶିକ୍ଷା ସମ୍ବନ୍ଧୀୟ କିଛି ତଥ୍ୟ ପାଇଁ ସାମ୍ବାଦି ମାନେ ବିଇଓଙ୍କ କାର୍ଯ୍ୟାଳୟକୁ ଆସିଲେ ସେମାନଙ୍କୁ ତଥ୍ୟ ଦେବା ତ ଦୂରର କଥା ବିଭିନ୍ନ ଆଳ ଦେଖାଇ ବାହାରକୁ ଚାଲିଯିବାକୁ ନିର୍ଦ୍ଦେଶ ଦେବାକୁ ପଛାଉନାହାନ୍ତି। ବିଇଓ କାର୍ଯ୍ୟାଳୟକୁ ସାମ୍ବାଦିକ ମାନେ ଆସିଲେ କାର୍ଯ୍ୟାଳୟର କର୍ମଚାରୀଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ତଥା ସେମାନଙ୍କ ଦରମା ବନ୍ଦ କରିବାକୁ ତାଗିଦ କରିଥିବା ଶୁଣିବାକୁ ମିଳିଛି।



ସୋମବାର ଦିନ ବିଇଓ ମହୋଦୟା ପ୍ରହଲ୍ଲାଦ କଲେଜକୁ କିଛି ତଥ୍ୟ ପାଇଁ ପୂର୍ବରୁ ବିନା ନୋଟିସରେ ଯାଇଥିଲେ। କାର୍ଯ୍ୟାଳୟରେ କଲେଜ ଅଧକ୍ଷାଙ୍କୁ ନପାଇ କର୍ମଚାରୀଙ୍କୁ ବିରକ୍ତି ଭାବ ଦେଖାଇ ସେମାନଙ୍କ ମନରେ ଦୁଃଖ ଦେଇଥିବା ଅଭିଯୋଗ ହୋଇଛି। ଏହିପରି ବହୁ ଅଭିଯୋଗ ବିଇଓଙ୍କ ବିରୁଦ୍ଧରେ ଆସିଥିବା ଜାଣିବାକୁ ମିଳିଛି। ଏଥିପ୍ରତି ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀ, ଶିକ୍ଷାମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓଡିଶା, ଶିକ୍ଷା ସଚିବ ମହୋଦୟ ଦୃଷ୍ଟି ଦେଇ ଶ୍ରୀମତୀ ମହାପାତ୍ରଙ୍କ ବିରୋଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ସହ ତାଙ୍କୁ ଅନ୍ୟତ୍ର ବଦଳି କରି ଜଣେ କର୍ତ୍ତବ୍ୟ ନ୍ୟାଷ୍ଟ, ଦକ୍ଷ ବିଇଓଙ୍କୁ ଏଠାରେ ନିଯୁକ୍ତି ପାଇଁ ଗ୍ରାମବାସୀ ଓ ବୁଦ୍ଧିଜୀବୀଙ୍କ ସମେତ ନିଶ୍ଚିନ୍ତକୋଇଲି ବ୍ଲକ ଅଂଚଳବାସି ରାଜ୍ୟ ଶିକ୍ଷା ବିଭାଗ ମନ୍ତ୍ରୀଙ୍କୁ ଲିଖିତ ଜଣାଇବା ସହିତ ଦୃଢ଼ ଦାବି କରିଛନ୍ତି।

## ବିଧାୟକଙ୍କ ହସ୍ତକ୍ଷେପ ପରେ ତୁଳସୀଡ଼ିଆ ଓ ଘାଗରାଡିଆ ରାଜସ୍ୱ ଗ୍ରାମ ବିବାଦ ତୁଟିଲା



**ପଟ୍ଟାମୁଣ୍ଡାଇ,୩।୬ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ନିର୍ବାଚନମଣ୍ଡଳୀ ତଥା ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ତୁଳସୀଡ଼ିଆ ଓ ଘାଗରାଡିଆ ଗ୍ରାମକୁ ରାଜସ୍ୱ ଗ୍ରାମ ଘୋଷଣା ପାଇଁ ଦୁଇ ଗ୍ରାମ ମଧରେ ଦୀର୍ଘ ଦିନ ହେବ ବିବାଦ ଲାଗି ରହି ଥିଲା । ଉଭୟ ଗ୍ରାମବାସୀ ରାଜସ୍ୱ ଗ୍ରାମ ଘୋଷଣା ପାଇଁ ଅଡ଼ି ବସି ଥିଲେ । ଯାହାଫଳରେ ରାଜସ୍ୱ ଗ୍ରାମ ଘୋଷଣା କ୍ଷେତ୍ରରେ ସରକାର ଓ ଜିଲ୍ଲା ପ୍ରଶାସନ ଅଡୁଆରେ ପଡ଼ିଥିଲେ। ଏ ସମ୍ପର୍କରେ ଅବଗତ ହେବା ପରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ରାଜସ୍ୱ ଗ୍ରାମ ବିବାଦ ସମାଧାନ ପାଇଁ ଉଦ୍ୟମ ଆରମ୍ଭ କରିଥିଲେ । ତଦନୁଯାୟୀ ଆଜି ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ତରଡିପାଳ ପଞ୍ଚାୟତ କାର୍ଯ୍ୟାଳୟ ଠାରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍‌ବର ବେହେରା, ସରପଞ୍ଚ ଦେବବ୍ରତ ନାୟକ, ସମିତି ସଭ୍ୟ ନିରଞ୍ଜନ ବାରିକ, ବରିଷ୍ଠ ନେତା ହିମାଂଶୁ ବିଶ୍ୱାଳ ଓ ଯୁବନେତା ଅଭିଷେକ ବିଶ୍ୱାଳ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ସ୍ଥାନୀୟ ଲୋକପ୍ରତିନିଧିଙ୍କ ଉପସ୍ଥିତିରେ ତୁଳସୀଡିଆ ଓ ଘାଗରାଡିଆ ଗ୍ରାମର ଗ୍ରାମବାସୀଙ୍କ ସହିତ ଆଲୋଚନା କରାଯାଇ ରାଜସ୍ୱ ଗ୍ରାମ ଘୋଷଣାକୁ ନେଇ ଉଭୟ ଗ୍ରାମ ମଧରେ ଦୀର୍ଘ ଦିନ ଧରି ଲାଗି ରହିଥିବା ବିବାଦ ସମାଧାନ କରାଯାଇଥିଲା । ବୈଠକର ନିଷ୍ପତ୍ତି ଅନୁଯାୟୀ ଉଭୟ ଗ୍ରାମ ରାଜସ୍ୱ ଗ୍ରାମ ମାନ୍ୟତା ପାଇବା ପାଇଁ ଉପଯୁକ୍ତ ହୋଇ ଥିବାରୁ ସରକାରୀ ବିଜ୍ଞପ୍ତିରେ ଉଭୟ ତୁଳସୀଡିଆ ଓ ଘାଗରାଡିଆକୁ ସ୍ଥାନିତ କରିବା ପାଇଁ କେନ୍ଦ୍ରାପଡ଼ା ବିଧାୟକଙ୍କ ଜରିଆରେ ପଟ୍ଟାମୁଣ୍ଡାଇ ତହସିଲଦାରଙ୍କୁ ଆବେଦନ କରାଯାଇଥିଲା। ଆଗାମୀ ଦିନରେ ଉଭୟ ଗ୍ରାମକୁ ରାଜସ୍ୱ ଗ୍ରାମ ମାନ୍ୟତା ପ୍ରଦାନ କରିବା ପାଇଁ କେନ୍ଦ୍ରାପଡ଼ା ବିଧାୟକ ଶ୍ରୀବେହେରା ସରକାରୀ ସ୍ତରରେ ନିଷ୍ଠାର ସହ ଉଦ୍ୟମ କରିବେ ବୋଲି ଉପସ୍ଥିତ ଉଭୟ ଗ୍ରାମର ଗ୍ରାମବାସୀଙ୍କୁ ପ୍ରତିଶୃତି ଦେଇଥିଲେ । ବୈଠକ ଶେଷରେ ବିଧାୟକ ତରଡ଼ିପାଳ ପଂଚାୟତ ଉନ୍ନତିମୂଳକ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ ।



## ଜବରଦଖଲ ଉଚ୍ଛେଦ ଦାବିରେ ଆରଆଇ ଅଫିସ ଆଗରେ ଧାରଣା

**ପଟ୍ଟାମୁଣ୍ଡାଇ,୩।୬ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ତହସିଲ ଅନ୍ତର୍ଗତ କଠିଆପଡା ଗ୍ରାମର ଜଳ ନିଷ୍କାସନ ପଥ ନୟନଜୋରି ଜବର ଦଖଲ ହୋଇ ଥିବାରୁ ଜଳନିଷ୍କାସନରେ ବାଧା ସୃଷ୍ଟି ହୋଇଛି । ସେହିପରି ଯୁବକ ସଂଘ ଜାଗାକୁ ମଧ ଜବରଦଖଲ କରାଯାଇ ଦୋକାନ ଘର ନିର୍ମାଣ କରାଯାଇଛି । ନୟନଜୋରୀ ଜବର ଦଖଲ ଯୋଗୁଁ ବର୍ଷା ସମୟରେ ଉଦବୃତ୍ତ ଜଳ ନିଷ୍କାସନ ହୋଇନପାରି ଜମି ରହୁଛି ।ଏ ସମ୍ପର୍କରେ କାଠିଆପଡା ଗ୍ରାମବାସୀ ବାରମ୍ବାର ତହସିଲ ପ୍ରଶାସନ ଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ପର୍ଯ୍ୟନ୍ତ ଅଭିଯୋଗ କରିଆସିଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ ସରକାରୀ ଜମି ଜବର ଦଖଲ ଉଛେଦ ଦାବୀରେ ଗତକାଲି କାଠିଆପଡା ଗ୍ରାମବାସୀ ସକାଳ ୮ଟାରୁ ଆର ଆଇ ଅଫିସ ଆଗରେ ଧାରଣାରେ ଦେଇଥିଲେ। ପୂର୍ବାହ୍ନ ସାଢେ ୧୨ଟା ସମୟରେ ପଟ୍ଟାମୁଣ୍ଡାଇ ତହସିଲଦାର ପଂଚାନଂନ ନାୟକଙ୍କ ନିର୍ଦ୍ଦେଶରେ ସ୍ଥାନୀୟ ସୁପରଭାଇଜର ଧାରଣା ସ୍ଥଳରେ ପହଁଚିଂ ଧାରଣାରତ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲା । ଆସନ୍ତା ୧ମାସ ମଧରେ ଜବରଦଖଲ ସମସ୍ୟା ସମାଧାନ କରାଯିବ ବୋଲି ଧାରଣାରତ ଲୋକମାନଙ୍କୁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା ।

## କୁସୁମଣ୍ଡଳ ଗୋପୀନାଥପୁର ବୋମା ବିସ୍ଫୋରଣର ପର୍ଦ୍ଦାଫାସ

**ସାଲେପୁର,୩।୬ (ସଂଚାର ବ୍ୟୁରୋ):** ନେମାଳ ବୋମା ବିସ୍ଫୋରଣ ଘଟଣାର ଆଜି ପର୍ଦ୍ଦାଫାସ କରିଛି ଗ୍ରାମାଞ୍ଚଳ ଜିଲ୍ଲା ପୁଲିସ। ଏହି ଘଟଣାରେ ଦାଦାବଟି ଆଦାୟ କରିବାପାଇଁ ବୋମା ପ୍ରସ୍ତୁତ କରୁଥିବାବେଳେ ଏହି ବିସ୍ଫୋରଣ ଘଟିଥିବା ଓ ଏହି ଘଟଣାରେ ଜଣକର ମୃତ୍ୟୁ ଘଟିଥିବାବେଳେ ପୁଲିସ ଏଥି ସମ୍ପୃକ୍ତ ଥିବା ଅନ୍ୟ ୬ଜଣକୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ବିପୁଳ ମାତ୍ରାରେ ବିସ୍ଫୋରକ ସାମଗ୍ରୀ, ବନ୍ଧୁକ, ଖଣ୍ଡା ଓ ୩ଗୋଟି ମୋଟରସାଇକେଲ୍ ଜବତ କରିଥିବା ଆଜି ସାଲେପୁର ଥାନା ପରିସରରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଗ୍ରାମାଞ୍ଚଳ ଅତିରିକ୍ତ ଏସ୍.ପି. ପ୍ରଦୀପ୍ତ କୁମାର ସାହୁ ପ୍ରକାଶ କରିଛନ୍ତି।

ପ୍ରକାଶ ଥାଉକି ଗତ ୨୮ ତାରିଖ ରାତିରେ କୁସୁମଣ୍ଡଳ ଗୋପିନାଥପୁରର ମାଙ୍ଗିଗଡ଼ାଠାରେଏକ ବୋମା ବିସ୍ଫୋରଣ ଘଟି ଜଣକର ମୃତ୍ୟୁ ଘଟିଥିବାବେଳେ ଘରଟି ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଥିଲା। ନେମାଳ ଥାନା ଏ.ଏସ୍.ଆଇ. ସେକ୍ ସାହାନୱାଜ ଏ ସମ୍ପର୍କରେ ଖବର ପାଇ ଘଟଣା ସ୍ଥଳକୁ ଯାଇଥିବାବେଳେ ବୋମା ଭିଡ଼ା ହେଉଥିବାବେଳେ ଏହିଭଳି ଅଘଟଣ ଘଟିଥିବା ଜାଣିବାକୁ ପାଇଥିଲେ। ପୁଲିସ ଏହି ବୋମା ବିସ୍ଫୋରଣ ଘଟଣାର ପର୍ଦ୍ଦାଫାସ ପାଇଁ ଏସ୍.ପି.ଙ୍କ ନିର୍ଦ୍ଦେଶ କ୍ରମେ ସାଲେପୁର ଏସ୍.ଡି.ପି.ଓ. ବିରଞ୍ଚିନାରାୟଣ ପତିଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇଥିଲା। ଶେଷରେ ପୁଲିସ ଏହି ଘଟଣାର ପର୍ଦ୍ଦାଫାସ କରିବାରେ ସକ୍ଷମ ହୋଇଥିଲା। ଆଜି ସାମ୍ବାଦିକ ସମ୍ମିଳନୀରେ ଗ୍ରାମାଞ୍ଚଳ ଅତିରିକ୍ତ ଏସ୍.ପି. ଏହି ଘଟଣାର ଖୁଲାସା କରି କହିଛନ୍ତି ଯେ ଏହି ଘଟଣା ମୁଖ୍ୟ ଅଭିଯୁକ୍ତ ମିର୍ଜା ଆକବର ବେଗ୍ ଓରଫ୍ ଦୁଃଖା ବୋମା ବିସ୍ଫୋରଣରେ ମୃତ୍ୟୁ ବରଣ କରିଥିଲା। ଜନୈକ ସ୍ଥାନୀୟ ଅଞ୍ଚଳର ତଥା ମୁମ୍ବାଇରେ ବ୍ୟବସାୟ କରୁଥିବା ଜନୈକ ବ୍ୟବସାୟୀଙ୍କୁ ଭୟଭୀତ କରି ଦାଦା ବଟି ଆଦାୟ କରିବା ଉଦ୍ଦେଶ୍ୟରେ ଏହି ବୋମା ପ୍ରସ୍ତୁତ କଲାବେଳେ ବିସ୍ଫୋରଣ ଘଟିଥିଲା।




## ବନ୍ଧୁକ ଦେଖାଇ ଶିକ୍ଷୟିତ୍ରୀଙ୍କ ଘରୁ ସୁନା, ରୁପା ଅଳଂକାର ଲୁଟ୍

**ସାଲେପୁର,୩।୬ (ସଂଚାର ବ୍ୟୁରୋ):** ଗତକାଲି ବିଳମ୍ବିତ ରାତ୍ରିରେ ଜଣେ ଶିକ୍ଷୟିତ୍ରୀଙ୍କ ଘରେ ପଶି ତାଙ୍କ ପରିବାର ସଦସ୍ୟଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ସୁନା ରୂପା ଅଳଂକାର ଓ ନଗଦ ଟଙ୍କା ଦୁର୍ବୃତ୍ତମାନେ ଲୁଟିନେଇଥିବା ନେଇ ସାଲେପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି। ସାଲେପୁର ଥାନା ଅନ୍ତର୍ଗତ ତେନ୍ତୋଳ-ନାନ୍ଦୋଳ ରାସ୍ତା ପାର୍ଶ୍ୱରେ ଘର କରି ରହି ଆସୁଥିବା ଜୟନ୍ତୀ ବିଦ୍ୟାପୀଠରେ ସହକାରୀ ଶିକ୍ଷୟିତ୍ରୀ ମାନି ସିଂହଙ୍କ ଘରେ ଗତକାଲି ରାତିରେ ଦୁର୍ବୃତ୍ତମାନେ ଛାତ ଉପରେ ଚଢ଼ି ଘର ଭିତରେ ପଶି ତାଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରି ତାଙ୍କର ପ୍ରାୟ ୪୦ଗ୍ରାମରୁ ଅଧିକ ସୁନା ଅଳଂକାର ଏବଂ ୧୫ରୁ ୨୦ହଜାର ଟଙ୍କା ଚୋରି କରି ନେଇ ପଳାଇଛନ୍ତି। ତାଙ୍କ ଘରେ ସିସିଟିଭି ଲାଗିଥିବାବେଳେ ଦୁର୍ବୃତ୍ତମାନେ ଏଥିପ୍ରତି ଭ୍ରୁକ୍ଷେପ ନକରି ଘର ଭିତରେ ପଶି ଗୃହକର୍ତ୍ତାଙ୍କୁ ଭୟଭୀତ କରି ମଙ୍ଗଳସୂତ୍ର, କାନଫୁଲ, ଚୁଡ଼ି, ରୂପା ଅଳଂକାର, ପାଉଁଜି ଇତ୍ୟାଦି ପ୍ରାୟ ୪୦ଗ୍ରାମରୁ ଅଧିକ ହେବ ତାକୁ ଚୋରି କରିନେଇଯାଇଥିବାବେଳେ ପୁଲିସ ମଙ୍ଗଳବାର ଦିନ ପହଞ୍ଚି ତଦନ୍ତ କରୁଥିଲେ ମଧ କୌଣସି ସୁଫଳ ପାଇନାହାଁନ୍ତି।

● ଅଣ୍ଡା ତରକାରୀ ଦେଲେନି ବୋଲି...

# ଚୁଲିଫୁଙ୍କାରେ ପିଟି ପତ୍ନୀଙ୍କୁ ମାରିଲା ସ୍ୱାମୀ



**ଉଦଳା,୩।୬(ସଂଚାର ବ୍ୟୁରୋ):** ଖାଇବା ସମୟରେ ଅଣ୍ଡା ତରକାରୀ ନ ଦେବାରୁ ସ୍ତ୍ରୀକୁ ଚୁଲି ଫୁଙ୍କାରେ ବାଡ଼େଇ ବାଡ଼େଇ ହତ୍ୟା କରିଛି ପିଶାଚ ସ୍ୱାମୀ। ଏଭଳି ଏକ ଅଭାବନୀୟ ଘଟଣା ଉଦଳା ଥାନା କୁଟଲିଂ ବନ୍ଧ ସାହି ଗ୍ରାମରେ ଘଟିଛି। ମୃତ୍ୟୁବରଣ କରିଥିବା ମହିଳା ଜଣଙ୍କ ବାସନ୍ତୀ ବାସ୍କେ ବୋଲି ଜଣାପଡ଼ିଛି। ମିଳିଥିବା ସୂଚନାନୁସାରେ, ଉକ୍ତ ଗ୍ରାମର ଲମା ବାସ୍କେ ଆଜି ମଧ୍ୟାହ୍ନରେ କାମ ସାରି ଘରକୁ ଫେରିଥିଲେ। ଘରକୁ ଫେରିବା ପରେ ପତ୍ନୀ ବାସନ୍ତୀ ତାଙ୍କୁ ଖାଇବାକୁ ଦେଇଥିଲେ। ତେବେ ଖାଇବାରେ ଭାତ ଓ ତରକାରୀ ଦେଇଥିବାରୁ ଏଥିରେ ଲମା ରାଗିଯାଇଥିଲେ। କାରଣ ସେ ତରକାରୀ କରିବା ସକାଶେ ଅଣ୍ଡା ଆଣିଦେଇଥିଲେ। ସେ ବାସନ୍ତୀଙ୍କୁ ଅଣ୍ଡା ତରକାରୀ ଆଣିବାକୁ କହିଥିଲେ। କିନ୍ତୁ ବାସନ୍ତୀ କୌଣସି କାରଣରୁ ଅଣ୍ଡା ତରକାରୀ କରିପାରିନଥିବା କହିବାରୁ ଏଥିରେ ଲମାଙ୍କ ରାଗ ମୁଣ୍ଡକୁ ଚଢ଼ିଯାଇଥିଲା ଓ ସେ ଭୀଷଣ ଗାଳିଗୁଲଜ କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ କ୍ରମଶଃ ବଚସା ଗୁରୁତର ରୂପ ନେଇଥିଲା। ଲମା ଅତି ମାତ୍ରାରେ କ୍ରୋଧାନ୍ୱିତ ହୋଇ ପତ୍ନୀଙ୍କୁ ଘର ସମ୍ମୁଖରେ ନିର୍ଘାତ ମାଡ଼ ମାରିବା ସହ ଘର ଭିତରକୁ ଘୋଷାଡ଼ି ନେଇ ସେଠାରେ ପଡ଼ିଥିବା ଚୁଲି ଫୁଙ୍କାରେ ବାସନ୍ତୀଙ୍କ ମୁଣ୍ଡକୁ ପିଟିଦେଇଥିଲେ। ଫଳରେ ବାସନ୍ତୀଙ୍କ ମୁଣ୍ଡରୁ ଭୀଷଣ ରକ୍ତସ୍ରାବ ହୋଇଥିଲା ଓ ସେ ଘଟଣାସ୍ଥଳରେ ହିଁ ମୃତ୍ୟୁବରଣ କରିଥିଲେ। ଖବର ପାଇ ସ୍ଥାନୀୟ ପୁଲିସ ଗାଁରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ଅଭିଯୁକ୍ତ ସ୍ୱାମୀ ଲମାକୁ ଗିରଫ କରିଥିବା ଜଣାପଡ଼ିଛି। ତେବେ ସାମାନ୍ୟ ଅଣ୍ଡା ତରକାରୀକୁ ନେଇ ନିଜ ପତ୍ନୀକୁ ବୀଭତ୍ସ ହତ୍ୟା କରିବା ଘଟଣାକୁ ସ୍ଥାନୀୟ ଲୋକେ ସହଜରେ ଗ୍ରହଣ କରିପାରିନାହାନ୍ତି।

## ଭିଏତନାମ ଗସ୍ତରେ ରାଜ୍ୟପାଳ

# ଓଡ଼ିଶା-ଦା ନାଙ୍ଗ ସମ୍ପର୍କ ପାଇଁ ଦେଲେ ପ୍ରସ୍ତାବ



**ଭୁବନେଶ୍ୱର,୩।୬(ସଂଚାର ବ୍ୟୁରୋ):** ଭଗବାନ ବୁଦ୍ଧଙ୍କ ପବିତ୍ର ଅବଶେଷ (ରେଲିକ୍ସ)କୁ ଭାରତ ଫେରାଇ ଆଣିବା ପାଇଁ ନିକଟରେ ଭିଏତନାମ ଗସ୍ତ କରିଥିବା ଓଡ଼ିଶା ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଓଡ଼ିଶା ଓ ଭିଏତନାମର ଡା-ନାଙ୍ଗ ସିଟି ମଧ୍ୟରେ ପ୍ରଦେଶସ୍ତରୀୟ ସମ୍ପର୍କ ସ୍ଥାପନ ସକାଶେ ପ୍ରସ୍ତାବ ଦେଇଛନ୍ତି। ଗତକାଲି ଡା-ନାଙ୍ଗ ପିପୁଲ୍ସ କମିଟିର ଅଧ୍ୟକ୍ଷ ମହାମହିମ ଲେ ଟ୍ରୁଙ୍ଗ ଚିନ୍ଙ୍କ ସହ ସାକ୍ଷାତ ଆଲୋଚନା ସମୟରେ ରାଜ୍ୟପାଳ ଏହି ପ୍ରସ୍ତାବ ଉପସ୍ଥାପନ କରିଛନ୍ତି। ଏହି ଅବସରରେ ରାଜ୍ୟପାଳ କହିଛନ୍ତି ଯେ ଓଡ଼ିଶା ଏକ ସମୃଦ୍ଧ ଇତିହାସ, ଦୃଢ଼ ସାଂସ୍କୃତିକ ପରମ୍ପରା ଓ ଦ୍ରୁତ ଆର୍ଥିକ ଅଭିବୃଦ୍ଧିସମ୍ପନ୍ନ ରାଜ୍ୟ। ଆମର ଅନେକ ଗୁରୁତ୍ୱପୂର୍ଣ୍ଣ ବୌଦ୍ଧ ସ୍ଥଳ ରହିଛି। ଯଦି ଡା-ନାଙ୍ଗ ଆଗ୍ରହୀ, ତା'ହେଲେ ଆମେ ଆମର ଦୁଇ ଅଞ୍ଚଳ ମଧ୍ୟରେ ସମ୍ପର୍କ ସଂସ୍ଥାପନ କରିବା ଉପରେ ଗୁରୁତ୍ୱ ଦେବା ଉଚିତ ବୋଲି ରାଜ୍ୟପାଳ କହିବା ସହ ଡା-ନାଙ୍ଗକୁ ଏକ ସୁନ୍ଦର ଓ ଐତିହାସିକ ସହର ଭାବେ ପ୍ରଶଂସା କରିଛନ୍ତି। ଡା-ନାଙ୍ଗ ଏକ ପ୍ରମୁଖ ବନ୍ଦର, ଉଚ୍ଚ ପ୍ରଯୁକ୍ତିବିଦ୍ୟାର କେନ୍ଦ୍ରବିନ୍ଦୁ, ଅର୍ଥ ଓ ପର୍ଯ୍ୟଟନର କେନ୍ଦ୍ରରେ ପରିଣତ ହେବାର ପ୍ରଚୁର ସମ୍ଭାବନା ରହିଛି ବୋଲି ରାଜ୍ୟପାଳ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ମଧ୍ୟ ଭିଏତନାମରେ ଏକ ସ୍ପନ୍ଦନଶୀଳ ଉପକୂଳ ସହର ଭାବେ ଡା-ନାଙ୍ଗର ଅବସ୍ଥିତି ହୋଇଥିବା ବେଳେ ଏହା ଭାରତ ଏବଂ ଭିଏତନାମ ମଧ୍ୟରେ ଆର୍ଥିକ ଓ ବାଣିଜ୍ୟିକ ସହଯୋଗ ପାଇଁ ଗୁରୁତ୍ୱପୂର୍ଣ୍ଣ। ରାଜ୍ୟପାଳ ଭିଏତନାମ ସରକାର ଓ ଡା-ନାଙ୍ଗର ବାସିନ୍ଦାମାନଙ୍କୁ ସେମାନଙ୍କର ଭବ୍ୟ ଆତିଥ୍ୟ ଓ ଭଗବାନ ବୁଦ୍ଧଙ୍କ ପବିତ୍ର କୀର୍ତ୍ତି ପାଇଁ କରାଯାଇଥିବା ଉତ୍କୃଷ୍ଟ ବ୍ୟବସ୍ଥା ନିମନ୍ତେ ଧନ୍ୟବାଦ ଜଣାଇଥିଲେ। ଏହି କୀର୍ତ୍ତି ଏବଂ ଅବଶେଷକୁ ଭାରତ ସରକାର ଯଥୋଚିତ ପ୍ରୋଟୋକଲ ପ୍ରଦାନ କରିଛନ୍ତି ଓ ସେ ବ୍ୟକ୍ତିଗତ ଭାବରେ ଏହି ସବୁକୁ ସାଙ୍ଗରେ ନେଇ ଫେରିବା ପାଇଁ ଯାତ୍ରା କରୁଥିବା ରାଜ୍ୟପାଳ କହିଥିଲେ। ବୌଦ୍ଧ ଧର୍ମ ପ୍ରାୟ ୧୮୦୦ ବର୍ଷ ଧରି ଭାରତ ଓ ଭିଏତନାମ ମଧ୍ୟରେ ଏକ ଦୃଢ଼ ସଂଯୋଗ ସ୍ଥାପନ କରିଆସିଥିବା ବେଳେ ଭାରତ ଏହାର ବୌଦ୍ଧ ଐତିହ୍ୟକୁ ଗୁରୁତ୍ୱ ଦେବା ସହ ବୌଦ୍ଧ ସ୍ଥଳଗୁଡ଼ିକର ସୁରକ୍ଷା, ସଂରକ୍ଷଣ ଏବଂ ପ୍ରୋତ୍ସାହନକୁ ପ୍ରାଥମିକତା ଦେଇଆସିଛି ବୋଲି ରାଜ୍ୟପାଳ କହିଛନ୍ତି। ଏହି ଅବସରରେ ରାଜ୍ୟପାଳ ଭାରତ ଓ ଭିଏତନାମ ମଧ୍ୟରେ ବଢ଼ୁଥିବା ସହଭାଗିତା ସମ୍ପର୍କରେ ଆଲୋଚନା କରିଥିଲେ। ଗତବର୍ଷ ଭିଏତନାମର ପ୍ରଧାନମନ୍ତ୍ରୀଙ୍କ ଭାରତ ଗସ୍ତ ଓ ୨୦୨୪ରେ ନ୍ୟୁୟର୍କରେ ଭାରତର ପ୍ରଧାନମନ୍ତ୍ରୀ ଓ ଭିଏତନାମ ରାଷ୍ଟ୍ରପତି ଏବଂ ପାର୍ଟି ମହାସଚିବ ଟୋ ଲାମଙ୍କ ମଧ୍ୟରେ ଏକ ବୈଠକ ହୋଇଥିବା ବିଷୟ ଉଲ୍ଲେଖ କରି ଏହା ଉଭୟ ଦେଶର ସମ୍ପର୍କକୁ ସୁଦୃଢ଼ କରିବାରେ ବେଶ୍ ସହାୟକ ହୋଇଛି ବୋଲି ରାଜ୍ୟପାଳ କହିଥିଲେ। ସେହିପରି ବାଣିଜ୍ୟ, ପ୍ରତିରକ୍ଷା, ପର୍ଯ୍ୟଟନ, ସ୍ୱାସ୍ଥ୍ୟ, ଡିଜିଟାଲ୍ ଅର୍ଥନୀତି, ଶିକ୍ଷା ଓ ସ୍ଥାୟୀ ବିକାଶ ଭଳି କ୍ଷେତ୍ରରେ ଦୁଇ ଦେଶ ମଧ୍ୟରେ ସହଯୋଗ ସମ୍ପ୍ରସାରିତ ହେଉଛି ବୋଲି ରାଜ୍ୟପାଳ କହିବା ସହିତ ଯୋଗ, ସାଂସ୍କୃତିକ ବିନିମୟ ଏବଂ ଶୈକ୍ଷିକ ସମ୍ପର୍କକୁ ପ୍ରୋତ୍ସାହିତ କରିବା ପାଇଁ ଭାରତୀୟ ଦୂତାବାସ ସହ କାମ କରିବାରେ ଡା-ନାଙ୍ଗଙ୍କ ସମର୍ଥନକୁ ପ୍ରଶଂସା କରିଥିଲେ। ଏହାଛଡ଼ା ଦୁଇ ଦେଶ ମଧ୍ୟରେ ଅଧିକ ସିଧାସଳଖ ବିମାନ ଚଳାଚଳ ଲୋକଙ୍କ ମଧ୍ୟରେ ସମ୍ପର୍କକୁ ଉନ୍ନତ କରିବାରେ ସାହାଯ୍ୟ କରିଥିବା ମଧ୍ୟ ରାଜ୍ୟପାଳ କହିଛନ୍ତି। ଏହି ଅବସରରେ ରାଜ୍ୟପାଳ କେନ୍ଦ୍ରୀୟ ଭିଏତନାମର ମାଇ ସନ୍‌ଠାରେ ୟୁନେସ୍କୋ ବିଶ୍ୱ ଐତିହ୍ୟସ୍ଥଳ ପରିଦର୍ଶନ କରିବାର ଅଭିଜ୍ଞତା ବାଣ୍ଟିଥିଲେ। ପ୍ରାଚୀନ ମନ୍ଦିରଗୁଡ଼ିକର ପୁନରୁଦ୍ଧାର କରୁଥିବା ଭାରତୀୟ ପ୍ରତ୍ନତାତ୍ତ୍ୱିକ ଦଳର କାର୍ଯ୍ୟକୁ ପ୍ରଶଂସା କରି ଏହି ପ୍ରକଳ୍ପ ଭାରତ ଓ ଭିଏତନାମ ମଧ୍ୟରେ ଘନିଷ୍ଠ ଐତିହାସିକ ଏବଂ ସାଂସ୍କୃତିକ ସଂଯୋଗର ଏକ ଦୃଢ଼ ପ୍ରତୀକ ସାଜିଛି ବୋଲି ରାଜ୍ୟପାଳ ମତ ବ୍ୟକ୍ତ କରିଛନ୍ତି।

## ବିବାଦରେ ଫସିଲେ ଯାତ୍ରା ଟାଇଗର୍

# କଳାକାର-ଲେଖକ କଳିରେ ସଞ୍ଜୟ ବ୍ୟାନ୍



**ଭୁବନେଶ୍ୱର,୩।୬(ସଂଚାର ବ୍ୟୁରୋ):** ଗତ କିଛି ଦିନ ଧରି ଯାତ୍ରା କଳାକାର ଓ ମାଲିକଙ୍କ ମଧ୍ୟରେ ପାଉଣା ବିବାଦକୁ ନେଇ କଳି ଶୀର୍ଷ ସ୍ଥାନରେ ପହଞ୍ଚିଛି। ବିଶେଷକରି ତୁଳସୀ ଯାତ୍ରା ପାର୍ଟି ମାଲିକ ଅନନ୍ତ ନାରାୟଣ ଧଳଙ୍କ ବିରୋଧରେ ଏକାଧିକ କଳାକାର ଅଭିଯୋଗ ଆଣିବା ପରେ ଏହାକୁ ନେଇ ଦିନକୁ ଦିନ ନୂଆ ନୂଆ ତଥ୍ୟ ସାମ୍ନାକୁ ଆସୁଛି। ତେବେ ଏହି କଳି ଥମି ନଥିବା ବେଳେ ଯାତ୍ରା ଲେଖକ ଓ କଳାକାରଙ୍କ ମଧ୍ୟରେ ବିବାଦ ଆରମ୍ଭ ହୋଇଛି। କାହାଣୀ ଚୋରି ଓ ଯାତ୍ରା ମାଷ୍ଟରଙ୍କୁ 'ଛି ଛି' କହି ବିବାଦକୁ ଆସିଛନ୍ତି ଜଲିଉଡର ଚର୍ଚ୍ଚିତ ଖଳ ଅଭିନେତା ତଥା ଯାତ୍ରା ଟାଇଗର୍ ଭାବେ ପରିଚିତ ସଞ୍ଜୟ ଭୋଳ। ତାଙ୍କ ବୟାନକୁ ବିରୋଧ କରି କାହାଣୀ ଲେଖକମାନେ ସଞ୍ଜୟଙ୍କୁ ବ୍ୟାନ୍ କରିଛନ୍ତି। ସେମାନେ ରୋକ୍‌ଠୋକ୍ ଶୁଣାଇଛନ୍ତି ଯେ ସଞ୍ଜୟ ଯେଉଁ ଯାତ୍ରା ପାର୍ଟିରେ କାମ କରିବେ, ସେ ପାର୍ଟି ପାଇଁ କୌଣସି ବହି ଲେଖିବେ ନାହିଁ। ଓଡ଼ିଶା ମାଷ୍ଟର୍ ସଂଘ (ଓମା) ପକ୍ଷରୁ ଏପରି କୁହାଯାଇଛି। ତେଣୁ ଏସବୁକୁ ନେଇ ଯାତ୍ରା ମଞ୍ଚରେ ଆଉ ଗର୍ଜିବେନି ଯାତ୍ରା ମହାବଳ ସଞ୍ଜୟ ବୋଲି ଚର୍ଚ୍ଚା ହେଉଛି। ପୂର୍ବରୁ ଥରେ ବ୍ୟାନ୍ ହୋଇଥିବା ଓ କ୍ଷମା ମାଗିଥିବା ସଞ୍ଜୟଙ୍କୁ ପୁଣି ଥରେ ବ୍ୟାନ୍ କରିଛି 'ଓମା'। ନିକଟରେ ସଞ୍ଜୟ ଯାତ୍ରା ଲେଖକଙ୍କ ଲେଖାକୁ ଛି ଛି ବୋଲି କହିବା ସହ ରାଇଟରମାନେ ୧୦/୧୨ ଖଣ୍ଡ ନାଟକ ଦେଖୁଛନ୍ତି ଓ ସବୁ ଚୋରି କରି ଆଣି ଏଠି ପୂରାଇ ଦେଉଛନ୍ତି ବୋଲି କହିଥିଲେ। ଏପରି ସ୍ଥିତିରେ ଓମା ସଭାପତି ବିଜୟ ଦାସ କହିଛନ୍ତି ଯେ ସଞ୍ଜୟ ଯେଉଁ ଯାତ୍ରାପାର୍ଟିରେ କାମ କରିବେ, ଓମା ସଦସ୍ୟ ଥିବା ଲେଖକ, ନିର୍ଦ୍ଦେଶକ, ସଙ୍ଗୀତ ନିର୍ଦ୍ଦେଶକ ଓ ଗୀତିକାର ସେ ପାର୍ଟିରେ ରହିବେ ନାହିଁ। ସଞ୍ଜୟ ୨୦୨୫-୨୬ ପାଇଁ ରାଜନନ୍ଦିନୀ ଯାତ୍ରା ପାର୍ଟି ସହ ଅନୁବନ୍ଧିତ ହୋଇଥିଲେ। ଆଉ ଏଥିରେ ହେବାକୁ ଥିବା ନାଟକ 'ରାବଣ' ଓ 'ପାହାନ୍ତି ରାତିର ପାପ' ନାଟକ ଲାଗି କାମ କରୁଥିଲେ ନିଜେ ଓମା ସଭାପତି ବିଜୟ ଦାସ। କିନ୍ତୁ ସେ ଏହି ନାଟକଗୁଡ଼ିକରୁ ବି ଓହରିଯାଇଥିବା ଏବଂ ରାଜନନ୍ଦିନୀ ମାଲିକଙ୍କୁ ସଂଘ ନିଷ୍ପତ୍ତି ସମ୍ପର୍କରେ ଜଣାଇ ଦେଇଥିବା କହିଛନ୍ତି। କିନ୍ତୁ ସଞ୍ଜୟ 'ଓମା'ର ଏପରି ନିଷ୍ପତ୍ତିକୁ ବେଖାତିର୍ କରିବା ସହ କଳାକାରଙ୍କୁ ନେଇ 'ଓମା' ନା 'ଓମା'କୁ ନେଇ କଳାକାର ବୋଲି ପ୍ରଶ୍ନ କରିଛନ୍ତି। ସେ କ'ଣ କରିବେ ନ କରିବେ, ସେନେଇ 'ଓମା'ର ନିଷ୍ପତ୍ତି ନେବାକୁ କିଏ ବୋଲି ସଞ୍ଜୟ ପ୍ରଶ୍ନ କରିଛନ୍ତି। ଏଥିସହ ବ୍ୟାନ୍ ପ୍ରସଙ୍ଗରେ ସେ କହିଛନ୍ତି ଯେ ସଞ୍ଜୟ ଭୋଳ ବିପିଏଲ୍ ଚାଉଳକୁ ଆଶ୍ରା କରିନି। ଦରକାର ପଡ଼ିଲେ ନିଜେ ଗୋଟିଏ ଯାତ୍ରା ପାର୍ଟି କରିବି, ନାଁ ରହିବ 'ଅପେରା ମହାବଳ'। ଦରକାର ପଡ଼ିଲେ ସେଇ ନିର୍ଦ୍ଦେଶକ ଆସି ମୋ ପାର୍ଟିର ଯାତ୍ରା ନିର୍ଦ୍ଦେଶନା ଦେବେ ବୋଲି ସଞ୍ଜୟ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଯେ ପୂର୍ବରୁ ମଧ୍ୟ ସଞ୍ଜୟ ଯାତ୍ରା କାହାଣୀ ଲେଖକମାନଙ୍କୁ ଟାର୍ଗେଟ୍ କରିଥିବା ବେଳେ ସେମାନଙ୍କ ଦକ୍ଷତା ଉପରେ ପ୍ରଶ୍ନ ଉଠାଇଥିଲେ। ଏପରିକି କାହାଣୀକାରଙ୍କ ଯୋଗୁଁ ଆଗାମୀ ଦିନରେ ଯାତ୍ରାକୁ ପାରାଲିସିସ୍ ହୋଇଯିବ ବୋଲି ସଞ୍ଜୟ କହିଥିଲେ। ତେବେ ଆଗାମୀ ଦିନରେ ଏହି ବିବାଦ କେଉଁ ରୂପ ନେଉଛି, ତାହା ଦେଖିବାର କଥା।

# ମଟନ୍ କହି କିଲୋପିଛା ୧୫୦ରେ ବିକୁଥିଲେ ଗୋ'ମାଂସ

**ମୋରଡା,୩।୬(ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲା ମୋରଡା ଥାନା ତଥା ଚିତ୍ରଡା ଫାଣ୍ଡି ଅଞ୍ଚଳରେ ଦୁଇଜଣ ଗୋ ମାଂସ ବେପାରୀଙ୍କୁ ଧରି ନିସ୍ତୁକ ଉତ୍ତମ ମଧ୍ୟମ ଦେଇଛନ୍ତି ସ୍ଥାନୀୟ ବାସିନ୍ଦା। ସୂଚନା ମୁତାବକ, ବଜରଙ୍ଗ ସେନା ସଦସ୍ୟ ଯୁଧିଷ୍ଠିର ଭଦ୍ର, ଛତିଶ ମହାନ୍ତ, ବୁଦ୍ଧେଶ୍ୱର ମହାନ୍ତ ଏବଂ ଅନ୍ୟମାନେ ମୋରଡା ଅଞ୍ଚଳରେ ଗୋ ମାଂସ ବିକ୍ରି ହେଉଥିବାର କୌଣସି ସୂତ୍ରରୁ ଖବର ପାଇଥିଲେ। ତେବେ ମଙ୍ଗଳବାର ମୋରଡା ବ୍ଲକ ଅଧୀନ ବାରମାଇଲ ଇଦର ଗ୍ରାମର ପିତାମ୍ବର ମୁଖୀ ଏବଂ ମୋହନପୁରର ସୁନାରାମ ମୁର୍ମୁ ନାମକ ଦୁଇଜଣ ଗୋ ମାଂସ ବେପାରୀ ଏକ ବାଇକ ଯୋଗେ ୩୮ କେଜି ମାଂସ ବାଲେଶର ଜିଲା ବସ୍ତାରୁ ବାରମାଇଲକୁ ଆଣୁଥିବା ସମୟରେ ଭୋର ୫ଟା ୩୦ ମିନିଟ ସମୟରେ ଚିତ୍ରଡା ପାଟପୁର ଛକରୁ ଏମାନଙ୍କୁ ପିଛା କରି ବ୍ଲକ ଛକ-କଲଣି ଛକ ମଝିରେ ମାଗାଦ ବନ୍ଧ ପୋଲ ନିକଟରେ କାବୁ କରିଥିଲେ। କାବୁ କରିବା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିବା ବେଳେ ଗୋ ମାଂସ ବେପାରୀଙ୍କ ଏକ ବାଇକକୁ ସ୍ଥାନୀୟ ଲୋକେ ଭାଙ୍ଗିଥିଲେ। ପରେ ଦୁଇ ବେପାରୀଙ୍କ ପ୍ୟାଣ୍ଟ ସର୍ଟ ଖୋଲି ମୁହଁ, ଦେହରେ ଗୋବର ଲେପି ଖାଲି ପାଦରେ ଚଲାଇଚଲାଇ ଶୀର୍ଷାପାଳ ଛକକୁ ନେଇଥିଲେ। ଘଟଣାସ୍ଥଳରେ ଚିତ୍ରଡା ଫାଣ୍ଡି ଅଧିକାରୀ ନିରଞ୍ଜନ ସୋରେନ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପରେ ଉକ୍ତ ଦୁଇଜଣ ବେପାରୀଙ୍କୁ ମୋରଡା ଥାନାକୁ ନିଆଯାଇଛି। ସୂଚନା ଯୋଗ୍ୟଯେ, ପ୍ରତି ମଙ୍ଗଳବାର ବାରମାଇଲ ହାଟ ନିକଟ କେନାଲ ରାସ୍ତାରେ ଏମାନେ କେଜି ପିଛା ୧୫୦ ଟଙ୍କାରେ ଗୋ ମାଂସ ବିକ୍ରି କରନ୍ତି ବୋଲି ଜଣାପଡିଛି।

**ମାଡ଼ ମାରି ଦେହ ସାରା ଗୋବର ବୋଳିଦେଲେ ଲୋକେ**

# ଯୁବକଙ୍କୁ ଅପହରଣ କରି ଖଣ୍ଡାରେ ହାଣି ହତ୍ୟା

**ବ୍ରହ୍ମପୁର,୩।୬(ସଂଚାର ବ୍ୟୁରୋ):** ଅପରାଧ ଦମନ ପାଇଁ ପୋଲିସ ସ୍ୱତନ୍ତ୍ର ଡ୍ରାଇଭ ଆରମ୍ଭ କରିଛି। ହେଲେ ବ୍ରହ୍ମପୁର ସହରରେ ସୋମବାର ବିଳମ୍ବିତ ରାତିରେ ଜଣେ ଯୁବକଙ୍କୁ ସଂଘବଦ୍ଧ ଭାବେ ହତ୍ୟା କରାଯାଇଛି। ବଡବଜାର ଥାନା ଅନ୍ତର୍ଗତ ଜଗବନ୍ଧୁ ସାହି ନିକଟରେ ଥିବା ଏକ ଆପାର୍ଟମେଣ୍ଟ ସମ୍ମୁଖ ରାସ୍ତା ରକ୍ତରଞ୍ଜିତ ହୋଇଛି। ମୃତ ଯୁବକ ଜଣକ ଉକ୍ତ ଥାନା ଅନ୍ତର୍ଗତ ଲକ୍ଷ୍ମୀନୃସିଂହ ସାହିର ବିଦ୍ୟାଧର ପାଣିଗ୍ରାହୀ(୨୨)। ଆକ୍ରମଣରେ ତାଙ୍କ ସହ ଥିବା ନରଶିଙ୍ଗ ସାହୁ ଆହତ ହୋଇଛନ୍ତି। ଘଟଣାକୁ ନେଇ ସହରରେ ଚାଞ୍ଚଲ୍ୟ ଖେଳି ଯାଇଛି। ଘଟଣା ପରେ ଅପରାଧୀମାନେ ଫେରାର ହୋଇଯାଇଛନ୍ତି। ପୋଲିସ ଆହତଙ୍କ ବୟାନ ଆଧାରରେ ଅଭିଯୁକ୍ତଙ୍କୁ ଚିହ୍ନଟ କରିଛି। ଆକ୍ରମଣକାରୀଙ୍କ ପରିବାରର ୩ଜଣଙ୍କୁ ପୋଲିସ ରାତାରାତି ଉଠାଇ ଆଣି ଥାନାରେ ଅଧିକ ପଚରାଉଚରା କରୁଛି। ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସ ସନ୍ଦେହ କରୁଛି। ମିଳିଥିବା ସୂଚନା ମୁତାବକ, ସୋମବାର ବିଦ୍ୟାଧର ଏବଂ ସାଙ୍ଗ ନରଶିଙ୍ଗ ସାହୁ ସାନ ବଜାର ଛକରେ ଛିଡା ହୋଇଥିଲେ। ତାଙ୍କୁ ୩ଟି ବାଇକରେ ୫ଜଣ ଯୁବକ ଆସି ଭୟଭୀତ କରି ଅପହରଣ କରି ନେଇଥିଲେ। ପରେ ଖଣ୍ଡାରେ ହାଣି ବିଦ୍ୟାଧରଙ୍କୁ ହତ୍ୟା କରିଛନ୍ତି। ପୋଲିସ ଅପରାଧୀଙ୍କୁ ଧରିବା ପାଇଁ ଏକ ଟିମ୍ ଗଠନ କରି ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି।

● ଗଛରେ ପିଟିହେଲା ବିଦ୍ୟୁତ୍ ବିଭାଗ ବୋଲେରୋ

# ଚାଳକ ମୃତ, ଯନ୍ତ୍ରୀଙ୍କ ସମେତ ୩ ଗୁରୁତର



**ହରଭଙ୍ଗା,୩।୬(ସଂଚାର ବ୍ୟୁରୋ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍‌ର ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥର ବଡ଼ବନ୍ଧଠାରେ ଆଜି ଅପରାହ୍ନରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ସ୍ଥାନୀୟ ଚାରିଛକ ବିଦ୍ୟୁତ ବିଭାଗର ଏକ ବୋଲେରୋ ଗଛରେ ପିଟିହୋଇଯିବା ଫଳରେ ଚାଳକଙ୍କ ମୃତ୍ୟୁ ହୋଇଥିବା ବେଳେ ଯନ୍ତ୍ରୀ ଓ ୨ ଜଣ କର୍ମଚାରୀ ଗୁରୁତର ଭାବେ ଆହତ ହୋଇଥିବା ଜଣାପଡ଼ିଛି। ମିଳିଥିବା ସୂଚନାନୁଯାୟୀ, ମଙ୍ଗଳବାର ଅପରାହ୍ନରେ ଚାରିଛକ ବିଦ୍ୟୁତ ବିଭାଗର ବୋଲେରୋ (ନଂ.ଓଡି୦୨ବିଏ ୧୨୧୩) ଯୋଗେ ଯନ୍ତ୍ରୀ ଭବାନୀ ଶଙ୍କର ପାଣିଗ୍ରାହୀ, କର୍ମଚାରୀ ସଂଗ୍ରାମ ସାହୁ, ସମୀର ନାୟକ ଓ ଚାଳକ ଶିବାଜୀ ନାଗ ବୌଦ୍ଧରୁ କାମ ସାରି ଫେରୁଥିଲେ। ତେବେ ଜାତୀୟ ରାଜପଥର ବଡବନ୍ଧଠାରେ ଗାଡ଼ିଟି କୌଣସି କାରଣରୁ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ଏକ ଗଛ ସହ ପିଟି ହୋଇଯାଇଥିଲା। ଫଳରେ ଗାଡ଼ିରେ ଥିବା ୪ ଜଣଯାକ ଗୁରୁତର ଭାବେ ଆହତ ହୋଇଥିଲେ। ସେମାନଙ୍କୁ ସ୍ଥାନୀୟ ଲୋକେ, ଅଗ୍ନିଶମ ବାହିନୀ ପୁରୁଣାକଟକ ମେଡିକାଲରେ ଭର୍ତ୍ତି କରିଥିଲେ। କିନ୍ତୁ ସେଠାରେ ଡାକ୍ତର ଶିବାଜୀ(୪୭)ଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ଯନ୍ତ୍ରୀ ଓ ଅନ୍ୟ ଦୁଇ କର୍ମଚାରୀଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ ବୌଦ୍ଧ ମେଡିକାଲକୁ ପଠାଯାଇଥିଲା। ଅଧିକନ୍ତୁ ପରେ ସେମାନଙ୍କୁ ବୁର୍ଲା ମେଡିକାଲକୁ ପଠାଯାଇଥିବା ଜଣାପଡ଼ିଛି। ଏନେଇ ଖବର ପାଇ ପୁରୁଣାକଟକ ପୁଲିସ ମୃତଦେହକୁ ଜବତ କରିବା ସହ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ରଥ ଚକ-ଅଖ ଡେରା ନୀତି ସମ୍ପନ୍ନ



**ପୁରୀ, ୩।୬(ସଂଚାର ବ୍ୟୁରୋ):** ସମ୍ପନ୍ନ ହେଲା ରଥ ଚକ-ଅଖ ଡେରା ନୀତି । ତିନି ରଥର ୩୬ଟି ଚକ ସହ ସଂଯୋଗ ହୋଇଛି ୧୮ଟି ଅଖ। ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପାଇଁ ବିଶ୍ୱକର୍ମାମାନେ ରଥ ନିର୍ମାଣର ଆଉ ଗୋଟିଏ ପର୍ଯ୍ୟାୟ କାର୍ଯ୍ୟ ଶେଷ କରିଛନ୍ତି। ଗତ ଭଉଁରୀ ଉତ୍ସବ ଦିନ ମହାପ୍ରଭୁଙ୍କ ଆଜ୍ଞାମାଳ ରଥଖଳାକୁ ଆସିବା ପରେ ଭୋଇ ସେବକମାନେ ଛଅଟି ଚକ ସହ ତିନୋଟି ଅଖ ସଂଯୋଗ କରିଥିଲେ। ଆଜି ସମସ୍ତ ଚକ ଅଖ ଡେରା ନୀତି ସମ୍ପନ୍ନ କରିଛନ୍ତି । ତିନି ରଥର ୩୬ ଟି ଚକ ସହିତ ୧୮ ଟି ଅଖ ସଂଯୋଗ କରି ଭୋଇ ସେବକମାନେ ଏହି କାର୍ଯ୍ୟ ସମ୍ପାଦନା କରିଛନ୍ତି । ତେବେ ଚକ ଅଖ ଡେରା ଯିବା ପରେ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଆହୁରି ଦ୍ରୁତ ଗତିରେ ଆଗେଇ ଚାଲିଛି । ଜୁନ୍ ୨୭ରେ ମହାପ୍ରଭୁଙ୍କର ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହେବାକୁ ଥିବାବେଳେ ତିନି ରଥର ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି। ଗତ ଶ୍ରୀକ୍ଷେତ୍ର ଭଉଁରୀ ଅବସରରେ ଭୋଇ ସେବକମାନେ ତିନି ରଥର ଛଅଟି ଚକ ସହିତ ତିନୋଟି ଅଖ ସଂଯୋଗ କରିବା ପରେ ଆଜି ବିଶ୍ୱକର୍ମାଙ୍କ ନିର୍ଦ୍ଦେଶ କ୍ରମେ ଅନ୍ୟ ସମସ୍ତ ଚକ ସହିତ ଅଖ ସଂଯୋଗ କରିଛନ୍ତି ଭୋଇ ସେବକମାନେ ଏଥି ସହ ତିନି ରଥର ଦଣ୍ଡା ଫ୍ରେମର ବିଭିନ୍ନ ଅଂଶ ନମ୍ବରିଙ୍ଗ ହୋଇ କଳସା ପାଇଁ ମାପ ଚିହ୍ନ ଗାରିଆ ଶେଷ ହୋଇଛି। ଦଣ୍ଡା ଫ୍ରେମ ଖୋଲାଯାଇ ପାଞ୍ଚ ଦଣ୍ଡାରେ ଲାଗିଥିବା ବିଭିନ୍ନ ଅଂଶ ଗୁଡିକର କାପ, କଳଶା ଏବଂ ବିନ୍ଧ କାର୍ଯ୍ୟ ଜାରି ରହିଛି। ସେପଟେ ସ୍ନାନ ଯାତ୍ରା ଓ ରଥଯାତ୍ରା ନୀତି କାନ୍ତିକୁ ଶୃଙ୍ଖଳିତ କରିବା ପାଇଁ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ହୋଇଛି ଗୁରୁତ୍ୱପୂର୍ଣ୍ଣ ବୈଠକ । ସେହିପରି ପବିତ୍ର ସ୍ନାନ ପୂର୍ଣ୍ଣିମା ପୂର୍ବରୁ ତିନି ରଥରେ ଚାରି ନାହାକା ଉଠିବ ବୋଲି କହିଛନ୍ତି ମୁଖ୍ୟ ବିଶ୍ୱକର୍ମା। ତିନି ରଥର ଚାରି ନାହାକାର ଚଉପଟ କାର୍ଯ୍ୟ ଶେଷ ହୋଇଛି । ସେପଟେ ସ୍ନାନ ଯାତ୍ରା ଓ ରଥଯାତ୍ରା ପାଇଁ ଚୂଡାନ୍ତ ହୋଇଥିବା ସମସ୍ତ ନୀତି ନିର୍ଘଣ୍ଟ କିଭଳି ଶାନ୍ତି ଶୃଙ୍ଖଳାର ସହ କରାଯିବ ସେନେଇ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ହୋଇଛି ବୈଠକ ।

# ଓଏସଆରଟିସି ବସ୍‌ର ଟାୟାର ଫାଟିଲା, ବର୍ତ୍ତିଲେ ୫୨ଯାତ୍ରୀ

**ନବରଙ୍ଗପୁର,୩।୬(ସଂଚାର ବ୍ୟୁରୋ):** ଚନ୍ଦାହାଣ୍ଡିରୁ ଗଂଜାମ ଜିଲ୍ଲା ବ୍ରହ୍ମପୁରକୁ ଯାଉଥିବା ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ (ଓଏସଆରଟିସି)ର ଏକ ଭଲଭୋ ବସ୍‌ର ଟାୟାର ବିସ୍ଫୋରଣ ହୋଇଛି। ସୌଭାଗ୍ୟବଶତଃ ଏହି ଅଘଟଣ ଯୋଗୁଁ କୌଣସି ଯାତ୍ରୀଙ୍କୁ କ୍ଷତି ପହଞ୍ଚାଇ ନାହିଁ। ବସ୍ (ଓଡି୦୨-ସିକୀଉ-୩୩୪୬)ଟି ନବରଂଗପୁର ଜିଲ୍ଲା ଚନ୍ଦାହାଣ୍ଡିରୁ ଗଂଜାମ ଜିଲ୍ଲା ବ୍ରହ୍ମପୁର ଅଭିମୁଖେ ଯାଉଥିଲା। ଗଂଜାମ ଜିଲ୍ଲାର ତପ୍ତପାଣି ଘାଟି ପହଞ୍ଚିବା ପୂର୍ବରୁ ବସ୍‌ର ପଛପଟର ଏକ ଟାୟାର ଫାଟି ଯାଇଥିଲା। ତେବେ ଡ୍ରାଇଭର ଜଣକ ଉପସ୍ଥିତ ବୁଦ୍ଧି ଖଟାଇ ବସଟିକୁ ରାସ୍ତାପାର୍ଶ୍ୱକୁ ଆଣି ରଖିଥିଲେ। ତା ପରେ ଟାୟାର ପରିବର୍ତ୍ତନ କରି ଗନ୍ତବ୍ୟସ୍ଥଳ ବ୍ରହ୍ମପୁର ଅଭିମୁଖେ ବସ ଯାଇଥିଲା। ବେଳ ଭଲ ଥିବାରୁ ବସ୍‌ର ୫୨ଜଣ ଯାତ୍ରୀ, ୨ଜଣ ଡ୍ରାଇଭର ଓ କଣ୍ଡକ୍ଟରଙ୍କ ଜୀବନ ବଂଚିଯାଇଛି। ଏପରିକି ବସରୁ ଯାତ୍ରୀମାନେ ଓହ୍ଲାଇ ସମସ୍ତ ଚକର ଟାୟର ଯାଂଚ କରିଥିଲେ।

# ମଦ୍ୟପ ବାପାର ନୃଶଂସ କାଣ୍ଡ, ୭ ମାସର ଝିଅକୁ କଚାଡ଼ି ମାରିଲା



**ମୟୂରଭଞ୍ଜ,୩।୬(ସଂଚାର ବ୍ୟୁରୋ):** ୭ମାସର ଶିଶୁକନ୍ୟାକୁ କଚାଡ଼ି ମାରିଲା ନିଶାସକ୍ତ ବାପା। ପାରିବାରିକ କଳହରୁ ବଚସା ପରେ ଏଭଳି ଜଘନ୍ୟ କାଣ୍ଡ ଘଟାଇଛି ଅଭିଯୁକ୍ତ ବାପା । ଅନ୍ୟପଟେ ଝିଅକୁ ହତ୍ୟା ପରେ ପ୍ରତିଶୋଧ ପରାୟଣ ହୋଇ ସ୍ୱାମୀକୁ ଆକ୍ରମଣ କରିଛି ସ୍ତ୍ରୀ। ପେଟରେ କାଚ ବୋତଲ ଭୁସିଛି ସ୍ତ୍ରୀ। ଗତକାଲି ଢେଙ୍କାନାଳ କଙ୍କଡ଼ାହାଡ କଣ୍ଟାପାଳ ଏଭଳି ଚାଞ୍ଚଲ୍ୟକର ଘଟଣା ଘଟିଛି । ଗୁରୁତର ଅବସ୍ଥାରେ ଅଭିଯୁକ୍ତକୁ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ଅନୁସାରେ, ମୟୂରଭଞ୍ଜ ଜିଲ୍ଲା ରରୁଆଁ ଥାନା ଉଦାସାହି ଗ୍ରାମର ସଞ୍ଜୟ ଚାତାର ଶ୍ୱଶୁର ଘର କଣ୍ଟାପାଳରେ ଶ୍ରମିକ ଭାବେ କାମ କରୁଥିଲେ। ହେଲେ ଗଲା କିଛି ମାସ ହେବ କୌଣସି କାମଧନ୍ଦା ନକରି ଘରେ ବସି ରହୁଥିଲେ । ତେଣୁ ଗତକାଲି ପତ୍ନୀ ଜନନୀ ମୁଣ୍ଡା ଉଭୟ ମିଶି ଡିଲର ପାଖକୁ ଚାଉଳ ଆଣିବାକୁ ଯାଇ ଫେରିବାବେଳେ ବାଟରେ ବଚସା ହୋଇଥିଲା କ୍ଷ ପରେ ସଞ୍ଜୟ ମଦ ପିଇ ମାତାଲ ଅବସ୍ଥାରେ ୭ ମାସର ଶିଶୁକନ୍ୟାକୁ ଗାଁ ଦାଣ୍ଡରେ କଚାଡି ଦେଇଥିଲା କ୍ଷ ଫଳରେ ଶିଶୁ କନ୍ୟାଟି ଘଟଣା ସ୍ଥଳରେ ମୃତ୍ୟୁ ବରଣ କରିଛି। ତେବେ ସ୍ୱାମୀର ଏହି ନୃଶଂସ କାଣ୍ଡ ଦେଖି ପାଖରେ ଥିବା ସ୍ତ୍ରୀ ନିଜ ଛୁଆକୁ ବଞ୍ଚାଇବା ପାଇଁ ଏକ କାଚ ବୋତଲରେ ସ୍ୱାମୀକୁ ଆକ୍ରମଣ କରିଥିବାବେଳେ ଏଥିରେ ସଞ୍ଜୟ ଗୁରୁତର ହୋଇ ଚିକିତ୍ସାଧୀନ ଅଛି କ୍ଷ କଙ୍କଡାହାଡ଼ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ଏନେଇ ଥାନା ଅଧିକାରୀ କଳ୍ପନା ବେହେରା କହିଛନ୍ତି, "ପାରିବାରିକ କଳହରୁ ଏହି ଘଟଣା ଘଟିଛି । ସାଇଣ୍ଟିଫିକ ଟିମ ଆସି ଛାନଭିନ କଲାପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯିବ ।" ଅନେକ ସମୟରେ ନିଶା ଯୋଗୁ ପାରିବାରିକ କଳହ ବଢୁଥିବା ନଜିର ରହିଛି । ଏପରିକି ନିଶାସକ୍ତ ଅବସ୍ଥାରେ ଜୀବନ ନେବାକୁ ମଧ୍ୟ ପଛାଇ ନଥାନ୍ତି ନିଶା ଖାଉଥିବା ବ୍ୟକ୍ତି । ଯାହାର ଉଦାହରଣ ଢେଙ୍କାନାଳର କଣ୍ଟାପାଳରେ ଦେଖିବାକୁ ମିଳିଛି । ପାରିବାରିକ କଳହ ଭିତରେ ବଳି ପଡିଛି ଝିଅ। ଆଉ ଝିଅର ମା ମଧ୍ୟ ନିଜ ସ୍ୱାମୀକୁ ଆକ୍ରମଣ କରିବାକୁ ପଛାଇନି । ନିଶା ପାଇଁ ପୂରା ପରିବାର ଛାରଖାର ହୋଇଯାଇଛି ।

# କିଟ୍ ବିଶ୍ୱବିଦ୍ୟାଳୟରେ ବିଶ୍ୱ ସାଇକେଲିଂ ଦିବସ ପାଳିତ



**ଭୁବନେଶ୍ୱର, ୩।୬(ସଂଚାର ବ୍ୟୁରୋ):** କିଟ୍ ବିଶ୍ୱବିଦ୍ୟାଳୟ ମିନତି ମହାପାତ୍ର ସାଇକେଲିଂ ଭେଲୋଡ୍ରୋମରେ ବିଶ୍ୱ ସାଇକେଲିଂ ଦିବସ ପାଳିତ ହୋଇଯାଇଛି। ଏଥିରେ ଅତିଥି ଭାବେ ଭାରତର ବିଶିଷ୍ଟ ମହିଳା ସାଇକେଲ୍ ଚାଳକ ମିନତୀ ମହାପାତ୍ର, ଓଡ଼ିଶା ସାଇକେଲିଂ ଆସୋସିଏସନର ସାଧାରଣ ସମ୍ପାଦକ ପ୍ରସନ୍ନ ରାଉତ, କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଓ କିଟ୍ କ୍ରୀଡା ମହାନିର୍ଦ୍ଦେଶକ ଡ ଗଗନେନ୍ଦୁ ଦାଶ ପ୍ରମୁଖ ଯୋଗଦେଇ ସାଇକଲ୍ କ୍ରୀଡାର ପ୍ରଚାର ପ୍ରସାର ଓ ବିକାଶ ଦିଗରେ କିଟ୍ କିସ୍ ର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଏହା ସହ ଉପସ୍ଥିତ ସାଇକେଲ ଚାଳକଙ୍କୁ ଅତିଥିମାନେ ଉତ୍ସାହିତ କରିଥିଲେ। ସାଇକେଲ୍ ଚାଳନା ଉପରେ ଗୁରୁତ୍ୱ ଦେଇ ଡ. ସାମନ୍ତ କହିଲେ ସାଇକେଲ୍ ଚାଳନା ଦ୍ୱାରା ଆମର ଦୁଇ ପ୍ରକାର ଲାଭ ହୋଇଥାଏ। ସାଇକେଲ୍ ଚାଳନା ଯୋଗୁଁ ଶରୀର ସୁସ୍ଥ ରହିଥାଏ। ଏହା ସହ ଅନାବଶ୍ୟକ ଭାବେ ଗାଡି ବ୍ୟବହାର ନକରି ସାଇକେଲ୍ ବ୍ୟବହାର କଲେ ବାୟୁ ପ୍ରଦୂଷଣ ମଧ୍ୟ ହେବନାହିଁ ବୋଲି ସେ କହିଥିଲେ।

# ବାତ୍ୟା ସମୟକୁ ବଳିଯାଉଛି ବର୍ଷା ଦୁର୍ଦ୍ଦଶା



**ଭୁବନେଶ୍ୱର,୩।୬:** ମହାବାତ୍ୟା, ଫନି, ହୁଡହୁଡ୍, ପାଇଲିନ୍ ଭଳି ପ୍ରଳୟଙ୍କରୀ ଝଡବାତ୍ୟା ସମୟରେ ରାଜଧାନୀର ଯେଉଁ ଅଞ୍ଚଳରେ ପାଣି ଜମୁନଥିଲା ଏବେ ସେଠାରେ ଅସରାଏ ବର୍ଷାରେ ଆଣ୍ଠୁଏ ପାଣି ଜମୁଛି। କେବଳ ସେତିକି ନୁହେଁ, ରାସ୍ତା ପାଣି ବି ଅନେକ ଘରେ ପଶୁଛି । ଏଥିପାଇଁ ଲୋକେ ପୂର୍ତ୍ତ ଓ ନଗର ଉନ୍ନୟନ ବିଭାଗକୁ ସିଧାସଳଖ ଭାବେ ଦାୟୀ କରୁଛନ୍ତି । ରାଜଧାନୀର ନିଳାଦ୍ରୀବିହାର, ଲୁମ୍ବିନୀବିହାର, ମଙ୍ଗଳାବସ୍ତି ଅଞ୍ଚଳରେ ଲୋକେ ବର୍ଷାକୁ ଦେଖିଲେ ଡରୁଛନ୍ତି । ଗୋଟିଏ ପଟେ ଆବାସିକ ଅଞ୍ଚଳରେ ନିରାପତ୍ତା ବ୍ୟବସ୍ଥା ପ୍ରତି ଧ୍ୟାନ ନଦେଇ ମହାନଗର ନିଗମ ଓ ବିଡିଏ କର୍ତ୍ତୃପକ୍ଷ ଛୋଟ ଛୋଟ ପ୍ଲଟରେ ବଡ ବଡ ଆପାର୍ଟମେଣ୍ଟ ପାଇଁ ନକ୍ସା ଅନୁମୋଦନ କରୁଥିବାବେଳେ ଅନ୍ୟପଟେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗରିବ ଲୋକଙ୍କୁ ବାସଗୃହ ଯୋଗାଇବାପାଇଁ ପାହାଡ ଫଟାଇ ପ୍ରାକୃତିକ ଜଙ୍ଗଲ ନଷ୍ଟକରି ବୁଦ୍ଧଜୟନ୍ତୀ ପାର୍କର ଉପର ମୁଣ୍ଡରେ ସହସ୍ରାଧିକ ଫ୍ଲାଟ୍ ନିର୍ମାଣ କରାଯାଇଛି । ପୂର୍ବରୁ ଏହି ବର୍ଷା ସମୟରେ ଏହି ପାହାଡର ପାଣି ଚାରିଆଡକୁ ବାଣ୍ଟିହୋଇ ଯାଉଥିଲା ଏବଂ ତଳମୁଣ୍ଡରେ ଥିବା ଏକ ଝରଣାରେ ତାହା ମିଶିବା ଫଳରେ ଜଳବନ୍ଦୀ ସମସ୍ୟା ଉପୁଜୁନଥିଲା । ଏବେ ପାହାଡ ଉପରେ ସହସ୍ରାଧିକ ଲୋକଙ୍କ ପାଇଁ ଆବାସ ଯୋଜନାରେ ଘର ତିଆରି କରାଇବା ସହିତ ସେଠାରୁ ପାଣି କିଭଳି ଖଲାସ ହେବ ତାହାର ବ୍ୟବସ୍ଥା ନକରି ଲୁମ୍ବିନୀ ବିହାର ଓ ନିଳାଦ୍ରୀବିହାର ପଟକୁ ଦୁଇଟି ଚଉଡା ଗଡାଣିଆ ରାସ୍ତା ପାହାଡ ଉପରୁ ନିର୍ମାଣ କରାଯାଇଛି । ଫଳରେ ଅସରାଏ ବର୍ଷା ହେଲେ ଏହି ଗଡାଣିଆ ରାସ୍ତାରେ ପ୍ରବଳ ସୁଅରେ ଟେକାପଥର ବି ଭାସିଆସୁଛି । ସିଧାସଳଖ ଭାବେ ଏହି ଆବାସ ବସ୍ତି ଅଞ୍ଚଳର ପାଣି ଗୋଟିଏ ରାସ୍ତା ଦେଇ ଲୁମ୍ବିନୀ ବିହାରକୁ ଉବୁଟୁବୁ କରି ତାହାର ତଳ ଅଞ୍ଚଳରେ ଥିବା ଆଦର୍ଶ ମଙ୍ଗଳାବସ୍ତିରେ ପଶୁଛି। ସେଠାରେ ବସ୍ତିବାସିନ୍ଦାଙ୍କ ଘରେ ପାଣି ପଶି କଡେଇ, ହାଣ୍ଡି, ବାସନକୁସନ, ବିଛଣା ସମେତ ସବୁ ସାମଗ୍ରୀ ଭାସୁଛି। ଏମିତିକି ଡାଲି, ଚାଉଳ ପରିବା ଆଦି ମଧ୍ୟ ନଷ୍ଟହୋଇ ଯାଉଛି। ସେହିପରି ବୁଦ୍ଧ ପାର୍କ କଡ ଦେଇ ପାହାଡ ଉପରୁ ଅନ୍ୟ ଯେଉଁ ରାସ୍ତାଟି ଆସିଛି ସେଥିରେ ବି ପ୍ରବଳ ସୁଅ ହେଉଥିବାରୁ ନିଳାଦ୍ରୀବିହାର ଜିଏ ପ୍ଲଟ ଅଞ୍ଚଳର ରାସ୍ତାଘାଟ ଉବୁଟୁବୁ ହେବା ସହିତ ସେଠାରେ ଥିବା କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ କୃତ୍ରିମ ହ୍ରଦର ଭ୍ରମ ସୃଷ୍ଟି ହେଉଛି । ଏହି ଅଞ୍ଚଳରେ ଠିକଣା ଭାବେ ଡ୍ରେନେଜ କାମ କରାଯାଇନଥିବା ଏବଂ ଆଉ କେତେକ ସ୍ଥାନରେ ଜାଣିଶୁଣି ଡ୍ରେନେଜ ନିର୍ମାଣ କରାଯାଇ ନଥିବାରୁ ସମସ୍ୟା ବଢି ଚାଲୁଛି । ଏହାଛଡା ପାହାଡ ଉପରୁ ଗଡୁଥିବା ପାଣିକୁ ସ୍ୱତନ୍ତ୍ର ଡ୍ରେନରେ ତଳମୁଣ୍ଡରେ ଝରଣାରୁ ପାଲଟିଥିବା ନାଳରେ ଛଡାନଯିବା ଫଳରେ ସମସ୍ୟା ବଢୁଛି। ଏ କଥା ପୂର୍ତ୍ତ ବିଭାଗ ସମେତ ବିଏମସି ଓ ବିଡିଏର କ୍ଷେତ୍ର ଅଧିକାରୀମାନେ ଦେଖୁଥିଲେ ବି ନିରବ ରହୁଥିବାରୁ ଲୋକେ ନାହିଁ ନଥିବା ହୀନସ୍ତା ଭୋଗୁଛନ୍ତି । ଏମିତିକି ନିଜେ ପୂର୍ତ୍ତମନ୍ତ୍ରୀ ଏହି ଅଞ୍ଚଳରେ ପ୍ରାୟ ୫୦୦ ଫୁଟର ଏକ ଡ୍ରେନେଜ ନିର୍ମାଣ ପାଇଁ ପ୍ରାୟ ୮ ମାସ ତଳୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ କହିଥିଲେ ବି ଏଯାବତ୍ କାମ ଆରମ୍ଭ ହେଉନାହିଁ । ତେଣେ ଯେଉଁମାନଙ୍କ ଲାଗି ଆବାସ ଯୋଜନାରେ ପାହାଡ ଉପରେ ଓ ନିଳମାଧବ ନିବାସରେ ବହୁତଳ ବିଶିଷ୍ଟ ଆପାର୍ଟମେଣ୍ଟମାନ ନିର୍ମାଣ କରାଯାଇଛି ସେମାନଙ୍କ ଘରେ ଅସରାଏ ବର୍ଷାରେ କାନ୍ଥ ଭିଜି ପାଣିପଶୁଛି । ନିମ୍ନମାନର କାମ ଯୋଗୁଁ ଏଭଳି ଘଟୁଥିବା ସମସ୍ତେ ସ୍ୱୀକାର କରୁଥିବାବେଳେ ତାହାର ପ୍ରତିକାର ମଧ୍ୟ କରାଯାଇ ପାରୁନାହିଁ । ଖୋଦ ରାଜଧାନୀରେ ଏଭଳି ସ୍ଥିତି ଥିବାବେଳେ ଉପାନ୍ତ ଅଞ୍ଚଳରେ ଲୋକେ କିଭଳି କଲବଲ ହେଉଥିବେ ତାହା ସହଜରେ ଅନୁମେୟ। (ତଥ୍ୟ)

জীবন অমৃত অনুচিন্তা

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪
ବୁଧବାର ୪ ଜୁନ ୨୦୨୫, ଭୁବନେଶ୍ୱର
Wednesday 4 June 2025, Bhubaneswar

# ଅନୁପ୍ରବେଶ ମହଙ୍ଗା ପଡ଼ୁଛି

ଅନୁପ୍ରବେଶ ଏକ ଅନ୍ତର୍ଜାତୀୟ ସମସ୍ୟା ଏବଂ ବିଶ୍ୱର ସବୁ ଦେଶ ପାଇଁ ଏହା ଏକ ଚାଲେଞ୍ଜ। ପଡ଼ୋଶୀ ଦେଶରେ ଆର୍ଥିକ, ସାମାଜିକ ଏବଂ ରାଜନୈତିକ ସଙ୍କଟ, ଅସ୍ଥିରତା ସୃଷ୍ଟି ହେଲେ ସେହି ଦେଶର କିଛି ନାଗରିକ ପାଖ ପଡ଼ୋଶୀ ଦେଶକୁ ଆଶ୍ରୟ ନେବାକୁ ଚାଲିଆସୁଛନ୍ତି। କେବଳ ପଡ଼ୋଶୀ ଦେଶ ନୁହେଁ, ଅନେକ ସୁଦୂର ଆମେରିକା ଭଳି ସମୃଦ୍ଧ ରାଷ୍ଟ୍ରକୁ ଲୁଚିଛପି ଚାଲିଯାଉଛନ୍ତି। ବେଳେବେଳେ ଅନେକ ଜୀବନ ରକ୍ଷା ପାଇଁ ମଧ ବାଧ ହୋଇ ନିଜ ଦେଶ ଛାଡ଼ି ଅନ୍ୟ ଦେଶକୁ ଚାଲିଯାଉଛି। ଅର୍ଥ ରୋଜଗାର କରିବା ଏବଂ ଏକ ସ୍ୱଚ୍ଛଳ ଜୀବନ ଯାପନ କରିବାର ପ୍ରଲୋଭନ, ସ୍ୱପ୍ନ ମଧ ସେମାନଙ୍କୁ ଆମେରିକା ଭଳି ଦେଶକୁ ଚାଲିଯାଉଛନ୍ତି। କିଛି ଲୋକ ଶରଣାର୍ଥୀ ଭାବେ ପଡ଼ୋଶୀ ଦେଶକୁ ଚାଲିଯାଆନ୍ତି। ଆଉ କିଛି ଲୋକ ଲୁଚି ଛପି ଚୋରଙ୍କ ଭଳି ପଡ଼ୋଶୀ ଦେଶର ଭୌଗୋଳିକ ସୀମାରେ ଅନୁପ୍ରବେଶ କରୁଛନ୍ତି। ଏହା ଏକ ଅପରାଧ। ଭାରତ ଗତ ୭୮ ବର୍ଷ ହେବ ଏହି ସମସ୍ୟା ସହ ମୁକାବିଲା କରି ଆସୁଛି। ବିଶେଷ କରି ବାଂଲାଦେଶରୁ ଅନେକ ବର୍ଷ ଧରି ବହୁ ଲୋକ ଅନୁପ୍ରବେଶ କରିଆସୁଛନ୍ତି। ୧୯୭୧ରୁ ଆଜି ପର୍ଯ୍ୟନ୍ତ ଭାରତରେ ୨ କୋଟିରୁ ଅଧିକ ବାଂଲାଦେଶୀ ଅନୁପ୍ରବେଶ କରିଛନ୍ତି ବା ଶରଣାର୍ଥୀ ଭାବେ ରହିଛନ୍ତି। ସେମାନଙ୍କ ପାଇଁ ଭାରତରେ ଅନେକ ସମସ୍ୟା ସୃଷ୍ଟି ହେଉଛନ୍ତି। ଦେଶର ଜନସଂଖ୍ୟା ବୃଦ୍ଧି ସହ ଖାଦ୍ୟାଭାବ ଏବଂ ଆର୍ଥିକ ସଙ୍କଟ ସୃଷ୍ଟି ହୋଇଛି। ଅନେକ ବାଂଲାଦେଶୀ ଭାରତ ବିରୋଧୀ ଷଡ଼ଯନ୍ତ୍ରରେ ସାମିଲ ହେଉଛନ୍ତି। କାରଣ ସେମାନେ ଭାରତରେ ଆଶ୍ରୟ ନେଲେ ମଧ ଏହାକୁ ସେମାନେ ନିଜର ଦେଶ ବୋଲି ବିଚାର କରନ୍ତି ନାହିଁ। ସେମାନଙ୍କ ମଧ୍ୟରୁ ଅନେକ ଅପରାଧୀ, ଆତଙ୍କବାଦୀ ଲୁଚି ରହିଛନ୍ତି। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ଏହି ଅନୁପ୍ରବେଶକାରୀଙ୍କୁ ରୋକିବା ବା ଦେଶରୁ ବିଦା କରିବା ପରିବର୍ତ୍ତେ ଅନେକ ରାଜନୈତିକ ଦଳ ସଂକୀର୍ଣ୍ଣ ଭୋଟ ରାଜନୀତି ପାଇଁ ସେମାନଙ୍କୁ ସୁରକ୍ଷା ପ୍ରଦାନ କରୁଛନ୍ତି। ଅନେକ ସେମାନଙ୍କୁ ଭାରତର ନାଗରିକତ୍ୱ ହାସଲରେ ସହାୟକ ହେଉଛନ୍ତି। ଏଥିରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସବୁଠାରୁ ବଡ଼ ଭୂମିକା ନେଉଛନ୍ତି। ପଶ୍ଚିମବଙ୍ଗରେ ବେଆଇନ୍ ଭାବେ ବସବାସ କରୁଥିବା ବାଂଲାଦେଶୀ ନାଗରିକଙ୍କୁ ମମତା ବିଦା କରିବା ପରିବର୍ତ୍ତେ ସେମାନଙ୍କ ସପକ୍ଷରେ ଓକିଲାତି କରୁଛନ୍ତି। କାରଣ ଅନୁପ୍ରବେଶକାରୀଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ସଂଖ୍ୟାଲଘୁ ସମ୍ପ୍ରଦାୟର। ସେମାନଙ୍କ ଭୋଟରେ ମମତା ବାରମ୍ବାର ନିର୍ବାଚନରେ ବିଜୟୀ ହୋଇ କ୍ଷମତାସୀନ ହେଉଛନ୍ତି । କ୍ଷମତା ପାଇଁ ମମତା ମିଛ ଧର୍ମନିରପେକ୍ଷତା ଆଳରେ ଦେଶର କ୍ଷତି କରୁଛନ୍ତି। ଏବେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜ ଦେଶର ସ୍ୱାର୍ଥ ରକ୍ଷା ନିମନ୍ତେ ଦେଶରୁ ବେଆଇନ ଭାବେ ବସବାସ କରୁଥିବା ପ୍ରବାସୀଙ୍କୁ ବିଦା କରୁଛନ୍ତି। ଏହା ଯଥାର୍ଥ। ଭାରତ ଏଥିରୁ ଶିକ୍ଷା ଲାଭ କରିବା ଉଚିତ ଏବଂ ଭାରତରୁ ମଧ ଅନୁପ୍ରବେଶକାରୀଙ୍କୁ ବିଦା କରାଯିବା ଉଚିତ। ଯେଉଁ ଭାରତୀୟମାନେ ବିଦେଶରେ ବେଆଇନ ଭାବେ ବସବାସ କରୁଛନ୍ତି, ସେମାନେ ମଧ ସ୍ୱଦେଶକୁ ଫେରିଆସିବା ଉଚିତ। ଭାରତ ବିଶ୍ୱର ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ଦେଶ। ଦେଶର ଜନସଂଖ୍ୟା ଏବେ ୧୪୦କୋଟିରୁ ଅଧିକ ବୋଲି ଆକଳନ କରାଯାଉଛି। କେବଳ ସେତିକି ନୁହେଁ, ବିଶ୍ୱର କୋଣ ଅନୁକୋଣରେ, ପ୍ରତି ଦେଶରେ ଭାରତୀୟମାନେ ବସବାସ କରୁଛନ୍ତି। ଅନେକ ସେଠାକାର ନାଗରିକତ୍ୱ ଗ୍ରହଣ କରିସାରିଛନ୍ତି। ଆଉ କେତେକ ଶିକ୍ଷା ବା ପେଷା ପାଇଁ ବିଦେଶରେ ରହୁଛନ୍ତି। ଆମେରିକା, ଋଷିଆ, ବ୍ରିଟେନ, ଜର୍ମାନୀ, ଫ୍ରାନ୍ସ, ଜର୍ମାନୀ, କାନାଡ଼ା,ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ମଧ୍ୟପ୍ରାଚ୍ୟର ବିଭିନ୍ନ ଦେଶ ଏପରିକି ଚୀନରେ ମଧ ଅନେକ ଭାରତୀୟ ବସବାସ କରୁଛନ୍ତି। ଭାରତୀୟ



ଛାତ୍ରମାନଙ୍କର ଏକ ସ୍ୱପ୍ନ ଥାଏ ଆମେରିକା ବା ବ୍ରିଟେନରେ ଯାଇ ପଢ଼ିବା। ସେଠାରେ ଅନେକ ଭାରତୀୟ ଛାତ୍ର ରହୁଛନ୍ତି ଏବଂ ପାଠପଢ଼ା ପରେ ଅନେକ ସେଠାରେ ଚାକିରୀ ମଧ କରୁଛନ୍ତି। ଅନେକ ବ୍ୟବସାୟ ପାଇଁ ମଧ ବିଦେଶକୁ ଯାଇଛନ୍ତି ସେଠାରେ ସଫଳତା ହାସଲ କରିବା ସହ ସ୍ଥାୟୀ ଭାବେ ବସବାସ କରୁଛନ୍ତି। ସାଉଦୀ ଆରବ, ୟୁଏଇ, ଓମାନ, କୁଏତ, ବାହାରିନ, ଇରାନ, ଇରାକ ଭଳି ଦେଶରେ ଅନେକ ଭାରତୀୟ ଶ୍ରମିକ କାର୍ଯ୍ୟ କରୁଛନ୍ତି। ଏସବୁ ଦେଶରେ ସେମାନଙ୍କୁ ଭଲ ପାରିଶ୍ରମିକ ମିଳୁଛି। ମଧ୍ୟପ୍ରାଚ୍ୟ ବା ଆରବରେ କାମ କରୁଥିବା ଶ୍ରମିକଙ୍କ ମଧ୍ୟରୁ ଅନେକ ଓଡ଼ିଆ ମଧ ଅଛନ୍ତି। ଅନେକ ସମୟରେ ଏହି ପ୍ରବାସୀମାନେ ପ୍ରତାରଣା, ଦୁର୍ଦ୍ଦଶା ଏବଂ ଶୋଷଣର ଶିକାର ହେଉଛନ୍ତି। ଅନେକ ଓଡ଼ିଆ ଶ୍ରମିକ ମଧ୍ୟପ୍ରାଚ୍ୟରେ ଶୋଷଣର ସମ୍ମୁଖୀନ ହୋଇ ଘରକୁ ଫେରିଆସିବା ନିମନ୍ତେ ଇଚ୍ଛା ବ୍ୟକ୍ତ କରୁଥିଲେ ମଧ ସେଠାରୁ ଫେରିପାରୁନାହାଁନ୍ତି। ଅନେକ ସମୟରେ ସେମାନେ ସରକାରଙ୍କୁ ସେମାନଙ୍କୁ ଉଦ୍ଧାର କରିବା ନିମନ୍ତେ ନିବେଦନ କରୁଛନ୍ତି। ୨୦୨୨ରେ ୟୁକ୍ରେନ ଉପରେ ଋଷିଆର ଆକ୍ରମଣ ପରେ ସେଠାରେ ପାଠପଢୁଥିବା ହଜାର ହଜାର ଭାରତୀୟ ଛାତ୍ରଛାତ୍ରୀ ପାଠପଢ଼ା ଅଧାରୁ ଛାଡ଼ି ଗରକୁ ଫେରିଆସିବାକୁ ବାଧ ହେଲେ। ଭାରତ ସରକାର ସେଥିପାଇଁ ସେମାନଙ୍କୁ ସାହାଯ୍ୟ କରିଥିଲେ ଏବଂ ସ୍ୱତନ୍ତ୍ର ବିମାନରେ ସେମାନେ ଭାରତକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଆଫଗାନିସ୍ତାନରେ ତାଲିବାନ କ୍ଷମତା ଦଖଲ କରିବା ପରେ ସେଠାରେ ବସବାସ କରୁଥିବା ଭାରତୀୟମାନେ ଅତି ଅସହାୟଭାବେ ସବୁ କିଛି ଛାଡ଼ି ଭାରତକୁ ଫେରିଆସିଥିଲେ। ଏବେ ଆମେରିକାରୁ ଅନେକ ଭାରତୀୟଙ୍କୁ ହାତ ଗୋଡ଼ ବାନ୍ଧି ସ୍ୱଦେଶ ପଠାଯାଉଛି। ଏବେ ସୁଦ୍ଧା ୩ଟି ପର୍ଯ୍ୟାୟରେ ୩୩୨ ଜଣ ଭାରତୀୟ ଫେରିଲେଣି। ସମୁଦାୟ ୧୮ହଜାର ଭାରତୀୟ ଆମେରିକାରୁ ଫେରିବେ ବୋଲି କୁହାଯାଉଛି। ଏମାନେ ସମସ୍ତେ ବେଆଇନ ଭାବେ ଆମେରିକାରେ ବସବାସ କରୁଥିଲେ। ଆମେରିକାରେ କାମ କରି ଅଧିକ ଅର୍ଥ ରୋଜଗାର କରିବା ସ୍ୱପ୍ନରେ ସେମାନେ ଆମେରିକା ଯାଇଥିଲେ। ଏଥିରେ ସେମାନଙ୍କୁ କିଛି ଦଲାଲ ସହାୟତା କରିଥିଲେ। ଏଥିଲାଗି ସେମାନଙ୍କୁ ବେଶ ମୋଟା ଅଙ୍କର ଅର୍ଥ ବ୍ୟୟ କରିବାକୁ ପଡ଼ିଛି। ଦଲାଲଙ୍କୁ ୪୦ରୁ ୫୦ ଲକ୍ଷ ଟଙ୍କା ଦେବାକୁ ପଡ଼ିଛି। ଅନେକ ଜମିବାଡ଼ି ବିକି, ପୈତୃକ ଗର ବିକି ଏହି ଅର୍ଥ ଯୋଗାଡ଼ କରିଥିଲେ। ସେମାନେ ଏବେ ସର୍ବସ୍ୱାନ୍ତ ଏବଂ ଅସହାୟ। ଏମାନେ ନିଜ ଦୁର୍ଦ୍ଦଶା ପାଇଁ ସରକାରଙ୍କୁ ଦାୟୀ କରୁନାହାଁନ୍ତି ସତ୍ୟ, ମାତ୍ର ସହାୟତା ପାଇଁ ସରକାରଙ୍କୁ ଆକୁଳ ନିବେଦନ କରିଛନ୍ତି। ବାସ୍ତବରେ ଏମାନଙ୍କ ଦୁର୍ଦ୍ଦଶା ଦୁଃଖଦାୟକ। ସବୁଠାରୁ ବଡ଼ କଥା ହେଲା ଏମାନଙ୍କୁ ଆମେରିକା ସରକାର ଯେପରି ହାତ ଗାଡ଼େ ବାନ୍ଧି ଅପରାଧି ଭଳି ବିମାନରେ ଲଦି ସ୍ୱଦେଶ ପଠାଉଛନ୍ତି ତାହା ହୃଦୟବିଦାରକ ଏବଂ ମାନବାଧିକ ଉଲ୍ଲଘଂନର ଚରମ ଉଦାହରଣ। ଏଥିରେ ଭାରତ ସରକାର ହସ୍ତକ୍ଷେପ କରିବା ଉଚିତ। ବେଆଇନ ଭାବେ ବିଦେଶରେ ବସବାସ କରିବାକୁ ଅନୁପ୍ରବେଶ ବୋଲି କୁହାଯାଇପାରିବ। ସେମାନଙ୍କୁ ବହିଷ୍କାର କରିବାର ଅଧିକାର ଆମେରିକା ସରକାରଙ୍କର ରହିଛି। କିନ୍ତୁ ସେମାନଙ୍କ ପ୍ରତି ନିହାତି ଖରାପ ବ୍ୟବହାର ନକରି ସମ୍ମାନର ସହ ଦେଶାନ୍ତର କଲେ କ୍ଷତି ନାହିଁ। କେବଳ ଭାରତ ନୁହେଁ, ବିଶ୍ୱର ଅନେକ ଦେଶର ନାଗରିକ ଆମେରିକାରେ ଏଭଳି ବେଆଇନ ଭାବେ ବସବାସ କରୁଛନ୍ତି। ରାଷ୍ଟ୍ରପତି ଟ୍ରମ୍ପ କ୍ଷମତାକୁ ଆସିବା ପୂର୍ବରୁ ଏମାନଙ୍କୁ ଆମେରିକାରୁ ବହିଷ୍କାର କରାଯିବ ବୋଲି କହିଥିଲେ। ଏବେ ସେ ଏହାକୁ କାର୍ଯ୍ୟକାରୀ କରୁଛନ୍ତି। ଆମେରିକାର ଅର୍ଥନୀତିକୁ ସୁଧାରିବା ଏବଂ ଆମେରିକା ନାଗରିକଙ୍କ ସ୍ୱାର୍ଥ ରକ୍ଷା କରିବା ତାଙ୍କର ପ୍ରଥମ କର୍ତ୍ତବ୍ୟ ବୋଲି ଟ୍ରମ୍ପ କହିଛନ୍ତି। ଭାରତ ଏଥିରୁ ଶିକ୍ଷା ଲାଭ କରିବା ଉଚିତ ଏବଂ ଭାରତରେ ବେଆଇନ ଭାବେ ବସବାସ କରୁଥିବା ବାଂଲାଦେଶୀ ନାଗରିକଙ୍କୁ ଏଭଳି ଭାବେ ବିଦା କରାଯିବା ଉଚିତ। ତେବେ ଭାରତରୁ ଏତେ ସଂଖ୍ୟାରେ ବ୍ୟକ୍ତି କାହିଁକି ଆମେରିକା ବା ଅନ୍ୟ ଦେଶକୁ ଯାଉଛନ୍ତି? ଏହାର କାରଣ ହେଲା ଭାରତରେ ଉପଯୁକ୍ତ କର୍ମନିଯୁକ୍ତି ବ୍ୟବସ୍ଥା ନାହିଁ ବା ଭଲ ପାରିଶ୍ରମିକ ମିଳୁନି। ତେଣୁ ସେମାନେ ବିଦେଶ ଯିବାକୁ ବାଧ ହେଉଛନ୍ତି। ୧୪୦ କୋଟି ଜନସଂଖ୍ୟା ବିଶିଷ୍ଟ ଦେଶରେ ସମସ୍ତଙ୍କୁ କର୍ମନିଯୁକ୍ତି ଦେବା ମଧ ଅସମ୍ଭବ। ଆଉ କିଛି ଲୋକ ଅଧିକ ଅର୍ଥ ରୋଜଗାର କରିବା ଲୋଭରେ ବିଦେଶକୁ ଯାଉଛନ୍ତି। ସେମାନଙ୍କୁ ରୋକିବା ପାଇଁ ଭାରତ ସରକାର ସ୍ୱତନ୍ତ୍ର ଆଇନ ପ୍ରଣୟନ କରିବା ଉଚିତ।

# ଭୁଶୁଡ଼ିବା ପୂର୍ବରୁ ସଜାଡ଼ିବା ଭଲ



କିଶୋର ଚନ୍ଦ୍ର ବେହେରା

ମଣିଷ ନିଜର ଜାଣତରେ ହେଉ କିମ୍ବା ଅଜାଣତରେ ପରିବେଶ ପ୍ରତି ଅନେକ ଅନ୍ୟାୟ କରିଥାଏ। ନିଜର ଉନ୍ନତି ଓ ଜୀବିକା ନିର୍ବାହ ପାଇଁ ଗଛ କାଟିବାଠାରୁ ଆରମ୍ଭ କରି କଳ କାରଖାନା ପ୍ରତିଷ୍ଠା, ଯାନବାହନ ତିଆରି ଆଦି ଅନେକ ଜିନିଷ କରିଥାଏ। ଆଉ ଏଥିରୁ ନିର୍ଗତ ହେଉଥିବା ଧୂଆଁ ପରିବେଶ ପ୍ରଦୂଷଣ କରିଥାଏ। ପ୍ଲାଷ୍ଟିକର ବହୁଳ ବ୍ୟବହାର ପରିବେଶ ପ୍ରଦୂଷଣର ଅନ୍ୟତମ ପ୍ରମୁଖ କାରଣ। ସୁସ୍ଥ ସମାଜ ଗଠନ କରିବାକୁ ହେଲେ ଆମ ପରିବେଶକୁ ସ୍ୱଚ୍ଛ ଏବଂ ନିର୍ମଳ ରଖିବାକୁ ପଡ଼ିବ। ମଣିଷ ଏବଂ ପରିବେଶ ମଧ୍ୟରେ ବହୁତ ଗଭୀର ସମ୍ପର୍କ ରହିଛି। ପ୍ରକୃତି ବିନା ଜୀବନ ସମ୍ଭବ ନୁହେଁ। ପରିବେଶ କ୍ରମାଗତ ଭାବରେ ଦୂଷିତ ହେଉଛି, ଯାହା ଆମ ଜୀବନରେ ଗଭୀର ପ୍ରଭାବ ପକାଉଛି। ଈଶ୍ୱରଙ୍କ ତିଆରି ସବୁଜିମା ହିଁ ଆମ ଜୀବନ ଏବଂ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇଥାଏ। ସେଥିପାଇଁ ପ୍ରକୃତିକୁ କିପରି ପ୍ରଦୁଷଣ ମୁକ୍ତ କରିହେବ ସେଥିପ୍ରତି ଆମକୁ ଧ୍ୟାନ ଦେବାକୁ ପଡ଼ିବ। ଲୋକଙ୍କ ମନରେ ସଚେତନତା ଆଣିବା ପାଇଁ ପରିବେଶର ସୁରକ୍ଷା ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥାଏ। ବିଶ୍ୱରେ ଦିନକୁ ଦିନ ପ୍ରଦୂଷଣ ବଢ଼ିବାରେ ଲାଗିଛି। ଏହି ବଢୁଥିବା ପ୍ରଦୂଷଣ ପ୍ରକୃତି ପ୍ରତି ବିପଦ ସୃଷ୍ଟି କରୁଛି। ଏହି ପ୍ରଦୂଷଣକୁ ରୋକିବା ଉଦ୍ଦେଶ୍ୟରେ ଆରମ୍ଭ ହୋଇଥିଲା ବିଶ୍ୱ ପରିବେଶ ଦିବସ। ଯାହାଦ୍ୱାରା ଲୋକମାନେ ସଚେତନ ହେବା ସହିତ ପ୍ରକୃତିକୁ ପ୍ରଦୂଷଣର ବଞ୍ଚାଇବା ଥିଲା ମୂଳ ଲକ୍ଷ୍ୟ। ପରିବେଶର ଯତ୍ନ ନେବାକୁ ମିଳିତ ଜାତିସଂଘ ୧୯୭୨ ମସିହାରେ ଷ୍ଟକହୋମ ସମ୍ମିଳନୀରେ ୧୧୯ ଦେଶର ପ୍ରତିନିଧି ଉପସ୍ଥିତ ରହି ସର୍ବସମ୍ମତିକ୍ରମେ ପ୍ରତିବର୍ଷ ଜୁନ୍ ୫ରେ ବିଶ୍ୱ ପରିବେଶ ଦିବସ ପାଳନ ପାଇଁ ଏହି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ତେବେ ଏହି ଦିବସ ସେତେବେଳ ସଫଳ ହେବ ଯେତେବେଳେ ସମସ୍ତେ ପରିବେଶର ଯତ୍ନ ନେବେ। ପ୍ରତ୍ୟେକ ବ୍ୟକ୍ତିଙ୍କୁ ବୁଝିବାକୁ ପଡ଼ିବ ଯେ ପରିବେଶ ସୁସ୍ଥ ରହିଲେ ମଣିଷ ସୁସ୍ଥ ରହିବ। ଏହି କ୍ରମରେ ଭାରତରେ ୧୯ ନଭେମ୍ବର ୧୯୮୬ ରୁ ପରିବେଶ ସୁରକ୍ଷା ଆଇନ କାର୍ଯ୍ୟକାରୀ ହେଲା। ଯାହାଫଳରେକି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ସବୁଜିମା ସୃଷ୍ଟି କରିବା ସହ ରକ୍ଷଣାବେକ୍ଷଣ କରିବା ନିମନ୍ତେ ସଦାସର୍ବଦା ଚେଷ୍ଟା ଜାରି ରଖିଛନ୍ତି। କେବଳ ଯେ ସରକାରଙ୍କ ଦାୟିତ୍ୱ ବୋଧ ଭାବି ଆମେମାନେ ଚୁପଚାପ୍ ରହିଗଲେ ଚଳିବ ନାହିଁ ବରଂ ସ୍ୱେଚ୍ଛାକୃତ ଭାବେ ସହଯୋଗ କରି ବିଶ୍ୱକୁ ବିଷମ ପରିସ୍ଥିତିରୁ ସୁରକ୍ଷା ଦେଇପାରିବା।

ପୃଥିବୀର ସମସ୍ତ ଜୀବଜନ୍ତୁଙ୍କ ବଞ୍ଚିବା ପାଇଁ ଆମ ପରିବେଶର ସଂରକ୍ଷଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସୁସ୍ଥ ଇକୋସିଷ୍ଟମ୍ ଆମକୁ ଅତ୍ୟାବଶ୍ୟକ ଉତ୍ସଗୁଡିକ ଯୋଗାଇଥାଏ ଯେପରିକି ନିର୍ମଳ ବାୟୁ, ମଧୁର ଜଳ, ଉର୍ବର ମାଟି, ଉଦ୍ଭିଦ ଏବଂ ପ୍ରାଣୀ ପ୍ରଜାତିର ଏକ ବିବିଧ ଧାରା। ଜଳବାୟୁ ନିୟନ୍ତ୍ରଣ, ପଲିଥିନ୍, ବର୍ଜ୍ୟବସ୍ତୁ କ୍ଷୟ ଏବଂ ଅନ୍ୟାନ୍ୟ ଅନେକ ଇକୋସିଷ୍ଟମ୍ ସେବାରେ ମଧ ସେମାନେ ସହଯୋଗ କରନ୍ତି ଯାହା ମାନବ ସମାଜର ମଙ୍ଗଳ ପାଇଁ ଗୁରୁତ୍ୱପୂର୍ଣ୍ଣ। ତଥାପି ଜଙ୍ଗଲ ନଷ୍ଟ, ପ୍ରଦୂଷଣ, ଅତ୍ୟଧିକ ଯାନବାହାନର ବ୍ୟବହାର ଏବଂ ଜଳବାୟୁ ପରିବର୍ତ୍ତନ ଭଳି ମାନବୀୟ କାର୍ଯ୍ୟକଳାପ ଆମ ପରିବେଶ ପାଇଁ ଘୋର ବିପଦ ସୃଷ୍ଟି କରେ । ବିଶ୍ୱ ପରିବେଶ ଦିବସ ଭବିଷ୍ୟତ ପିଢ଼ି ପାଇଁ ଆମର ପ୍ରାକୃତିକ ସମ୍ପଦର ସୁରକ୍ଷା ତଥା ସଂରକ୍ଷଣର ଜରୁରୀ ଆବଶ୍ୟକତାର ସ୍ମାରକ ଭାବରେ କାର୍ଯ୍ୟ କରେ। ପରିବେଶ ପରିସଂସ୍ଥାର ଅବନତି ଯୋଗୁ କିଛି ଦଶନ୍ଧି ହେଲା ମଣିଷର ରୋଗପ୍ରତିରୋଧକ ଶକ୍ତି ହ୍ରାସ ହେବା ସହ ଆଲର୍ଜିକ୍ ସମସ୍ୟା ବୃଦ୍ଧି ହୋଇଛି। କେବଳ ଶାରୀରିକ ସ୍ୱାସ୍ଥ୍ୟରେ ଏହାର ପ୍ରଭାବ ସୀମିତ ରହିନାହିଁ, ବରଂ ମାନସିକ ସ୍ୱାସ୍ଥ୍ୟ ସମସ୍ୟା ଯଥା ପରିବେଶୀୟ କ୍ଷତିର ଭୟ ମଧ ଦେଖାଯାଉଛି। ଏହା ବ୍ୟତୀତ ପରିବେଶ ପରିସଂସ୍ଥାର ପୁନରୁଦ୍ଧାର ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ଦୂର କରିବା ଲାଗି ବାଟ ଦେଖାଇବ ଓ ବିଶ୍ୱରେ ଦୀର୍ଘମିଆଦୀ ରୋଗର ଚାପ ହ୍ରାସ କରିବ। ଏହା ଯୋଗୁ ମାନବ ସ୍ୱାସ୍ଥ୍ୟ ଓ କଲ୍ୟାଣ କ୍ଷେତ୍ରରେ ଉନ୍ନତି ଆସିବ। ନିକଟରେ ଏକ ଅନୁଧାନରୁ ଜଣାପଡ଼ିଛି ଯେ, ମୃତ୍ତିକା ସଂରକ୍ଷଣ ଏବଂ ଦେଶୀ ପ୍ରଜାତି ଗଛ ଫେରାଇଆଣିବା ଦ୍ୱାରା କେତେକ ନିର୍ଦ୍ଦିଷ୍ଟ ରୋଗ ଯୋଗୁ ସୃଷ୍ଟି ଶାରୀରିକ ଓ ମାନସିକ ପ୍ରଭାବକୁ ହ୍ରାସ କରାଯାଇପାରିବ। ପରିସଂସ୍ଥାର ପୁନରୁଦ୍ଧାର ଭୟଙ୍କର ଜଳବାୟୁଜନିତ ଘଟଣା ଯୋଗୁ ଉପୁଜୁଥିବା ସାର୍ବଜନୀନ ସ୍ୱାସ୍ଥ୍ୟ ସଙ୍କଟରୁ ରକ୍ଷା କରିପାରିବାର ମଧ ପ୍ରମାଣ ମିଳିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ସର୍ବେକ୍ଷଣର ସୂଚନା ପ୍ରଦାନ କରିଛି ପରିବେଶ ପରିସଂସ୍ଥାର ପୁନରୁଦ୍ଧାର ସହ ଆର୍ଥିକ ପ୍ରସଙ୍ଗର ବି ସମ୍ବନ୍ଧ



ରହିଛି। ସାର୍ବଜନୀନ ସ୍ୱାସ୍ଥ୍ୟର କ୍ଷତି ଏବଂ ମହାମାରୀର ଭୟଙ୍କର ପ୍ରଭାବ ଆର୍ଥିକ ଦିଗକୁ ଅତ୍ୟଧିକ ପ୍ରଭାବିତ କରିଛି।

ଜଳବାୟୁ ପରିବର୍ତ୍ତନ କ୍ଷେତ୍ରରେ କୃଷି ଉପରେ ନିର୍ଭରଶୀଳ ଚାଷୀମାନେ ଦେଶର ମଧୁର ଜଳର ଶତକଡ଼ା ୮୦ ଭାଗ କୃଷି ଉପରେ ଉପଯୋଗ କରନ୍ତି। ଜଳବାୟୁ ପରିବର୍ତ୍ତନ ସେଇମାନଙ୍କୁ ଅଧିକ ପରିମାଣରେ ପ୍ରଭାବିତ କରେ। କୃଷି ନିମନ୍ତେ ପର୍ଯ୍ୟାପ୍ତ ଜଳ, ବୃଷ୍ଟି ବା ଜଳସେଚନ ମାଧ୍ୟମରେ ପ୍ରାପ୍ତ ହେଉ ନଥିବାରୁ କେତେକ ସ୍ଥାନରେ କୃଷକମାନେ ଭୂତଳ ଜଳ ଅଧିକ ବ୍ୟବହାର କରୁଛନ୍ତି। ସହରାଞ୍ଚଳରେ ମଧ ବହୁତଳ ପ୍ରାସାଦ ନିର୍ମାତାମାନେ ଭୂତଳ ଜଳ ବ୍ୟବହାର କରୁଛନ୍ତି। ଫଳତଃ ଭୂତଳ ଜଳ ଅଧିକରୁ ଅଧିକ ନିମ୍ନଗାମୀ ହେଉଛି। ଜଳସଂପଦ ବିଭାଗର ଏକ ଆକଳନ ଅନୁଯାୟୀ ୨୦୬୦ ବେଳକୁ ଆମ ଦେଶ ନିଜ ଆବଶ୍ୟକତାର କେବଳ ଶତକଡ଼ା ୫୦ ଭାଗ ଜଳ ପ୍ରାପ୍ତ ହେବ। ଆମ ଦେଶର କୃଷି ଉତ୍ପାଦନ ଏହା ଫଳରେ ବ୍ୟାପକ ଭାବରେ ବ୍ୟାହତ ହେବ। ଦ୍ରୁତ ଶିଳ୍ପାୟନର ପ୍ରତିଷ୍ଠା ଆମ ଦେଶର ଉନ୍ନୟନ ଯୋଜନା ଓ ଶିଳ୍ପାୟନ ମଧ ପରିବେଶକୁ ଦୃଷ୍ଟିରେ ରଖି କରାଯାଉନାହିଁ ଅର୍ଥାତ୍ କୌଣସି ସ୍ଥାନରେ କୌଣସି ପ୍ରକାରର ଶିଳ୍ପ ପ୍ରତିଷ୍ଠା ହେଲେ କିମ୍ବା ଅନ୍ୟ କୌଣସି ଉନ୍ନୟନମୂଳକ କାର୍ଯ୍ୟ ଆରମ୍ଭ ହେଲେ, ସେ ଅଞ୍ଚଳର ପରିବେଶ ଉପରେ ଏହାର ସମ୍ଭାବ୍ୟ ପ୍ରଭାବକୁ ବିଚାରକୁ ନିଆ ନଯାଇ ସରକାରୀ ସ୍ତରରେ ସେ ସବୁ ଯୋଜନା ମୂଳକ କାର୍ଯ୍ୟକୁ ମଞ୍ଜୁରୀ ଦିଆଯାଉଛି। ଫଳରେ ଏହାଦ୍ୱାରା ସେ ଅଞ୍ଚଳର ପରିବେଶ ଅତିମାତ୍ରାରେ ପ୍ରଦୂଷିତ ହେଉଛି ଏବଂ ଏହାକୁ ବିରୋଧ କରୁଥିବା ଲୋକମାନେ ପ୍ରକୃତପକ୍ଷେ ଭୁଲ ବଶତଃ ଏ ବାବଦରେ କରାଯାଉଥିବା ତ୍ରୁଟିପୂର୍ଣ୍ଣ ଯୋଜନା ବିରୁଦ୍ଧରେ ଆନ୍ଦୋଳନ ନ କରି ସଂଯୁକ୍ତ ଶିଳ୍ପସଂସ୍ଥା ପ୍ରତିଷ୍ଠା ବା ଉନ୍ନୟନମୂଳକ କାର୍ଯ୍ୟକୁ ବିରୋଧ କରିବା ଏହି ବିଭିନ୍ନ ପ୍ରକାରର ସାମାଜିକ ସମସ୍ୟା ସୃଷ୍ଟି କରୁଛି। ଆମର ଶିକ୍ଷା ବ୍ୟବସ୍ଥାରେ ପରିବେଶ ବିଜ୍ଞାନ ସମ୍ବନ୍ଧୀୟ ବିଷୟ ଆଜି ବି ଯଥାଯଥ ଗୁରୁତ୍ୱ ପାଇପାରି ନାହିଁ। ଡାକ୍ତରୀ, ଇଞ୍ଜିନିୟରିଂ ବା ଅନ୍ୟାନ୍ୟ ବୈଷୟିକ ଶିକ୍ଷା ଲାଭ କରୁଥିବା ଛାତ୍ରଛାତ୍ରୀମାନଙ୍କୁ ପରିବେଶ ବିଷୟରେ ସଚେତନ କରିବା ପାଇଁ ବିହିତ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ପ୍ରାଥମିକ ଶିକ୍ଷା ଠାରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀ ମାନଙ୍କୁ ଯଦି ପରିବେଶର ସୁରକ୍ଷା ସଂପର୍କୀତ ଧାରଣା ଦେବା ସହ, ସେମାନଙ୍କ ମନରେ ସରକାରଙ୍କ ବିଭିନ୍ନ ଯୋଜନାର ସଫଳତା ସଂପର୍କରେ ସମୀକ୍ଷା, ସର୍ବେକ୍ଷଣ ଓ ସୂଚନା ପ୍ରଦାନ କରାଗଲେ ନୈତିକ ଓ ପରିବେଶ ଶିକ୍ଷା ଲାଭ କରିପାରିବେ।

ପରିବେଶ ଆହ୍ୱାନ ର ମୁକାବିଲା କରିବାରେ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। ବିଶ୍ୱ ପରିବେଶ ଦିବସ ନୀତି ନିର୍ଣ୍ଣୟକାରୀଙ୍କ ପାଇଁ ନିରନ୍ତର ବିକାଶ ପାଇଁ ନିଜର ପ୍ରତିବଦ୍ଧତା ପ୍ରଦର୍ଶନ କରିବା ଏବଂ ପରିବେଶର ସୁରକ୍ଷା ପାଇଁ ଉଦ୍ଦିଷ୍ଟ ନୀତି ଏବଂ ପଦକ୍ଷେପଗୁଡ଼ିକୁ ଉନ୍ମୋଚନ କରିବାର ସୁଯୋଗ ପ୍ରଦାନ କରେ। ଅକ୍ଷୟ ଶକ୍ତି ପ୍ରକଳ୍ପର କାର୍ଯ୍ୟକାରିତା, ନିରନ୍ତର କୃଷି ଅଭ୍ୟାସ ଗ୍ରହଣ, ସଂରକ୍ଷିତ ଅଞ୍ଚଳ ପ୍ରତିଷ୍ଠା ଏବଂ ପ୍ରଦୂଷଣ ଏବଂ ବର୍ଜ୍ୟବସ୍ତୁ ହ୍ରାସ କରିବା ପାଇଁ ନିୟମ ପ୍ରଣୟନ ଏଥିରେ ଅନ୍ତର୍ଭୁକ୍ତ ହୋଇପାରେ। ବିଶ୍ୱ ପରିବେଶ ଦିବସରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସରକାରମାନେ ପରିବେଶ ପରିଚାଳନା ପାଇଁ ସେମାନଙ୍କର ଉତ୍ସର୍ଗ ପ୍ରଦର୍ଶନ କରନ୍ତି ଏବଂ ଅନ୍ୟ ରାଷ୍ଟ୍ରମାନଙ୍କୁ ମଧ ଅନୁକରଣ କରିବାକୁ ପ୍ରେରଣା ଦିଅନ୍ତି। ପରିବେଶବିତ୍ ବର୍ତ୍ତମାନ ଚିନ୍ତା ପ୍ରକଟ କରି କହି ସାରିଲାଣି ଆମ ପିଲାମାନେ ଏବଂ ଯୁବପିଢ଼ି ବହୁତ ବ୍ୟାପକ ସ୍ତରରେ ପରିବେଶ ପରିବର୍ତ୍ତନର ସମ୍ମୁଖୀନ ହେବା ସହ ଏହି କ୍ଷେତ୍ରରେ ସେମାନଙ୍କୁ ଯୋଗଦାନ କରିବାକୁ ପଡ଼ିବ। ପ୍ରତ୍ୟେକ ପରିବାରର ବୟସ୍କ ମାନେ ଚିନ୍ତା କରନ୍ତି ଯେ ସେମାନଙ୍କ ପିଲାମାନେ କେଉଁ ବିଦ୍ୟାଳୟ କିମ୍ବା ମହାବିଦ୍ୟାଳୟରେ ପାଠ ପଢ଼ିବେ ଏବଂ ସେମାନେ କେଉଁ ବୃତ୍ତି ବାଛିବେ। ଏଭଳି ଚିନ୍ତା କରିବା ଯଥାର୍ଥ। କିନ୍ତୁ ଆମ ପିଲାମାନେ କେଉଁ ପ୍ରକାର ବାୟୁକୁ ପ୍ରଶ୍ୱାସରେ ଗ୍ରହଣ କରିବେ, କେଉଁ ପ୍ରକାର ପାଣି ପିଇବେ, ପକ୍ଷୀଙ୍କ ମଧୁର ଧ୍ୱନି ଶୁଣିବାକୁ ସକ୍ଷମ ହୋଇପାରିବେ କି ନାହିଁ, ସବୁଜ ଜଙ୍ଗଲର ସୌନ୍ଦର୍ଯ୍ୟ ଅନୁଭବ କରିପାରିବେ କି ନାହିଁ , ସେ ବିଷୟରେ ମଧ ଆମ ସମସ୍ତଙ୍କୁ ଚିନ୍ତା କରିବାକୁ ପଡ଼ିବ। ସର୍ବେକ୍ଷଣରୁ ଅନୁମାନ କରିହୁଏ ଯେ ଏହି ବିଷୟ ଗୁଡ଼ିକର ଅର୍ଥନୈତିକ, ସାମାଜିକ ଏବଂ ବିଜ୍ଞାନସମ୍ମତ ଦିଗ ରହିଛି, କିନ୍ତୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ସବୁ ବିଷୟ ସହିତ ଜଡିତ ଆହ୍ୱାନର ଏକ ନୈତିକ ଦିଗ ମଧ ରହିଛି। ଆଗାମୀ ପିଢ଼ିକୁ ସ୍ୱଚ୍ଛ ପରିବେଶର ପରମ୍ପରା ପ୍ରଦାନ କରିବା ଆମର ନୈତିକ ଦାୟିତ୍ୱ। ଏଥିପାଇଁ ଆମକୁ ପରିବେଶ ପ୍ରତି ସଚେତନ ଓ ସମ୍ବେଦନଶୀଳ ଜୀବନଶୈଳୀ ଆପଣାଇବାକୁ ପଡ଼ିବ, ଯାହା ଦ୍ୱାରା ପରିବେଶ କେବଳ ସୁରକ୍ଷିତ ନୁହେଁ , ବରଂ ଉନ୍ନତ ହେବା ସହ ଅଧିକ ଚଳଚଂଚଳ ହୋଇପାରିବ। ସ୍ୱଚ୍ଛ ପରିବେଶ ଏବଂ ଆଧୁନିକ ବିକାଶ ମଧ୍ୟରେ ସନ୍ତୁଳନ ରହିବା ଉଭୟ ସୁଯୋଗ ଏବଂ ଆହ୍ୱାନ ମଧ।

**ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ, ସିନ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ ନନ୍ଦପୁର, ଜିଲ୍ଲା: କୋରାପୁଟ, ମୋବାଇଲ୍: ୯୪୩୭୯୫୫୫୬୮**

# ଆରୋଗ୍ୟର ଉପଶମ

ସୌଭାଗ୍ୟ ରଂଜନ ମହାନ୍ତି(ରାଜା)



ଅପରେସନ ସିନ୍ଦୂର ସମୟରେ ପାକିସ୍ତାନର ଡ୍ରୋନ ଓ ସେଲ ଆକ୍ରମଣରେ କ୍ଷତିଗ୍ରସ୍ତ ସୀମାନ୍ତ ସଂଲଗ୍ନ ପୁଂଚ ସେକ୍ଟରକୁ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ଗସ୍ତ ବହୁ ଆବଶ୍ୟକ ଆରୋଗ୍ୟର ଉପଶମର ସନ୍ଦେଶ ପ୍ରଦାନ କରିଛି ବୋଲି କୁହାଯାଇପାରିବ। କେନ୍ଦ୍ର ମନ୍ତ୍ରୀ ପିଡିତ ପରିବାରକୁ ନିଯୁକ୍ତି ପତ୍ର ବଂଟନ କରିବା ଏବଂ ସୀମାନ୍ତ ଲୋକଙ୍କ ସୁରକ୍ଷା ପାଇଁ ଅଧିକରୁ ଅଧିକ ଆଶ୍ରୟସ୍ଥଳ ତଥା ବଙ୍କର ନିର୍ମାଣ ଯୋଜନା ସହ ଏକ ବ୍ୟାପକ ରିଲିଫ ପ୍ୟାକେଜ ଘୋଷଣା କରିଛନ୍ତି। ଗଲା ମାସ ୭ରୁ ୧୦ତାରିଖ ମଧ୍ୟରେ ଅପରେସନ ସିନ୍ଦୂର ସମୟରେ ପାକିସ୍ତାନର ଆଖିବୁଜା ଡ୍ରୋନ, ସେଲ ଆକ୍ରମଣରେ ପୁଂଚ ଜିଲ୍ଲାରେ ରେକର୍ଡ ସଂଖ୍ୟକ ଗ୍ରାମବାସୀ ମୃତାହତ ହେବା ସହ ବହୁ ଘରଦ୍ୱାର କ୍ଷତିଗ୍ରସ୍ତ ହୋଇଥିଲା। ଭାରତ-ପାକିସ୍ତାନ ଉତେଜନାରେ ସୀମାନ୍ତ ଜିଲ୍ଲାବାସୀଙ୍କୁ ବହୁ ମୂଲ୍ୟ ଦେବାକୁ ପଡିଛି। ତେବେ କେନ୍ଦ୍ରଶାସିତ ଅଂଚଳ ଜାମ୍ମୁ-କାଶ୍ମୀରର ନିର୍ବାଚିତ ସରକାର କ୍ଷୟକ୍ଷତିର ଆକଳନ ଜାରି ରଖିଛନ୍ତି। ରାଜ୍ୟଶାଖା ବିଜେପି ପକ୍ଷରୁ ଗଠିତ କମିଟିର ପ୍ରାଥମିକ ଆକଳନ ଅନୁଯାୟୀ ସୀମାନ୍ତ ଜିଲ୍ଲାରେ ୧୫୦୦ରୁ ଉର୍ଦ୍ଧ୍ୱ ଘରଦ୍ୱାର କ୍ଷତିଗ୍ରସ୍ତ ହୋଇଛି। ପାକିସ୍ତାନୀ ଯବାନଙ୍କ ଆଖିବୁଜା ଡ୍ରୋନ, ସେଲ ମାଡରେ ପୁଂଚରେ ୬୭୦ ଏବଂ ଉରି'ରେ ୫୩୪ଟ ଘରଦ୍ୱାର କ୍ଷତିଗ୍ରସ୍ତ ହୋଇଛି। ସେହିପରି ୧୮ଜଣ ନିରୀହ ଲୋକଙ୍କର ମୃତ୍ୟୁ ଘଟିଛି, ଯେଉଁଥିରେ କେବଳ ପୁଂଚ ଜିଲ୍ଲାରେ ୧୪ଜଣଙ୍କର ମୃତ୍ୟୁ ଘଟିଛି। ଆହୁରି ମଧ ପାକିସ୍ତାନର ଡ୍ରୋନ ଓ ସେଲ ମାଡରେ ପୁଂଚ



ସମେତ ବାରମୂଳା, କୂପୱାରା ଏବଂ ରାଜୌରୀ ସହରରେ ବ୍ୟାପକ କ୍ଷୟକ୍ଷତି ଘଟିବ ସହ ବ୍ୟାପକ ମାତ୍ରାରେ ସାଧାରଣ ନାଗକରିକଙ୍କ ଧନ, ସମ୍ପତି ଏବଂ ଭିତିଭୂମି କ୍ଷତିଗ୍ରସ୍ତ ହୋଇଛି। ସ୍ୱରାଷ୍ଟ୍ର ମନ୍ତ୍ରୀ ଶାହ ଗତ ଶୁକ୍ରବାର ଦିନ ପୁଂଚର ପ୍ରଭାବିତ ଅଂଚଳ ପରିଦର୍ଶନ କରିବା ସହ ପିଡିତ ଲୋକଙ୍କ ଦୁଃଖଦୁର୍ଦ୍ଦଶା ପ୍ରତି ଗଭୀର ସମବେଦନା ଜଣାଇଥିଲେ। ପାକିସ୍ତାନୀ ଯବାନଙ୍କ ଡ୍ରୋନ ଓ ସେଲ ମାଡରେ ମୃତ୍ୟୁବରଣ କରିଥିବା ପରିବାରଗୁଡିକର ଜଣେ ଲେଖାଏଁ ବ୍ୟକ୍ତିଙ୍କୁ ନିଯୁକ୍ତି ପତ୍ର ବଂଟନ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଶାହଙ୍କ ପୂର୍ବରୁ ଲୋକସଭାରେ ବିରୋଧି ଦଳ ନେତା ରାହୁଲ ଗାନ୍ଧୀ, ତୃଣମୂଳ କଂଗ୍ରେସ (ଟିଏମସି)ର ଏକ ଉଚ୍ଚସ୍ତରୀୟ ନେତୃମଣ୍ଡଳୀ ଏବଂ ଜାମ୍ମୁ-କାଶ୍ମୀରର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲାଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ନେତମାନେ ପ୍ରଭିବତ ଅଂଚଳ ଗସ୍ତ କରିଥିଲେ। ଏହି ନେତାମାନଙ୍କ ସୀମାନ୍ତ ଅଂଚଳ ଗସ୍ତ ପ୍ରଭାବିତ ଲୋକଙ୍କ ଭୟ ଓ ଦୁଃଖ କେତେକ ପରିମାଣରେ ଦୂର କରିବାରେ ସହାୟକ ହୋଇଥିବା କୁହାଯାଏ। କେବଳ ଏତିକି ନୁହେଁ, ପିଡିତଙ୍କ ମନୋବଳକୁ ଦୃଢ଼ କରିବାରେ ସହାୟକ ହୋଇଥିବା ମଧ କୁହାଯାଇଛି। ସେହିପରି ଭାରତ-ପାକିସ୍ତାନ ଯୁଦ୍ଧ ବିରତି'ର ଏକ୍ସପାରୀ ଡେଟ(ଅନ୍ତଦିବସ) ନଥିବା ନେଇ ଭାରତୀୟ ସେନା ବାହିନୀର ଘୋଷଣା ସୀମାନ୍ତ ବାସୀଙ୍କ ପାଇଁ ମଧ ଆଶ୍ୱସ୍ତି ଆଣିଦେଇଛି। କହିବା ବାହୁଲ୍ୟ ଯେ, ଯୁଦ୍ଧ ବିରତି ଯୋଗୁଁ ପ୍ରଭାବିତ ଅଂଚଳର ପରିସ୍ଥିତି ସ୍ୱାଭାବିକ ହେବା ସହ ନିରାପଦ ସ୍ଥାନରେ ଆଶ୍ରୟ ନେଇଥିବା ଜନସାଧାରଣ ଇତିମଧ୍ୟରେ ନିଜ ନିଜ ଘର ଫେରି ଆସିଲେଣି। ଆହୁରି କେନ୍ଦ୍ରଶାସିତ ଅଂଚଳର ସରକାର ପ୍ରଭାବିତ ଲୋକଙ୍କ ଦାବି ପୂରଣ ପାଇଁ ଏବେ ବ୍ୟାପକ ପ୍ୟାକେଜ ପ୍ରସ୍ତୁତ କରିବାରେ ଲାଗିଛନ୍ତି। ଯାହାକି ଖୁବ ଶୀଘ୍ର ଘୋଷଣା ହେବାର ସମ୍ଭାବନା ରହିଛି। ତେବେ ଏକ ନିର୍ଭରଯୋଗ୍ୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ବାସଗୃହ ପାଇଁ ୧ଲକ୍ଷ ୨୦ହଜାର ଟଙ୍କା ସହାୟତା ଦେବାକୁ ନିଷ୍ପତି ଗ୍ରହଣ କରିଛନ୍ତି। ଯାହା ଯଥେଷ୍ଟ ନୁହେଁ ବୋଲି ପିଡିତ ପରିବାର କହିଛନ୍ତି। ସେମାନେ ବହୁତଳ ବିଶିଷ୍ଟ କୋଠାଘର ଦାବି କରିଥିବା ଜଣାଯାଏ। ଏହା ସତ୍ତ୍ୱେ କେନ୍ଦ୍ର ସରକାର ବା ଶାହଙ୍କ ରିଲିଫ ପ୍ୟାକେଜ ପିଡିତଙ୍କ ମନରେ ନୂତନ ଆଶାର କିରଣ ସୃଷ୍ଟି କରିଛି। ଉଲ୍ଲେଖଯୋଗ୍ୟ ଯେ, ସୀମାନ୍ତରେ କେନ୍ଦ୍ର ସରକାର ୯୫୦୦ବଙ୍କର ରହିଛି। ସେଥିମଧ୍ୟରୁ ଜାମ୍ମୁ ଡିଭିଜନର ୮୦୦୦ ବଙ୍କର ଥିବାବେଳେ କାଶ୍ମୀର ଉପତ୍ୟକାରେ ୧୫୦୦ଟି ରହିଛି। ତେବେ ସୀମାନ୍ତ ଇଲାକାରେ ବ୍ୟକ୍ତିଗତ ବଙ୍କର ନିର୍ମାଣ ପାଇଁ ଦାବି ଏବେ ଯୋର ଧରିଛି। କେନ୍ଦ୍ର ଓ କେନ୍ଦ୍ରଶାସିତ ଅଂଚଳ ସରକାର ମିଳିତ ଭାବେ ପିଡିତ ସୀମାନ୍ତ ବାସୀଙ୍କ ସମସ୍ୟା ସ୍ଥାୟୀ ଭାବେ ସମାଧାନ କରିବା ଉଚିତ।

**ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨ ମୋବାଇଲ: ୭୯୭୮୬୬୭୪୦୩**

# କରି କରାଉଥାଏ ମୁହିଁ



ଉତ୍କଳାନନ୍ଦ ଅଜୟ କୁମାର ବେହେରା

ପ୍ରଭୁ କରନ୍ତି, ପୁଣି କରାନ୍ତି ସେହି କେବଳ ମୁଁ ଉଚ୍ଚାରଣ କରିପାରନ୍ତି। ମୁଁ କୁ ଇଂରାଜୀରେ ଆଇ କୁହାଯାଏ। ମୋରକୁ ମାଇଁ କୁହାଯାଏ। ଆଇ ଅକ୍ଷର ଏକ ଶାଳକା, ଆକାର ଉର୍ଦ୍ଧ୍ୱରେ ଲାଠିଖାତନା ଦୃଶ୍ୟରେ ଏକ ଲମ୍ବା କାଗଜର ଖାମ ଗୋଟିଏ ବହୁ, ଗୋଟିଏ ଆଲମିରା, ଗୋଟିଏ ଖାତା ଗୋଟିଏ କଲମ, କୌଣସି ଖୁଣ୍ଟ ପିଲାର। ଏକ ପିଲାର ଖମ୍ବକୁ ଦେଖାଇ ରାଜା - ପ୍ରଜା, ବାପ-ପୁଅ, ବର୍ତ୍ତମାନ-ଭବିଷ୍ୟତରେ ଏଇ ଆଇ ଉପରେ ଆସିଥିଲା ତର୍କ। ରାଜା, ପିତା, ବର୍ତ୍ତମାନ ପ୍ରଶ୍ନ କରୁଛି କିଏ ସେ ଭଗବାନ କେଉଁଠି ତାର ବାସ କେଉଁଠି ସେ ଅଛି? ପ୍ରଜା, ପୁଅ, ଭବିଷ୍ୟତ କହୁଛି, ଏହି ଖମ୍ବରେ ସେ ବି ଅଛନ୍ତି, ହେଲେ ସେ ସର୍ବତ୍ର ଅଛନ୍ତି ଆମର ଆମର ଏହି ସନ୍ନିକଟ ସ୍ତମ୍ଭରେ ସେ ଅଛନ୍ତି। ସେ ଆମକୁ ରକ୍ଷା କରନ୍ତି। ଏ ଖମ୍ବ ବି ଘରକୁ ଟେକିଧରି ଆମକୁ ଖରାବର୍ଷା, ଚୋର ଭୟରୁ ରକ୍ଷା କରୁଛି। ମଦାନ୍ଧ ବା ରାଜଶକ୍ତିର ମୁଖ୍ୟଧିକାରୀର ଅନ୍ଧ, ମୁଁ ତୋର ବାପା ମୋର ଉଚ୍ଚାରଣ ଭୁଲ ହେଲେ ବି ତୋତେ ମାନିବାକୁ ହେବ। ଏଥିରେ ସେ ବିନମ୍ରରେ ଅସ୍ୱୀକାର କରିଥିଲେ। କାରଣ ଈଶ୍ୱର ହିଁ ସତ୍ୟ।

ଶ୍ରୀକ୍ଷେତ୍ରରେ ଚତୁର୍ଦ୍ଧାମୂର୍ତ୍ତି ରତ୍ନସିଂହାସନରେ ଆସୀନ। ଏ ମଧ୍ୟରେ ଜଗନ୍ନାଥଙ୍କ ବାମପଟରେ ସୁଦର୍ଶନ। ସୁଦର୍ଶନ ଦାରୁ ନିର୍ମିତ ବିଗ୍ରହ, ଯେ ଏକ ଦଣ୍ଡବୃତ୍ତି ବିଗ୍ରହ, ଯେ ଇଂରାଜୀରେ ଆଇ ଅକ୍ଷର ପରି ରହିଛନ୍ତି। ଶାସ୍ତ୍ରମତ ପ୍ରଭୁଙ୍କ ହାତର ଆୟୁଧ ସୁଦର୍ଶନ ଚକ୍ର, ମାତ୍ର ଏଠାରେ ଭକ୍ତ ଦର୍ଶନରେ ଓ ଭକ୍ତ ରକ୍ଷଣରେ ସେ ଦଣ୍ଡ ଭାବିଲେ ଆଶ୍ଚର୍ଯ୍ୟ ଲାଗିବ ନିଶ୍ଚୟ। ଚକ୍ର କେମିତି ଦଣ୍ଡ ଆକୃତିର ପୂଜିତ। ମାମେକଂ ଶରଣଂବ୍ରଜ। ଗୀତାରେ ଭଗବାନ ଏ କଥା ଅର୍ଜୁନଙ୍କୁ ସମ୍ମୁଖରେ ରଖି ସମସ୍ତ ଭକ୍ତମାନଙ୍କୁ ଆହ୍ୱାନ କରୁଛନ୍ତି। ପ୍ରଭୁଙ୍କ ଆୟୁଧର ବଳ ସଭିଏଁ ଜାଣନ୍ତି। ସେତ ଆଇ ଅକ୍ଷର ତାଙ୍କର ମୁଁ ତ୍ୱ କିନ୍ତୁ ବିକାରଯୁକତ, କାରଣ ସେ ହିରଣ୍ୟକଶିପୁ ରାକ୍ଷସ ମାରଣରେ ପ୍ରଭୁଙ୍କୁ ସହାୟତାରେ ନଥିଲେ। ତେବେ ସେ ହାତ ନଥିବା ଯୋଗମାୟା। ସୁଭଦ୍ରାଙ୍କର ରଥରେ ସେ ଗୁଣ୍ଡିଚା ଯାତ୍ରାରେ ବାହାରନ୍ତି ଲୋକେ ତାଙ୍କର ପହଣ୍ଡି ଦେଖନ୍ତି। ଲୋକେ ତାଙ୍କୁ ଅପୂର୍ବ କ୍ଷମତା, ଜଗନ୍ନାଥଙ୍କର ବାମାଙ୍ଗରେ ରହି ସର୍ବତ୍ର କର୍ମମୁଖର ସେ ସୁଦର୍ଶନ ଚକ୍ର ଯେ ଉତ୍ତମ ଦେଖିପାରନ୍ତି। ଦେବ ଶକ୍ତି ବିରୁଦ୍ଧାଚାରୀଙ୍କୁ ସେ ସନାକ୍ତ କରନ୍ତି। ରାଜା ଅମ୍ବରୀଶଙ୍କ ଏକାଦଶୀ ବ୍ରତ ପାଳନ ବାରଣରେ ପ୍ରତିବନ୍ଧକ ସାଜିଥିବା ଦୁର୍ବାସା ପରି ସିଦ୍ଧ ଋଷିଙ୍କୁ ସେ ଛାଡ଼ି ନଥିଲେ। ଏମିତିକି ଦ୍ୱାପର ପୁରୁଷୋତ୍ତମ ଶ୍ରୀକୃଷ୍ଣଙ୍କର ପୁତ୍ର ପ୍ରଦ୍ୟୁମ୍ନକୁ ନାଶ ପାଇଁ ପ୍ରୟୋଗ ପାଇଁ ଆଦେଶ ବାଧ ହୋଇ ମାନିଲେ ବି ଆଉ ଶ୍ରୀକୃଷ୍ଣଙ୍କ ପାଖକୁ ଫେରି ନଥିଲେ। ସେ ଅନ୍ୟାୟ ସହ୍ୟ କରିପାରନ୍ତି ନାହିଁ। ଚକ୍ର ଘୁରୁଛି, କେତେଚକ୍ର ଘୁରୁଛି ସେକେଣ୍ଡର ଚକ୍ରଥରେ ୩୬୦ ଅଂଶ ଘୁରିଲେ ମିନିଟ ଚକ୍ର ଏକ ଅଂଶ ବା ଏକ ଘଣ୍ଟା ଯାଏ। ଏମିତି କ୍ରମରେ ବର୍ଷ ସମ୍ବତ୍ସର, ଶାକାବ୍ଦ ଯୁଗରେ ଯୁଗ କଳ୍ପ କଳ୍ପ ସମୟ ମହାଚକ୍ରକୁ ଏଇ ସୁଦର୍ଶନ ଚକ୍ର ଅବଲୋକ କରିଚାଲିଛି। ତାଙ୍କର ଯେ ବିଶ୍ରାମ ନାହିଁ ଯେ ଅନ୍ୟାୟ ଅନିତି କଲା ସେ ସେ ଚକ୍ରରେ ଛେଦ ହେବ ହିଁ ହେବ। ସେ କହିପାରନ୍ତି ବଙ୍ଗଳାରେ "ଆମାର ଆମି' ଓଡ଼ିଆରେ "ମୋର ମୁଁ, ଏଇ ଆଇ ଅକ୍ଷର ସଦୃଶରେ ପ୍ରତିଷ୍ଠାର ସାଫଲ୍ୟ ମିଳୁଛି।

କିଏ ରହିବ ସାରା ପୃଥିବୀକୁ ଭୋଗ କରିବ, ପୃଥିବୀ ତ ଏକ ପିଣ୍ଡୁଳା ମାଟିର ପିଣ୍ଡୁଳା, କୁମ୍ଭକାର ଚକ୍ରରେ ମାଟି ପିଣ୍ଡୁଳା ଘୁରିବା ପରି ଏ ମାଟି ଘୁରୁଛି। ଏଠାରେ ସୁଦର୍ଶନଙ୍କର ଲୀଳା ରହିଛି। କୁମ୍ଭକାର ଚକ୍ର ଯେ ସୁଦର୍ଶନଙ୍କର ଧର୍ମୀ। ଭଗବାନ ଚକ୍ରୀ ଆଉ କୁମ୍ଭକାର ବି ଚକ୍ରୀରେ ଡକାପଡନ୍ତି। ମାଟି ପାଇଁ କେତେ ଝଗଡ଼ା ରକ୍ତପାତ ଚାଲି ଆସୁଛି, ଚାଲିଛି, ଚାଲିବ ଏହା ଅସରନ୍ତି। ମାଟିରୁ କେତେ ଘଟ ଏ ଘଟମାନେ ସମୟକୁ ଭାଙ୍ଗୁଛନ୍ତି ନଷ୍ଟ ହେଉଛି। ସମସ୍ତେ ଖପରା ଦେଖୁଛନ୍ତି ତଥାପି ଲୋଭ ଛାଡୁନାହିଁ ଏକ ପେଟ ପାଇଁ କେତେ ଖାଇବେ ଏକଥା ଭାବୁନାହାଁନ୍ତି? ଜଣେ ରାଜନେତ୍ରୀଙ୍କର ଘର ରେଡ଼ ବେଳେ ମିଳିଥିଲା ୫୦୦ ହଳ ଚପଲ ଜୋତା, ଜଣେ ଲୋକ କେତେ ବେଳେ ଏହା ପିନ୍ଧନ୍ତି। ସେ ଚାଲିଗଲାପରେ କଣ ତାଙ୍କ ଚପଲର ପଦର୍ଶନୀ ଲୋକେ ଦେଖିବେ କି? ଏକ ଶୟନ କକ୍ଷରେ ଏକ ପଲଙ୍କ ଖଟରେ ବ୍ୟକ୍ତିର ରାତ୍ରୀଯାପନ ବିଶ୍ରାମ ତେବେ ଶହ ଶହ ଦାମୀ ପଲଙ୍କର ମାଲିକ ହୋଇ କଣ ଫାଏଦା? ସମଗ୍ର ଭାରତ ବର୍ଷ ଜଣେ ପ୍ରଧାନମନ୍ତ୍ରୀ ଜଣେ ରାଷ୍ଟ୍ରପତି ଜଣେ ପ୍ରଧାନ ବିଚାରପତି, ଯଦି ସମସ୍ତେ ନିଜକୁ ଏ ପଦବୀ ଧାରୀ ହେବାକୁ ଚାହିଁବେ ଏହା କି ସମ୍ଭବ? ମାଟି ଦଖଲ ଚିନ୍ତା ସହିତ ପଦବୀ ଦଖଲ ଚିନ୍ତା ଏ ପାଇଁ ତପସ୍ୟା ଦରକାର ସାଧନା ଦରକାର ଏହା ନକରି ଛନ୍ଦଣ ମନ୍ଦଣ ପଥରେ ଗଲେ ଆୟୁ ଅଛି ତ? ଏକଥାରେ ସେହି ଭାବନା ଆଶୁଛନ୍ତି ପତଙ୍ଗ ପ୍ରଦୀପରେ ଝାସ ଦେଲାପରି ଅବସ୍ଥା ଆସୁଛନ୍ତ। ଏହା ଭକ୍ତେ! ଟିକେ ସ୍ଥିରଚିତ୍ତ ହୁଅ ସମସ୍ତେ ସୀମାରେ ରୁହ ସେ କରନ୍ତି କରାନ୍ତି ଏହା ଦୃଢ଼ ଭାବରେ ଜାଣ ତାଙ୍କ ସୁଦର୍ଶନ ସବୁ ଦେଖୁଛି ସବୁ ଅପାର୍ଥଙ୍କୁ ଟାଳୁଛି ଟଳାଉଛି। କ୍ୟାମେରା ଅର୍ଥବ ହେଲେ ସୁଦର୍ଶନ ଅଥର୍ବ ପରି ରହିଲେ ବି ତାର କାର୍ଯ୍ୟକାରୀ ଶକ୍ତି ପ୍ରଚଣ୍ଡ। ହୁଏତ ଯୁଗର ଉଦ୍ଭବନ କେମରା ସୁଦର୍ଶନଙ୍କର ଆଦେଶ ରକ୍ଷା କରି ପୁଞ୍ଜିଭୂତ ଗୋଛା ଗୋଛା ସଂଖ୍ୟାରେ ସର୍ବତ୍ର ବର୍ତ୍ତମାନ ବିରାଜିତ ଏହି କାମେରା ଅଥର୍ବ ହେଲେ ବି ଠିକ ନ୍ୟାୟ ବିଧାନରେ ଦିନେ ଧରାପକାଇବ ଏହା ସତ୍ୟସତ୍ୟ ତ୍ରିବାର ସତ୍ୟ। ହାତେ ହାତେ କ୍ୟାମେରା ଫୋନ, ତାହା ପୁଣି ଦ୍ରୁତ ଟେଲିକାଷ୍ଟ କରିପାରୁଛି। ଏତ କରାଉଛି, ଧରା ପକାଉଛି, ଦଣ୍ଡଭୋକ୍ତା କରାଇବ ପଥା ବାହାର କରୁଛି। ଏବି ସେହି ପ୍ରଭୁ ଚକା ଆଖିଙ୍କ ଲୀଳା ତାଙ୍କ ସୁଦର୍ଶନର କାର୍ଯ୍ୟକାରୀ ଶକ୍ତି। କେହି ରକ୍ଷା ପାଇବା ସମ୍ଭବ ନୁହେଁ ଭାବନ୍ତୁ ଭାଗବତବାଣୀ କରି କରାଉଥାଏ ମୁହିଁ ମୋ ବିନୁ ଆନଗତି ନାହିଁ। ଜଗନ୍ନାଥଙ୍କ ଜଗନ୍ନାଥବାସ ଏପରି କେବେ ଠାରୁ ଲେଖିଛନ୍ତି।

**ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ମୋବାଇଲ୍: ୯୪୩୭୦୩୧୨୫୩**

# ଉତ୍ତର-ପୂର୍ବାଞ୍ଚଳ ରାଜ୍ୟରେ ଲଗାଣ ବର୍ଷା ଜାରି





**ନୂଆଦିଲ୍ଲୀ, ୩।୬:** ଚଳିତ ବର୍ଷର ମୌସୁମୀ କାହା ପାଇଁ କେମିତି ? କେଉଁଠି ପ୍ରଚଣ୍ଡ ଖରାରୁ ଆଶ୍ୱସ୍ତି ତ ଆଉ କେଉଁଠି ଆଣିଛି ଗଭୀର ଦୁଃଖ। ସମୟ ପୂର୍ବରୁ ମୌସୁମୀ ପ୍ରଭାବରେ ଭାରତର ଉତ୍ତର-ପୂର୍ବାଞ୍ଚଳ ରାଜ୍ୟରେ ଗତ ୪ ଦିନ ଧରି ଲଗାଣ ବର୍ଷା ଜାରି ରହିଛି । ବର୍ଷା ବିପ୍ଳାତ ଯୋଗୁଁ ଆସାମ, ସିକ୍କିମ୍, ଅରୁଣାଚଳ ପ୍ରଦେଶ, ତ୍ରିପୁରା ଓ ମଣିପୁର ଆଦି ରାଜ୍ୟରେ ପ୍ରାକୃତିକ ଦୁର୍ବିପାକ ଲାଗି ରହିଛି ।

ରାସ୍ତାଘାଟରେ ପାଣି ଚାଲୁଥିବାରୁ ଡଙ୍ଗାରେ ଯାଉଛନ୍ତି ଲୋକେ। ଲଗାଣ ବର୍ଷା ଯୋଗୁଁ ଆସାମରେ ଭୟଙ୍କର ସ୍ଥିତି ଉପୁଜିଛି, ଆସିଛି ଜଳ ପ୍ରଳୟ । ୨୨ ଜିଲ୍ଲାର ୧୨୫୪ ଗାଁରେ ସାଢ଼େ ୫.୩୫ ଲକ୍ଷ ଲୋକ ବନ୍ୟାରେ ପ୍ରଭାବିତ ହୋଇଛନ୍ତି। ଘର ଦ୍ୱାର ସବୁଠି ପାଣି । ଜଳବନ୍ଦୀରେ ଥିବା ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ଉଦ୍ଧାର କରାଯାଉଛି । ଉଦ୍ଧାର କାର୍ଯ୍ୟରେ ଏନ୍‌ଡିଆର୍‌ଏଫ୍, ଏସ୍‌ଡିଆର୍‌ଏଫ୍ ସହ ବାୟୁସେନା ଓ ସ୍ଥଳସେନା ନିୟୋଜିତ ଅଛନ୍ତି । ବର୍ଷା ସହ ଭୂସ୍ଖଳନ ପାଇଁ ଆସାମରେ ୧୧ ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ବନ୍ୟା ପାଇଁ ଯାତାୟାତ

## ୩୬ ମୃତ, ୫.୫ ଲକ୍ଷ ପ୍ରଭାବିତ

## ଆସାମରେ ୧୧ ମୃତ, ୫.୩୫ ଲକ୍ଷ ପ୍ରଭାବିତ

ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ବ୍ରହ୍ମପୁତ୍ର, ବରାକ ଏବଂ ସୁବାନସିରି ସମେତ ପନ୍ଦର ନଦୀ ବିଭିନ୍ନ ସ୍ଥାନରେ ବିପଦ ସ୍ତର ଉପରେ ପ୍ରବାହିତ ହେଉଛି। ଆସାମ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ କହିଛନ୍ତି ଯେ ଶ୍ରୀଭୂମି, କଛାର ଏବଂ ନାଗାଓଁ ଜିଲ୍ଲା ସବୁଠାରୁ ଅଧିକ ପ୍ରଭାବିତ ହୋଇଛି। ୩୧ ହଜାରରୁ ଅଧିକ ଲୋକ ୧୬୫ ଟି ରିଲିଫ୍ ଶିବିରରେ ଆଶ୍ରୟ ନେଇଛନ୍ତି ଏବଂ ବନ୍ୟା ଯୋଗୁଁ ଗତ ୨୪ ଘଣ୍ଟାରେ ୧୨,୬୧୦ ହେକ୍ଟର ଜମିରେ ଫସଲ ନଷ୍ଟ ହୋଇଛି ଏବଂ ୯୪ ପଶୁ ପ୍ରାଣୀ ମଧ ପ୍ରାଣ ହରାଇଛନ୍ତି। ଆସାମର ବନ୍ୟା ପ୍ରଭାବରେ ରେଳ, ସଡ଼କ ଏବଂ ଫେରି ସେବା ବାଧାପ୍ରାପ୍ତ ହୋଇଛି। ମାଜୁଲି ଏବଂ ଜୋରହାଟ ମଧରେ ଫେରି ଚଳାଚଳ ଲଗାତାର ଦ୍ୱିତୀୟ ଦିନ ପାଇଁ ବନ୍ଦ ରହିଛି। ଜଳବନ୍ଦୀ ଯୋଗୁଁ ସିଲଚରରୁ ଟ୍ରେନ ସେବା ମଧ ବାତିଲ କରାଯାଇଛି।

ଅରୁଣାଚଳ ପ୍ରଦେଶ ଲୋହିତ ଜିଲ୍ଲାରୁ ଆଉ ଜଣକ ମୃତ୍ୟୁ ଖବର ଆସିବା ପରେ ମୃତକଙ୍କ ସଂଖ୍ୟା ୧୦କୁ ବୃଦ୍ଧି ପାଇଛି। ୨୩ଟି ଜିଲ୍ଲାର ୯୦୦ ରୁ ଅଧିକ ଲୋକ ବନ୍ୟା ଏବଂ ଭୂସ୍ଖଳନ ଦ୍ୱାରା ପ୍ରଭାବିତ ହୋଇଛନ୍ତି। ମଙ୍ଗଳବାର ସକାଳେ, ଏକ ଭି-୫ ହେଲିକପ୍ଟର ପାକିୟୋଙ୍ଗ ଗ୍ରୀନଫିଲ୍ଡ ବିମାନବନ୍ଦରରୁ ଉତ୍ତର ସିକିମର ଚାଟେନକୁ ରିଲିଫ କାର୍ଯ୍ୟ ପାଇଁ ୨୩ ଜଣ ଏନଡିଆରଏଫ କର୍ମଚାରୀଙ୍କୁ ନିୟୋଜିତ କରିଛି। ଉତ୍ତର-ପୂର୍ବର ପରିସ୍ଥିତି ଦେଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା, ସିକିମ୍ ମୁଖ୍ୟମନ୍ତ୍ରୀ ପ୍ରେମ ସିଂହ ତମାଙ୍ଗ ଏବଂ ମଣିପୁର ରାଜ୍ୟପାଳ ଅଜୟ ଭଲ୍ଲାଙ୍କ ସହ କଥା ହୋଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ପରିସ୍ଥିତିର ମୁକାବିଲା ପାଇଁ ସମସ୍ତ ସାହାଯ୍ୟ ଏବଂ ସମର୍ଥନର ପ୍ରତିଶ୍ରୁତି ଦେଇଛନ୍ତି। ମିଜୋରାମରେ ପ୍ରବଳ ବର୍ଷା ଯୋଗୁଁ ଭୂସ୍ଖଳନ, କାଦୁଅ ଏବଂ ଜଳବନ୍ଦୀ ହୋଇଥିବାରୁ ସୋମବାର ସମସ୍ତ ସ୍କୁଲ ବନ୍ଦ ରହିଥିଲା। ବର୍ଷା ସମ୍ବନ୍ଧୀୟ ଘଟଣା ଯୋଗୁଁ ମେ ୨୪ ତାରିଖରୁ ତିନି ଜଣ ମିଆଁମାର ଶରଣାର୍ଥୀଙ୍କ ସମେତ ଅତି କମରେ ପାଞ୍ଚ ଜଣଙ୍କର ମୃତ୍ୟୁ ହୋଇଛି। । ମଣିପୁର ମଧ ଭୟଙ୍କର ବନ୍ୟାରେ ଗତି କରୁଛି, ସାରା ରାଜ୍ୟରେ ୧୯,୮୦୦ ରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି ଏବଂ ୩,୦୦୦ ରୁ ଅଧିକ ଘର କ୍ଷତିଗ୍ରସ୍ତ ହୋଇଛି। ଇମ୍ଫାଲ ଏବଂ ଇରିଲ ସମେତ ପ୍ରମୁଖ ନଦୀଗୁଡ଼ିକର ବନ୍ଧ ଭାଙ୍ଗିଛି। ପୂର୍ବୋତ୍ତର ରାଜ୍ୟକୁ ମେ ୨୯ ତାରିଖରେ ମୌସୁମୀ ବାୟୁ ସ୍ପର୍ଶ କରିଥିଲା । ୪ ଦିନ ପରେ ବି ମୌସୁମୀ ବାୟୁ ସେଠାରେ ସକ୍ରିୟ ରହିଛି । ପ୍ରଭାବରେ ମଣିପୁର, ଆସାମ, ଅରୁଣାଚଳ ପ୍ରଦେଶ, ତ୍ରିପୁରା, ମେଘାଳୟ, ମିଜୋରାମ ଓ ସିକ୍କିମରେ ବର୍ଷା ବିପ୍ଳାତ ଜାରି ରହିଛି ।




## କ୍ଷମା ମାଗିଲେନି କମଲ ହାସନ

# କର୍ଣ୍ଣାଟକରେ ରିଲିଜ୍ କରିବେ ନାହିଁ 'ଠଗ୍ ଲାଇଫ'

**ବେଙ୍ଗାଲୁରୁ, ୩।୬:** କନ୍ନଡ଼-ତାମିଲ ଭାଷା ବିବାଦରେ ଫସିଥିବା ଅଭିନେତା କମଲ ହାସନଙ୍କୁ କର୍ଣ୍ଣାଟକ ହାଇକୋର୍ଟ କଡ଼ା ଶବ୍ଦରେ ଭର୍ତ୍ସନା କରିବା ପରେ ବି କ୍ଷମା ମାଗିବାକୁ ମନା କରି ଦେଇଛନ୍ତି। ଏଥିସହ ନିଜର ବହୁ ପ୍ରତୀକ୍ଷିତ ଫିଲ୍ମ 'ଠଗ୍ ଲାଇଫ' ଜୁନ ୫ରେ କର୍ଣ୍ଣାଟକରେ ରିଲିଜ୍ କରିବେ ନାହିଁ ବୋଲି ନିଷ୍ପତ୍ତି ନେଇଛନ୍ତି। ତାଙ୍କର ବୟାନକୁ ନେଇ କର୍ଣ୍ଣାଟକରେ ଜୋରଦାର ବିରୋଧ ଜାରି ରହିଛି। କମଲ ହାସନ କହିଥିଲେ ଯେ, କନ୍ନଡ ଭାଷା ତାମିଲ ଭାଷାରୁ ସୃଷ୍ଟି ହୋଇଛି। ଏହି କାରଣରୁ କର୍ଣ୍ଣାଟକରେ ତାଙ୍କ ଫିଲ୍ମର ରିଲିଜ୍‌କୁ ବିରୋଧ କରାଯାଉଛି ଏବଂ ରାଜ୍ୟରେ କମଲଙ୍କ ଫିଲ୍ମ ଉପରେ କଟକଣା ଲଗାଇବାକୁ ଦାବି ଉଠିଛି। ଅଭିନେତାଙ୍କ ଓକିଲ ଅଦାଲତରେ କହିଛନ୍ତି ଯେ, କମଲ ହାସନ କନ୍ନଡ଼ର ବହୁତ ସମ୍ମାନ କରନ୍ତି ଏବଂ ଏହି ବିଷୟରେ କିଛି କହିବାର ଆଉ କୌଣସି ଆବଶ୍ୟକତା ନାହିଁ। ଅଭିନେତା କ୍ଷମା ମାଗିବାକୁ ମନା କରି ଦେଇଛନ୍ତି। ଏହା ଉପରେ ଅଦାଲତ କହିଛନ୍ତି, ଏହା ଆପଣଙ୍କ ଅହଙ୍କାର ହିଁ କଥା କହୁଛି। ଓକିଲ ଏହା ମଧ କହିଛନ୍ତି ଯେ, ଏବେ ଆମକୁ ଆଉ ସୁରକ୍ଷାର ଆବଶ୍ୟକତା ନାହିଁ, କାରଣ ଆମେ କର୍ଣ୍ଣାଟକରେ ଫିଲ୍ମ ରିଲିଜ୍ କରୁନାହୁଁ। ଜୁନ ୧୦ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। କମଲ କହିଛନ୍ତି, ମୋର ଶବ୍ଦର ଉଦ୍ଦେଶ୍ୟ କେବଳ ଏହା ଜଣାଇବାର ଥିଲା ଯେ, ଆମେ ସମସ୍ତେ ଗୋଟିଏ ପରିବାରର। ମୁଁ କଦାପି କନ୍ନଡ଼କୁ ଦୁର୍ବଳ ଭାବେ ଚିତ୍ରଣ କରିବାକୁ ଚାହିଁନି। କନ୍ନଡ ଭାଷାର ସମୃଦ୍ଧ ଐତିହ୍ୟ ଉପରେ କୌଣସି ବିବାଦ କିମ୍ବା ବିତର୍କ ନାହିଁ। ତାମିଲ ପରି କନ୍ନଡରେ ମଧ ଏକ ଗୌରବମୟ ସାହିତ୍ୟିକ ଏବଂ ସାଂସ୍କୃତିକ ପରମ୍ପରା ଅଛି ଯାହାକୁ ମୁଁ ବହୁତ ଦିନ ଧରି ପ୍ରଶଂସା କରିଆସୁଛି। ପ୍ରଡକ୍ସନ ହାଉସ ପକ୍ଷରୁ ହାଜର ବରିଷ୍ଠ ଆଇନଜୀବୀ ଧ୍ୟାନ ଚିନ୍ନପା କହିଛନ୍ତି, କମଲ ହାସନ ସର୍ବଦା କନ୍ନଡ଼ର ପ୍ରଶଂସା କରିଛନ୍ତି ଏବଂ ତାଙ୍କ ବୟାନର ଉଦ୍ଦେଶ୍ୟ ଅପମାନ କରିବା ନ ଥିଲା। ହେଲେ ନ୍ୟାୟାଳୟ ଏଥିରେ ସହମତ ହୋଇ ନ ଥିଲେ। ଅଦାଲତ କହିଛନ୍ତି, ଆପଣ ନିଜର ବ୍ୟବସାୟିକ ହିତ ପାଇଁ ଏଠାକୁ ଆସିଛନ୍ତି। ଏଥିପାଇଁ ଆପଣଙ୍କ ଦ୍ୱାରା ଉତ୍ପନ୍ନ ସ୍ଥିତି ସମୟରେ ଆପଣଙ୍କୁ ପୁଲିସର ସୁରକ୍ଷା ଦରକାର। ଗୋଟିଏ କ୍ଷମାରେ ସବୁ କିଛି ସମାଧାନ ହୋଇଯିବ। କୋର୍ଟ ରାଜକମଲ ଫିଲ୍ମ ଇଣ୍ଟରନ୍ୟାସନାଲ ଦ୍ୱାରା ଦାଖଲ ଯାଚିକା ଉପରେ ଶୁଣାଣି କରୁଥିଲେ। ଯାଚିକାରେ କର୍ଣ୍ଣାଟକରେ ଠଗ୍ ଲାଇଫର ସୂଚାରୁ ରୂପେ ସ୍କ୍ରିନିଂ ସୁନିଶ୍ଚିତ କରିବା ପାଇଁ ସୁରକ୍ଷା ଓ ନିର୍ଦ୍ଦେଶ ଦେବାକୁ ଦାବି କରାଯାଇଥିଲା।

## ଦେଶ ବିରୋଧୀ କାର୍ଯ୍ୟକଳାପ ଅଭିଯୋଗ

# ୩ ସରକାରୀ କର୍ମଚାରୀ ବହିଷ୍କାର



**ଶ୍ରୀନଗର, ୩।୬:** ଜମ୍ମୁ ଓ କାଶ୍ମୀରର ଲେଫ୍ଟନାଣ୍ଟ ରାଜ୍ୟପାଳ ମନୋଜ ସିହ୍ନା ମଙ୍ଗଳବାର ଦିନ ଭାରତୀୟ ସମ୍ବିଧାନର ଧାରା ୩୧୧ ଅନୁଯାୟୀ ଦେଶ ବିରୋଧୀ କାର୍ଯ୍ୟକଳାପ ପାଇଁ ଜଣେ ପୁଲିସ କର୍ମଚାରୀ ଏବଂ ଜଣେ ଶିକ୍ଷକ ସମେତ ତିନି ଜଣ ସରକାରୀ କର୍ମଚାରୀଙ୍କୁ ବହିଷ୍କାର କରିଛନ୍ତି। ବହିଷ୍କାର କର୍ମଚାରୀ ମଲିକ ଇଶଫାକ ନାସିର ମଲିକପୋରା, ଅନନ୍ତନାଗ (ଜମ୍ମୁ ଓ କାଶ୍ମୀର ପୁଲିସରେ କନଷ୍ଟେବଲ), ୱାସିମ ଅହମ୍ମଦ ଖାନ ନିବାସୀ ନ୍ୟୁ କଲୋନୀ, ବାଟାମାଲୁ ଶ୍ରୀନଗର (ସ୍ୱାସ୍ଥ୍ୟ ଏବଂ ଚିକିତ୍ସା ଶିକ୍ଷା ବିଭାଗରେ ଜୁନିଅର ସହାୟକ) ଏବଂ ଐଜାଜ ଅହମ୍ମଦ ସୁରନକୋଟ ପୁଞ୍ଛ (ସ୍କୁଲ ଶିକ୍ଷା ବିଭାଗର ଶିକ୍ଷକ) ଭାବରେ ଚିହ୍ନଟ କରାଯାଇଛି। ସମାନ ଶବ୍ଦରେ ବହିଷ୍କାର ଆଦେଶରେ କୁହାଯାଇଛି ଯେ ପ୍ରତ୍ୟେକ ମାମଲାର ତଥ୍ୟ ଏବଂ ପରିସ୍ଥିତି ବିଚାର କରିବା ପରେ ଉପ ରାଜ୍ୟପାଳ ତିନି ଜଣ କର୍ମଚାରୀଙ୍କ କାର୍ଯ୍ୟକଳାପ ଚାକିରିରୁ ବହିଷ୍କାର ହେବା ଉଚିତ ବୋଲି ଅନୁଭବ କରିଥିଲେ। ସରକାରୀ ଆଦେଶରେ କୁହାଯାଇଛି ଯେ ଉପରାଜ୍ୟପାଳ ଭାରତୀୟ ସମ୍ବିଧାନର ଧାରା ୩୧୧ ର ଧାରା (୨) ର ସର୍ତ୍ତାବଳୀର ଉପ-ଧାରା (ସି) ଅନୁଯାୟୀ ରାଜ୍ୟର ସୁରକ୍ଷା ସ୍ୱାର୍ଥରେ ତୁରନ୍ତ ପ୍ରଭାବରୁ ତିନି ଜଣଙ୍କୁ ଚାକିରିରୁ ବହିଷ୍କାର କରିଛନ୍ତି। ଉପରାଜ୍ୟପାଳ ଏପର୍ଯ୍ୟନ୍ତ ଭାରତୀୟ ସମ୍ବିଧାନର ଧାରା ୩୧୧ ବ୍ୟବହାର କରି ଦେଶ ବିରୋଧୀ କାର୍ଯ୍ୟକଳାପ ପାଇଁ ୭୦ ରୁ ଅଧିକ ସରକାରୀ କର୍ମଚାରୀଙ୍କୁ ବହିଷ୍କାର କରିସାରିଲେଣି।

## ପାକିସ୍ତାନକୁ ଦେଉଥିଲା ଗୁପ୍ତ ତଥ୍ୟ

# ପଞ୍ଜାବ ଗୁପ୍ତଚରକୁ ଗିରଫ କଲା ପୁଲିସ୍

**ଲୁଧିଆନା, ୩।୬:** ପାକିସ୍ତାନର ଗୁପ୍ତଚର ସଂସ୍ଥା ଆଇଏସ୍‌ଆଇ ଏବଂ ଶୀର୍ଷ ଖଲିସ୍ତାନୀ ଆତଙ୍କବାଦୀ ଗୋପାଳ ସିଂହ ଚାୱଲାଙ୍କ ସହ ଦୃଢ଼ ସମ୍ପର୍କ ଥିବା ଜଣେ ଅଭିଯୁକ୍ତ ଗୁପ୍ତଚରକୁ ମଙ୍ଗଳବାର ଦିନ ପଞ୍ଜାବ ପୁଲିସ୍ ଗିରଫ କରିଛି। ଅଭିଯୁକ୍ତ ବର୍ଷ ବର୍ଷ ଧରି ସୀମା ସେପାଖରେ ଥିବା ଏଜେଣ୍ଟମାନଙ୍କୁ ସେନା ଗତିବିଧି ବିଷୟରେ ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରଦାନ କରି ଆସୁଥିଲା। ଯେଉଁଥିରେ 'ଅପରେସନ ସିନ୍ଦୂର' ମଧ ସାମିଲ ଅଛି। ଅଧିକାରୀମାନେ କହିଛନ୍ତି ଯେ ଗିରଫ ଅଭିଯୁକ୍ତ ଗଗନଦୀପ ସିଂହ ଅପରେସନ ସିନ୍ଦୂର ସମୟରେ ସୈନ୍ୟ ନିୟୋଜନ ଏବଂ ରଣନୈତିକ ସ୍ଥାନର ବିବରଣୀ ସମେତ ସମ୍ବେଦନଶୀଳ ଗୋପନୀୟ ସୂଚନା ପ୍ରଦାନ କରିଥିଲେ। ଯାହା ଜାତୀୟ ସୁରକ୍ଷା ପାଇଁ ଏକ ଗମ୍ଭୀର ବିପଦ ସୃଷ୍ଟି କରିଛି। ପ୍ରାଥମିକ ତଦନ୍ତରୁ ଜଣାପଡିଛି ଯେ ଗଗନଦୀପ ସିଂହ ଗତ ପାଞ୍ଚ ବର୍ଷ ଧରି ପାକିସ୍ତାନସ୍ଥିତ ଖଲିସ୍ତାନୀ ସମର୍ଥକ ଗୋପାଳ ସିଂହ ଚାୱଲାଙ୍କ ସହ ଯୋଗାଯୋଗରେ ଥିଲେ। ଯାହାଙ୍କ ମାଧମରେ ସେ ପାକିସ୍ତାନୀ ଗୁଇନ୍ଦା ସଂସ୍ଥା (ପିଆଇଓ) ସହିତ ପରିଚିତ ହୋଇଥିଲେ। ସେ ଭାରତୀୟ ଚ୍ୟାନେଲ ମାଧମରେ ପିଆଇଓଙ୍କଠାରୁ ପେମେଣ୍ଟ ମଧ ପାଉଥିଲେ ବୋଲି ପଞ୍ଜାବ ପୁଲିସର ମହାନିର୍ଦ୍ଦେଶକ ଗୌରବ ଯାଦବ କହିଛନ୍ତି। ପୁଲିସର କହିବା ଅନୁଯାୟୀ, ତାଙ୍କଠାରୁ ଉଦ୍ଧାର ହୋଇଥିବା ମୋବାଇଲ୍ ଫୋନ୍ ତାଙ୍କ ପାକିସ୍ତାନ ଏଜେଣ୍ଟମାନଙ୍କ ସହ ସେ ଦେଇଥିବା ଗୁପ୍ତ ସୂଚନା ବିଷୟରେ ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରକାଶ କରିଛି।

# ଦୁଇ ଦୋଷୀଙ୍କୁ ମିଳିଲା ମୃତ୍ୟୁଦଣ୍ଡ



**ପାଟନା, ୩।୬:** ମଧୁବନୀ ଜିଲ୍ଲାର ଏକ କୋର୍ଟ ମଙ୍ଗଳବାର ଦିନ ଜଣେ ୮ ବର୍ଷୀୟ ଦଳିତ ଝିଅକୁ ଗଣଦୁଷ୍କର୍ମ ଏବଂ ହତ୍ୟା ମାମଲାରେ ଦୁଇ ଜଣ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ମୃତ୍ୟୁଦଣ୍ଡରେ ଦଣ୍ଡିତ କରିଛନ୍ତି। ଦୋଷୀ ସାବ୍ୟସ୍ତ ସୁଶୀଲ କୁମାର ରାୟ ଏବଂ ଓମ୍ ପ୍ରକାଶ ଝାଙ୍କୁ ମିଳିଛି ଏହି ମୃତ୍ୟୁଦଣ୍ଡ। ମଧୁବନୀ ପକ୍ସୋ କୋର୍ଟର ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ସୟଦ ମହମ୍ମଦ ଫଜଲୁଲ୍ ବାରୀ ସରକାରୀ ଓକିଲ ଏବଂ ପ୍ରତିପକ୍ଷଙ୍କ ମାମଲା ଶୁଣିବା ପରେ ଏହି ରାୟ ଦେଇଛନ୍ତି। କୋର୍ଟ ଅଭିଯୁକ୍ତଙ୍କ ଉପରେ ପ୍ରତ୍ୟେକଙ୍କୁ ୧.୨୦ ଲକ୍ଷ ଟଙ୍କା ଜରିମାନା ମଧ୍ୟ କରିଛନ୍ତି। କୋର୍ଟ ତାଙ୍କ ଆଦେଶରେ କହିଛନ୍ତି ଯେ ଦୁଇ ଦୋଷୀଙ୍କ ଠାରୁ ଜରିମାନା ଭାବରେ ଆଦାୟ ହୋଇଥିବା ଅର୍ଥ ପୀଡିତାଙ୍କ ପରିବାରକୁ ଦିଆଯିବ। ଏହା ସହିତ କୋର୍ଟ ସରକାରଙ୍କୁ କ୍ଷତିପୂରଣ ବାବଦରେ ବଳାତ୍କାର ପୀଡିତାଙ୍କ ପରିବାରକୁ ୮ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୩ ମସିହାରେ ମଧୁବନୀ ଜିଲ୍ଲାର ଏକ ଗାଁରେ ଏହି ନିର୍ମମ ବଳାତ୍କାର ଏବଂ ହତ୍ୟା ମାମଲା ଘଟିଥିଲା। କୋର୍ଟ ପର୍ଯ୍ୟବେକ୍ଷଣ କରିଛନ୍ତି ଯେ ଏହି ଘଟଣା 'ବିରଳରୁ ବିରଳତମ' ବର୍ଗରେ ଆସୁଛି ଏବଂ ଅଭିଯୁକ୍ତଙ୍କୁ ଦିଆଯାଇଥିବା କଠୋର ଦଣ୍ଡ ମହିଳାମାନଙ୍କ ବିରୁଦ୍ଧରେ ଅପରାଧ ଘଟାଇବା ରୋକିବା ପାଇଁ କାର୍ଯ୍ୟ କରିବ। କୋର୍ଟ ଆହୁରି କହିଛନ୍ତି ଯେ ଦୋଷୀକୁ ମୃତ୍ୟୁଦଣ୍ଡ ଦିଆଯାଇଛି, ଯାହା ପୀଡିତାଙ୍କ ପରିବାରକୁ ନ୍ୟାୟ ପ୍ରଦାନ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

## ଅଜବ ପ୍ରେମ କି ଗଜବ କାହାଣୀ

# ୩୦ ବର୍ଷର ସାନ ପ୍ରେମିକ ସହ ବୃଦ୍ଧା ଫେରାର

**ଲକ୍ଷ୍ନୌ, ୩।୬:** ପ୍ରେମ ମାନେନା ଜାତି, ଧର୍ମ, ବୟସ। କେତେବେଳେ କେମିତି କାହାର କାହା ସହିତ ପ୍ରେମ ହୋଇଯିବ କେହି ଜାଣେନା। ଜଣେ ବୃଦ୍ଧା ତାଙ୍କ ଠୁ ୩୦ ବର୍ଷ ସାନ ପ୍ରେମିକ ସହ ଫେରାର ହୋଇଯାଇଛନ୍ତି। ଏପରି ଏକ ଅଦ୍ଭୁତ ଓ ଆଶ୍ଚର୍ଯ୍ୟଜନକ ପ୍ରେମ କାହାଣୀ ଉତ୍ତର ପ୍ରଦେଶର ଲଳିତପୁର ଜିଲ୍ଲା ବୁନ୍ଦେଲଖଣ୍ଡରୁ ଆସିଛି। ଯାହା କିଛି ବର୍ଷ ତଳେ ରିଲିଜ ହୋଇଥିବା ବଲିଉଡ ସିନେମା ଅଜବ ପ୍ରେମ କି ଗଜବ କହାଣୀକୁ ମନେ ପକାଇ ଦେଇଛି। ୪ ବିବାହିତ ପୁଅଙ୍କର ମାଆ ତାଙ୍କଠାରୁ ୩୦ବର୍ଷ ସାନ ପ୍ରେମିକଙ୍କ ସହ ଘରୁ ଲୁଚି ପଳାଇ ଯାଇଛନ୍ତି। ବୃଦ୍ଧା ଜଣକ ଘରୁ ପଳାଇବା ସମୟରେ ତାଙ୍କ ବୋହୂମାନଙ୍କର ସମସ୍ତ ଅଳଙ୍କାର ତାଙ୍କ ସହିତ ନେଇଯାଇଛନ୍ତି। ପରିବାର ଲୋକେ ଅଭିଯୋଗ କରିଛନ୍ତି ଯେ, ପୁଲିସ ସେମାନଙ୍କ ଅଭିଯୋଗ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ଏନେଇ ସେମାନେ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ନ୍ୟାୟ ପାଇଁ ଏକ ଚିଠି ଲେଖିଛନ୍ତି। ଲଳିତପୁରର ଜାଖୋରା ଥାନା ବୁନ୍ଦେଲଖଣ୍ଡ ଗାଁରୁ ସାମ୍ନାକୁ ଆସିଥିବା ଏହି ପ୍ରେମ ମାମଲା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ବୃଦ୍ଧ ମହିଳାଙ୍କ ସ୍ୱାମୀ କହିଛନ୍ତି ଯେ ତାଙ୍କ ସ୍ତ୍ରୀଙ୍କର ଜଣେ ୩୦ ବର୍ଷୀୟ ଯୁବକଙ୍କ ସହିତ ପ୍ରେମ ସମ୍ପର୍କ ଥିଲା। ପ୍ରାୟ ୨୦ ଦିନ ପୂର୍ବେ କାହାକୁ କିଛି ନଜଣାଇ ସେ ସେହି ଯୁବକଙ୍କ ସହିତ ଘରୁ ଲୁଚି ପଳାଇଛନ୍ତି। ଗଲାବେଳେ ସେ ତାଙ୍କ ଚାରି ବୋହୂଙ୍କ ମୂଲ୍ୟବାନ ଅଳଙ୍କାର ମଧ୍ୟ ସାଙ୍ଗରେ ନେଇଯାଇଛନ୍ତି। ସ୍ୱାମୀ କହିଛନ୍ତି, ସେ ଏ ସମ୍ପର୍କରେ ଜାଖୋରା ପୁଲିସ ଷ୍ଟେସନରେ ଅଭିଯୋଗ କରିଥିଲେ, କିନ୍ତୁ ପୁଲିସ କୌଣସି ଠୋସ୍ କାର୍ଯ୍ୟାନୁଷ୍ଠାନ ନେଇ ନଥିଲା। ପୁଲିସର ନିଷ୍କ୍ରିୟତାରେ ନିରାଶ ହୋଇ ପରିବାର ସଦସ୍ୟ ଏବେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ଏକ ଚିଠି ଲେଖି ସେମାନଙ୍କର ଦୁଃଖଦ ଘଟଣା ବର୍ଣ୍ଣନା କରିଛନ୍ତି। ଏହା ବ୍ୟତୀତ ସେମାନେ ପୁଲିସ ଅଧିକ୍ଷକଙ୍କ ପାଖକୁ ନ୍ୟାୟ ଦାବି କରି ଏକ ଚିଠି ଲେଖିଛନ୍ତି। ବୃଦ୍ଧ ମହିଳାଙ୍କୁ ନେଇ ଫେରାର ହୋଇଯାଇଥିବା ଯୁବକଙ୍କ ସ୍ତ୍ରୀ ମଧ୍ୟ ଏହି ଘଟଣାରେ ବହୁତ ଚିନ୍ତିତ ଅଛନ୍ତି। ସେ କହିଛନ୍ତି ଯେ, ତାଙ୍କ ସ୍ୱାମୀଙ୍କ ଏହି କାର୍ଯ୍ୟ ତାଙ୍କ ସମଗ୍ର ପରିବାରକୁ ଛିନ୍ନଭିନ୍ନ କରିଦେଇଛି ଏବଂ ସେ ସମାଜରେ ଲଜ୍ଜାରେ ମୁଣ୍ଡ ଟେକି ଚାଲୁ ପାରୁନାହାନ୍ତି। ସେ ତାଙ୍କ ସ୍ୱାମୀଙ୍କୁ ଖୋଜିବା ପାଇଁ ପୁଲିସକୁ ମଧ୍ୟ ନିବେଦନ କରିଛନ୍ତି। ଏହି ଘଟଣା ଅଞ୍ଚଳରେ ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଗାଁରେ ଏନେଇ ଆଲୋଚନା ଥମିବାର ନାଁ ଧରୁନି। ଘଟଣାର ଗମ୍ଭୀରତା ଦେଖି ପୁଲିସ ଏବେ ମହିଳା ଏବଂ ତାଙ୍କ ପ୍ରେମିକଙ୍କୁ ଖୋଜିବା ଆରମ୍ଭ କରିଛି।

## ସମ୍ଭଲ ପ୍ରଶାସନର ଦୃଢ ପଦକ୍ଷେପ

# ବକରିଦରେ 'ସାର୍ବଜନୀନ, ଖୋଲା' ସ୍ଥାନରେ ପଶୁବଳି ନିଷେଧ



**ସମ୍ଭାଲ, ୩।୬:** ସମ୍ଭଲ ପ୍ରଶାସନ ପକ୍ଷରୁ ନିଆଯାଇଛି ଦୃଢ ପଦକ୍ଷେପ। ବକରିଦ ସମୟରେ ସାର୍ବଜନୀନ ଓ ଖୋଲା ସ୍ଥାନରେ ହେବନି ପଶୁବଳି। ଜିଲ୍ଲା ମାଜିଷ୍ଟ୍ରେଟ୍ ରାଜେନ୍ଦର ପେନସିଆ ମଙ୍ଗଳବାର ଘୋଷଣା କରିଛନ୍ତି ଯେ ବକରିଦ ସମୟରେ ଏଠାରେ ସାର୍ବଜନୀନ ସ୍ଥାନରେ ବଳିଦାନ ଅନୁମତି ଦିଆଯିବ ନାହିଁ ଏବଂ ସାର୍ବଜନୀନ ଶୃଙ୍ଖଳାକୁ ବିଭ୍ରାନ୍ତ କରିବାକୁ ଚେଷ୍ଟା କରୁଥିବା ଯେକୌଣସି ବ୍ୟକ୍ତିଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବ୍ୟବସ୍ଥା ବିଷୟରେ ଆଲୋଚନା କରିବା ପାଇଁ ଏକ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ଅଞ୍ଚଳରୁ ପ୍ରତିନିଧିମାନେ ସାମିଲ ଥିଲେ ଇଦ୍ ନମାଜ ପାଠ କରାଯିବ ବୋଲି ଆଲୋଚନା କରିଥିଲେ। ସମସ୍ତ ଅଂଶୀଦାରଙ୍କ ସହ ଆଲୋଚନା କରାଯାଇଥିଲା। କେବଳ ପୂର୍ବରୁ ଚିହ୍ନଟ ହୋଇଥିବା ୧୯ଟି ସ୍ଥାନରେ ବଳିଦାନ ଅନୁମତି ଦିଆଯିବ। ପଶୁବଳି ପାଇଁ କୌଣସି ସାର୍ବଜନୀନ କିମ୍ବା ଖୋଲା ସ୍ଥାନ ବ୍ୟବହାର କରାଯିବ ନାହିଁ ବୋଲି ପେନସିଆ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ବର୍ଷ ବର୍ଷ ଧରି ନିଷିଦ୍ଧ ପଶୁବଳି ବ୍ୟାନ କରାଯାଇଛି, ଏବଂ ଗତ ପାଞ୍ଚ ବର୍ଷ ମଧରେ ଏପରି କୌଣସି ଘଟଣା ଘଟିନାହିଁ। ଇଦ୍ ନମାଜ ଶାନ୍ତିପୂର୍ଣ୍ଣ ଭାବରେ ଅନୁଷ୍ଠିତ ହେବ ବୋଲି ଆଶା କରାଯାଉଛି। ପ୍ରଶାସନ ପାଣି, ବିଦ୍ୟୁତ୍ ଏବଂ ପରିମଳ ପାଇଁ ଉପଯୁକ୍ତ ବ୍ୟବସ୍ଥା ସୁନିଶ୍ଚିତ କରିବ ବୋଲି ଡିଏମ୍ କହିଛନ୍ତି। ଜୁନ୍ ୭ ରୁ ଜୁନ୍ ୯ ତାରିଖ ମଧରେ ଅପରାହ୍ନ ୩ଟା ସୁଦ୍ଧା ବଳିଦାନ ରୀତିନୀତି ସମାପ୍ତ କରିବାକୁ ଧାର୍ମିକ ନେତାମାନଙ୍କୁ ପରାମର୍ଶ ଦିଆଯାଇଛି। ଅତିରିକ୍ତ ସତର୍କତା ସ୍ୱରୂପ, ପେନସିଆ ଉଲ୍ଲେଖ କରିଛନ୍ତି ଯେ ପ୍ରାୟ ୯୦୦ ରୁ ୯୫୦ ଜଣଙ୍କ ବିରୁଦ୍ଧରେ ପ୍ରତିଷେଧକ ବ୍ୟବସ୍ଥା ରହିଛି। ଶାନ୍ତି ଭଙ୍ଗ କରିବାର କୌଣସି ପ୍ରୟାସକୁ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ଜିଲ୍ଲା ମାଜିଷ୍ଟ୍ରେଟ୍ ସାମାଜିକ ଗଣମାଧମରେ ବଳି ଦିଆଯାଉଥିବା ପଶୁମାନଙ୍କର ଭିଡିଓ ଅପଲୋଡ୍ କରିବା ବିରୁଦ୍ଧରେ ମଧ ଚେତାବନୀ ଜାରି କରିଛନ୍ତି।

# ଭୂସ୍ଖଳନ ଛଟେନରୁ ୩୪ ଜଣ ଉଦ୍ଧାର



**ଇମ୍ଫାଲ, ୩।୬:** ଉତ୍ତର ସିକିମର ଛଟେନ ଭୂସ୍ଖଳନ ପ୍ରଭାବିତ ଅଞ୍ଚଳରୁ ୩୪ ଜଣଙ୍କୁ ଆଜି ସୁରକ୍ଷିତ ଭାବରେ ସ୍ଥାନାନ୍ତର କରାଯାଇଥିବା ଜଣେ ଅଧିକାରୀମାନେ କହିଛନ୍ତି। ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଦୁଇଟି ଏମଆଇ-୧୭ ଭି୫ ହେଲିକପ୍ଟର ନିକଟବର୍ତ୍ତୀ ପାକିୟୋଙ୍ଗ ବିମାନବନ୍ଦରରେ ସୁରକ୍ଷିତ ଭାବରେ ଅବତରଣ କରିଛି। ଉତ୍ତର ସିକିମର ଏକ ସେନା ଶିବିରରେ ଭୂସ୍ଖଳନ ପରେ ନିଖୋଜ ଛଅ ଜଣ ସୈନିକଙ୍କୁ ଉଦ୍ଧାର କରିବା ପାଇଁ ୨୩ ଜଣ ଏନଡିଆରଏଫ କର୍ମଚାରୀଙ୍କ ଏକ ଦଳ କାର୍ଯ୍ୟରେ ଯୋଗ ଦେଇଥିଲେ। ସାଟେଲାଇଟ୍ ଫୋନ୍ ଏବଂ ଜରୁରୀକାଳୀନ ଉପକରଣରେ ସଜ୍ଜିତ ଏହି ଦଳ ଦୁର୍ଗମ ଅଞ୍ଚଳରେ ଫସିଥିବା ଲୋକଙ୍କୁ ଉଦ୍ଧାର କରିଥିଲେ। ସିକିମର ଲାଚେନ ଅଞ୍ଚଳର ଛଟେନଠାରେ ରବିବାର ସନ୍ଧ୍ୟା ୭ଟା ସମୟରେ ପ୍ରବଳ ବର୍ଷା ଯୋଗୁଁ ଏକ ଭୂସ୍ଖଳନ ହୋଇଥିଲା। ଏଥିରେ ତିନି ଜଣ ସେନା କର୍ମଚାରୀଙ୍କ ମୃତ୍ୟୁ ହୋଇଥିଲା ଏବଂ ଅନ୍ୟ ଚାରି ଜଣଙ୍କୁ ସାମାନ୍ୟ ଆହତ ସହିତ ଉଦ୍ଧାର କରାଯାଇଥିଲା।

# ଲଦାଖ ଲୋକଙ୍କ ପାଇଁ ଚାକିରିରେ ୮୫% ସଂରକ୍ଷଣ



## ନିୟମ ଜାରି କଲେ ରାଷ୍ଟ୍ରପତି

**ଶ୍ରୀନଗର, ୩।୬:** କେନ୍ଦ୍ର ଶାସିତ ଅଞ୍ଚଳ ଲଦାଖ ସଂରକ୍ଷଣ (ସଂଶୋଧନ) ନିୟମାବଳୀ, ୨୦୨୫ ଅନୁଯାୟୀ ନିୟମ ପ୍ରଣୟନ କରିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ଫଳରେ ଲଦାଖ ଲୋକଙ୍କ ପାଇଁ ୮୫ ପ୍ରତିଶତ ଚାକିରି ସଂରକ୍ଷଣ କରିଛନ୍ତି। ଏକ ଗେଜେଟେଡ୍ ବିଜ୍ଞପ୍ତିରେ କୁହାଯାଇଛି ଯେ, ଜମ୍ମୁ ଏବଂ କାଶ୍ମୀର ପୁନର୍ଗଠନ ଆଇନ, ୨୦୧୯ର ଧାରା ୫୮ର ଉପ-ଧାରା (୨) ସହିତ ପଠିତ ସମ୍ବିଧାନର ଧାରା ୨୪୦ ଦ୍ୱାରା ପ୍ରଦତ୍ତ କ୍ଷମତା ବ୍ୟବହାର କରି ରାଷ୍ଟ୍ରପତି ତାଙ୍କ ଦ୍ୱାରା ପ୍ରସ୍ତୁତ ନିୟମାବଳୀ ପ୍ରଣୟନ କରି ଖୁସି ବ୍ୟକ୍ତ କରିଛନ୍ତି। ଏହି ନିୟମାବଳୀକୁ କେନ୍ଦ୍ର ଶାସିତ ଅଞ୍ଚଳ ଲଦାଖ ସଂରକ୍ଷଣ (ସଂଶୋଧନ) ନିୟମାବଳୀ, ୨୦୨୫ କୁହାଯାଇପାରେ। ଏହା ସମଗ୍ର କେନ୍ଦ୍ର ଶାସିତ ଅଞ୍ଚଳ ଲଦାଖ ପାଇଁ ବିସ୍ତାରିତ ଏବଂ କେନ୍ଦ୍ର ସରକାର ସରକାରୀ ଗେଜେଟରେ ବିଜ୍ଞପ୍ତି ଦ୍ୱାରା ନିଯୁକ୍ତ କରିଥିବା ତାରିଖରେ କାର୍ଯ୍ୟକାରୀ ହେବ। ଜମ୍ମୁ ଏବଂ କାଶ୍ମୀର ସଂରକ୍ଷଣ ଆଇନ, ୨୦୦୪ (ଏଠାରେ ପରେ ମୁଖ୍ୟ ଆଇନ ଭାବରେ ଉଲ୍ଲେଖ କରାଯାଇଛି), ଧାରା ୩ରେ, ଉପ-ଧାରା (୧) ରେ ପ୍ରଥମ ବ୍ୟବସ୍ଥା ପାଇଁ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ବର୍ଗ ପାଇଁ ସଂରକ୍ଷଣକୁ ବାଦ ଦେଇ ସଂରକ୍ଷଣର ମୋଟ ପ୍ରତିଶତ କୌଣସି ପରିସ୍ଥିତିରେ ୮୫% ଅତିକ୍ରମ କରିବ ନାହିଁ। ଏହି ସମୟରେ ରାଷ୍ଟ୍ରପତି ମୁର୍ମୁ ଇଂରାଜୀ, ହିନ୍ଦୀ, ଉର୍ଦ୍ଦୁ, ଭୋଟି ଏବଂ ପୁରଗିକୁ କେନ୍ଦ୍ର ଶାସିତ ଅଞ୍ଚଳ ଲଦାଖର ସରକାରୀ ଭାଷା ଭାବରେ ଘୋଷଣା କରିବା ପାଇଁ ଲଦାଖ ସରକାରୀ ଭାଷା ନିୟମ, ୨୦୨୫ ମଧ୍ୟ ପ୍ରଣୟନ କରିଛନ୍ତି। ଯଦି ଏହି ନିୟମାବଳୀ ଆରମ୍ଭ ହେବା ପୂର୍ବରୁ ଇଂରାଜୀ ଭାଷା ବ୍ୟବହାର କରାଯାଉଥିବା କେନ୍ଦ୍ର ଶାସିତ ଅଞ୍ଚଳର ସମସ୍ତ ସରକାରୀ ଉଦ୍ଦେଶ୍ୟ ପାଇଁ ବ୍ୟବହୃତ ହେବ ବୋଲି ବିଜ୍ଞପ୍ତିରେ ଲେଖାଯାଇଛି। ଏଥିରେ ଆହୁରି କୁହାଯାଇଛି ଯେ ପ୍ରଶାସକ କେନ୍ଦ୍ର ଶାସିତ ଅଞ୍ଚଳରେ ଅନ୍ୟ ଭାଷାର ପ୍ରୋତ୍ସାହନ ଏବଂ ବିକାଶ ଏବଂ କଳା, ସଂସ୍କୃତି ଏବଂ ଭାଷା ଏକାଡେମୀ ପ୍ରତିଷ୍ଠା ପାଇଁ ସାଂସ୍ଥାଗତ ତନ୍ତ୍ରକୁ ସୁଦୃଢ଼ କରିବା ପାଇଁ ତାଙ୍କ ଦ୍ୱାରା ପ୍ରସ୍ତୁତ ନିୟମ ଦ୍ୱାରା ପ୍ରଦାନ କରାଯାଇଥିବା ଆବଶ୍ୟକୀୟ ପଦକ୍ଷେପ ନେଇପାରିବେ। ଭାରତର ରାଷ୍ଟ୍ରପତି ଲେହ ଏବଂ କାରଗିଲ୍ ପାର୍ବତ୍ୟ ପରିଷଦର ପାର୍ବତ୍ୟ ପରିଷଦରେ ମହିଳାଙ୍କ ପାଇଁ ୧/୩ ଆସନ ସଂରକ୍ଷଣ କରିବା ପାଇଁ ଲଦାଖ ସ୍ୱୟଂଶାସିତ ପାହାଡ଼ ବିକାଶ ପରିଷଦ (ସଂଶୋଧନ) ନିୟମାବଳୀ, ୨୦୨୫ ମଧ୍ୟ ପ୍ରଣୟନ କରିଛନ୍ତି। ସରକାରୀ ଗେଜେଟରେ ବିଜ୍ଞପ୍ତି ଦ୍ୱାରା ପ୍ରତ୍ୟେକ ନିର୍ବାଚନମଣ୍ଡଳୀକୁ ଆବଣ୍ଟିତ କ୍ରମିକ ସଂଖ୍ୟା ଆଧାରରେ ମହିଳାମାନଙ୍କ ପାଇଁ ସଂରକ୍ଷିତ ନିର୍ବାଚନମଣ୍ଡଳୀର ପରିବର୍ତ୍ତନ କରାଯିବ।

# ସେପ୍ଟେମ୍ବର ୩୦ରୁ ମହିଳା ବିଶ୍ୱକପ କ୍ରିକେଟ୍

## ନଭେମ୍ବର ୨ରେ ଫାଇନାଲ




**ମୁମ୍ବାଇ, ୩।୬:** ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ମହିଳା କ୍ରିକେଟ ବିଶ୍ୱକପର ଖେଳସୂଚୀ ଘୋଷଣା କରିଛି। ଏହି ଟୁର୍ଣ୍ଣାମେଣ୍ଟ ସେପ୍ଟେମ୍ବର ୩୦ରେ ଆରମ୍ଭ ହେବ ଓ ଫାଇନାଲ ମ୍ୟାଚ୍ ନଭେମ୍ବର ୨ରେ ଖେଳାଯିବ। ଭାରତ ଏବଂ ଶ୍ରୀଲଙ୍କା ମିଳିତ ଭାବରେ ଏହି ଟୁର୍ଣ୍ଣାମେଣ୍ଟର ଆୟୋଜନ କରିବେ ଏବଂ ପ୍ରଥମ ମ୍ୟାଚ୍ ବେଙ୍ଗାଲୁରୁର ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଖେଳାଯିବ। ମହିଳା ବିଶ୍ୱକପର ଫାଇନାଲ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଅନୁଷ୍ଠିତ ହେବ, ଯେତେବେଳେ ପାକିସ୍ତାନ ଫାଇନାଲ୍ ପାଇଁ ଯୋଗ୍ୟତା ଅର୍ଜନ କରେ, ତେବେ ଏହି ମ୍ୟାଚ୍ କଲମ୍ବୋରେ ଖେଳାଯିବ। ମହିଳା ବିଶ୍ୱକପ୍ ପାଇଁ ୮ଟି ଦଳ ଯୋଗ୍ୟତା ଅର୍ଜନ କରିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟରେ ଭାରତ, ଅଷ୍ଟ୍ରେଲିଆ, ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା, ନ୍ୟୁଜିଲ୍ୟାଣ୍ଡ, ଶ୍ରୀଲଙ୍କା, ବାଂଲାଦେଶ ଏବଂ ପାକିସ୍ତାନ ଅଂଶଗ୍ରହଣ କରିବେ। ମହିଳା ବିଶ୍ୱକପ୍ ୨୦୨୫ ର ମ୍ୟାଚ୍ ପାଞ୍ଚଟି ସ୍ଥାନରେ ଅନୁଷ୍ଠିତ ହେବ। ଏହି ମ୍ୟାଚ୍ ଚିନ୍ନାସ୍ୱାମୀ, ଗୌହାଟୀର ଏସିଏ ଷ୍ଟାଡିୟମ, ଇନ୍ଦୋରର ହୋଲକର ଷ୍ଟାଡିୟମ, ବିଶାଖାପାଟନମ ଷ୍ଟାଡିୟମ ଏବଂ କଲମ୍ବୋର ଆର. ପ୍ରେମଦାସା ଷ୍ଟାଡିୟମରେ ଖେଳାଯିବ। ଏହି ଟୁର୍ଣ୍ଣାମେଣ୍ଟ ଗୋଟିଏ ମାସ ଧରି ଚାଲିବ ଯେଉଁଥିରେ ୮ଟି ଦଳ ଅଂଶଗ୍ରହଣ କରିବେ। ଟୁର୍ଣ୍ଣାମେଣ୍ଟର ନକଆଉଟ୍ ରାଉଣ୍ଡ ଅକ୍ଟୋବର ୨୯ରେ ଗୌହାଟୀ କିମ୍ବା କଲମ୍ବୋରେ ଅନୁଷ୍ଠିତ ହେବ। ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଅକ୍ଟୋବର ୩୦ରେ ବେଙ୍ଗାଲୁରୁରେ ଖେଳାଯିବ। ମହିଳା ବିଶ୍ୱକପ୍ ପାଇଁ ୮ଟି ଦଳ ଯୋଗ୍ୟତା ଅର୍ଜନ କରିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟରେ ଭାରତ, ଅଷ୍ଟ୍ରେଲିଆ, ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା, ନ୍ୟୁଜିଲ୍ୟାଣ୍ଡ, ଶ୍ରୀଲଙ୍କା, ବାଂଲାଦେଶ ଏବଂ ପାକିସ୍ତାନ ଅଂଶଗ୍ରହଣ କରିବେ। ଅଷ୍ଟ୍ରେଲିଆ ତାର ଟାଇଟଲ ରକ୍ଷା କରିବ। ଏହି ଦଳ ୨୦୨୨ରେ ୭ମ ଥର ପାଇଁ ବିଶ୍ୱକପ୍ ଜିତିଥିଲା।

## ଆଜି ୪ଟି ଜୋନ୍‌ରେ କ୍ୱାର୍ଟରଫାଇନାଲ୍

**କଟକ, ୩।୬ (ସଂଚାର ବ୍ୟୁରୋ):** ୧୫ବର୍ଷରୁ କମ୍ ଅନ୍ତଃଜିଲ୍ଲା ଫୁଟ୍‌ବଲ୍ ପ୍ରତିଯୋଗିତା 'ସିଏମ୍ ଟ୍ରଫି' କ୍ୱାର୍ଟରଫାଇନାଲ ଚୂଡ଼ାନ୍ତ ହୋଇଛି। ମଙ୍ଗଳବାର ୪ଟି ଜୋନ୍‌ରେ କ୍ୱାର୍ଟରଫାଇନାଲ ଖେଳାଯିବ। ଭୁବନେଶ୍ୱର ଜୋନ୍‌ରେ ଭୁବନେଶ୍ୱର ଓ କଟକ, ସମ୍ବଲପୁରରେ ସମ୍ବଲପୁର ଓ ବରଗଡ଼, କେନ୍ଦୁଝରରେ ଯାଜପୁର ଓ ଅନୁଗୁଳ, ବ୍ରହ୍ମପୁରରେ କଳାହାଣ୍ଡି ଓ ନବରଙ୍ଗପୁର ଖେଳିବେ। ସୋମବାର ଭୁବନେଶ୍ୱର ଜୋନ୍‌ରେ କଟକ ୬-୩ ଗୋଲ୍‌ରେ ପୁରୀକୁ, ଖୋର୍ଦ୍ଧା ୩-୧ରେ ନୟାଗଡ଼କୁ, ସମ୍ବଲପୁରରେ ସୁବର୍ଣ୍ଣପୁର ୩-୦ ଗୋଲ୍‌ରେ ସୁନ୍ଦରଗଡ଼କୁ, ବରଗଡ଼ ୧୦-୦ରେ ବୌଦ୍ଧକୁ, ବ୍ରହ୍ମପୁର ଜୋନ୍‌ରେ ନବରଙ୍ଗପୁର ୨-୧ରେ ଗଞ୍ଜାମକୁ ପରାସ୍ତ କରିଛି। ତେବେ କେନ୍ଦୁଝରରେ ଅନୁଗୁଳ-ମୟୂରଭଞ୍ଜ ଓ ଦେଓଗଡ଼-ବାଲେଶ୍ୱର ମ୍ୟାଚ୍ ଗୋଲ୍‌ଶୂନ୍ୟ ଅମୀମାଂସିତ ରହିଛି।

## ମହୀତୋଷଙ୍କୁ ତୃତୀୟ ଆଇଏମ୍ ନର୍ମ



**ଭୁବନେଶ୍ୱର, ୩।୬ (ସଂଚାର ବ୍ୟୁରୋ):** ଓଡ଼ିଶା ଚେସ୍ ପ୍ରତିଭା ମହୀତୋଷ ଦେ ନରୱେ ଓପନ୍ ଚେସ୍‌ରେ ତୃତୀୟ ଆଇଏମ୍ ନର୍ମ ହାସଲ କରିଛନ୍ତି। ଏହି ପ୍ରତିଯୋଗିତାରେ ମହୀତୋଷ ୨୨୪୦ ଏଲୋରେଟିଂରେ ୪୨ତମ ସ୍ଥାନରେ ରହି ଖେଳ ଆରମ୍ଭ କରି ୧୮ତମ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ଏଥିସହିତ ମୋଟ ୬୧.୪୦ ଏଲୋରେଟିଂ ବଢ଼ାଇବାରେ ସମର୍ଥ ହୋଇଛନ୍ତି। ୯ ରାଉଣ୍ଡ୍ ବିଶିଷ୍ଟ ପ୍ରତିଯୋଗିତାରେ ମହୀତୋଷ ଦୁଇ ଜିଏମ୍‌ଙ୍କୁ ପରାସ୍ତ କରିବା ସହିତ ଦୁଇ ଜିଏମ୍‌ଙ୍କ ସହିତ ବାଜି ଡ୍ର' କରିଛନ୍ତି। ଅନୁରୂପ ଭାବେ ଜଣେ ଆଇଏମ୍‌ଙ୍କୁ ଜିତିବା ସହିତ ଜଣେ ଆଇଏମ୍‌ଙ୍କ ସହିତ ଖେଳ ଡ୍ର' କରିଛନ୍ତି। ଖେଳର ତୃତୀୟ ରାଉଣ୍ଡରେ ବିଶ୍ୱର ଷଷ୍ଠ ତାଲିକାରେ ଥିବା ମହିଳା ଗ୍ରାଣ୍ଡ ମାଷ୍ଟର ଜିନଟ୍ଟୁ (୨୫୪୧ ଏଲୋରେଟିଂ)ଙ୍କୁ ହରାଇ ଏକ ଉଲ୍ଲେଖନୀୟ କ୍ରୀଡ଼ା ପ୍ରଦର୍ଶନ କରିଛନ୍ତି। ତତ୍‌ସହିତ ଏହି ପ୍ରତିଯୋଗିତାରେ ନିଜର ତୃତୀୟ ଆଇଏମ୍ ନର୍ମ ହାସଲ କରିଛନ୍ତି। ସୂଚନାଯୋଗ୍ୟ ଯେ ଆଇଏମ୍ ପାଇଁ ତିନିଟି ନର୍ମ ଓ ୨୪୦୦ ଏଲୋରେଟିଂ କରିବାକୁ ପଡ଼ିଥାଏ। ମହୀତୋଷ ସର୍ବିୟାର ଆରେଣ୍ଡେଲୋଭାକ୍‌ଠାରେ ପ୍ରଥମ ଏବଂ ପୋଲାଣ୍ଡର କ୍ରାକୋ ଅନ୍ତର୍ଜାତୀୟ ଚେସ୍‌ରେ ଦ୍ୱିତୀୟ ଆଇଏମ୍ ନର୍ମ ପାଇଥିଲେ। ସେ ମେ' ୨୬ରୁ ଜୁନ ୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିବା ନରୱେ ଓପନ୍ ଚେସ୍‌ରେ ଭାଗ ନେଇ ନିଜର ବହୁ ପ୍ରତୀକ୍ଷିତ ତୃତୀୟ ଆଇଏମ୍ ନର୍ମ କରାୟତ କରିଛନ୍ତି। ତାଙ୍କର ଏଲୋରେଟିଂ ୨୩୨୨ରେ ପହଞ୍ଚିଛି। ୨୪୦୦ ଏଲୋରେଟିଂ ଛୁଇଁଲେ ସେ ଆଇଏମ୍ ହେବାର ଯୋଗ୍ୟତା ଅର୍ଜନ କରିବେ।

# ବିପର୍ଯ୍ୟୟ ଘଟାଇଲେ ବୋଇସନ୍



**ପ୍ୟାରିସ୍, ୩।୬:** ଚଳିତ ଫ୍ରେଞ୍ଚ ଓପନ୍ ଟେନିସ୍ ପ୍ରତିଯୋଗିତାରେ ୟୁଏସ୍ ଓପନ୍ ଉପବିଜୟିନୀ ଜେସିକା ପେଗୁଲାଙ୍କୁ ବିଦାୟର ରାସ୍ତା ଦେଖାଇ ୩୬୧ ମାନ୍ୟତାପ୍ରାପ୍ତ ଲୋଇସ୍ ବୋଇସନ୍ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ୱାଇଲ୍ଡ କାର୍ଡ ପ୍ରାପ୍ତ ଫ୍ରାନ୍ସର ୨୨ ବର୍ଷୀୟା ଯୁବତୀ ବୋଇସନ୍ ୩-୬, ୬-୪, ୬-୪ ସେଟ୍‌ରେ ବିଶ୍ୱର ୩ ନମ୍ବର ଆମେରିକାର ପେଗୁଲାଙ୍କୁ ମାତ୍ ଦେଇଥିଲେ। କ୍ୱାର୍ଟରଫାଇନାଲ୍‌ରେ ସେ ଷଷ୍ଠ ମାନ୍ୟତାପ୍ରାପ୍ତ ମୀରା ଆନ୍ଦ୍ରିଭାଙ୍କୁ ଭେଟିବେ। ରୁଷିଆର ୧୮ ବର୍ଷୀୟା ଆନ୍ଦ୍ରିଭା ୬-୩, ୭-୫ ସେଟ୍‌ରେ ସପ୍ତଦଶ ମାନ୍ୟତାପ୍ରାପ୍ତ ଅଷ୍ଟ୍ରେଲିଆ ଡାରିଆ କାସାତ୍‌କିନାଙ୍କୁ ପରାସ୍ତ କରିଥିଲେ। ବିଶ୍ୱର ୨ ନମ୍ବର ଆମେରିକାର କୋକୋ ଗଫ୍ ୬-୦, ୭-୫ ସେଟ୍‌ରେ ରୁଷିଆର ଏକତେରିନା ଆଲେକ୍‌ଜାଣ୍ଡ୍ରୋଭାଙ୍କୁ ହରାଇ ପଞ୍ଚମ ଥର ଲାଗି ରୋଲାଁ ଗାରୋସରେ କ୍ୱାର୍ଟରଫାଇନାଲ୍‌ରେ ପହଞ୍ଚିଛନ୍ତି। ୨୦୨୩ ୟୁଏସ୍ ଓପନ୍ ବିଜୟିନୀ ୨୧ ବର୍ଷୀୟା ଗଫ୍ କ୍ୱାର୍ଟରଫାଇନାଲ୍‌ରେ ଅଷ୍ଟ୍ରେଲିଆନ୍ ଓପନ୍ ବିଜୟିନୀ ନିଜ ଦେଶର ମାଡିସନ୍ କିଜ୍‌ଙ୍କୁ ଭେଟିବେ। ସପ୍ତମ ମାନ୍ୟତାପ୍ରାପ୍ତ କିଜ୍ ୬-୩, ୭-୫ ସେଟ୍‌ରେ ନିଜ ଦେଶର ହେଲି ବାପ୍‌ଟିଷ୍ଟିଙ୍କୁ ପରାସ୍ତ କରିଥିଲେ। ତୃତୀୟ ମାନ୍ୟତାପ୍ରାପ୍ତ ଜର୍ମାନୀର ଆଲେକ୍‌ଜାଣ୍ଡର ଜ୍ୱେରେଭ ସହଜରେ କ୍ୱାର୍ଟରଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ତାଙ୍କ ବିପକ୍ଷ ଖେଳାଳି ନେଦରଲାଣ୍ଡ୍‌ସର ଟାଲନ ଗ୍ରିକ୍‌ସ୍ପୁର୍ ୪-୬, ୦-୩ରେ ପଛରେ ଥିଲା ବେଳେ ଆହତ ଯୋଗୁଁ ଓହରି ଯାଇଥିଲେ।

### କନିଷ୍ଠ ବର୍ଗ ଦ୍ୱିତୀୟ ରାଉଣ୍ଡରେ ହିତେଶ

ଚଳିତ ଫ୍ରେଞ୍ଚ ଓପନ୍ ବରିଷ୍ଠ ବର୍ଗରୁ ଭାରତୀୟ ଖେଳାଳିଙ୍କ ଅଭିଯାନ ଶେଷ ହୋଇଛି। ହେଲେ କନିଷ୍ଠ ବର୍ଗ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରି ଭାରତର ଆଶାକୁ ଉଜ୍ଜୀବିତ ରଖିଛନ୍ତି ହିତେଶ ଚୌହାନ। ପ୍ରଥମ ରାଉଣ୍ଡ ବାଳକ ଏକକ ମୁକାବିଲାରେ ୧୭ ବର୍ଷୀୟ ହିତେଶ ସିଧାସଳଖ ୬-୪, ୬-୩ ସେଟ୍‌ରେ ସ୍ୱିଡେନ୍‌ର ଲୁଡଭିଗ୍ ଫ୍ରେଡ୍ରିକ୍ ହେଡେଙ୍କୁ ହରାଇଛନ୍ତି।

## ଅନ୍ତଃରାଜ୍ୟ ଦୃଷ୍ଟିବାଧିତ ଟ୍ୱେଣ୍ଟି-୨୦ ଲାଗି ଓଡ଼ିଶା ଦଳ




**ଭୁବନେଶ୍ୱର, ୩।୬ (ସଂଚାର ବ୍ୟୁରୋ):** ହରିୟାଣାରେ ଆୟୋଜିତ ହେବାକୁ ଥିବା ଅନ୍ତଃରାଜ୍ୟ ଦୃଷ୍ଟିବାଧିତ ଟ୍ୱେଣ୍ଟି-୨୦ କ୍ରିକେଟ୍ ଲାଗି ଓଡ଼ିଶା ଦଳ ଘୋଷିତ ହୋଇଛି। ଲିଙ୍ଗରାଜ ରାଉତରାଙ୍କ ନେତୃତ୍ୱରେ ଘୋଷିତ ୧୬ ଜଣିଆ ଦଳରେ ୪ ନୂଆ ମୁହଁ ଭାବେ ଚିରଞ୍ଜୀବ ମଲ୍ଲିକ, ପ୍ରତାପ ସାମନ୍ତ, କିଶାନ ମଲ୍ଲିକ ଓ ଅଭିଜିତ ଦାସଙ୍କୁ ସ୍ଥାନ ମିଳିଛି। କାଳିଆ ପ୍ରଧାନଙ୍କୁ ଉପଅଧିନାୟକ ଦାୟିତ୍ୱ ମିଳିଛି। ଚଳିତ ମାସ ୪ରୁ ୬ ତାରିଖ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ଏହି ପ୍ରତିଯୋଗିତା ଲାଗି ଓଡ଼ିଶା ଦଳ ସୋମବାର ସେଠାକୁ ଗସ୍ତ କରିଛି। ଆଇଆଇଜି ଏକାଡେମି ଓ ଓଡ଼ିଶା ସରକାରଙ୍କ ସହଯୋଗରେ କାଭି ଓଡ଼ିଶା ପକ୍ଷରୁ ଖୋର୍ଦ୍ଧା ବରୁଣେଇସ୍ଥିତ କେଟି ଗ୍ଲୋବାଲ ସ୍କୁଲ୍‌ଠାରେ ଜୁନ୍ ୨୩ରୁ ମେ' ୧ ତାରିଖ ପର୍ଯ୍ୟନ୍ତ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରରୁ ଦଳ ଘୋଷଣା କରାଯାଇଛି ବୋଲି କାଭି ଓଡ଼ିଶା ସମ୍ପାଦକ ସନ୍ନ୍ୟାସ କୁମାର ବେହେରା ସୂଚନା ଦେଇଛନ୍ତି। ଦଳକୁ କାଭି ଓଡ଼ିଶାର ସମସ୍ତ ସଦସ୍ୟ ଓ ଅନ୍ତର୍ଜାତୀୟ କ୍ରିକେଟର୍ ମହମ୍ମଦ ଜାଫର ଇକ୍‌ବାଲ ଶୁଭେଚ୍ଛା ଜଣାଇଛନ୍ତି।

### ଚତୁଃରାଷ୍ଟ୍ରୀୟ କନିଷ୍ଠ ମହିଳା ହକି

## ଭାରତର ଦ୍ୱିତୀୟ ପରାଜୟ

**ରୋଜାରିଓ, ୩।୬:** ଏଠାରେ ଚାଲିଥିବା ଚତୁଃରାଷ୍ଟ୍ରୀୟ କନିଷ୍ଠ ମହିଳା ହକି ପ୍ରତିଯୋଗିତାରେ ଭାରତ ଦ୍ୱିତୀୟ ପରାଜୟ ସହ ଅଭିଯାନ ଶେଷ କରିଛି। ଆର୍ଜେଣ୍ଟିନା ଗସ୍ତର ସୋମବାର ଖେଳିଥିବା ଶେଷ ମ୍ୟାଚ୍‌ରେ ଭାରତ ୨-୪ ଗୋଲ୍‌ରେ ଘରୋଇ ଦଳଠୁ ହାରିଯାଇଥିଲା। ଫଳରେ ଏହି ଗସ୍ତରେ ୬ ମ୍ୟାଚ୍‌ରୁ ୪ ବିଜୟ ଓ ୨ ପରାଜୟ ପାଇଛି। ସୋମବାର ମ୍ୟାଚ୍‌ରେ ଭାରତ ପକ୍ଷରୁ ଗୋଲ୍ ଦୁଇଟି କନିକା ସିୱଚ (୧୧, ୪୫ ମିନିଟ୍) ଦେଇଥିଲେ। ଆର୍ଜେଣ୍ଟିନାର ଗୁଇଗନେଟ୍ ଗୁନାଜୁ (୫), ଓଲାଲା ଡି ଲାବ୍ରା (୭ ମିନିଟ୍), ମିଲାଗ୍ରୋସ୍ ଡେଲ ଭାଲେ ଆଲାଷ୍ଟ୍ରା (୧୩ ମିନିଟ୍) ଓ ମାକ୍ସିମା ଡୁପୋର୍ଟାଲ (୩୭ ମିନିଟ୍) ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ। ଏହି ଗସ୍ତରେ ଉରୁଗୁଏ ବିପକ୍ଷରେ ଭାରତ ଯୁଗଳ ବିଜୟ ପାଇଥିଲା ବେଳେ ଚିଲି ଓ ଆର୍ଜେଣ୍ଟିନାଠୁ ଗୋଟିଏ ଲେଖାଏଁ ମ୍ୟାଚ୍ ହାରିଥିଲା।

## ପ୍ରଗତିକୁ ହରାଇଲା ୟୁନିୟନ୍ ସ୍ପୋର୍ଟିଂ

**ଭୁବନେଶ୍ୱର, ୩।୬ (ସଂଚାର ବ୍ୟୁରୋ):** ପାରାମାଉଣ୍ଟ୍ କ୍ଲବ୍ ଦ୍ୱାରା ଆୟୋଜିତ ଅରବିନ୍ଦ ସ୍ମାରକୀ ପାରାମାଉଣ୍ଟ୍ କପ୍ ଅନ୍ତଃକ୍ଲବ୍ କ୍ରିକେଟ୍ ପ୍ରତିଯୋଗିତାର ଦ୍ୱିତୀୟ ଦିବସରରେ ପ୍ରଗତି ସ୍ପୋର୍ଟିଂକୁ ଏକତରଫା ଭାବେ ୯ ୱିକେଟ୍‌ରେ ପରାସ୍ତ କରି ୟୁନିୟନ୍ ସ୍ପୋର୍ଟିଂ ଦ୍ୱିତୀୟ ଦଳ ଭାବେ ସେମିଫାଇନାଲ୍‌ରେ ସ୍ଥାନ ସୁରକ୍ଷିତ କରି ନେଇଛି। ସୋମବାର ପ୍ରଗତି ସ୍ପୋର୍ଟିଂ ପ୍ରଥମେ ବ୍ୟାଟିଂ କରି ୩୦.୧ ଓଭରରେ ସମସ୍ତ ୱିକେଟ୍ ହରାଇ ମାତ୍ର ୯୦ ରନ୍ କରିଥିଲା। ଜବାବରେ ୟୁନିୟନ୍ ସ୍ପୋର୍ଟିଂ ୧୮.୩ ଓଭରରେ ମାତ୍ର ଗୋଟିଏ ୱିକେଟ୍ ହରାଇ ୯୨ ରନ୍‌ର ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଶାଣିତ ବୋଲିଂ କରି ପ୍ରଗତିର ୪ଜଣ ବ୍ୟାଟର୍‌ଙ୍କୁ ଆଉଟ୍ କରିଥିବା ୟୁନିୟନ୍ ସ୍ପୋର୍ଟିଂର ସଫଳ ବୋଲର୍ ବାଦଲ ବିଶ୍ୱାଳଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାରାମାଉଣ୍ଟ୍ ସ୍ପୋର୍ଟିଂର କୋଷାଧକ୍ଷ ସଂଜୀବ ରଥ ଓ ଜ୍ଞାନ ରଂଜନ ଜେନା ପ୍ରଦାନ କରିଥିଲେ। ଶରତ ଚନ୍ଦ୍ର ସାହୁ, ପ୍ରଦୀପ କୁମାର ଜେନା ଓ ଅଭିଷେକ ମହାନ୍ତି ଖେଳ ପରିଚାଳନା କରିଥିଲେ।

**ଅରବିନ୍ଦ ସ୍ମାରକୀ ପାରାମାଉଣ୍ଟ୍ କପ୍ କ୍ରିକେଟ୍**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୧୮ ବର୍ଷ...

ରନ୍ ଲେଖାଏଁ କରିଥିଲେ। ଅନ୍ୟପକ୍ଷରେ ପଞ୍ଜାବ ପକ୍ଷରୁ ଅର୍ଶଦୀପ ସିଂହ ଓ କାଇଲ୍ ଜେମିସନ୍ ୩ଟି ଲେଖାଏଁ ୱିକେଟ୍ ନେଇଥିଲେ। ପଞ୍ଜାବ ତା'ର ବ୍ୟାଟିଂ ଆରମ୍ଭ କରି ୭୯ ରନ୍‌ରେ ଅଧିନାୟକ ତଥା କ୍ୱାଲିଫାୟର୍ସ-୨ରେ ଚମତ୍କାର ଇନିଂସ ଖେଳିଥିବା ଶ୍ରେୟସ୍‌ଙ୍କ ସମେତ ୩ ଜଣ ବ୍ୟାଟ୍ସମ୍ୟାନ୍‌ଙ୍କୁ ହରାଇସାରିଥିଲା। ଶ୍ରେୟସ୍ ମାତ୍ର ୧ ରନ୍ କରିଥିବା ବେଳେ ଦୁଇ ଓପନର ପ୍ରଭସିମରନ୍ ସିଂହ ୨୬ ଓ ପ୍ରିୟାଂଶ ଆର୍ଯ୍ୟ ୨୪ ରନ୍ କରି ଆଉଟ୍ ହୋଇଥିଲେ। ଜୋଶ୍ ଇଙ୍ଗଲିଶ୍ ମଧ୍ୟ ୪ଟି ଛକା ଓ ଗୋଟିଏ ଚୌକା ମାଧ୍ୟମରେ ୩୯ ରନ୍ କରିଥିଲେ। ଶେଷ ଭାଗରେ ଶଶାଙ୍କ ସିଂହ ୩ଟି ଚୌକା ଓ ୬ଟି ଛକା ସହ ଅପରାଜିତ ୬୧ ରନ୍ କରିଥିଲେ ମଧ୍ୟ ଏହା ଦଳକୁ ପ୍ରଥମ ଟାଇଟଲ୍ ଦେବା ପାଇଁ ଯଥେଷ୍ଟ ହୋଇନଥିଲା। ଆର୍‌ସିବି ପକ୍ଷରୁ ଭୁବନେଶ୍ୱର କୁମାର ଓ କ୍ରୁନାଲ୍ ପାଣ୍ଡ୍ୟା ୨ଟି ଲେଖାଏଁ ୱିକେଟ୍ ନେଇଥିଲେ। ସୂଚନାଯୋଗ୍ୟ ଯେ ପୂର୍ବରୁ ଆର୍‌ସିବି ୨୦୦୯, ୨୦୧୧ ଓ ୨୦୧୬ରେ ଫାଇନାଲ୍‌ରେ ପହଞ୍ଚିଥିଲା।

### ଆମେ ୮ ଘଣ୍ଟାରେ...

ଆକ୍ରମଣ ଥିଲା।ଆତଙ୍କବାଦ ଯୁଦ୍ଧର ଏକ ଯୁକ୍ତିଯୁକ୍ତ ପଦ୍ଧତି କି ? ମୁଁ ତାହା ଅନୁଭବ କରେ ନାହିଁ, କାରଣ ଆତଙ୍କବାଦର କୌଣସି ନିର୍ଦ୍ଦିଷ୍ଟ ତର୍କ ନାହିଁ।ଯଦି ଆମ ବିରୋଧୀଙ୍କ କଥା କହିବା ତେବେ ସେମାନେ ଭାରତକୁ ହଜାର ହଜାର କ୍ଷତ ଦେଇ ରକ୍ତ ବୁହାଇବାର ନିଷ୍ପତ୍ତି ନେଇଛନ୍ତି। ୧୯୬୫ରେ ଜୁଲଫିକର୍ ଅଲି ଭୁଟ୍ଟୋ ଜାତିସଂଘ ସୁରକ୍ଷା ପରିଷଦକୁ ସମ୍ବୋଧିତ କରି ଭାରତ ବିରୋଧରେ ହଜାରେ ବର୍ଷର ଯୁଦ୍ଧ ଘୋଷଣା କରିଥିଲେ।ସିଡିଏସ୍ ଜେନେରାଲ୍ ଚୌହାନ ଯୁଦ୍ଧର ଭିନ୍ନ ଭିନ୍ନ ପଦ୍ଧତି ଉପରେ କହିଛନ୍ତି ଯେ ଅପରେସନ ସିନ୍ଦୂରରେ ଯୁଦ୍ଧ ଓ ରାଜନୀତି ସମାନ୍ତରଳ ରୂପେ ଚାଲିଥିଲା।ପହଲଗାମରେ ଯାହା କିଛି ଘଟିଲା, ତାର କିଛି ଦିନ ପୂର୍ବରୁ ପାକିସ୍ତାନ ସେନା ମୁଖ୍ୟ ମୁନୀର ଭାରତ ଓ ହିନ୍ଦୁଙ୍କ ବିରୋଧରେ ବିଷ ଓଗାଳିଥିଲେ।ଆମେ ଏହାକୁ ବଢ଼ାଇ ଆତଙ୍କକୁ ପାଣି ସହ ଯୋଡ଼ିଲୁ, ଆତଙ୍କ ବିରୋଧରେ ସୈନ୍ୟ ଅଭିଯାନର ନୂଆ ରେଖା ଟାଣିଲୁ । ଅପରେସନ ସିନ୍ଦୂର ବେଳେ କ୍ଷତି ଉପରେ ପ୍ରଶ୍ନର ଜବାବରେ ସିଡିଏସ୍ କହିଛନ୍ତି, 'ଯେବେ ଆମର କ୍ଷତି ବାବାଦରେ ମୋତେ ପ୍ରଶ୍ନ କରାଗଲା, ସେତେବେଳେ ମୁଁ କହିଥିଲି ଯେ ଏହା ମହତ୍ୱପୂର୍ଣ୍ଣ ନୁହେଁ।ପରିଣାମ ଓ ଆପଣଙ୍କ କିପରି କାର୍ଯ୍ୟ କରୁଛନ୍ତି, ତାହା ଗୁରୁତ୍ୱପୂର୍ଣ୍ଣ।କ୍ଷତି ବିଷୟରେ କଥା ହେବା ଠିକ୍ ହେବ ନାହିଁ।ମନେ କରନ୍ତୁ ଯଦି ଆପଣ କ୍ରିକେଟ୍ ଟେଷ୍ଟ ମ୍ୟାଚ୍ ଜିତନ୍ତି, ତେବେ କିପରି ଜିତିଲ, କେତେ ୱିକେଟ୍, କେତେ ବଲ୍ ଓ କେତେ ଖେଳାଳି ଏହି ସବୁ ପ୍ରଶ୍ନ ଉଠେ ନାହିଁ।ବୈଷୟିକ ମାନଦଣ୍ଡ ଆଧାରରେ ଆମେ ଏକ ଡାଟା ପ୍ରସ୍ତୁତ କରିବୁ ଓ ଆପଣଙ୍କ ସହ ସେୟାର କରିବୁ।କେତେ ବିମାନ ଓ କେତେ ରାଡାର ନଷ୍ଟ କରିଛୁ ଆମେ ଜଣାଇବୁ।ଏକ ଆକଳନ କରି ଖୁବଶୀଘ୍ର ଏହା ଉପରେ ଆମେ ସବୁ ସୂଚନା ଦେବୁ ବୋଲି ସେ କହିଛନ୍ତି।

### ଦିନକରେ ନେଲା...

୨୪ ଘଣ୍ଟା ମଧ୍ୟରେ ମୃତ୍ୟୁବରଣ କରିଥିବା ୫ ଜଣ ସଂକ୍ରମିତଙ୍କ ମଧ୍ୟରୁ ୨ ଜଣ ମହାରାଷ୍ଟ୍ରର ହୋଇଥିବା ବେଳେ ଅନ୍ୟ ତିନି ଜଣ କେରଳ, ତାମିଲନାଡୁ ଓ ପଶ୍ଚିମବଙ୍ଗ ବାସିନ୍ଦା। କେରଳର ସଂକ୍ରମିତ ଜଣଙ୍କ ୮୦ ବର୍ଷୀୟ ବୃଦ୍ଧ ହୋଇଥିବା ବେଳେ ତାଙ୍କର ମଧୁମେହ ସହ କରୋନାରୀ ଆର୍ଟେରୀଜନିତ ସମସ୍ୟା ରହିଥିଲା। ସେହିପରି ମହାରାଷ୍ଟ୍ରର ଦୁଇ ମୃତକ ମହିଳା ହୋଇଥିବା ବେଳେ ଉଭୟ ମଧୁମେହରେ ପୀଡ଼ିତ ଥିଲେ। ଏହାଛଡ଼ା ତାମିଲନାଡୁରେ ୬୯ ବର୍ଷୀୟା ମୃତକ ଜଣଙ୍କ ମହିଳା ହୋଇଥିବା ବେଳେ ତାଙ୍କର ମଧୁମେହ ସହ ପାର୍କିନ୍‌ସନ୍ସ ସମସ୍ୟା ରହିଥିଲା। ଆହୁରି ପଶ୍ଚିମବଙ୍ଗ ମୃତକଙ୍କ ବୟସ ୪୩ ବର୍ଷ ଓ ସେ ଜଣେ ମହିଳା ହୋଇଥିବା ବେଳେ ତାଙ୍କର କିଡ୍‌ନୀଜନିତ ସମସ୍ୟା ରହିଥିଲା। ଅନ୍ୟପକ୍ଷରେ ଡାକ୍ତରଙ୍କ କହିବାନୁସାରେ, ବର୍ତ୍ତମାନ ଭୟଭୀତ ହେବାର କୌଣସି ଆବଶ୍ୟକତା ନାହିଁ କିନ୍ତୁ ସତର୍କ ରହିବା ଉଚିତ। ବିଶେଷକରି ବୟସ୍କ ଏବଂ ପୂର୍ବରୁ ଅସୁସ୍ଥ ବ୍ୟକ୍ତିମାନଙ୍କୁ ଅଧିକ ସତର୍କ ରହିବା ଆବଶ୍ୟକ। ମାସ୍କ ପିନ୍ଧିବା, ହାତ ଧୋଇବା, ଭିଡ଼ ଏଡାଇବା ଏବଂ ଆବଶ୍ୟକ ହେଲେ ପରୀକ୍ଷା କରାଇବା ଗୁରୁତ୍ୱପୂର୍ଣ୍ଣ। ସରକାର ପରିସ୍ଥିତି ଉପରେ ତୀକ୍ଷଣ ନଜର ରଖିଛନ୍ତି। ରାଜ୍ୟଗୁଡ଼ିକୁ କରୋନାର ମୁକାବିଲା ପାଇଁ ଉପଯୁକ୍ତ ପଦକ୍ଷେପ ନେବାକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇସାରିଛି। ତେବେ ଦେଶରେ କ୍ରମାଗତ ଭାବେ ସଂକ୍ରମଣ ବଢ଼ୁଥିବା ପଛର କାରଣ ୪ଟି ନୂଆ ଭାରିଆଣ୍ଟ୍ ବୋଲି କୁହାଯାଉଛି। ଏକ ଗଣମାଧ୍ୟମ ଅନୁସାରେ, ଦେଶରେ ଏବେ ଏଲ୍ଏଫ୍ ୭, ଏକ୍ସଏଫ୍‌ଜି, ଜେଏନ୍.୧ ଓ ଏନ୍‌ବି. ୧.୮.୧. ଯୋଗୁଁ ସଂକ୍ରମଣ ବଢ଼ୁଛି। ଏଥି ମଧ୍ୟରୁ ଏନ୍‌ବି. ୧.୮.୧ ପ୍ରଥମ ଥର ପାଇଁ ଭାରତରେ ଦେଖିବାକୁ ମିଳିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ)ର ବୈଷୟିକ ଉପଦେଷ୍ଟା ଗୋଷ୍ଠୀ ଏହି ଭୂତାଣୁ ଉପରେ ନଜର ରଖାଯାଇଥିବା କହିଥିବା ବେଳେ ଏହା ବିଭିନ୍ନ ସମୟରେ ତା'ର ସ୍ୱରୂପ ପରିବର୍ତ୍ତନ କରିଥାଏ ବୋଲି କୁହାଯାଇଛି। କିନ୍ତୁ ଏହାର ଘାତକତା ନେଇ ବିଶେଷ କିଛି ସୂଚନା ନଥିବା ଉକ୍ତ ଗୋଷ୍ଠୀ କହିଛି।

### ସୁରକ୍ଷିତ ଜୀବନ...

ଯେ ଆଜି ସାରା ଭାରତରେ ଦୁର୍ଘଟଣାଜନିତ ମୃତ୍ୟୁ ବହୁତ ବଡ଼ ସମସ୍ୟା ଭାବେ ଦେଖାଦେଇଛି। ଆମ ଦେଶରେ ଦୁର୍ଘଟଣାରେ ପ୍ରାଣ ହରାଉଥିବା ବ୍ୟକ୍ତିଙ୍କ ମଧ୍ୟରୁ ୭୫.୨ ପ୍ରତିଶତ କାରଣ ହେଉଛି ଦ୍ରୁତ ଗତିରେ ଗାଡ଼ି ଚାଳନା। ଗାଡ଼ି ଚାଳନାର ଗୋଲଡେନ୍ ରୁଲ ସ୍ପିଡ୍ ଥ୍ରିଲ୍ସ, ବଟ୍ ଇଟ୍ ଅଲ୍‌ସୋ କିଲ୍ସକୁ ଚାଳକମାନେ ଭୁଲିଯାଉଛନ୍ତି। ଏଥିସହ ଭୁଲ ପାର୍ଶ୍ୱରେ ଗାଡ଼ି ଚାଳନା, ମଦ୍ୟପାନ କରି ଗାଡ଼ିଚାଳନା ଓ ଗାଡ଼ି ଚାଳନା ସମୟରେ ମୋବାଇଲ ବ୍ୟବହାର ଯୋଗୁଁ ଦୁର୍ଘଟଣା ସହ ତଜ୍ଜନିତ ମୃତ୍ୟୁ ମଧ୍ୟ ଘଟୁଛି ବୋଲି ମୁଖ୍ୟମନ୍ତ୍ରୀ କହିବା ସହ ଏସବୁ ବିଷୟରେ ସତର୍କ ରହିବା ଓ ଏସବୁ ଭୁଲରୁ ଦୂରେଇ ରହିବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୨୪ କୋଟି ଟଙ୍କା ବିନିଯୋଗରେ ସୋନପୁର, ଚଣ୍ଡୀଖୋଲ, ଭଞ୍ଜନଗର, ମୟୂରଭଞ୍ଜ, ରାଇରଙ୍ଗପୁର, ବଲାଙ୍ଗୀର, ତାଳଚେର, ମାଲକାନଗିରି, ନୟାଗଡ଼, ନବରଙ୍ଗପୁର ଓ ଦେବଗଡ଼ରେ ୧୧ଟି ସ୍ୱୟଂଚାଳିତ ଯାନ ଚାଳନା ପରୀକ୍ଷଣ ବ୍ୟବସ୍ଥା (ଏଡିଟିଏସ୍), ୨୧୫ କୋଟି ଟଙ୍କା ପ୍ରକଳ୍ପ ମୂଲ୍ୟରେ ଡ୍ରାଇଭିଂ ଇଲୋକ୍ଟ୍ରନିକ ଏନଫୋର୍ସମେଣ୍ଟ ଟୁ ସେଭ ହ୍ୟୁମାନ୍ ଲାଇଭ୍ସ ବା ଦିଶା ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟ ଶୁଭାରମ୍ଭ କରିଥିଲେ। ଏହା ରାଜ୍ୟର ବିଭିନ୍ନ ଜାତୀୟ ଓ ରାଜ୍ୟ ରାଜପଥର ୪୮୫ କିମି ଅଞ୍ଚଳରେ କାର୍ଯ୍ୟକ୍ଷମ ହେବ। ଏଥିସହ ୧୦୦୭ କିମି ଅଞ୍ଚଳରେ ଏହି ପ୍ରକଳ୍ପର ତୃତୀୟ ପର୍ଯ୍ୟାୟ ପାଇଁ ଶିଳାନ୍ୟାସ ମଧ୍ୟ କରାଯାଇଛି। ଏହି ବ୍ୟବସ୍ଥା ଫଳରେ ସଡ଼କ ସୁରକ୍ଷା ନିୟମ ପାଳନ କରୁନଥିବା ଚାଳକଙ୍କ ବିରୁଦ୍ଧରେ ସ୍ୱୟଂକ୍ରିୟ ପ୍ରଣାଳୀରେ ଇ-ଚାଲାଣ କଟିବ। ଯାଜପୁର ଜିଲ୍ଲାରେ ଦ୍ୱିତୀୟ ପଞ୍ଜୀକୃତ ଯାନ ସ୍କ୍ରାପିଂ କେନ୍ଦ୍ର ମଧ୍ୟ ଉଦ୍‌ଘାଟିତ ହୋଇଛି। ତା'ଛଡ଼ା କଟକଠାରେ ରାଜ୍ୟର ପ୍ରଥମ ସ୍ୱୟଂକ୍ରିୟ ଯାନ ପରୀକ୍ଷଣ କେନ୍ଦ୍ରର ଶୁଭାରମ୍ଭ ସହ ଆହୁରି ୨୦ଟି ସ୍ଥାନରେ ଏହି କେନ୍ଦ୍ର ସ୍ଥାପନ ପାଇଁ ଶିଳାନ୍ୟାସ ହୋଇଛି। ଏଥିପାଇଁ ମୋଟ ୨୧୧ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ମୁଖ୍ୟମନ୍ତ୍ରୀ ୨୭.୩ କୋଟି ଟଙ୍କା ବ୍ୟୟରେ ପୁରୀରୁ ଅଯୋଧ୍ୟା, ତିରୁପତି, ଉଜ୍ଜୟିନୀ, ହାଇଦ୍ରାବାଦ, ଭିଲାଇ, ଭୁବନେଶ୍ୱରରୁ ବିଶାଖାପାଟଣା, ଭବାନୀପାଟଣାରୁ ହାଇଦ୍ରାବାଦ ଓ ରାଇଘରରୁ ହାଇଦ୍ରାବାଦ ପର୍ଯ୍ୟନ୍ତ ୧୫ଟି ସୁପର ପ୍ରିମିୟମ୍ ଭଲ୍‌ଭୋ ବସ୍ ଶ୍ରୀ ଜଗନ୍ନାଥ ଏକ୍ସପ୍ରେସ୍‌ର ଶୁଭାରମ୍ଭ କରିଥିଲେ। ଭଦ୍ରକ ଜିଲ୍ଲାର ବାସୁଦେବପୁର ଓ ଧାମରା ଓ ବାଲେଶ୍ୱର ଜିଲ୍ଲା ବସ୍ତାଠାରେ ନିର୍ମିତ ଅଟଳ ବସଷ୍ଟାଣ୍ଡର ଶୁଭାରମ୍ଭ କରିବା ସହ ଓଏସ୍ଆର୍‌ଟିସିର ସମନ୍ୱିତ ପରିବହନ ପରିଚାଳନା ବ୍ୟବସ୍ଥା (ଆଇଟିଏମ୍ଏସ୍) ଓ ସମନ୍ୱିତ ନିର୍ଦ୍ଦେଶ ଓ ନିୟନ୍ତ୍ରଣ କେନ୍ଦ୍ର (ଆଇସିସିସି)ର ଲୋକାର୍ପଣ ହୋଇଛି। ପ୍ରାୟ ୫୭୫.୭୭ କୋଟି ଟଙ୍କା ମୂଲ୍ୟର ସଡ଼କ ସୁରକ୍ଷା ସମ୍ପର୍କିତ ୫୫ଟି କାର୍ଯ୍ୟକ୍ରମ ଓ ପ୍ରକଳ୍ପର ଆଜି ଶୁଭାରମ୍ଭ ହୋଇଛି। ଶେଷରେ ମୁଖ୍ୟମନ୍ତ୍ରୀ ସଡ଼କ ସୁରକ୍ଷା ପ୍ରତି ସମସ୍ତେ ସଚେତନ ହେବା ପାଇଁ ଆହ୍ୱାନ ଦେଇ ସୁରକ୍ଷିତ ଭାବେ ଗାଡ଼ି ଚାଳନା ପାଇଁ ପରାମର୍ଶ ଦେଇଥିଲେ। ଯାଜପୁର ଏଡିଟିଏସ୍‌ରୁ ଉତ୍ତୀର୍ଣ୍ଣ ହୋଇଥିବା ମନସ୍ୱିନୀ ସାହୁ, ପୁରୀ ମାଳତୀପାଟପୁର ବସଷ୍ଟାଣ୍ଡରୁ ତିରୁପତି ଯାତ୍ରୀ ମୀନା କୁମାରୀ ବେହେରା ଓ ଚାନ୍ଦବାଲି ନାବିକ ପ୍ରଶିକ୍ଷଣ ଇନଷ୍ଟିଚ୍ୟୁଟରୁ ସଞ୍ଜୟ ମଲ୍ଲିକ ମୁଖ୍ୟମନ୍ତ୍ରୀଙ୍କର ଏସବୁ ପଦକ୍ଷେପ ପାଇଁ ଆଭାସୀ ଜରିଆରେ ଧନ୍ୟବାଦ ଜଣାଇଥିଲେ। ଶେଷରେ ସଡ଼କ ସୁରକ୍ଷା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ। ବାଣିଜ୍ୟ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଥିଲେ ଯେ ମୁଖ୍ୟମନ୍ତ୍ରୀ ସଡ଼କ ସୁରକ୍ଷାକୁ ସବୁବେଳେ ଗୁରୁତ୍ୱ ଦେଇଆସୁଛନ୍ତି। ଆଜି ଶୁଭାରମ୍ଭ ହୋଇଥିବା ପ୍ରକଳ୍ପ ଓ କାର୍ଯ୍ୟକ୍ରମ ସଡ଼କ ସୁରକ୍ଷା ଦିଗରେ ବେଶ୍ ଉପଯୋଗୀ। ଲୋକଙ୍କୁ ସୁରକ୍ଷିତ ଓ ଉନ୍ନତ ପରିବହନ ସେବା ଦେବାକୁ ସରକାର ପ୍ରତିବଦ୍ଧ ବୋଲି ପରିବହନ ମନ୍ତ୍ରୀ କହିଥିଲେ। ଶୂନ ଦୁର୍ଘଟଣା ଦିବସ ପାଳନର ବ୍ରାଣ୍ଡ ଆମ୍ବାସଡର ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର ଓ ଅନ୍ତର୍ଜାତୀୟ ବାଲୁକାଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ସଡ଼କ ସୁରକ୍ଷା ସମ୍ବନ୍ଧୀୟ ସଚେତନତା ବାର୍ତ୍ତା ଦେଇଥିଲେ। ଏହି ଅବସରରେ ଦୁର୍ଘଟଣାଗ୍ରସ୍ତଙ୍କୁ ଠିକ୍ ସମୟରେ ଡାକ୍ତରଖାନାରେ ପହଞ୍ଚାଇ ଜୀବନ ରକ୍ଷା କରିଥିବାରୁ ଅବିନାଶ ପାଣିଗ୍ରାହୀ, ବିଶ୍ୱରଞ୍ଜନ ପାଢ଼ୀ, ପଞ୍ଚାନନ ଦାସ, ଶ୍ରୀନିବାସ ବେହେରା ଓ ସବିତା ରାଣୀ ପରିଡ଼ାଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ବାଣିଜ୍ୟ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ପରିବହନ କମିଶନର ଅମିତାଭ ଠାକୁର ଧନ୍ୟବାଦ ଦେଇଥିଲେ।

### କେନ୍ଦ୍ରକୁ ଗଲେ...

ପକ୍ଷରୁ ଏନେଇ ମୁଖ୍ୟ ସଚିବଙ୍କୁ ଚିଠି ଲେଖି ଅବଗତ ମଧ କରାଯାଇଛି। ସୂଚନାଯୋଗ୍ୟ ଯେ ପୂର୍ବରୁ କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର ଆଦି ଜିଲ୍ଲାର ଜିଲ୍ଲାପାଳ ଭାବେ ଶ୍ରୀ ଠାକ୍‌ରେ ସଫଳତାର ସହ କାର୍ଯ୍ୟ କରିସାରିଛନ୍ତି।

### ପାଇଖାନା ଟାଙ୍କିରେ...

କାମ କରୁଥିବା ଅନ୍ୟ ଦୁଇ ଜଣ ସେମାନଙ୍କୁ ଉଦ୍ଧାର କରିବାକୁ ଯାଇଥିବା ସମୟରେ ସେମାନଙ୍କ ଉପରେ ବି ଫ୍ଲସ ଖସିପଡ଼ିଥିଲା। ଫଳରେ ସେମାନେ ମଧ ଶ୍ୱାସରୁଦ୍ଧ ହୋଇ ଗୁରୁତର ହୋଇପଡ଼ିଥିଲେ। ଘଟଣା ସମ୍ବନ୍ଧରେ ଖବର ପାଇ ଅଗ୍ନିଶମ ବାହିନୀ ଓ ପୁଲିସ ବାହିନୀ ସହ ନବରଙ୍ଗପୁର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଆଦିତ୍ୟ ସେନ, ଏସଡିପିଓ କୃଷ୍ଣଚନ୍ଦ୍ର ଭତ୍ରା ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରି ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ତେବେ ସେଥିମଧ୍ୟରୁ ପ୍ରଥମେ ୩ ଜଣ ମୃତ୍ୟୁବରଣ କରିଥିବା ବେଳେ ଅନ୍ୟ ଜଣେ ଗୁରୁତର ଅବସ୍ଥାରେ ଆଇସିୟୁରେ ଭର୍ତ୍ତି ହୋଇଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ବି ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମୃତକମାନେ ହେଲେ ଏମ୍.ସନ୍ତୁ (୨୮), ଅମିର ଖୁରା (୩୦), ତ୍ରିଲୋଚନ ଭତରା (୨୫) ଓ ଲାଲୁ ରଣା କାମରା (୨୬)। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ଏଥିସହ ମୃତକଙ୍କ ପରିବାର ପାଇଁ ମୁଖ୍ୟମନ୍ତ୍ରୀ ୪ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି ।

### ଓଡ଼ିଶା ରାଜନୀତିକୁ...

ମହାମାରୀ ପାଇଁ ଏହା ହୋଇପାରିନଥିଲା। ବର୍ତ୍ତମାନ ୪ ବର୍ଷ ବିଳମ୍ବରେ ଜନଗଣନା କରାଯିବ। ତେବେ ସାରା ଦେଶରେ ବିଭିନ୍ନ ରାଜନୈତିକ ଦଳ, ସଂଗଠନମାନେ ଜାତିଭିତ୍ତିକ ଜନଗଣନା ପାଇଁ ଦାବି କରିବାରୁ କେନ୍ଦ୍ର ସରକାର ଏହାକୁ ଗ୍ରହଣ କରିଛନ୍ତି। ଜାତିଭିତ୍ତିକ ଜନଗଣନା ଦ୍ୱାରା ଅନେକ ପଛୁଆ ବର୍ଗ ଉପକୃତ ହୋଇପାରିବେ ବୋଲି ଆଶା କରାଯାଉଛି। ଏହି ଜନଗଣନା ପରେ ଏନ୍‌ଆରସି ଓ ନାଗରିକ ସଂଶୋଧନ ଆଇନ୍ ଲାଗୁ ପାଇଁ ବାଟ ଫିଟିବ ବୋଲି ଚର୍ଚ୍ଚା ହେଉଛି। ତେବେ ରାଜ୍ୟରେ ଜନଗଣନା ପ୍ରକ୍ରିୟା ଆରମ୍ଭ ସହ ରାଜନୀତିରେ ବଡ ଧରଣର ପରିବର୍ତ୍ତନର ଆଭାସ ମିଳିଛି । ଜନଗଣନାରେ କେବଳ ଜନସଂଖ୍ୟାର ହିସାବକିତାବ ହେବନି ବରଂ ରାଜନୀତିର ମିଶାଣ ଫେଡ଼ାଣକୁ ମଧ ଓଲଟପାଲଟ କରିଦେବ ବୋଲି ଚର୍ଚ୍ଚା ହେଉଛି । ଜନଗଣନା ପରେ ସୀମା ପୁନଃନିର୍ଦ୍ଧାରଣରେ ବଦଳି ଯାଇପାରେ ବିଧାନସଭାର ଭୂଗୋଳ । ବିଧାନସଭାର ଆସନ ସଂଖ୍ୟା ମଧ ବଢ଼ିବାର ସମ୍ଭାବନା ରହିଛି । ବିଧାନସଭା ଓ ଲୋକସଭା ନିର୍ବାଚନରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ଲାଗୁ ହେବା ଏକପ୍ରକାର ନିଶ୍ଚିତ ହୋଇଛି । ତେଣୁ କେଉଁ ଆସନ ମହିଳାଙ୍କ ପାଇଁ ସଂରକ୍ଷିତ ରହିବ, ଏଭଳି ପ୍ରଶ୍ନ ଏବେ ନେତାଙ୍କ ମନରେ ଛନକା ଭରିଛି ।

ଜାତି ଜନଗଣନା ପାଇଁ ମୋହର ବାଜିଥିବାରୁ ଆସନ ସଂରକ୍ଷଣରେ ପଛୁଆ ବର୍ଗ ବି ସାମିଲ ହୋଇପାରନ୍ତି। ଯେଉଁଥିପାଇଁ ଉଭୟ ଶାସକ ଓ ବିରୋଧୀ ଏବେ ଓବିସି କାର୍ଡ ଖେଳୁଛନ୍ତି। ବିଧାନସଭାର ବର୍ଦ୍ଧିତ ଆସନରେ ଓବିସିଙ୍କୁ ହକ୍ ମୁତାବକ ଭାଗ ମିଳିବ କି ନାହିଁ ତାହା ବି ଆଲୋଚନାର ପ୍ରସଙ୍ଗ ପାଲଟିଛି। ମୋଟାମୋଟି ଭାବେ କହିବାକୁ ଗଲେ, ଜନଗଣନା ପରେ ହେବାକୁ ଥିବା ସୀମା ପୁନଃନିର୍ଦ୍ଧାରଣ ଓଡ଼ିଶା ରାଜନୀତିରେ ନିର୍ଣ୍ଣାୟକ ଭୂମିକା ନେବ ବୋଲି ରାଜନୀତି ସମୀକ୍ଷକମାନେ ଆକଳନ କରୁଛନ୍ତି।

### ଭୁଶୁଡ଼ିଲା ଛାତ...

ଜଣଙ୍କ ଉପରେ ବିମ ପଡିଯିବାରୁ ସେ ଚାପି ହୋଇ ମୃତ୍ୟୁବରଣ କରିଥିଲେ। ଅନ୍ୟ ଦୁଇ ଜଣ ଗୁରୁତର ହୋଇ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି।

ଅଗ୍ନିଶମ ବାହିନୀ ଚାପି ହୋଇଥିବା ଶ୍ରମିକଙ୍କ ମୃତଦେହ ଉଦ୍ଧାର କରିବା ସହ ସନ୍ଧାନୀ କୁକୁର ସହାୟତାରେ ଆଉ କେହି ଚାପି ହୋଇ ରହିଯାଇଛନ୍ତି କି ନାହିଁ, ତା'ର ଯାଞ୍ଚ କରିଥିଲେ। ସେପଟେ ଏହି କାର୍ଯ୍ୟରେ ଶ୍ରମିକଙ୍କ ପାଇଁ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା କି ନାହିଁ ତା'ର ଯାଞ୍ଚ ହେବ ବୋଲି କହିଛନ୍ତି ପୁଲିସ କମିଶନର ଓ ଯୁଗ୍ମ ଶ୍ରମ କମିଶନର। ଆବଶ୍ୟକ ସୁରକ୍ଷା ନ ଥାଇ ଯଦି କାମ କରାଯାଉଥିବା ଜଣାପଡ଼ିବ ତେବେ ଉଭୟ ଘର ମାଲିକ ଓ ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ଯୁଗ୍ମ ଶ୍ରମ କମିଶନର।

ସେପଟେ ବର୍ଷାରେ ବରଗଡ଼ କେନାଲ ରୋଡ଼ରେ ସାଇଫୁଲ ଧସେଇପସିବାରୁ ଲୋକଙ୍କ ଘରେ ନାଳ ପାଣି ପଶିଯାଇଥିଲା। ଏହାଦ୍ୱାରା ଲୋକଙ୍କ ମଧ୍ୟ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଖବର ପାଇ ଘଟଣାସ୍ଥଳରେ ଭୁବନେଶ୍ୱର ମେୟର ପହଞ୍ଚିଥିଲେ। ତେବେ ଉତ୍ୟକ୍ତ ଲୋକେ ମେୟରଙ୍କୁ ଦୀର୍ଘ ସମୟ ଧରି ମେୟରଙ୍କୁ ଘେରାଉ କରି ରଖିବା ସହ ବିଏମସିର ଅପାରଗତାକୁ ନେଇ ବର୍ଷିଥିଲେ। ମେୟର ମଧ୍ୟ ଏଭଳି ଅପ୍ରୀତିକର ପରିସ୍ଥିତି ପାଇଁ ପ୍ରସ୍ତୁତ ନଥିବାରୁ ଲୋକଙ୍କ ପ୍ରଶ୍ନର ଉତ୍ତର ଦେଇନପାରି ଆବାକାବା ହୋଇଯାଇଥିଲେ।

### ଆସୁଛନ୍ତି ମେଧା...

ଯାଉଛନ୍ତି ଏବଂ ଏହି ସଫଳତା ଭିତରେ ଶିଳ୍ପାୟନ ଏକ ବଡ ପ୍ରସଙ୍ଗ ରହିଛି, ତେଣୁ ମେଧାଙ୍କ ଗସ୍ତ ଉପରେ ଏବେ ସରକାରୀ କଳ ତୀକ୍ଷ୍ଣ ନଜର ରଖିଛି। କାରଣ ଓଡିଶାକୁ ନିବେଶ ପାଇଁ ଆସିଥିବା ଅନେକ ଶିଳ୍ପସଂସ୍ଥା ଅତୀତରେ ପରିବେଶ ସୁରକ୍ଷା ଆନ୍ଦୋଳନ ଯୋଗୁଁ ଓଡିଶା ଛାଡିବାକୁ ବାଧ୍ୟ ହୋଇଛନ୍ତି। ସେମାନେ ଓଡିଶାରୁ ଅନ୍ୟ ରାଜ୍ୟକୁ ନିଜର ନିବେଶ ସ୍ଥାନାନ୍ତରିତ କରିବାକୁ ଉଚିତ୍ ମଣିଛନ୍ତି। ତେଣୁ ମେଧାଙ୍କ ଗସ୍ତ ସମୟରେ ଓଡିଶାର ଶିଳ୍ପ ଅନୁକୂଳ ପରିବେଶ ଉପରେ ଯେଭଳି କୌଣସି ପ୍ରକାର ନକରାତ୍ମକ ପ୍ରଭାବ ନପଡେ ତାହା ଉପରେ ସରକାର ନଜର ରଖିଥିବାବେଳେ ରାଜ୍ୟର ପରିବେଶବିତ୍‌ମାନେ କିନ୍ତୁ ମେଧାଙ୍କ ଗସ୍ତକୁ ନେଇ ଉତ୍ସାହିତ ଥିବା ଲକ୍ଷ୍ୟ କରାଯାଇଛି।

# ୪୫୦ ପେଟି ବିସ୍ଫୋରକ ଜବତ



**ରାଉରକେଲା,୩।୬(ସଂଚାର ବ୍ୟୁରୋ):** ରାଉରକେଲା ବାଲୁଘାଟରେ ଦୁଇଟି ଟ୍ରକରୁ ୪୫୦ ପେଟି ବିସ୍ଫୋରକ ମିଳିଛି । ଗୋଟିଏରୁ ୩ ଶହ ପେଟି ଓ ଅନ୍ୟ ଏକ ଟ୍ରକରୁ ୧୫୦ ପେଟି ବିସ୍ଫୋରକ ଜବତ ହୋଇଥିବା ଆଜି ସୂଚନା ଦେଇଛନ୍ତି ରାଉରକେଲା ଏସପି ନୀତେଶ ବର୍ଧାନି। ଟ୍ରକରେ ବେଆଇନ ଭାବେ ବିସ୍ଫୋରକ ପଠାଯାଉଥିବା ବେଳେ ଏନେଇ ପୂର୍ବରୁ ଅଭିଯୋଗ ରହିଥିଲା। ପୂର୍ବରୁ ବିସ୍ଫୋରକ ଗୋଦାମକୁ ସିଲ୍ କରିଥିଲା ସୁନ୍ଦରଗଡ଼ ପୁଲିସ। ଏହି ଘଟଣାରେ ଗୋଦାମ ମାଲିକ ଶ୍ରବଣ ଅଗ୍ରୱାଲ ଓ ଡ୍ରାଇଭର ବିର୍ସା ସାମଦଙ୍କୁ ଗିରଫ କରାଯାଇଛି। ଗତ ମଙ୍ଗଳବାର କେ. ବଲାଙ୍ଗ ଥାନା ବାଙ୍କ ପଥର ଖଣିରୁ ମାଓବାଦୀ ୪ ଟନ୍ ବିସ୍ଫୋରକ ଲୁଟି ନେଇଥିଲେ। ବିସ୍ଫୋରକ ମଧ୍ୟରୁ ଉଦ୍ଧାର ହୋଇଥିଲା ଅଢ଼େଇ ଟନ୍ ବିସ୍ଫୋରକ। ଏହାକୁ ମାଓବାଦୀମାନେ ମାଟିତଳେ ଲୁଚାଇ ରଖିଥିଲେ। ଝାଡ଼ଖଣ୍ଡର ଜରେଇକେଲା ଥାନା ଅଞ୍ଚଳରୁ ଏହା ଜବତ ହୋଇଥିଲା। ଏପଟେ ବିସ୍ଫୋରକ ସାମଗ୍ରୀକୁ ନେଇ ପୁଲିସ ତା'ର ଛାନଭିନ୍ ଜାରି ରଖିଛି। ସୁନ୍ଦରଗଡ଼, ରାଉରକେଲା ଓ କେନ୍ଦୁଝରରେ ମଧ୍ୟ ପୁଲିସ୍ ଯାଞ୍ଚ୍ କରୁଥିବା ଜଣାପଡ଼ିଛି। ବିଭିନ୍ନ ବିସ୍ଫୋରକ ଗୋଦାମରେ ସାମଗ୍ରୀ ମହଜୁଦ୍ ନେଇ ଯାଞ୍ଚ ହେଉଛି। ଗୋଦାମରେ ଷ୍ଟକ୍ ସହ ଅନ୍ୟାନ୍ୟ କାଗଜପତ୍ର ଯାଞ୍ଚ କରାଯାଉଥିବା ପଶ୍ଚିମାଞ୍ଚଳ ଡିଆଇଜି ନୀତି ଶେଖର ସୂଚନା ଦେଇଛନ୍ତି। ବଣାଇ ଥାନାର ନୂଆପାଲି ବାରୁଦ କାରଖାନାରେ ପୁଲିସ ଚଢ଼ାଉ କରିଥିବା ବେଳେ କେନ୍ଦୁଝର ଜିଲ୍ଲାର ୧୧ଟି ସ୍ଥାନରେ ଥିବା ଗୋଦାମରେ ମଧ୍ୟ ଯାଞ୍ଚ ଚାଲିଛି। ଘଟଗାଁ, ବଡ଼ବିଲ୍, ବଲାଣି, ଯୋଡା ଓ ରୁଗୁଡିରେ ଥିବା ଗୋଦାମରେ ପୁଲିସ୍ ତନାଘନା ଚଳାଇଥିବା ସୂଚନା ମିଳିଛି।

# ଦେବଗଡ଼କୁ ୧୫ ପ୍ରକଳ୍ପ ଓ କେନ୍ଦୁପତ୍ରଜୀବୀଙ୍କୁ ୪୧ କୋଟି ଭେଟି

- ୨୦୫ କୋଟି ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ
- ଜିଲ୍ଲା ମୁଖ୍ୟାଳୟରେ ୩୦୦ ଶଯ୍ୟାବିଶିଷ୍ଟ ଡାକ୍ତରଖାନା ଉଦ୍‌ଘାଟିତ
- ଉପକୃତ ହେବେ ୯ ଲକ୍ଷ କେନ୍ଦୁପତ୍ର ତୋଳାଳି ଓ ବନ୍ଧାଳି
- ବିକଶିତ ଜିଲ୍ଲାରେ ପରିଣତ ସରକାରଙ୍କ ପ୍ରାଥମିକତା



**ଭୁବନେଶ୍ୱର,୩।୬(ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଦେବଗଡ଼ ଜିଲ୍ଲା ଗସ୍ତ କରିବା ସହ ସେଠାକାର ଜନସାଧାରଣଙ୍କୁ ୧୫ଟି ପ୍ରକଳ୍ପ ଭେଟିଦେଇଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀ କେନ୍ଦୁପତ୍ର ତୋଳାଳି ଓ ବନ୍ଧାଳିଙ୍କୁ ସହାୟତା ରାଶି ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ଆଜି ଦେବଗଡ଼ରେ ପ୍ରାୟ ୨୦୫ କୋଟି ଟଙ୍କା ମୂଲ୍ୟର ବିଭିନ୍ନ ଜନକଲ୍ୟାଣକାରୀ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। ଏଥିସହ ଦେବଗଡ଼ ଜିଲ୍ଲାରେ ମୁଖ୍ୟମନ୍ତ୍ରୀ ଏକ ୩୦୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟିତ ଓ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିବା ପ୍ରକଳ୍ପ ମଧ୍ୟରେ ୧୧ଟି ସ୍ୱାସ୍ଥ୍ୟସେବା ପ୍ରକଳ୍ପ ଓ ୪ଟି ଶିକ୍ଷା ଭିତ୍ତିଭୂମି ଉନ୍ନତିକରଣ ପ୍ରକଳ୍ପ ରହିଛି। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ରାଜ୍ୟର ସମସ୍ତ କେନ୍ଦୁପତ୍ର ତୋଳାଳି ଓ ବନ୍ଧାଳିଙ୍କ ପାଇଁ ୪୧ କୋଟି ୧୭ ଲକ୍ଷ ଟଙ୍କାର ସହାୟତା ରାଶି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ଏଥିରେ କେନ୍ଦୁପତ୍ର ତୋଳାଳିଙ୍କୁ ଚପଲ ପାଇଁ ୧୬୦ ଟଙ୍କା, କେରି ସଂଗ୍ରହ କପଡ଼ା ପାଇଁ ୨୦୦, ତୋଳାଳି ଓ ସିଜନାଲ ଷ୍ଟାଫଙ୍କ ଟୋପି ପାଇଁ ୧୦୦ ଟଙ୍କା, ବନ୍ଧାଳିମାନଙ୍କ ପାଇଁ ମଶାରୀ ଓ କମ୍ବଳ ବାବଦରେ ଜଣ ପିଛା ୭୦୦ ଟଙ୍କା ପ୍ରଦାନ କରାଯିବ। ଏହାଦ୍ୱାରା ରାଜ୍ୟର ପ୍ରାୟ ୯ ଲକ୍ଷ କେନ୍ଦୁପତ୍ର ତୋଳାଳି, ବନ୍ଧାଳି ଓ ସିଜନାଲ ଷ୍ଟାଫ ଉପକୃତ ହେବେ ବୋଲି ଜଣାପଡ଼ିଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଦେବଗଡ଼ ଜିଲ୍ଲାର ବିକାଶ ପାଇଁ ସମସ୍ତ ସାମର୍ଥ୍ୟ ରହିଛି। ଆମେ ତା'ର ସଠିକ ଉପଯୋଗ କରି ଜିଲ୍ଲାକୁ ରାଜ୍ୟ ବିକାଶ ଧାରାର ମୁଖ୍ୟସ୍ରୋତରେ ଯୋଡ଼ିବୁ। ଆମ ସରକାର କ୍ଷମତାକୁ ଆସିବା ପରେ ରାଜ୍ୟର ୩୦ଟି ଜିଲ୍ଲାର ସମାନୁପାତିକ ବିକାଶକୁ ଗୁରୁତ୍ୱ ଦେଉଛୁ। ସମାଜର ଶେଷ ଧାଡ଼ିରେ ଥିବା ଲୋକଟିଏ ଯେପରି ସବୁ ମୌଳିକ ସୁବିଧା ପାଇପାରିବ, ସେଥିପ୍ରତି ଧ୍ୟାନ ଦେଉଛୁ। ଶିକ୍ଷା, ସ୍ୱାସ୍ଥ୍ୟ, ଭିତ୍ତିଭୂମି, କୃଷି, ଶିଳ୍ପ, ପୁଞ୍ଜିନିବେଶ ଓ ରୋଜଗାର ଉପରେ ଗୁରୁତ୍ୱ ଦେଲେ ହିଁ ସମୃଦ୍ଧ ଓଡ଼ିଶା ଗଠନର ସ୍ୱପ୍ନ ସମ୍ଭବ ହୋଇପାରିବ। ସମସ୍ତଙ୍କୁ ନେଇ ସବୁ କ୍ଷେତ୍ରର ବିକାଶ ଜରିଆରେ ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଏବଂ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନର ଲକ୍ଷ୍ୟ ପୂରଣ କରିବା ଦିଗରେ ଆମର ଉଦ୍ୟମ ଜାରି ରହିଛି। ଦେବଗଡ଼ ଜିଲ୍ଲାକୁ ରାଜ୍ୟର ଏକ ଅଗ୍ରଣୀ ଓ ବିକଶିତ ଜିଲ୍ଲା ଭାବେ ଗଢ଼ି ତୋଳିବା ସରକାରଙ୍କ ପ୍ରାଥମିକ ଲକ୍ଷ୍ୟ। ଏହି ଲକ୍ଷ୍ୟ ପୂରଣ ପାଇଁ ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ବିଜୁଳି ଓ ଗମନାଗମନ ଭଳି ମୌଳିକ ସୁବିଧା ଯୋଗାଇ ଦେବା ଦିଗରେ ସରକାର ତ୍ୱରିତ ପଦକ୍ଷେପ ଗ୍ରହଣ କରୁଛନ୍ତି। ଆମ ସରକାରକୁ ବର୍ଷେ ପୂରିବାକୁ ଆଉ ମାତ୍ର ୯ ଦିନ ବାକି ଅଛି। ପ୍ରଥମ ବର୍ଷରେ ଆମେ ସାଧାରଣ ଲୋକଠାରୁ ଆରମ୍ଭ କରି ଜିଲ୍ଲା ତଥା ରାଜ୍ୟର ସାମଗ୍ରିକ ବିକାଶ ପାଇଁ ଅନେକ ଉନ୍ନୟନମୂଳକ ଓ କଲ୍ୟାଣକାରୀ ପଦକ୍ଷେପ ନେଇଛୁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ମନ୍ତ୍ରୀ, ଡ. ମୁକେଶ ମହାଲିଙ୍ଗ, ଦେବଗଡ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଉପସ୍ଥିତ ଥିଲେ। ଜିଲ୍ଲାପାଳ କବିନ୍ଦ୍ର ଚନ୍ଦ୍ର ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡଃ ବିଶ୍ୱମୋହନ ମିଶ୍ର ଧନ୍ୟବାଦ ଦେଇଥିଲେ।

# ମହକିବ ରାଜଧାନୀ, ଡିଭାଇଡର୍‌ରେ ଲାଗିବ ତୁଳସୀ

**ଭୁବନେଶ୍ୱର,୩।୬(ସଂଚାର ବ୍ୟୁରୋ):** ଏଣିକି ରାଜଧାନୀ ରାଜରାସ୍ତାରେ ଗଲା ବେଳେ ତୁଳସୀ ବାସ୍ନାରେ ମନ ବିଭୋର ହୋଇଯିବ। କାରଣ ଆଗାମୀ ଦିନରେ ରାଜଧାନୀର ବିଭିନ୍ନ ଟ୍ରାଫିକ ପୋଷ୍ଟ ଓ ଡିଭାଇଡର୍‌ରେ ତୁଳସୀ ଗଛ ଲାଗିବ। ଏଥିପାଇଁ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ସମସ୍ତ ଅର୍ବାନ୍ ଲୋକାଲ୍ ବଡି (ୟୁଏଲ୍‌ବି)କୁ ନିର୍ଦ୍ଦେଶ ଦିଆଯାଇଛି। ଏ ସଂକ୍ରାନ୍ତରେ ମନ୍ତ୍ରୀ ଶ୍ରୀ ମହାପାତ୍ର କହିଛନ୍ତି ଯେ ସବୁ ଟ୍ରାଫିକ ପୋଷ୍ଟ ନିକଟସ୍ଥ ଡିଭାଇଡରରେ ତୁଳସୀ ଗଛ ଲଗାଯିବ।

ଫଳରେ ଟ୍ରାଫିକ ପୋଷ୍ଟରେ ଅଟକୁଥିବା ଯାତ୍ରୀମାନଙ୍କୁ ଏଣିକି ପ୍ରଚୁର ପରିମାଣରେ ଅମ୍ଳଜାନ ମିଳିପାରିବ। କାରଣ ତୁଳସୀ ଗଛ ଭଲ ଅକ୍ସିଜେନ ଦେଇଥାଏ। ଏବେ ଆମ ପାଇଁ ଅକ୍ସିଜେନ କମି କମି ଚାଲିଛି। ତେଣୁ ତୁଳସୀ ଗଛ ଲାଗିଲେ ଲୋକେ ଅଧିକ ଅକ୍ସିଜେନ ପାଇପାରିବେ। ତୁଳସୀ ସର୍ବଶ୍ରେଷ୍ଠ। ତୁଳସୀ ଲାଗିଲେ ବାୟୁରେ ଅମ୍ଳଜାନ ମାତ୍ରା ଅଧିକ ରହିବ। ବର୍ଷ ପୂର୍ତ୍ତି ଅବସରରେ ଗୋଟିଏ ସମୟରେ ହଜାର ହଜାର ଗଛ ଲଗାଇବାର ପରିକଳ୍ପନା କରାଯାଇଛି। ସବୁ ୟୁଏଲ୍‌ବିକୁ ନିର୍ଦ୍ଦେଶ ଦିଆଯାଇଛି। ଏପରିକି ଅଁଳା ଓ ସଜନା ଗଛ ସମେତ ବାରମାସୀ ଶାଗ ଗଛ ବି ଲଗାଯିବ। 'ମା' ପାଇଁ ଗଛଟିଏ' ଆହ୍ୱାନରେ ବୃକ୍ଷରୋପଣ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ମହାପାତ୍ର କହିଛନ୍ତି। ବିଜେପି ସରକାର ବର୍ଷ ପୂର୍ତ୍ତି ଅବସରରେ ସହରକୁ ସବୁଜ ସୁନ୍ଦର କରିବାକୁ ନିଷ୍ପତ୍ତି ନିଆଯାଇଥିବା ମନ୍ତ୍ରୀ କହିଛନ୍ତି।

# ବିଭିନ୍ନ ସ୍ଥାନରେ ବର୍ଷା, ୧୦ ପରେ ଲଘୁଚାପ !



**ଭୁବନେଶ୍ୱର,୩।୬(ସଂଚାର ବ୍ୟୁରୋ):** କିଛିଦିନର ଆଶ୍ୱସ୍ତି ପରେ ଗତକାଲିଠାରୁ ପୁଣି ତାତି ଫେରିଥିବା ବେଳେ ସୋମବାର ଭୁବନେଶ୍ୱର ରାଜ୍ୟର ସବୁଠାରୁ ଉତ୍ତପ୍ତ ସହର ରହିଥିଲା। ଆଜି ମଧ୍ୟ ପୂର୍ବାହ୍ନରେ ତାତିର ତାଉ ଯଥେଷ୍ଟ ଅଧିକ ରହିଥିଲା। କିନ୍ତୁ ଅପରାହ୍ନରେ ଭୁବନେଶ୍ୱର ଓ ଅନ୍ୟାନ୍ୟ କେତେକ ସ୍ଥାନରେ କିଛି ସମୟ ପାଇଁ ବର୍ଷା ହେବା ଫଳରେ ପାଣିପାଗରେ ସାମାନ୍ୟ ଶୀତଳତା ଅନୁଭୂତ ହୋଇଛି। କିନ୍ତୁ ଅଧିକାଂଶ ସ୍ଥାନରେ ଆଜି କ୍ରମାଗତ ଦ୍ୱିତୀୟ ଦିନରେ ପ୍ରବଳ ଗରମ ଓ ଗୁଳୁଗୁଳି ଅନୁଭୂତ ହେଉଥିବାର ଜନସାଧାରଣ ଛଟପଟ ହୋଇଛନ୍ତି। ବାୟୁମଣ୍ଡଳରେ ଆର୍ଦ୍ରତା ରହୁଥିବାରୁ ପ୍ରବଳ ଗୁଳୁଗୁଳି ଅନୁଭୂତ ହେଉଛି। ସେପଟେ ଚଳିତ ବର୍ଷ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆଗୁଆ ଓଡ଼ିଶାରେ ପ୍ରବେଶ କରିଥିଲେ ମଧ୍ୟ ରାଜ୍ୟକୁ ପଶ୍ଚିମା ଶୁଷ୍କ ପବନ ବହିବା ଫଳରେ ମୌସୁମୀଜନିତ ବର୍ଷାରେ ବିରାମ ଲାଗିଛି। ଫଳରେ ତାପମାତ୍ରା କ୍ରମାଗତ ଭାବେ ବଢ଼ିଚାଲିଛି। ଆଗାମୀ ସପ୍ତାହରେ ହେବାକୁ ଥିବା ପବିତ୍ର ସ୍ନାନପୂର୍ଣ୍ଣିମା ପର୍ଯ୍ୟନ୍ତ ଏଭଳି ଗରମ ଓ ଗୁଳୁଗୁଳି ଲାଗି ରହିବ ବୋଲି ଆଶଙ୍କା କରାଯାଉଛି। ଏହି ସମୟରେ ଦିନବେଳା ତାପମାତ୍ରା ୪୦ରୁ ୪୧ ଡିଗ୍ରୀ ପର୍ଯ୍ୟନ୍ତ ପହଞ୍ଚିବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ସେହିପରି ଆସନ୍ତା ୧୦ ତାରିଖ ପରେ ବଙ୍ଗୋପସାଗରରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଯାହାର ପ୍ରଭାବରେ ୪ରୁ ୫ ଦିନ ବର୍ଷା ହେବ ବୋଲି କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

## ଜଳ ନିଷ୍କାସନ ପ୍ରସ୍ତୁତିର ସମୀକ୍ଷା କଲେ ମନ୍ତ୍ରୀ

# ମୌସୁମୀ ପୂର୍ବରୁ ପଦକ୍ଷେପ ପାଇଁ ନିର୍ଦ୍ଦେଶ



**ଭୁବନେଶ୍ୱର,୩।୬(ସଂଚାର ବ୍ୟୁରୋ):** ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର ଆଜି ଭୁବନେଶ୍ୱରରେ ଜଳ ନିଷ୍କାସନ ପରିସ୍ଥିତିର ସମୀକ୍ଷା କରିବା ସହ ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ଜଳବନ୍ଦୀମୁକ୍ତ ଓ ସୁରକ୍ଷିତ ସହରାଞ୍ଚଳ ପରିବେଶ ସୁନିଶ୍ଚିତ କରିବା ସକାଶେ ସରକାରଙ୍କ ପ୍ରତିବଦ୍ଧତାକୁ ସ୍ପଷ୍ଟ କରିଛନ୍ତି। ଭୁବନେଶ୍ୱର ମହାନଗର ନିଗମ (ବିଏମସି)ର ବରିଷ୍ଠ ଅଧିକାରୀ ଓ ଇଞ୍ଜିନିୟରମାନଙ୍କ ସହ ଡକ୍ଟର ମହାପାତ୍ର ବ୍ୟକ୍ତିଗତ ଭାବେ କୃଷ୍ଣା ଟାୱାର ନିକଟରେ ଇସ୍କନ୍ ମନ୍ଦିର ସ୍ଥଳ, ଆୟୁର୍ବେଦିକ ହସ୍ପିଟାଲ ନିକଟ କଳିଙ୍ଗ ଷ୍ଟୁଡିଓ ଛକ, ରାଜୀବ ନଗର, ଭୋଇ ନଗରରେ ଡ୍ରେନ୍ ନମ୍ବର ୯, ଡ୍ରେନ୍ ନମ୍ବର ୪ ଏବଂ ଏସ୍ପ୍ଲାନେଡ୍ ମଲ୍ ଏବଂ ଦୁର୍ଗା ମଣ୍ଡପ ନିକଟ ବମିଖାଲ ସମେତ ଅନେକ ଜଳବନ୍ଦୀ ଅଞ୍ଚଳ ଯାଞ୍ଚ କରିଛନ୍ତି। ମନ୍ତ୍ରୀ ପ୍ରମୁଖ ଓ ଶାଖା ଡ୍ରେନେଜ୍ ଚ୍ୟାନେଲଗୁଡ଼ିକର ସମୀକ୍ଷା କରିବା ସହ ସଫେଇ କାର୍ଯ୍ୟରେ ଅବରୋଧ ଓ ବିଳମ୍ବ ନେଇ ଚିନ୍ତା ପ୍ରକଟ କରିଛନ୍ତି। ଯୁଦ୍ଧକାଳୀନ ଭିତ୍ତିରେ ଡ୍ରେନ୍‌ରୁ ପଙ୍କ ଉଦ୍ଧାର ଏବଂ ସଫେଇ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଅତିରିକ୍ତ ମାନବ ସମ୍ବଳ ଏବଂ ଯନ୍ତ୍ରପାତି ନିୟୋଜିତ କରିବା ପାଇଁ ସେ ନିର୍ଦ୍ଦେଶ ଜାରି କରିଛନ୍ତି। କ୍ଷେତ୍ର ପରିଦର୍ଶନ ପରେ ଡକ୍ଟର ମହାପାତ୍ର ରାଜ୍ୟର ସାମଗ୍ରିକ ମୌସୁମୀ ପ୍ରସ୍ତୁତି ସମୀକ୍ଷା କରିବା ପାଇଁ ସମସ୍ତ ୧୧୫ଟି ସହରାଞ୍ଚଳ ସ୍ଥାନୀୟ ସଂସ୍ଥା (ୟୁଏଲ୍‌ବି) ସହ ଏକ ଭିଡିଓ କନଫରେନ୍ସିଂ କରିଥିଲେ। ମୁଖ୍ୟ କ୍ଷେତ୍ରଗୁଡ଼ିକ ମଧ୍ୟରେ ପରିମଳ, ଡ୍ରେନେଜ୍ ପ୍ରସ୍ତୁତି, ରାଜସ୍ୱ ଆଦାୟ, ହୋଲ୍ଡିଂ ଟିକସ ସଂଗ୍ରହ ଏବଂ ବିଭାଗୀୟ ପଦକ୍ଷେପର 'ଏକ ବର୍ଷ ପାଳନ' ଆଦି ପ୍ରସ୍ତୁତି ଯୋଜନା ଅନ୍ତର୍ଭୁକ୍ତ ଥିଲା। ସମୀକ୍ଷା ସମୟରେ ମନ୍ତ୍ରୀ ସ୍ପଷ୍ଟ କରିଥିଲେ ଯେ ଜଳବନ୍ଦୀ କିମ୍ବା ଜନସାଧାରଣଙ୍କ ଅସୁବିଧା ପାଇଁ ଯେକୌଣସି ତ୍ରୁଟି କିମ୍ବା ଅବହେଳା ପରିପ୍ରେକ୍ଷୀରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ମୌସୁମୀ ସମୟରେ ନାଗରିକଙ୍କ ସୁରକ୍ଷା ଓ ସୁବିଧାକୁ ସବୁଠାରୁ ଅଧିକ ଗୁରୁତ୍ୱ ଦେବା ସକାଶେ ମନ୍ତ୍ରୀ ଡକ୍ଟର ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ଗୃହ ଏବଂ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉଷା ପାଢୀ ପୌରସଂସ୍ଥାଗୁଡ଼ିକୁ ବିଭାଗ ଦ୍ୱାରା ଜାରି ମାନକ ମାର୍ଗ ଦର୍ଶିକା (ଏସ୍‌ଓପି) କଡ଼ାକଡ଼ି ଭାବେ ପାଳନ କରିବା ସକାଶେ ପରାମର୍ଶ ଦେଇଥିଲେ। ଏଥିସହ ଆବଶ୍ୟକ ସ୍ଥଳେ ପୂର୍ଣ୍ଣ ସମର୍ଥନ ଯୋଗାଇ ଦିଆଯିବ ବୋଲି ଶ୍ରୀମତୀ ପାଢ଼ି ଆଶ୍ୱାସନା ଦେଇଥିଲେ। ଅଧିକାରୀମାନେ ସକ୍ରିୟ ରହିବା ସହ ଯେକୌଣସି ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପ୍ରସ୍ତୁତ ରହିବା ସକାଶେ ସେ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ରାଜ୍ୟର ସମସ୍ତ ସହରାଞ୍ଚଳ ବାସିନ୍ଦାଙ୍କ ଜୀବନ ଧାରଣର ମାନ ଉନ୍ନତ କରିବା ଓ ସହରାଞ୍ଚଳ ବନ୍ୟା ବିପଦକୁ କମ କରିବା ପାଇଁ ଦୃଢ଼ ପ୍ରସ୍ତୁତି ଏବଂ ସମୟୋଚିତ ପଦକ୍ଷେପ ସୁନିଶ୍ଚିତ କରିବା ଉପରେ ଧ୍ୟାନ ଦେଉଛି ବୋଲି ପ୍ରମୁଖ ସଚିବ କହିଛନ୍ତି। ଏହି ବୈଠକରେ ପୌର ନିର୍ଦ୍ଦେଶକ ଦେବାଶିଷ ସିଂହ, ଅତିରିକ୍ତ ସଚିବ ରବୀନ୍ଦ୍ର ସାହୁ, ସୌରେନ୍ଦ୍ର ରାଉତରାୟ ଓ ଦୁର୍ଗେଶ ନନ୍ଦିନୀ ସାହୁଙ୍କ ସମେତ ଅନ୍ୟାନ୍ୟ ପଦସ୍ଥ ଅଧିକାରୀମାନେ ଉପସ୍ଥିତ ଥିଲେ।

## ପୁଣି ବଦଳିଲା ପ୍ରାଥମିକ ଶିକ୍ଷକ ବଦଳି କ୍ୟାଲେଣ୍ଡର

# ଆସନ୍ତା ୭ ଆବେଦନର ଶେଷ ତାରିଖ

**ଭୁବନେଶ୍ୱର,୩।୬(ସଂଚାର ବ୍ୟୁରୋ):** ପ୍ରାଥମିକ ଶିକ୍ଷକଙ୍କ ବଦଳି କ୍ୟାଲେଣ୍ଡରରେ ପୁଣିଥରେ ପରିବର୍ତ୍ତନ କରାଯାଇଛି। ଜିଲ୍ଲା ଭିତରେ ଓ ବାହାରକୁ ବଦଳି ପାଇଁ ଆବେଦନ ପାଇଁ ଅନୁମତି ମିଳିଛି। ଆସନ୍ତା ୬ ତାରିଖ ଭିତରେ ପୋର୍ଟାଲ ଜରିଆରେ ଆବେଦନ କରିପାରିବେ ବୋଲି ପୂର୍ବରୁ ନିର୍ଦ୍ଦେଶ ରହିଥିଲା। କିନ୍ତୁ ଏବେ ଏହାକୁ ଆଉ ଗୋଟିଏ ଦିନ ବଢ଼ାଯାଇଛି। ଅର୍ଥାତ୍ ଆସନ୍ତା ୭ ତାରିଖ ସୁଦ୍ଧା ପୋର୍ଟାଲ୍ ଜରିଆରେ ପ୍ରାଥମିକ ଶିକ୍ଷକମାନେ ବଦଳି ସକାଶେ ଆବେଦନ କରିପାରିବେ। ସେହିପରି ଜୁନ୍ ୯ରୁ ୧୬ ତାରିଖ ମଧ୍ୟରେ ଆବେଦନପତ୍ରଗୁଡ଼ିକର ଯାଞ୍ଚ୍ ହେବ ବୋଲି ସୂଚନା ଦିଆଯାଇଛି। ବ୍ଲକ ଶିକ୍ଷା ଅଧିକାରୀ (ବିଇଓ), ଜିଲ୍ଲା ବ୍ଲକ ଶିକ୍ଷା ଅଧିକାରୀ (ଡିବିଏଓ) ଏହି ଯାଞ୍ଚ୍ ପ୍ରକ୍ରିୟାରେ ସାମିଲ୍ ହେବେ। ଏହାପରେ ଜୁନ ୧୭ରୁ ୧୮ ମଧ୍ୟରେ ଅନ୍ତଃ ଜିଲ୍ଲା ବଦଳି ପାଇଁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ପାଖକୁ ଆବେଦନପତ୍ରଗୁଡ଼ିକୁ ପଠାଯିବ। ପରେ ୨୦ ଓ ୨୧ ତାରିଖରେ ସମ୍ପୃକ୍ତ ପ୍ରାଥମିକ ଶିକ୍ଷକମାନଙ୍କର ମେଡିକାଲ ଯାଞ୍ଚ ହେବ। ଏନେଇ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ଲେଖାଯାଇଥିବା ଚିଠିରେ ଉଲ୍ଲେଖ କରାଯାଇଛି।

## ପୁରୀ-ରାଉରକେଲା-ପୁରୀ ବନ୍ଦେ ଭାରତ ଏକ୍ସପ୍ରେସ

# ଏଣିକି ପ୍ରତି ମଙ୍ଗଳବାର ଚଳାଚଳ ବନ୍ଦ



**ଭୁବନେଶ୍ୱର,୩।୬(ସଂଚାର ବ୍ୟୁରୋ):** ପୂର୍ବତଟ ରେଳପଥ ପକ୍ଷରୁ ୨୦୮୩୬/୨୦୮୩୫ ପୁରୀ-ରାଉରକେଲା-ପୁରୀ ବନ୍ଦେ ଭାରତ ଏକ୍ସପ୍ରେସର ସାପ୍ତାହିକ ଛୁଟି ଦିବସରେ ପରିବର୍ତ୍ତନ ଘୋଷଣା କରାଯାଇଛି। ଆଜିଠାରୁ ଟ୍ରେନର ଶନିବାର ପରିବର୍ତ୍ତେ ମଙ୍ଗଳବାର ଚଳାଚଳ ବନ୍ଦ ରହିବ। ତଦନୁସାରେ, ଟ୍ରେନଟି ଆସନ୍ତା ୭ରୁ ପ୍ରତି ଶନିବାର ବି ଚଳାଚଳ କରିବ। ଏହା ବ୍ୟତୀତ ଏହି ଟ୍ରେନ୍ ସକାଶେ କୌଣସି ଷ୍ଟେସନରେ ପୂର୍ବରୁ ଥିବା ସମୟ ଓ ସ୍ଥିରୀକୃତ ରହଣିରେ କୌଣସି ପ୍ରକାର ପରିବର୍ତ୍ତନ କରାଯାଇନାହିଁ। ସଂଶୋଧିତ ସାପ୍ତାହିକ ଛୁଟିର ଲକ୍ଷ୍ୟ ଯାତ୍ରୀଙ୍କ ଚାହିଦା ଓ ପରିଚାଳନାଗତ ଆବଶ୍ୟକତା ସହ ଭଲ ଭାବେ ସମନ୍ୱୟ ସ୍ଥାପନ କରିବା ବୋଲି ପୂର୍ବତଟ ରେଳପଥ ପକ୍ଷରୁ କୁହାଯାଇଛି। ଯାତ୍ରୀମାନଙ୍କୁ ସେହି ଅନୁସାରେ ସେମାନଙ୍କ ଯାତ୍ରା ଯୋଜନା କରିବାକୁ ମଧ୍ୟ ପରାମର୍ଶ ଦିଆଯାଇଛି। ଅଧିକ ଅପଡେଟ୍ ପାଇଁ ଯାତ୍ରୀମାନେ ପୂର୍ବତଟ ରେଳବାଇର ୱେବସାଇଟ୍ ଦେଖିପାରିବେ କିମ୍ବା ରେଳବାଇ ଅନୁସନ୍ଧାନ ସେବା ସହିତ ଯୋଗାଯୋଗ କରିପାରିବେ।

## ବିଦ୍ୟୁତ ତାର ସଂସ୍ପର୍ଶରେ ହେଲପର ମୃତ୍ୟୁ ଘଟଣା

# ୪ ଲକ୍ଷ ଅନୁକମ୍ପା ରାଶି ଘୋଷଣା କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୩।୬(ସଂଚାର ବ୍ୟୁରୋ):** ଦେବଗଡ଼ରେ ଏକ ବସ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ରିଙ୍କୁ ବେହେରା ନାମକ ଯୁବକଙ୍କ ପ୍ରାଣହାନି ସମ୍ପର୍କରେ ଜାଣି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇବା ସହ ମୃତକଙ୍କ ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୪ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି। ଦେବଗଡ଼ରେ ଏକ ବସ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ରିଙ୍କୁ ବେହେରାଙ୍କ ପ୍ରାଣହାନି ସମ୍ପର୍କରେ ଜାଣି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇବା ସହ ମୃତକଙ୍କ ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୪ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ସୂଚନା ଯୋଗ୍ୟ ଯେ, ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ବସ ହେଲପରଙ୍କ ମୃତ୍ୟୁ ହୋଇଥିଲା। ଦେବଗଡ ଜିଲ୍ଲା ରିଆମାଳ ଥାନା ଅନ୍ତର୍ଗତ ଗୁଣ୍ଡିଆପାଲି ଗ୍ରାମରେ ଏହି ଅଘଟଣ ଘଟିଥିଲା । ବସ ହେଲପର ରିଙ୍କୁ ଏକ ଘରୋଇ ବସରେ ଯାଉଥିବାବେଳେ ଗୁଣ୍ଡିଆପାଲି ଗ୍ରାମରେ ବସ ସହ ଉଚ୍ଚଶକ୍ତିସମ୍ପନ୍ନ ବିଦ୍ୟୁତ ତାର ସଂଯୋଗ ହୋଇଥିଲା। ଉଚ୍ଚଶକ୍ତିସମ୍ପନ୍ନ ବିଦ୍ୟୁତ ତାର ସହ ସଂଯୋଗ ଯୋଗୁ ସମ୍ପୂର୍ଣ୍ଣ ବସରେ ବିଦ୍ୟୁତ ପରିବାହିତ ହୋଇଯାଇଥିଲା। ବସର ହେଲପର ପାଇପ ଧରି ବସ ମଧ୍ୟରେ ଛିଡା ହୋଇଥିବାବେଳେ ତାଙ୍କୁ ବିଦ୍ୟୁତ ଆଘାତ ଲାଗିଥିଲା। ଫଳରେ ଏଭଳି ଅଘଟଣ ଘଟିଥିଲା।

# ଦୁଇ ନିଖୋଜଙ୍କୁ ଠାବ କଲା ପୁଲିସ୍




**ଭୁବନେଶ୍ୱର,୩।୬(ସଂଚାର ବ୍ୟୁରୋ):** ନିକଟରେ ଦୁଇ ଜଣ ନାବାଳକ ଓ ନାବାଳିକା ନିଖୋଜ ହୋଇଯାଇଥିବା ବେଳେ ଆଜି ଭୁବନେଶ୍ୱରର ମଞ୍ଚେଶ୍ୱର ଓ ପାହାଳ ଅଞ୍ଚଳରୁ ସେମାନଙ୍କୁ ଠାବ କରିଛି କମିଶନରେଟ୍ ପୁଲିସ୍। ପାଖାପାଖି ୩୦ଟି ସିସିଟିଭି ଫୁଟେଜ ଯାଞ୍ଚ କରି ପୁଲିସ୍ ଶେଷରେ ଉକ୍ତ ଦୁଇ ପିଲାଙ୍କ ପାଖରେ ପହଞ୍ଚିବାରେ ସକ୍ଷମ ହୋଇଛି। ମିଳିଥିବା ସୂଚନାନୁସାରେ, ଗତ ୧ ତାରିଖରେ ମାଛ କିଣିବାକୁ ଯାଇ ମଞ୍ଚେଶ୍ୱର ଅଞ୍ଚଳରୁ ଜଣେ ନାବାଳିକା ନିଖୋଜ ହୋଇଯାଇଥିଲେ। ଏନେଇ ପରିବାର ପକ୍ଷରୁ ଥାନାରେ ଏତଲା ଦିଆଯିବା ପରେ ୩୦ଟି ସିସିଟିଭି ଯାଞ୍ଚ କରି ମଞ୍ଚେଶ୍ୱର ଥାନା ଭୋଟପଡ଼ା ଷ୍ଟେସନ ପାଖ ବସ୍ତିରୁ ତାକୁ ଉଦ୍ଧାର କରିଛି। ଉଦ୍ଧାର ନାବାଳିକା ଜଣଙ୍କ ତା'ର ନଖ ଉପୁଡ଼ାଯାଇଥିବା ପୁଲିସ ସୂଚନା ଦେଇଛି। କିନ୍ତୁ ତାକୁ କେହି ଚୋରି କରିନେଇଥିବା ସମ୍ପର୍କରେ କିଛି ବି ସୁରାକ ମିଳିନାହିଁ। ସେହିପରି ଗତକାଲି ପାହାଳ ଅଞ୍ଚଳରୁ ୯ ବର୍ଷର ନାବାଳକ ନିଖୋଜ ହୋଇଥିଲା। ଅଭିଯୋଗର ୧୨ ଘଣ୍ଟା ମଧ୍ୟରେ ପୁଲିସ୍ ତାକୁ ଉଦ୍ଧାର କରିବାରେ ସକ୍ଷମ ହୋଇଛି। ପାହାଳ ଥାନାଧିକାରୀ ଅଶ୍ୱିନୀ ଜେନାଙ୍କ ନେତୃତ୍ୱରେ ତଦନ୍ତ କରୁଥିବା ଏକ ଟିମ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ପିଲାଟିକୁ ଉଦ୍ଧାର କରିଥିବା ନେଇ ଆଜି ପୁଲିସ କମିଶନର ସୂଚନା ଦେଇଛନ୍ତି।

# ଜଙ୍ଗଲରୁ ମିଳିଲା ମାଈହାତୀର ମୃତଦେହ

**ଅନୁଗୋଳ,୩।୬(ସଂଚାର ବ୍ୟୁରୋ):** ଅନୁଗୋଳ ଜିଲା ଛେଣ୍ଡିପଦା ବନାଞ୍ଚଳ ଡଙ୍ଗପାଳ ଜଙ୍ଗଲରେ ମଙ୍ଗଳବାର ଏକ ମାଈହାତୀର ମୃତଦେହ ଠାବ ହୋଇଛି। ମୃତ ହାତୀର ବୟସ ୨୫ରୁ ୩୦ ବର୍ଷ ମଧ୍ୟରେ ହେବ ବୋଲି ଅନୁମାନ କରାଯାଉଛି। ହେଲେ କେଉଁ ପରିସ୍ଥିତିରେ ହାତୀର ମୃତ୍ୟୁ ଘଟିଲା ତାହା ଜଣାପଡ଼ି ନାହିଁ। ଅନ୍ୟପକ୍ଷରେ ହାତୀମୃତ୍ୟୁକୁ ନେଇ ସ୍ଥାନୀୟ ଲୋକେ ସନ୍ଦେହ ପ୍ରକଟ କରିବା ସହ ଘଟଣାର ତଦନ୍ତ ଦାବି କରିଛନ୍ତି। ଖବର ପାଇ ବନକର୍ମଚାରୀ ଘଟଣାସ୍ଥଳର ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏହା ନୂଆ କଥା ନୁହେଁ। ଓଡିଶାରେ ହାତୀ-ମଣିଷ ଲଢେଇରେ କେତେବେଳେ ହାତୀ ମରୁଛନ୍ତି କେତେବେଳେ ମଣିଷର ଜୀବନ ଯାଉଛି।



## କଳିଙ୍ଗ ଯୁଦ୍ଧ କର୍ମଶାଳାରେ ସଂସ୍କୃତି ମନ୍ତ୍ରୀଙ୍କ ଆହ୍ୱାନ

# ଯୁବପିଢ଼ିର ମାର୍ଗଦର୍ଶକ ହେଉ ସମୃଦ୍ଧ ଇତିହାସ




**ଭୁବନେଶ୍ୱର,୩।୬(ସଂଚାର ବ୍ୟୁରୋ):** ଓଡ଼ିଶାର ଇତିହାସ ବେଶ୍ ସମୃଦ୍ଧ। ଏହି ସମୃଦ୍ଧ ଇତିହାସ ଯୁବବର୍ଗଙ୍କୁ ପ୍ରେରିତ କରିବା ଜରୁରୀ। ଯୁବପିଢ଼ି ମଧ୍ୟରେ ଏକ ନୂତନ ଚିନ୍ତା ଓ ଚେତନାର ଉନ୍ମେଷ ନିମନ୍ତେ ଆମ ଇତିହାସ ଏକ ମାର୍ଗଦର୍ଶକ ଭଳି କାର୍ଯ୍ୟ କରିବାର ଆବଶ୍ୟକତା ରହିଛି। ଓଡ଼ିଆ ଜାତୀୟତାବାଦ କଦାପି ଆଞ୍ଚଳିକତାବାଦ ମଧ୍ୟରେ ସୀମିତ ନୁହେଁ। ବିଭିନ୍ନ ବିଷୟବସ୍ତୁ ଉପରେ ଆଲୋଚନା କରିବା, ବିଚାର ଓ ବିତର୍କ କରି ନିଷ୍କର୍ଷରେ ଉପନୀତ ହେବା ଆମ ଗଣତାନ୍ତ୍ରିକ ରାଷ୍ଟ୍ରର ଅସଲ ସୌନ୍ଦର୍ଯ୍ୟ। ତେଣୁ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଆଜି ଅନୁଷ୍ଠିତ ହେଉଥିବା କଳିଙ୍ଗ ଯୁଦ୍ଧ କର୍ମଶାଳାରେ କଳିଙ୍ଗ ଯୁଦ୍ଧର ଇତିହାସ ସମ୍ବନ୍ଧରେ ଆଲୋଚନା କରାଯାଇ ନିଷ୍କର୍ଷକୁ ଦସ୍ତାବିଜ ଆକାରରେ ପ୍ରସ୍ତୁତ କରାଯିବ। ଏହା ଆମ ଉତ୍ତରପିଢ଼ିଙ୍କୁ ଆମ ଇତିହାସ ସମ୍ବନ୍ଧରେ ଅବଗତ କରାଇବା ସହ ସେମାନଙ୍କୁ ପ୍ରୋତ୍ସାହିତ କରିବ ବୋଲି ରାଜ୍ୟ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି। ସେ କହିଛନ୍ତି ଯେ ଆଗାମୀ ଦିନରେ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଗଠନରେ ଆମ ଯୁବପିଢ଼ି ଏକ ବଳିଷ୍ଠ ନେତୃତ୍ୱ ନେବେ ଓ କଳିଙ୍ଗର ଦାୟାଦ ଭାବେ ସେମାନେ ଗର୍ବର ସହ ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବେ। ଆଜି ଏକାଡେମୀ ପକ୍ଷରୁ ସ୍ଥାନୀୟ ପାନ୍ଥ ନିବାସଠାରେ ଆୟୋଜିତ କର୍ମଶାଳାରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ସୂରଜ କଳିଙ୍ଗ ଯୁଦ୍ଧର ଇତିହାସ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଏଥିସହ ସେ ଓଡ଼ିଶାର ନୌବାଣିଜ୍ୟ ଓ ନୌସେନାର ଇତିହାସ, ବିଭିନ୍ନ ବୌଦ୍ଧ କୀର୍ତ୍ତିରାଜି ସମ୍ବନ୍ଧରେ ମଧ୍ୟ ଆଲୋଚନା କରିଥିଲେ। ଏଥିସହ ଆଲୋଚନାଚକ୍ରର ନିଷ୍କର୍ଷକୁ ଦସ୍ତାବିଜ ଭାବେ ପ୍ରସ୍ତୁତ କରି ଏହାର ଯେପରି ସଠିକ ଭାବେ ଚିନ୍ତନ, ମନନ ଓ ଅନୁଶୀଳନ କରାଯାଇପାରିବ, ସେ ଦିଗରେ ଏକାଡେମୀ ଗୁରୁତ୍ୱ ଦେବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏହି କର୍ମଶାଳାରେ 'କଳିଙ୍ଗ ଯୁଦ୍ଧ ପୂର୍ବ କଳିଙ୍ଗ ରାଜ୍ୟର ସାମାଜିକ, ରାଜନୈତିକ, ଅର୍ଥନୈତିକ ଓ ସାମରିକ ସ୍ଥିତି', 'କଳିଙ୍ଗ ଯୁଦ୍ଧ କାଳ ଖଣ୍ଡରେ କଳିଙ୍ଗ ରାଜ୍ୟର ସ୍ଥିତି', 'କଳିଙ୍ଗ ଯୁଦ୍ଧ ପରର କଳିଙ୍ଗର ସ୍ଥିତି' ଆଦି ଶୀର୍ଷକକୁ ନେଇ ସ୍ୱତନ୍ତ୍ର ଅଧିବେଶନର ଆୟୋଜନ କରାଯାଇଥିଲା। ବିଶିଷ୍ଟ ସାହିତ୍ୟିକ, କଥାକାର, ସ୍ତମ୍ଭକାର ଓ ଇତିହାସ ବିଶେଷଜ୍ଞମାନଙ୍କୁ ବି ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ବିଜୟ କେତନ ଉପାଧ୍ୟାୟ, ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ, ସୁସାହିତ୍ୟିକ ତଥା ସ୍ତମ୍ଭକାର ଅଭୟ ଦ୍ୱିବେଦୀ ଉପସ୍ଥିତ ଥିଲେ। ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ଲଗାତାର ତୃତୀୟ ଦିନ ପାଇଁ ଶେୟାର ବଜାର ତଳମୁହାଁ

## ଛାଇ ରହିଛି ବୈଶ୍ୱିକ ଅସ୍ଥିରତାର କଳାବାଦଲ




ମୁମ୍ବାଇ,୩।୬: ମଙ୍ଗଳବାର ଭାରତୀୟ ଷ୍ଟକ୍ ମାର୍କେଟରେ ଲଗାତାର ତୃତୀୟ ଦିନ ପାଇଁ ହ୍ରାସ ଦେଖାଦେଇଛି। ବିଏସଇ ସେନସେକ୍ସ ୬୩୬ ପଏଣ୍ଟ ହ୍ରାସ ପାଇ ୮୦,୭୩୭.୫୧ ସ୍ତରରେ କାରବାର ଶେଷ କରିଛି। ସେହିପରି ଏନଏସଇ ନିଫ୍ଟି ୦.୭୪% ଅର୍ଥାତ୍ ୧୭୪ ପଏଣ୍ଟ ହ୍ରାସ ପାଇ ୨୪,୫୪୨ ସ୍ତରରେ ରହିଛି।

ବିଶେଷଜ୍ଞଙ୍କ ମତରେ, ବିଶ୍ୱ ବଜାରରେ ଅସ୍ଥିରତା, ବୈଦେଶିକ ନିବେଶକଙ୍କ ବିକ୍ରୟ ଚାପ ଏବଂ ଅର୍ଥନୈତିକ ଅନିଶ୍ଚିତତା ଏହି ହ୍ରାସର ମୁଖ୍ୟ କାରଣ। ବିଶେଷ କରି ଆମେରିକୀୟ ଟ୍ରେଜେରୀ ରିଟର୍ଣ୍ଣରେ ଉତ୍ଥାନ ଏବଂ ଅର୍ଥନୈତିକ ଚିନ୍ତା ବଜାର ଉପରେ ନକାରାତ୍ମକ ପ୍ରଭାବ ପକାଇଛି। ବ୍ୟାଙ୍କିଙ୍ଗ ଏବଂ ଅଟୋ ସେକ୍ଟରରେ ଥିବା ଷ୍ଟକ୍‌ଗୁଡ଼ିକରେ ମଧ୍ୟ ଉଲ୍ଲେଖନୀୟ ହ୍ରାସ ଦେଖାଯାଇଛି। ତେବେ କିଛି ମେଟାଲ ସମ୍ବନ୍ଧୀୟ ଷ୍ଟକ୍‌ରେ ସାମାନ୍ୟ ଉନ୍ନତି ଦେଖାଯାଇଛି। ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ସେନସେକ୍ସ ଘଟକମାନଙ୍କ ମଧ୍ୟରେ ଏକମାତ୍ର ଲାଭକାରୀ ଥିଲା, ଯାହା ୦.୫୦% ବୃଦ୍ଧି ପାଇ ନିମ୍ନମୁଖୀ ଧାରାକୁ ରୋକିଥିଲା। ଅବଶିଷ୍ଟ ଶୀର୍ଷ ପ୍ରଦର୍ଶନକାରୀମାନେ ପ୍ରକୃତରେ ସବୁଠାରୁ କମ୍ ହ୍ରାସ ପାଇଥିବା ଷ୍ଟକ୍ ଥିଲେ, ଯେଉଁଥିରେ ଏଚସିଏଲ ଟେକ୍ନୋଲୋଜିସ୍ ୦.୦୯% ର ଅପେକ୍ଷାକୃତ ସାମାନ୍ୟ କ୍ଷତି ସହିଥିଲା, ତା'ପରେ ଟେକ୍ ମହିନ୍ଦ୍ରା ୦.୨୮% ହ୍ରାସ ପାଇଥିଲା, ଟାଇଟାନ କମ୍ପାନୀ ଲିମିଟେଡ୍ ୦.୩୦% ହ୍ରାସ ପାଇଥିଲା, ଏବଂ ଏଚଡିଏଫସି ବ୍ୟାଙ୍କ ୦.୩୯% ପଛକୁ ହଟିଥିଲା। ଅନେକ ବଡ ଷ୍ଟକ୍‌ଗୁଡ଼ିକ ଉପରେ ତୀବ୍ର ବିକ୍ରୟ ଚାପ ଦେଖାଯାଇଥିଲା। ଆଦାନୀ ପୋର୍ଟସ୍ ଆଣ୍ଡ ସ୍ପେଶାଲ ଇକନମିକ୍ ଜୋନ୍ ସବୁଠାରୁ ଅଧିକ ହ୍ରାସର ଶିକାର ହୋଇ, ୨.୪୨% ହ୍ରାସ ପାଇଥିଲା। ବଜାଜ ଫିନସର୍ଭ ମଧ୍ୟ ବିକ୍ରୟର ସମ୍ମୁଖୀନ ହୋଇ ୧.୭୪% ହ୍ରାସ ପାଇଥିଲା, ଯେତେବେଳେ ବଜାଜ ଫାଇନାନ୍ସ ୧.୬୯% ହ୍ରାସ ପାଇଥିଲା। ପାୱାରଗ୍ରିଡ କର୍ପୋରେସନ ଅଫ ଇଣ୍ଡିଆ ୧.୬୨% ହ୍ରାସ ପାଇଥିଲା, ଏବଂ ଏଟର୍ନା ଲିମିଟେଡ୍ ୧.୫୩% କ୍ଷତି ସହିତ ସବୁଠାରୁ ଖରାପ ପ୍ରଦର୍ଶନକାରୀଙ୍କ ତାଲିକା ସମ୍ପୂର୍ଣ୍ଣ କରିଥିଲା। ବିଶେଷଜ୍ଞଙ୍କ ମତରେ, ବିଶ୍ୱ ବଜାରରେ ଅସ୍ଥିରତା, ବୈଦେଶିକ ନିବେଶକଙ୍କ ବିକ୍ରୟ ଚାପ ଏବଂ ଅର୍ଥନୈତିକ ଅନିଶ୍ଚିତତା ଏହି ହ୍ରାସର ମୁଖ୍ୟ କାରଣ। ବିଶେଷ କରି ଆମେରିକୀୟ ଟ୍ରେଜେରୀ ରିଟର୍ଣ୍ଣରେ ଉତ୍ଥାନ ଏବଂ ଅର୍ଥନୈତିକ ଚିନ୍ତା ବଜାର ଉପରେ ନକାରାତ୍ମକ ପ୍ରଭାବ ପକାଇଛି। ବ୍ୟାଙ୍କିଙ୍ଗ ଏବଂ ଅଟୋ ସେକ୍ଟରରେ ଥିବା ଷ୍ଟକ୍‌ଗୁଡ଼ିକରେ ମଧ୍ୟ ଉଲ୍ଲେଖନୀୟ ହ୍ରାସ ଦେଖାଯାଇଛି। ତେବେ କିଛି ଧାତୁ ସମ୍ବନ୍ଧୀୟ ଷ୍ଟକ୍‌ରେ ସାମାନ୍ୟ ଉନ୍ନତି ଦେଖାଯାଇଛି। ନିବେଶକମାନେ ଏହି ଅସ୍ଥିର ବଜାର ପରିସ୍ଥିତିରେ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଇଛି।



## ଶୈଳେଶ ଏଫ୍ଏଆଇର ନୂଆ ଅଧ୍ୟକ୍ଷ

ଭୁବନେଶ୍ୱର,୩।୬: ଫର୍ଟିଲାଇଜର ଆସୋସିଏଶନ ଅଫ୍ ଇଣ୍ଡିଆ(ଏଫଏଆଇ)ର ନୂଆ ଅଧ୍ୟକ୍ଷ ଭାବେ ଉଦ୍ୟୋଗପତି ଶୈଳେଶ ସି. ମେହଟା ନିର୍ବାଚିତ ହୋଇଛନ୍ତି। ଏପରିକି ଏହି ଶିଳ୍ପରେ ଚାରି ଦଶନ୍ଧିରୁ ଅଧିକ କାଳ ଅଭିଜ୍ଞତା ଥିବା ମେହଟା ମଧ ଫର୍ଟିଲାଇଜର ଆସୋସିଏଶନ ଅଫ ଇଣ୍ଡିଆ(ପଶ୍ଚିମାଞ୍ଚଳ)ର ଚେୟାରମ୍ୟାନ ଭାବେ ୫ ବର୍ଷ ଧରି କାର୍ଯ୍ୟ କରିଛନ୍ତି। ସେହିଭଳି ଦୀପକ ଫର୍ଟିଲାଇଜର୍ସ ଆଣ୍ଡ ପେଟ୍ରୋକେମିକାଲ୍ସ କର୍ପୋରେଶନ ଲିମିଟେଡ ଏବଂ ମହାଧନ ଏଗ୍ରିଟେକ ଲିମିଟେଡର ଚେୟାରମ୍ୟାନ ତଥା ମ୍ୟାନେଜିଂ ଡାଇରେକ୍ଟର ଶୈଳେଶ ସି. ମେହଟାଙ୍କୁ ଏହି ନୂଆ ଦାୟିତ୍ୱ ମିଳିଛି। ଏହି ପରିପ୍ରେକ୍ଷୀରେ ମେହଟା କହିଥିଲେ, ଭାରତର ଖାଦ୍ୟ ନିଅଣ୍ଟିଆ ସ୍ଥିତିରୁ ବୈଶ୍ୱିକ କୃଷି ରପ୍ତାନିକାରୀ ଭାବେ ଯାତ୍ରା ଉଲ୍ଲେଖନୀୟ ହୋଇଛି। ଏହି ଯାତ୍ରାରେ ସାର ଶିଳ୍ପ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ ନିରନ୍ତର ଜାରି ରଖିଛି ଏବଂ ସମ୍ପ୍ରତି ଦୀର୍ଘସ୍ଥାୟୀ ଅଭିବୃଦ୍ଧିକୁ ସମର୍ଥନ କରୁଥିବା ଅଧିକ ସନ୍ତୁଳିତ ଏବଂ ପୋଷକ-ଭରପୂର ସାର ଉପରେ ଦୃଷ୍ଟିନିବଦ୍ଧ କରୁଛି। ସରକାର, ଶିଳ୍ପ ଏବଂ ଆମ କୃଷକଙ୍କ ମଧ୍ୟରେ ଏକ ସେତୁ ଭାବେ କାର୍ଯ୍ୟକରିବାକୁ ନେଇ ମୁଁ ନିଜକୁ ଭାଗ୍ୟବାନ ମନେ କରୁଛି। ବିଶେଷକରି ବିଶ୍ୱ ମାନଚିତ୍ରରେ ଭାରତୀୟ କୃଷକ ଏବଂ କୃଷି ଉପତ୍ାଦିକତାକୁ ଉଚ୍ଚତର ସୋପାନକୁ ନେଇଯିବାରେ ଏକ ରୂପାନ୍ତରଣକାରୀ ଭୂମିକା ନିର୍ବାହ କରୁଛି। ଗତ ଦୁଇ ଦଶନ୍ଧିରେ ଭାରତର କୃଷି ଉପତ୍ାଦନ ଅଭିବୃଦ୍ଧିରେ ୬୦% ଏବଂ ଉଦ୍ୟାନକୃଷି ଉପତ୍ାଦନରେ ୪୦% ଅଭିବୃଦ୍ଧି ହାସଲ କରିବାରେ ସାର ଶିଳ୍ପ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି।

## ଦୁଇଚକିଆ ଯାନ ବିକ୍ରିରେ ଉଲ୍ଲେଖନୀୟ ଅଭିବୃଦ୍ଧି

ନୂଆଦିଲ୍ଲୀ,୩।୬:କ୍ରମାଗତ ଭାବେ ଘରୋଇ ବଜାରରେ ଦୁଇଚକିଆ ଯାନ ବିକ୍ରିରେ ବୃଦ୍ଧି ପରିଲକ୍ଷିତ କରାଯାଉଛି। ଏପରି କି ୨୦୨୪ ପାର୍ବଣଠାରୁ ଦୁଇ ଚକିଆ ଯାନ ବିକ୍ରିରେ ଉଲ୍ଲେଖନୀୟ ଅଭିବୃଦ୍ଧି ଦେଖିବାକୁ ମିଳିଥିଲା। ବିଶେଷ କରି ଦେଶର ଗ୍ରାମାଞ୍ଚଳରେ ଦୁଇଚକିଆ ଯାନର ବିକ୍ରି ପରିମାଣ ଅଟୋ ଶିଳ୍ପର ମାସିକ ଯାନ ବିକ୍ରି ଫଳାଫଳରୁ ସ୍ପଷ୍ଟ ଜଣାପଡିଛି। ଅପରପକ୍ଷରେ ଦୁଇ ଚକିଆ ଯାନ ବ୍ରାଣ୍ଡ ବଜାଜ, ଟିଭିଏସ, ହିରୋ, ହୋଣ୍ଡା, ସୁଜୁକି, ରୟାଲ ଏନ୍‌ଫିଲ୍ଡ, ୟାମାହା ଏବଂ ଅନ୍ୟ ପ୍ରମୁଖ ଦୁଇ ଚକିଆ ଗାଡ଼ିର



ଚାହିଦା ଓ ବଜାର ଆବଶ୍ୟକତା ବୃଦ୍ଧି ପାଇଛି। ସେହିଭଳି ଦୁଇ ଚକିଆର ଦର ଓ ଅଫର ସାଙ୍ଗକୁ ଆବଶ୍ୟକ ସୁବିଧା ଓ ସରଞ୍ଜାମ ସହଜରେ ଉପଲବ୍ଧ ହେଉଥିବାରୁ ଉଭୟ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳର ଗ୍ରାହକ ଦୁଇ ଚକିଆ ଯାନର ବ୍ୟବହାର ଓ କ୍ରୟକୁ ସର୍ବାଧିକ ପସନ୍ଦ କରୁଛନ୍ତି। ଏପରି କି ଗାଡି ବିକ୍ରି ପରବର୍ତ୍ତୀ ସେବା ଓ ସହଜରେ ଗାଡିର ଆବଶ୍ୟକ ସେବା ଓ ସୁବିଧା ଉପଲବ୍ଧ ହେଉଥିବାରୁ ଗ୍ରାହକ ଦୁଇ ଚକିଆ ଯାନକୁ ବେଶି ପସନ୍ଦ କରୁଥିବାବେଳେ ଉପଭୋକ୍ତ (ଗ୍ରାହକ)ଙ୍କର ଆବଶ୍ୟକତା ମଧ ପୂରଣ ହୋଇପାରୁଛି। ସେହିପରି ୨୦୨୫-୨୬ ଆର୍ଥିକ ବର୍ଷରେ ଦୁଇ ଚକିଆ ଯାନର ଚାହିଦା ବୃଦ୍ଧି ସାଙ୍ଗକୁ ଏହି ଅବଧି ମଧରେ ୪ରୁ ୭% ଗାଡି ବିକ୍ରି ବୃଦ୍ଧିର ଆକଳନ ଶିଳ୍ପ ପକ୍ଷରୁ କରାଯାଉଛି। ଏପରି କି ଆଉ କିଛି ମାସ ପରେ ପାର୍ବଣ ଋତୁ ସାଙ୍ଗକୁ ଅନ୍ୟାନ୍ୟ ମହୋତ୍ସବ ଆସିବ। ଅପରପକ୍ଷରେ ୨୦୨୫-୨୬ରେ ଉପରୋକ୍ତ ବ୍ରାଣ୍ଡର ନୂଆ ମଡେଲ ବଜାର ପ୍ରବେଶ ହେବାର କାର୍ଯ୍ୟକ୍ରମ ରହିଛି ବୋଲି ଶିଳ୍ପ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

# ୪୦ ବର୍ଷ ପରେ ଭାରତରେ 'ଆଇଏଟିଏ'

ନୂଆଦିଲ୍ଲୀ, ୩।୬: ଦୀର୍ଘ ୪୦ ବର୍ଷ ପରେ ଭାରତରେ ଅନ୍ତର୍ଜାତୀୟ ବିମାନ ପରିବହନ ସଂଘ (ଆଇଏଟିଏ)ର ବାର୍ଷିକ ସାଧାରଣ ବୈଠକ ଆୟୋଜନ କରାଯାଇଛି। ଏହାପୂର୍ବରୁ ୧୯୮୩ରେ ଶେଷ ଥର ପାଇଁ ଏହି କାର୍ଯ୍ୟକ୍ରମ ଭାରତରେ ଆୟୋଜନ କରାଯାଇଥିଲା। ଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

### ଚାରି ଦଶନ୍ଧିରେ ବହୁତ କିଛି ବଦଳିଛି: ମୋଦି

କହିଛନ୍ତି ଯେ ଏହି ଚାରି ଦଶନ୍ଧିରେ ଭାରତୀୟ ବିମାନ ଶିଳ୍ପ ବହୁତ ବଦଳିଯାଇଛି। ପୂର୍ବାପେକ୍ଷା ଭାରତର ଆତ୍ମବିଶ୍ୱାସ ବହୁତ ବଢ଼ିଛି। ଭାରତୀୟ ବିମାନ ଶିଳ୍ପ ବିଶ୍ୱ ବିମାନ ପରିବହନ ଶିଳ୍ପର ଏକ ପ୍ରମୁଖ ଅଂଶ ପାଲଟିଛି। ସେ କହିଛନ୍ତି ଯେ ଭାରତ ହେଉଛି ବିଶ୍ୱର ତୃତୀୟ ବଡ଼ ଘରୋଇ ବିମାନ ଚଳାଚଳ ଶିଳ୍ପ। 'ଉଡାନ୍'ସ୍କିମ୍‌ର ସଫଳତା ଭାରତୀୟ ବିମାନ ଚଳାଚଳ କ୍ଷେତ୍ରରେ ଏକ ସୁବର୍ଣ୍ଣ ଅଧ୍ୟାୟ। ୨୦୧୪ ସୁଦ୍ଧା ଭାରତରେ ୭୪ଟି ବିମାନବନ୍ଦର କାର୍ଯ୍ୟକ୍ଷମ ଥିଲା। ବର୍ତ୍ତମାନ ସେହି ସଂଖ୍ୟା ୧୬୨ରେ ପହଞ୍ଚିଛି। ବିମାନବନ୍ଦରଗୁଡ଼ିକର କ୍ଷମତା ୫୦ କୋଟି ଯାତ୍ରୀଙ୍କୁ ପରିଚାଳନା କରିବା ଭଳି ସ୍ତରକୁ ବୃଦ୍ଧି ପାଇଛି। ଭାରତ ବିଶ୍ୱର କିଛି ହାତଗଣତି ଦେଶ ଭିତରୁ ଅନ୍ୟତମ, ଯେଉଁଠାରେ ପ୍ରଯୁକ୍ତି ଜରିଆରେ ଯାତ୍ରୀ ଅନୁଭୂତିରେ ଉନ୍ନତି ଅଣାଯାଉଛି। ବିମାନ କମ୍ପାନିଗୁଡ଼ିକ ଲାଗି ଭାରତ ହେଉଛି ଏକ ପ୍ରମୁଖ ନିବେଶ ସ୍ଥଳ।

# ଏଲ୍ଆଇସି ନିବେଶ କାହାର ବ୍ୟକ୍ତିଗତ ନିଷ୍ପତ୍ତି ନୁହେଁ: ସିଇଓ



ଭୁବନେଶ୍ୱର, ୩।୬: ଭାରତୀୟ ଜୀବନ ବୀମା ନିଗମ (ଏଲ୍ଆଇସି) ବିଭିନ୍ନ ସମୟରେ ଯେଉଁ ନିବେଶ କରୁଛି, ତାହା ଏକ ମିଳିତ ନିଷ୍ପତ୍ତି। କମ୍ପାନିର ବୋର୍ଡଠାରୁ ଆରମ୍ଭ କରି କମିଟି ସମେତ ଏକ ବ୍ୟାପକ ପର୍ଯ୍ୟାୟରେ ଏହି ନିଷ୍ପତ୍ତି ନିଆଯାଉଛି। ତାହା କାହାର ବ୍ୟକ୍ତିଗତ ନିଷ୍ପତ୍ତି ନୁହେଁ ବୋଲି ଏଲ୍ଆଇସିର ସିଇଓ ସିଦ୍ଧାର୍ଥ ମହାନ୍ତି କହିଛନ୍ତି। ଅତୀତରେ ଆଦାନୀ ଗ୍ରୁପ୍ ବିରୋଧରେ ଆମେରିକାର ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ସଙ୍ଗିନ ଅଭିଯୋଗ କରିବା ପରେ ସେହି ସଂସ୍ଥାରେ ଏଲ୍ଆଇସିର ନିବେଶକୁ ନେଇ ପ୍ରଶ୍ନ ଉଠିଥିଲା। ନିକଟରେ ଆଦାନୀ ପୋର୍ଟସ୍‌ର ସମ୍ପୂର୍ଣ୍ଣ ୫୦୦୦ କୋଟି ଟଙ୍କାର ନନ୍-କନ୍‌ଭର୍ଟିବଲ୍ ଡିବେଞ୍ଚର (ଏନ୍ଏସ୍‌ଡି)କୁ ଏଲ୍ଆଇସି ସବ୍‌ସ୍କ୍ରାଇବ୍ କରିଥିଲା। ଏ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ମହାନ୍ତି କହିଥିଲେ ଯେ ଏଲ୍ଆଇସି ବିଭିନ୍ନ ପ୍ରକାର ନିବେଶ କରୁଛି। ଏହା ଷ୍ଟକ୍ ବଜାରରେ ନିବେଶ କରୁଛି। ରାଜ୍ୟ ସରକାରଙ୍କୁ ଋଣ ଦେଉଛି। ଏଲ୍ଆଇସିର ପାଣ୍ଠି ଅନେକ ଭିତ୍ତିଭୂମି ପ୍ରକଳ୍ପରେ ଲାଗିଛି। କମ୍ପାନିର ନିବେଶରୁ ଅନେକ ଫାଇଦା ମିଳୁଛି। ଏହାର ସମ୍ପତ୍ତି ୫୧ ଲକ୍ଷ ଟଙ୍କାରୁ ବୃଦ୍ଧି ପାଇ ୫୪ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ନିବେଶରୁ କୌଣସି ପ୍ରକାର କ୍ଷତି ହୋଇନଥିବା ସେ ସ୍ପଷ୍ଟ କରିଛନ୍ତି। ସ୍ୱାସ୍ଥ୍ୟ ବୀମା କ୍ଷେତ୍ରରେ ପ୍ରବେଶ ଯୋଜନା ସମ୍ପର୍କରେ ଶ୍ରୀ ମହାନ୍ତି

### ୨-୩ ମାସରେ ବୋର୍ଡ ସ୍ୱାସ୍ଥ୍ୟ ବୀମା ନିଷ୍ପତ୍ତି ନେବ: ମହାନ୍ତି

କହିଛନ୍ତି ଯେ ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଏହି କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ଆଶା କରାଯାଉଛି। କମ୍ପାନିର ବୋର୍ଡ ଆସନ୍ତା ୨-୩ ମାସ ଭିତରେ ଏନେଇ ନିଷ୍ପତ୍ତି ନେବ। ଆମେ ଏକ ସ୍ୱାସ୍ଥ୍ୟ ବୀମା କମ୍ପାନିର ଅଂଶଧନ କିଣିବୁ ବୋଲି ସେ ସୂଚନା ଦେଇଛନ୍ତି। ସ୍ୱାସ୍ଥ୍ୟ ବୀମା ସେବା ଆରମ୍ଭ କରିବା ସମ୍ପର୍କିତ ଯେଉଁ ଔପଚାରିକତାଗୁଡ଼ିକ ଥିଲା ତାହା ଶେଷ ହୋଇଯାଇଛି। ଅଂଶଧନ କ୍ରୟକୁ ନେଇ ବିଚାରବିମର୍ଶ ଚୂଡ଼ାନ୍ତ ପର୍ଯ୍ୟାୟରେ ରହିଛି ବୋଲି ସେ କହିଛନ୍ତି।

## ପୁଣି ଅଡୁଆରେ ଆଦାନୀ



### ଆମେରିକାରେ ନୂଆ ତଦନ୍ତ

ନୂଆଦିଲ୍ଲୀ, ୩।୬: ଶିଳ୍ପପତି ଗୌତମ ଆଦାନୀ ପୁଣି ଅଡୁଆରେ ପଡ଼ିଛନ୍ତି। ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ଅଭିଯୋଗରୁ ବହୁ କଷ୍ଟରେ ମୁକୁଳିଥିବା ଆଦାନୀ ଗ୍ରୁପ୍ ବିରୋଧରେ କିଛିଦିନ ତଳେ ଆମେରିକା ଲାଞ୍ଚ ଅଭିଯୋଗ ଆଣିଥିଲା। ଏବେ ତାଙ୍କୁ ନେଇ ଆମେରିକାରେ ଆଉ ଏକ ମାମଲାରେ ତଦନ୍ତ ଆରମ୍ଭ ହୋଇଥିବା ୱାଲ୍ ଷ୍ଟ୍ରିଟ୍ ଜର୍ଣ୍ଣାଲ୍ ଦାବି କରିଛି। ମୁନ୍ଦ୍ରା ବନ୍ଦର ଜରିଆରେ କମ୍ପାନି ଇରାନରୁ ମଗାଇଥିବା ଏଲ୍‌ପିଜିକୁ ନେଇ ଆମେରିକା ତଦନ୍ତ କରୁଛି। ଆମେରିକା ଲଗାଇଥିବା କଟକଣାକୁ ଏଡ଼ାଇ ଏହି କାରବାର ହୋଇଥିଲା। ଆଦାନୀ ଏଣ୍ଟରପ୍ରାଇଜେଜ୍‌କୁ ଏଲ୍‌ପିଜି ଯୋଗାଣରେ ବ୍ୟବହାର ହୋଇଥିବା ପଣ୍ୟବାହୀ ଜାହାଜଗୁଡ଼ିକର ସମୀକ୍ଷା କରୁଛି ଆମେରିକାର ଆଇନ ବିଭାଗ। ତେବେ କଟକଣାକୁ ଏଡ଼ାଇବା ଲାଗି ଜାଣିଶୁଣି କୌଣସି କାରବାର ହୋଇ ନଥିବା ଆଦାନୀ ଗ୍ରୁପ୍ ପକ୍ଷରୁ କୁହାଯାଇଛି। ଆମେରିକାରେ କୌଣସି ତଦନ୍ତ ହେଉଥିବା ସମ୍ପର୍କରେ ଆମେ ଜାଣିନାହୁଁ ବୋଲି କମ୍ପାନି କହିଛି। ଗତ ମେ'ରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଥିଲେ ଯେ ଇରାନରୁ ତେଲ ଓ ଅନ୍ୟାନ୍ୟ ପେଟ୍ରୋଲିୟମ୍ ଉତ୍ପାଦ କିଣିବା ବନ୍ଦ ହେବା ଦରକାର। ଯେକୌଣସି ବ୍ୟକ୍ତି କିମ୍ବା ଦେଶ କିଣୁଥିବେ, ସେମାନଙ୍କ ଉପରେ ତତ୍କାଳ ମାଧ୍ୟମିକ କଟକଣା ଲାଗୁ କରାଯିବ ବୋଲି ସେ କହିଥିଲେ। ଆମେରିକାରେ କମ୍ପାନି ବିରୋଧରେ ଏହି ତଦନ୍ତ ଲାଞ୍ଚ ଅଭିଯୋଗର କିଛି ମାସ ପରେ ଆରମ୍ଭ ହୋଇଛି।

## ସୁଜୁକିର ନୂଆ ଆକ୍ସେସ୍ ୧୨୫ ରାଇଡ୍



ଭୁବନେଶ୍ୱର, ୩।୬: ସୁଜୁକି ମୋଟରସାଇକଲ୍ ଇଣ୍ଡିଆ ପକ୍ଷରୁ ନୂଆ ଆକ୍ସେସ୍ ୧୨୫ ରାଇଟ୍ ଟିଏଫ୍‌ଟି ଏଡିସନ୍‌କୁ ଉନ୍ମୋଚନ କରାଯାଇଛି। ଏହାର ଟପ୍ ଭାରିଆଣ୍ଟରେ ୪.୨ ଇଞ୍ଚର ଟିଏଫ୍‌ଟି ରଙ୍ଗିନ ମିଟର୍ କନ୍‌ସୋଲ୍ ରହିଛି। ଏହାର ଏକ୍ସ ସୋ'ରୁମ୍ ଦାମ୍ ୧,୦୫,୮୧୩ ଟଙ୍କା ରଖାଯାଇଛି। ଏଥିରେ ଥିବା ବ୍ଲୁଟୁଥ୍ ଜରିଆରେ ଗ୍ରାହକମାନେ ନିଜ ସ୍ମାର୍ଟଫୋନ୍‌କୁ ଗାଡ଼ି ସହ ଯୋଡ଼ିପାରିବେ ଏବଂ ନାଭିଗେସନ୍, କଲ୍, ଏସ୍ଏମ୍ଏସ୍ ଓ ହ୍ୱାଟସ୍‌ଆପ୍ ଆଲର୍ଟ ଏବଂ ସ୍ପିଡ୍ ଆଲର୍ଟ ଆଦି ପାଇପାରିବେ। ସୁଜୁକି ପକ୍ଷରୁ ଏହାକୁ ନୂଆ ପର୍ଲ ମ୍ୟାଟ୍ ଆକ୍ୱା ସିଲ୍‌ଭର୍ ରଙ୍ଗରେ ମଧ ଉନ୍ମୋଚନ କରାଯାଇଛି। ଗାଡ଼ିରେ ଥିବା ଅନ୍ୟାନ୍ୟ ସୁବିଧାଗୁଡ଼ିକ ହେଉଛି ଏଲ୍ଇଡି ଲାଇଟ୍, ୟୁଏସ୍‌ବି ଚାର୍ଜିଂ ପୋର୍ଟ ଓ ସିଟ୍ ତଳେ ଯଥେଷ୍ଟ ଫାଙ୍କା ସ୍ଥାନ। କମ୍ପାନି ପକ୍ଷରୁ ଜୁଲାଇ ୩୧ ପର୍ଯ୍ୟନ୍ତ ଏକ ସୀମିତ ସମୟ ଅଫର ଘୋଷଣା କରାଯାଇଛି। ଗ୍ରାହକମାନେ ୧୨୪୯ ଟଙ୍କାର ୭ ବର୍ଷର ବର୍ଦ୍ଧିତ ୱାରେଣ୍ଟିକୁ ମାଗଣାରେ ପାଇପାରିବେ। ଏକ ସ୍ୱତନ୍ତ୍ର ଲକି ଡ୍ର' ଜରିଆରେ ୫୦୫୪ ଟଙ୍କାର ସ୍ୱତନ୍ତ୍ର ପୁରସ୍କାର ମଧ ପାଇପାରିବେ।

# କାରଖାନା କରିବନି ଟେସ୍‌ଲା




### ସୋ'ରୁମ୍ ଖୋଲି ଗାଡ଼ି ବିକିବ

ନୂଆଦିଲ୍ଲୀ, ୩।୬: ବିଶ୍ୱର ଏକ ନମ୍ବର ଧନୀ ଏଲନ୍ ମସ୍କଙ୍କ କମ୍ପାନି ଟେସ୍‌ଲାର ଭାରତରେ କାର୍ ତିଆରି କରିବାରେ କୌଣସି ଆଗ୍ରହ ନାହିଁ। ଏହା କେବଳ ସୋ'ରୁମ୍ ଖୋଲିବାକୁ ଚାହୁଁଛି। ଭାରି ଶିଳ୍ପ ମନ୍ତ୍ରୀ ଏଚ୍‌ଡି କୁମାର ସ୍ୱାମୀ ଏହା କହିଛନ୍ତି। ସେ ଏଭଳି ଏକ ସମୟରେ ଏହି ସୂଚନା ଦେଇଛନ୍ତି ଯେତେବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତରେ ଗାଡ଼ି ତିଆରି ନ କରିବା ଲାଗି ଟେସ୍‌ଲା ଉପରେ ଚାପ ପକାଉଛନ୍ତି। ଟ୍ରମ୍ପଙ୍କ ରାଷ୍ଟ୍ରପତି ନିର୍ବାଚନ ଅଭିଯାନରେ ମସ୍କ ଜଣେ ପ୍ରମୁଖ ଉପଦେଷ୍ଟା ଓ ପାଣ୍ଠି ପ୍ରଦାନକାରୀ ଥିଲେ। ଭାରତରେ ସୋ'ରୁମ୍ ଖୋଲିବାକୁ କମ୍ପାନି ମୁମ୍ବାଇରେ ଜମି ଲିଜ୍ ସୂତ୍ରରେ ନେଇଛି।

ଭାରତରେ ପ୍ରବେଶ କରିବା ଲାଗି ଟେସ୍‌ଲା ଦୀର୍ଘଦିନରୁ ଉଦ୍ୟମ କରୁଛି। କିନ୍ତୁ ଏହା ଗାଡ଼ି ତିଆରି କରିବାକୁ ଚାହୁଁଛନ୍ତି। ସିଧାସଳଖ ବାହାରୁ ଗାଡ଼ି ମଗାଇ ଭାରତରେ କେବଳ ବିକ୍ରିରେ ସୀମିତ ରହିବାକୁ କମ୍ପାନି ଚାହୁଁଛି। ସେଥିପାଇଁ ଏହା ଶୁଳ୍କରେ ରିହାତି ମାଗୁଛି। କିନ୍ତୁ କୌଣସି ଏକ ନିର୍ଦ୍ଦିଷ୍ଟ କମ୍ପାନି ଲାଗି ନିଜ ନୀତି ବଦଳାଇବାକୁ ସରକାର ଚାହୁଁନାହାନ୍ତି। ସେଥିପାଇଁ ସରକାର ଓ କମ୍ପାନି ଅଧିକାରୀଙ୍କ ମଧରେ ଅନେକ ଥର ଆଲୋଚନା ହେବା ସତ୍ତ୍ୱେ ଟେସ୍‌ଲା ଭାରତ ଆସିପାରୁନାହିଁ। କିଛି ମାସ ପୂର୍ବେ ଭାରତରେ କାର୍ ଉତ୍ପାଦନ କରିବାକୁ ଟେସ୍‌ଲା ଆଗ୍ରହ ଦେଖାଇଥିଲା। ଇଭି ନିର୍ମାଣ ଅଭିଯାନ ଉପରେ ଆୟୋଜିତ ବୈଠକରେ କମ୍ପାନିର ପ୍ରତିନିଧି ଯୋଗଦେଇଥିଲେ। କିନ୍ତୁ ପରବର୍ତ୍ତୀ ବୈଠକଗୁଡ଼ିକରେ ସେମାନଙ୍କୁ ଆଉ ଦେଖିବାକୁ ମିଳି ନଥିଲା। ଆଜି କେନ୍ଦ୍ର ସରକାର ଇଲେକ୍ଟ୍ରିକ୍ କାର୍ ଉତ୍ପାଦନ ପ୍ରସାର ସ୍କିମ୍‌ର ଗାଇଡ୍‌ଲାଇନ୍ ଜାରି କରିଛନ୍ତି। ସ୍କିମ୍‌ର ଲାଭ ଉଠାଇବାକୁ ମର୍ସିଡିସ୍-ବେଞ୍ଜ, ସ୍କୋଡା-ଫକ୍ସୱାଗନ୍, ହୁଣ୍ଡାଇ ଓ କିଆ ଆଗ୍ରହ ଦେଖାଇଛନ୍ତି। ଏହି ସ୍କିମ୍‌ରେ ଦୁଇଟି ସାଲିସବିହୀନ ସର୍ତ୍ତ ରହିଛି। ତାହା ହେଉଛି ପ୍ରଥମ ତିନି ବର୍ଷରେ ନିଶ୍ଚିତ ରୂପେ ଭାରତରେ ଇଭି ଉତ୍ପାଦନ କରିବାକୁ ପଡ଼ିବ ଏବଂ ୫ ବର୍ଷ ଭିତରେ ଅତିକମ୍‌ରେ ୫୦ ପ୍ରତିଶତ 'ମେକ୍ ଇନ୍ ଇଣ୍ଡିଆ' ଉତ୍ପାଦନ ହୋଇଥିବ।

## ଉତ୍ତପ୍ତ ସୁନା ଦର



ସୁନା ଦର ଏବେ ଆକାଶଛୁଆଁ ହେବାକୁ ଲାଗିଛି। ତାହା ସହିତ ରହିଛି ଗଢା ମଜୁରୀ। ଆଗକୁ ମଧ ଏହି ଦର ଚଢା ରହିବ ବୋଲି ସ୍ପଷ୍ଟ କରିଛନ୍ତି ଏକ୍ସପର୍ଟ। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୯୯, ୦୬୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୯୦ ହଜାର ୮୦୦ ଟଙ୍କା ଛୁଇଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୯, ୦୬୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୯୦ ହଜାର ୮୦୦ଟଙ୍କାକୁ ପହଞ୍ଚିଛି। ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୯୯,୦୬୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୯୦, ୮୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୯୯, ୦୬୦ ଟଙ୍କା ଓ ୨୨ କ୍ୟାରେଟ୍ ୯୦,୯୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୯୯, ୦୬୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୯୦, ୮୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୯୯, ୦୬୦ ଓ ୯୦, ୮୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧,୧୧, ୧୦୦ ଟଙ୍କା ହୋଇଛି।

## ଉତ୍ତପ୍ତ ପେଟ୍ରୋଲ, ଡିଜେଲ ଦର



ଆଜି ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୧.୩୫ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨ . ୯୨ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୩୯ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

# ମୌଳିକ ସୁବିଧାରୁ ବଞ୍ଚିତ କେନ୍ଦୁଗୁଡା ଗ୍ରାମବାସୀ

## ନା ଅଛି ବିଜୁଳି ନା ବିଶୁଦ୍ଧ ପାଣି, ଗାଁ'କୁ ଯିବାକୁ ଭଲ ରାସ୍ତାଟିଏ ବି ନାହିଁ

**ଜୟପୁର,୩।୬ (ସଂଚାର ବ୍ୟୁରୋ):** ରାସ୍ତା, ପିଇବା ପାଣି, ବିଜୁଳି ଆଲୁଅ ପାଇଁ ଗାଁ ଲୋକ ସଂଘର୍ଷ କରିବା ସରକାରଙ୍କ ସଫଳ ଯୋଜନା ପ୍ରତି ଗାଁ ଲୋକ ଆଙ୍ଗୁଳି ଉଠାଉଛନ୍ତି। ସ୍ୱାଧୀନତାର ୭ ଦଶନ୍ଧି ଶେଷ ହେବାକୁ ଆସିଲାଣି କିନ୍ତୁ ଆଜି ବି ମୌଳିକ ସୁବିଧାରୁ ବଂଚିତ ଅଛି ଗାଁ। ନା ଅଛି ବିଜୁଳି, ନା ଅଛି ବିଶୁଦ୍ଧ ପାଣି ନା ଅଛି ଗାଁ କୁ ଯିବାକୁ ରାସ୍ତା। ଅଭିଶପ୍ତ ଜୀବନ ବିତାଉଛନ୍ତି ଜୟପୁର ସବଡ଼ିଭିଜନ ଅନ୍ତର୍ଗତ ବୈପାରୀଗୁଡା ବ୍ଲକ ମହୁଲି ପଂଚାୟତ କେନ୍ଦୁଗୁଡା ଗ୍ରାମବାସୀ।

ଗ୍ରାମର ଦୁଇ ସାହି ମିଶି ପ୍ରାୟ ୨୦ ପରିବାର ବାସବାସ କରନ୍ତି। ମହୁଲି ପଞ୍ଚାୟତ କାର୍ଯ୍ୟାଳୟଠୁ ଗାଁ ର ଦୂରତା ପ୍ରାୟ ୧୨-୧୩ କିଲୋମିଟର ହେବ। ଗାଁକୁ ଯିବାକୁ ହେଲେ ତାଲଗୁଂଜି ନିକଟ ଫୁଙ୍କାଗୁଡା ଠାରୁ କେନ୍ଦୁଗୁଡା ଗାଁର ଦୂରତା ପ୍ରାୟ ୩ କିମି ହେବ। ଫୁଙ୍କାଗୁଡା ଠାରୁ କେନ୍ଦୁଗୁଡା ତିନି କିମି ପାଦଚଲା ରାସ୍ତା ଗାଁକୁ ଯିବାକୁ ପାଦ ଚଲା ରାସ୍ତାରେ ପାହାଡ଼ ଚଢି ହିଁ ଚାଲିକି ଯିବାକୁ



ପଡିବ ଗାଁକୁ। ଯିବା ପାଇଁ ଆଉ ଅନ୍ୟ ରାସ୍ତା ନାହିଁ। ଗାଁରେ କାହାର ସ୍ୱାସ୍ଥ୍ୟ ଖରାପ ହେଲେ ଏହି ପଦଚଲା ରାସ୍ତାରେ ପାହାଡ଼ ଚଢି ଭାର କରି ରୋଗୀଙ୍କୁ ବୋହି ଆଣନ୍ତି ଲୋକେ।

ବିଜୁଳି ଆଲୁଅ ଗାଁ ଲୋକ ଦେଖି ନାହାନ୍ତି। ଗାଁ ଲୋକଙ୍କ ପାଇଁ ବିଶୁଦ୍ଧ ପାଣି ସାତ ସପନ। ଗାଁରେ ଏକ କୂପ ଗାଁ ଲୋକ ଖୋଳିଛନ୍ତି, ସେହି କୂପରୁ ହିଁ ଗାଧୋଇବା, ପିଇବା ସବୁ ସେହି ପାଣିରେ ହିଁ କରନ୍ତି। ସରକାରଙ୍କ ଯୋଜନା ବାଟ ହୁଡୁଛି। କେବେ ହେବ ରାସ୍ତା ଆଉ କେବେ ସେ ରାସ୍ତା ଦେଇ ଯିବ ପିଇବା ପାଣି ଆଉ ବିଜୁଳି ବତୀ। ଏବେ ବର୍ଷା ଋତୁର ଆଗମନ ଦୁଃଖ ଦୁଇଗୁଣିତ ହୋଇଯିବ। ପଦଚଲା ଜଙ୍ଗଲ ରାସ୍ତାରେ ଚାଲିକି ଯିବା କଷ୍ଟ। ରୋଗୀଙ୍କୁ ଭାରରେ ବୋହି ନେବା କଷ୍ଟକର ହେବ।

ଦେଶ ସ୍ୱାଧୀନ ହୋଇ ଏତେ ବର୍ଷ ପରେ ମଧ ଏବେ ଗାଁ ଲୋକ ରାସ୍ତା ପାଣି ବିଜୁଳି ଆଲୁଅ ପାଇଁ ସଂଘର୍ଷ କରିବା ସରକାରଙ୍କ ଯୋଜନା ଏକ ପ୍ରହସନ ପାଲଟିଛି। ନେତା ପ୍ରଶାସନକୁ ଗୁହାରି କରି କରି ଥକି ଗଲେଣି ଗାଁ ଲୋକ। ଏବେ ଭାଗ୍ୟକୁ ଆଦରି ବସବାସ କରୁଛନ୍ତି। ଆଉ କାହାକୁ ଅଭିଯୋଗ କରିବୁ ନାହିଁ, ଆମ ଅଭିଯୋଗକୁ କେହି ଗୁରତ୍ୱ ଦେଉନଥିବା ପ୍ରକାଶ କରିଛନ୍ତି। ତେବେ ସରକାରଙ୍କ ଯୋଜନା କେନ୍ଦୁଗୁଡା ଗାଁରେ ପଂହଁଚିବ ନା ଗାଁ ଏମିତି ଅଭିଶପ୍ତ ହୋଇ ଥିବ ଦେଖିବାକୁ ବାକି ରହିଲା।



## ସାହାଣିମୁଣ୍ଡା ଗ୍ରାମବାସୀଙ୍କ ପାଇଁ
# ବିଶୁଦ୍ଧ ପାନୀୟ ଜଳ ସାତସପନ

**ଗୋଛାପଡ଼ା,୩।୬ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଲୁଇସିଂ ପଞ୍ଚାୟତ ଅଧିନରେ ଥିବା ସାହାଣିମୁଣ୍ଡା ଗ୍ରାମ ରେ ବିଶୁଦ୍ଧ ପାନୀୟ ଜଳ ର ସମସ୍ୟା ଦେଖିବାକୁ ମିଳିଛି। ଯାହା ଫଳରେ ଏହି ଗ୍ରାମର ଜନସାଧାରଣ ବହୁତ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ରାଜ୍ୟ ଓ କେନ୍ଦ୍ର ସରକାର ସହରାଞ୍ଚଳ ଠାରୁ ଆରମ୍ଭ କରି ଗ୍ରାମାଞ୍ଚଳରେ ରହୁଥିବା ପ୍ରତ୍ୟେକ ଗରିବ ଅସହାୟ ପରିବାରକୁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ନିମନ୍ତେ ଅନେକ ଯୋଜନା କରି ବିଭିନ୍ନ ପ୍ରକଳ୍ପ ମାଧମରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ବ୍ୟବସ୍ଥା କରିଥିବା ବେଳେ ଆଜି ପର୍ଯ୍ୟନ୍ତ ପହଞ୍ଚି ପାରିନାହିଁ ନାହିଁ ଏହି ଗ୍ରାମକୁ ।

ଦୀର୍ଘ ବର୍ଷ ଠାରୁ ଏଠାକାର ଜନସାଧାରଣ ନାଳ, ଚୁଆ ପାଣି ବ୍ୟବହାର କରୁଥିବା ଦେଖିବାକୁ ମିଳିଛି। ଖରାଦିନ ନାଳ ଚୁଆ ପାଣି ବ୍ୟବହାର କରୁଥିବା ବେଳେ ବର୍ଷା ଦିନ ବହୁତ ଅସୁବିଧାରେ ସମ୍ମୁଖୀନ ହେଉଥିବା ଗ୍ରାମ ବାସି କହିଛନ୍ତି। ଏହି ଗ୍ରାମରେ ସର୍ବ ମୋଟ ୩୦ ଘର ପରିବାର ବସବାସ କରନ୍ତି। ଏହି ଗାଁ ରେ ପିଇବା ପାଣି ର ମୁଖ୍ୟ ସମସ୍ୟା ହେଉଛି।ସତେ ଯେମିତି ସାହାଣିମୁଣ୍ଡା ଗ୍ରାମବାସୀ ଙ୍କ ପାଇଁ ବିଶୁଦ୍ଧ ପାନୀୟ ଜଳ ସାତ ସପନ ପାଲଟିଛି। ବିଶୁଦ୍ଧ ପାନୀୟ ଜଳ ସମସ୍ୟାକୁ ନେଇ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଗୁହାରି କରିଥିଲେ ସତ୍ତ୍ୱେ କୌଣସି ସୁଫଳ ମିଳିନାହିଁ ବୋଲି ଗ୍ରାମବାସୀ କହିଛନ୍ତି। ସରକାର ବିଶୁଦ୍ଧ ପାନୀୟ ଜଳ ସୁବିଧା ପାଇଁ ଅନେକ ଯୋଜନା ପ୍ରସ୍ତୁତ କରିଛନ୍ତି ସତ, କିନ୍ତୁ ପ୍ରଶାସନିକ ଅଧିକାରୀଙ୍କ ଅବହେଳା ଯୋଗୁଁ ବିଶୁଦ୍ଧ ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଆକର୍ଷଣ କରିବା ନିମନ୍ତେ ସାହାଣିମୁଣ୍ଡା ଗାଁ ରେ ତୁରନ୍ତ ଏକ ନଳକୂପ କିମ୍ବା ଅନ୍ୟ ଜଳଉତ୍ସ ବ୍ୟବସ୍ଥା କରିବାକୁ ଗ୍ରାମର ଶ୍ରୀପତି କହଁର, ପ୍ରଦିପ କହଁର, ରାଧା କହଁର,କୁନ୍ତି କହଁର, ମହାଦେବ କହଁର,ବିଶେଶ୍ୱର କହଁର, ସତ୍ୟବତୀ କହଁର, ରଞ୍ଜିତା କହଁର,ବିକ୍ରମ କହଁର, ନମିତା କହଁର, ନିର୍ବାଶୀ କହଁର,ଜଗତ କହଁର,ଭଞ୍ଜ କହଁର ସମେତ ଗ୍ରାମବାସୀ ଦାବି କରିଛନ୍ତି। ଦେଖିବାକୁ ବାକି ରହିଲା ପ୍ରଶାସନ କେବେ ଏହି ସମସ୍ୟାର ସମାଧାନ କରୁଛନ୍ତି।



## ବ୍ଲକସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା

**କାକଟପୁର/ଅସ୍ତରଙ୍ଗ,୩।୬ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ପରିସରରେ ବ୍ଲକ ସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ସୁଶ୍ରୀ ଶସ୍ମିତା ବେହେରାଙ୍କ ଅଧକ୍ଷତାରେ ଅତିଥି ଭାବେ ଅସ୍ତରଙ୍ଗ ବ୍ଲକ ଅଧକ୍ଷା ଆରତୀ ନାଏକ, ଉପାଧକ୍ଷ ଦୃଜୟ ମିଶ୍ର, ଜଗତସିଂହପୁର ସାଂସଦ ଙ୍କ ବ୍ଲକ ପ୍ରତିନିଧି ଦିବାକର ଛାଟୋଇ, ସିଡିପିଓ ମମତା ନାୟକ, ମିଶନ ଶକ୍ତି ବ୍ଲକପ୍ରକଳ୍ପ ସଂଯୋଜିକା ଟିକିନା ବେହେରା ପ୍ରମୁଖ ଉପସ୍ଥିତ ରେ ଅସ୍ତରଙ୍ଗ ବ୍ଲକର ୧୫ଗୋଟି ପଂଚାୟତରୁ ୨୫ଟି ଏସଏସଜି ଅନଲାଇନି ରେ ଭାଗନେବା ପାଇଁ ଆବେଦନ କରିଥିବା ବେଳେ ସେଥି ମଧରୁ ମଙ୍ଗଳ ବାରଦିନ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ୧୪ଟି ଏସଏସଜି ଗୋଷ୍ଠିର ୪୫ଜଣ ପ୍ରତିଯୋଗୀ ଭାଗ ନେଇ ନିଜ ନିଜ ଖାଦ୍ୟ ପ୍ରସ୍ତୁତ କରିଥିଲେ। ପାରମ୍ପରିକ ଖାଦ୍ୟ ତଥା ଖେଚୁଡ଼ି, ଡାଲମା, ଘାଣ୍ଟ, ଧଳା ପୁରଦିଆମଣ୍ଡା ପିଠା, ପୋଡ଼ ପିଠା ଇତ୍ୟାଦି ପ୍ରସ୍ତୁତ କରିଥିବା ବେଳେ ଉପସ୍ଥିତ ଅତିଥି ବିଭିନ୍ନ ଷ୍ଟଲ ବୁଲି ଦେଖିବା ସହ ବ୍ଲକ ଅଧକ୍ଷା ଆରତୀ ନାଏକ ଯୋଗଦେଇ ଓଡ଼ିଆ ପାରମ୍ପରିକ ଖାଦ୍ୟ ପ୍ରସ୍ତୁତ କରିଥିବା ସମସ୍ତ ମହିଳାଙ୍କୁ ଉତ୍ସାହିତ କରିଛନ୍ତି। ଖାଦ୍ୟ ଷ୍ଟଲରେ ଯୋଗ ଦେଇଥିବା ମହିଳା କହିଛନ୍ତି ଯେ ଏଭଳି କାର୍ଯ୍ୟକ୍ରମ ଆୟୋଜନ ଏକ ପ୍ରଶଂସନୀୟ ପ୍ରୟାସ। ଏହା ଦ୍ୱାରା ଆମେ ସମସ୍ତେ ପରସ୍ପର ସଂସ୍ପର୍ଶରେ ଆସି ଖାଦ୍ୟ ଅନ୍ୟ ମାନଙ୍କୁ ଚଖାଇ ପାରିଛୁ। ସେଥିପାଇଁ ଖୁସି ଅନୁଭବ ହେଉଛି। ସୂଚନା ଅନୁଯାୟୀ ପ୍ରତିଯୋଗିତା ଅଂଶ ଗ୍ରହଣ କରିଥିବା ମହିଳା ଗୋଷ୍ଠୀ ମଧରୁ ମହାବୀର ଏସଏସଜି ଅସ୍ତରଙ୍ଗ ପ୍ରଥମ ସ୍ଥାନରେ ରହି ୫ହଜାର ଟଙ୍କା ଓ ଦ୍ୱିତୀୟ ସ୍ଥାନରେ ହରପାର୍ବତୀ ଏସଏସଜି ସରିପୁର ୪ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି।

● ଜାତୀୟ ଟାଏକୋଣ୍ଡ ଚାମ୍ପିଅନସିପ୍

## ସ୍ୱର୍ଣ୍ଣ ଆଣିଲେ ସୁନା ପୁଅ 'ସାଇ ସତ୍ୟମ'




**ବ୍ରହ୍ମପୁର,୩।୬ (ସଂଚାର ବ୍ୟୁରୋ):** କଟକ ସ୍ଥିତ ଜବହାରଲାଲ ନେହେରୁ ଷ୍ଟାଡିୟମ ଠାରେ ଆୟୋଜିତ ନବମ ଓପନ ନ୍ୟାସନାଲ୍ ଟାଏକୋଣ୍ଡ ଚାମ୍ପିଅନସିପ୍ ରେ ଚମକିଛନ୍ତି ବ୍ରହ୍ମପୁରର ପୁଅ ସାଇ ସତ୍ୟମ ପଣ୍ଡା। ଏଥିରେ ଅଂଶ ଗ୍ରହଣ କରି ସ୍ୱର୍ଣ୍ଣ ବିଜେତାଙ୍କ ତାଲିକାରେ ସେ ରହିଛନ୍ତି। ମେ ମାସ ୩୦ ତାରିଖରୁ ଜୁନ୍ ୧ ପର୍ଯ୍ୟନ୍ତ ଏହି ଚାମ୍ପିଅନସିପ୍ ଆୟୋଜିତ ହୋଇଥିଲା। ଏଥିରେ ୧୨ ଗୋଟି ରାଜ୍ୟର ଖେଳାଳି ଅଂଶ ଗ୍ରହଣ କରିଥିଲେ। ସେଥିମଧରୁ ବ୍ରହ୍ମପୁରର ଏକ ଟାଇକୋଣ୍ଡ ଆସୋସିଏସନ ପକ୍ଷରୁ ଖେଳାଳି ମାନେ କଟକ ଗସ୍ତ କରିଥିଲେ। ସେଥିରେ ସାଇ ସତ୍ୟମ ମଧ ରହିଥିଲେ। ଏହି ସଫଳତା ଦୃଢ଼ ପ୍ରଶିକ୍ଷଣ ଏବଂ ଦୃଢ଼ ଇଚ୍ଛାଶକ୍ତି ବଳରେ ସମ୍ଭବ ହୋଇପାରିଛି। ବ୍ରହ୍ମପୁରର ସାମ୍ବାଦିକ ମନୋଜ କୁମାର ପଣ୍ଡାଙ୍କ ସୁପୁତ୍ର ସାଇ ସତ୍ୟମ ୫ମ ଶ୍ରେଣୀରେ ପାଠ ପଢୁଛନ୍ତି। ପାଠ ପଢା ସହ ଖେଳ କୁଦ ପ୍ରତି ବି ତାଙ୍କର ରୁଚି ରହିଛି। ଟାଏକୋଣ୍ଡ ଖେଳ ପ୍ରତି ସେ ମନ ବଳେଇଥିବାରୁ ଏହି କ୍ଷେତ୍ରରେ ତାଙ୍କ ବାପା ବି ସହଯୋଗ କରି ଆସୁଥିଲେ। ସ୍ୱର୍ଣ୍ଣ ଜିତିବା ପରେ ସାଇ ସତ୍ୟମ ନିଜ ପ୍ରଶିକ୍ଷକଙ୍କ ସମେତ ବାପା, ମା'ଙ୍କୁ ସଫଳତାର ଶ୍ରେୟ ଦେଇଛନ୍ତି। ସେହିପରି ଆଗକୁ ମଧ ସ୍ୱର୍ଣ୍ଣ ପଦକ ଆଣିବାକୁ ସେ ଉଦ୍ୟମ କରିବେ ବୋଲି କହିଛନ୍ତି।

## ଆଇଆଇଟି ପରୀକ୍ଷାରେ ସ୍ୱୟଂ ନିର୍ଲିପ୍ତାଙ୍କ ସଫଳତା



**ଯାଜପୁର ରୋଡ଼,୩।୬ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲାର କଳିଙ୍ଗନଗର ଶିଳ୍ପାଞ୍ଚଳର ମୁଖଶାଳାରେ ଅବସ୍ଥିତ 'ଦେବ ଇଂଟରନେସନାଲ ସ୍କୁଲ'ର ଛାତ୍ରୀ ସ୍ୱୟଂ ନିର୍ଲିପ୍ତା ସାହୁ ଚଳିତ ବର୍ଷ ଆଇ.ଆଇ.ଟି ପରୀକ୍ଷାରେ ଆଣିଛନ୍ତି ଗୌରବ। ଜେଇ ଆଡ଼ଭାଂଶ ଅଲ ଇଣ୍ଡିଆ ରାଙ୍କରେ ୧୬୫୪ ସ୍ଥାନରେ ସ୍ଥାନ ପାଇଛନ୍ତି। ସ୍ୱୟଂ ନିର୍ଲିପ୍ତା ନିଜର ପ୍ରଚେଷ୍ଟା, ଗୁରୁଜନଙ୍କ ଆଶିର୍ବାଦ ଓ ଶିକ୍ଷକ, ଶିକ୍ଷୟତ୍ରୀ ମାନଙ୍କ ପ୍ରେରଣା ପାଇଁ ଆଜି ସେ ଏଭଳି ଏକ ଐତିହାସିକ ସଫଳତା ଅର୍ଜନ କରିଥିବା କହିଛନ୍ତି। ଝିଅର ଏଭଳି ସଫଳତା ପାଇଁ ପିତା ସୁଶାନ୍ତ କୁମାର ସାହୁ ଓ ମାତା ସ୍ମିଗ୍ଧା ରାଣୀ ସାହୁ ସ୍କୁଲର ଚେୟାରମ୍ୟାନ ଶ୍ରୀ ବୁଦ୍ଧଦେବ ରାଉତ, ପ୍ରିନ୍ସିପାଲ'ଙ୍କ ସମେତ ସମସ୍ତ କର୍ମଚାରୀ ମାନଙ୍କୁ ହୃଦୟରୁ ଧନ୍ୟବାଦ ଜ୍ଞାପନ କରିଥିଲେ । ଦେବ ଇଂଟରନେସନାଲ ସ୍କୁଲ, ପ୍ରତେକ ଛାତ୍ର, ଛାତ୍ରୀଙ୍କର ସାମଗ୍ରୀକ ବିକାଶ ଉପରେ ଗୁରୁତ୍ୱ ଦେଇ ସେମାନଙ୍କର ଆତ୍ମବିଶ୍ୱାସ ବଢ଼ାଇ ଉଜ୍ଜଳ ଭବିଷ୍ୟତ ନିର୍ମାଣ ନିମନ୍ତେ ମାର୍ଗ ଦେଖାଇ ଆସିଛି ବୋଲି ସ୍କୁଲର ଚେୟାରମ୍ୟାନ ଶ୍ରୀ ବୁଦ୍ଧଦେବ ରାଉତ କହିଥିଲେ। ସ୍କୁଲର ପ୍ରତେକ ସଫଳତା ପଛରେ ପ୍ରିନ୍ସିପାଲ ନିର୍ମଳ କୁମାର ରଣା'ଙ୍କର ଅବଦାନ ଅତୁଳନୀୟ ରହିଥିବା ଅଭିଭାବକ ମାନେ କହିଥିଲେ।

## ହୃଦଘାତରେ ସରପଞ୍ଚଙ୍କ ପରଲୋକ



**ଫୁଲବାଣୀ,୩।୬ (ସଂଚାର ବ୍ୟୁରୋ):** ଚକାପାଦ ବ୍ଲକ୍ ବ୍ରାହ୍ମଣପାଦ ସରପଞ୍ଚ ହେମକେଶ ମଳିକ(୫୫)ଙ୍କ ହୃଦଘାତରେ ପରଲୋକ ଘଟିଛି। ଗତକାଲି ସେ କୌଣସି କାମରେ ନିଜ ଗାଡ଼ି ଧରି ଶଙ୍କରାଖୋଲ ଯାଇଥିଲେ। ଫେରିବା ସମୟରେ ଲାଇନ୍ ପଡ଼ା - ନନ୍ଦିନୀ ଘାଟି ରାସ୍ତାରେ ତାଙ୍କୁ ଅଣନିଶ୍ୱାସି ଲାଗିଥିଲା ଏବଂ ସେ ଗାଡ଼ିଟିକୁ ଗୋଟିଏ ପାର୍ଶ୍ୱରେ ରଖିଦେଇଥିଲେ। ସରପଞ୍ଚ ହେମକେଶଙ୍କୁ ଡ୍ରାଇଭିଂ ସିଟ୍‌ରେ ଟଳି ପଡ଼ିଥିବା ଦେଖିବାକୁ ପାଇଥିଲେ ସେହି ଗାଡ଼ିରେ ବସିଥିବା ଜନୈକା ମହିଳା। ଘଟଣାସ୍ଥଳରୁ କେହି ଜଣେ ବ୍ୟକ୍ତି ତାଙ୍କୁ ସେହି ଗାଡ଼ିରେ ବ୍ରାହ୍ମଣପାଦ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚାଇଥିଲେ। ସ୍ୱାସ୍ଥ୍ୟ ଅଧିକାରୀ ଡ. ଦୀପକ ପାତ୍ର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସଦଳବଳ ଚକାପାଦ ଥାନା ଅଧିକାରୀ ଲଳିତ ମୋହନ ସାଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ମରଶରୀରଟିକୁ ବ୍ୟବଚ୍ଛେଦ ପାଇଁ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପଠାଇଛନ୍ତି। ଏନେଇ ଚକାପାଦ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଥାନାଧିକାରୀ ସାଗର ସୂଚନା ଦେଇଛନ୍ତି। ସ୍ୱର୍ଗତ ସରପଞ୍ଚ ହେମକେଶଙ୍କ ମୃତ୍ୟୁରେ ବ୍ରାହ୍ମଣପାଦ ପଞ୍ଚାୟତ ତଥା ସମଗ୍ର ଚକାପାଦ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## କାର-ବାଇକ ଧକ୍କା, ୩ ଗୁରୁତର

**କଳାହାଣ୍ଡି,୩।୬ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଧର୍ମଗଡ ଥାନା ବଡ଼ବସୁଲ ନିକଟରେ ମଙ୍ଗଳବାର ସକାଳ ପ୍ରାୟ ୧୧ ଟା ସମୟରେ ଏକ କାର ଓ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଏହି ଦୁର୍ଘଟଣାରେ ତିନି ଜଣ ବାଇକ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଓଡି ୦୮ଜି ୬୮୬୯ ନମ୍ବର ବିଶିଷ୍ଟ ଏକ କାର ବଳଦିଆମାଳରୁ ଧର୍ମଗଡ଼ ଆସୁଥିବା ବେଳେ, ଓଡି ୦୮ବି ୦୪୨୮ ନମ୍ବର ବିଶିଷ୍ଟ ଏକ ବାଇକ ବଡ଼ବସୁଲରୁ ବଳଦିଆମାଳ ଅଭିମୁଖେ ଯାଉଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣାରେ ସାନ ଫୁର୍ଲା ଗାଁର ସଂଜିତ ପୁଝାରୀ, କ୍ଷୀରୋଦ ପୁଝାରୀ ଏବଂ ବିଷମ ପୁଝାରୀ ଗୁରୁତର ଆହତ ହୋଇଛନ୍ତି। ଆହତମାନଙ୍କୁ ତୁରନ୍ତ ଆମ୍ବୁଲାନ୍ସ ଯୋଗେ ଧର୍ମଗଡ଼ ଉପଖଣ୍ଡ ଚିକିତ୍ସାଳୟକୁ ନିଆଯାଇଥିଲା। କ୍ଷୀରୋଦ ପୁଝାରୀଙ୍କ ହାତ ଭାଙ୍ଗିବା ସହ ମୁହଁରେ ବିଭିନ୍ନ ସ୍ଥାନରେ ଗଭୀର ଆଘାତ ଲାଗିଥିବା ଜଣାପଡ଼ିଛି। ସଂଜିତ ପୁଝାରୀଙ୍କ ଅବସ୍ଥା ଅଧିକ ଗୁରୁତର ଥିବାରୁ ତାଙ୍କୁ ଏବଂ କ୍ଷୀରୋଦଙ୍କୁ ଡାକ୍ତରଙ୍କ ପରାମର୍ଶ କ୍ରମେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ପୁଷ୍ଟି ଶସ୍ୟ ବାସ୍ନାରେ ମହକିଲା ସାଗରପାଲି



**ସୁନ୍ଦରଗଡ,୩।୬ (ସଂଚାର ବ୍ୟୁରୋ):** କୃଷି ଓ କୃଷକର ମିଳିତ ଆନୁକୂଲ୍ୟରେ ଟାଙ୍ଗରପାଲି ବ୍ଲକରେ ସହଯୋଗୀ ଅନୁଷ୍ଠାନ ସେବକ ଶ୍ରୀ ଅନ୍ନ ଅଭିଯାନ ମାଧମରେ ୧୩ ଗୋଟି ପଞ୍ଚାୟତରେ ମାଣ୍ଡିଆ ଚାଷ କରାଯାଉଛି। ମଙ୍ଗଳବାର ସାଗରପାଲି ଗ୍ରାମରେ ଏକ ପୃଷ୍ଟି ଶସ୍ୟ ଖାଦ୍ୟ ମେଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପୃଷ୍ଟି ଶସ୍ୟ ଖାଦ୍ୟ ମେଳାକୁ ଜିଲ୍ଲା ପରିଷଦ ଅଧକ୍ଷା ସୁଶ୍ରୀ କୁନ୍ତୀ ପ୍ରଧାନ ଉଦ୍ଘାଟନ କରିଥିଲେ ଓ ପୂର୍ବରୁ ହଜି ଯାଇ ଥିବା ପାରମ୍ପରିକ ଖାଦ୍ୟକୁ ଆପଣେଇବା ପାଇଁ ମତାମତ ଦେଇଥିଲେ। ଟାଙ୍ଗରପାଲି ବ୍ଲକ ସେବକର ବ୍ଲକ ସଂଯୋଜକ ଅମୀୟ ରଞ୍ଜନ ଲେଙ୍କା ସଭା ପରିଚାଳନା କରିଥିଲେ। ସମ୍ମାନୀତ ଅତିଥି ଭାବେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଲାଲ ବିହାରୀ ମଲ୍ଲିକ ଶ୍ରୀ ଅନ୍ନ ଯୋଜନା ମାଧମରେ ମାଣ୍ଡିଆ ଓ ଅଣ ମାଣ୍ଡିଆରୁ ପ୍ରସ୍ତୁତ ଖାଦ୍ୟକୁ ନୀତି ଦିନିଆ ଜୀବନରେ ଖାଇବା ସହିତ ଅନ୍ୟମାନଙ୍କୁ ଖୁଆଇବା ପାଇଁ ପରାମର୍ଶ ଦେଇଥିଲେ। ବରିଷ୍ଠ କାର୍ଯ୍ୟକ୍ରମ ଅଧିକାରୀ ଦିଗାମ୍ବର ଉପାଧାୟ ମାଣ୍ଡିଆ ଚାଷ ବ୍ୟବସ୍ଥା ସହିତ ଏହାର ଉପକାରିତା ଉପରେ ଆଲୋକପାତ କରିଥିଲେ। ଅନ୍ୟ ମାନଙ୍କ ମଧରେ ମଙ୍ଗସପୁର ସରପଞ୍ଚ , ନାଏବ ସରପଞ୍ଚ ,ୱାର୍ଡ ମେମ୍ବର,ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ,ଚାଷୀ ମାନେ ଉପସ୍ଥିତ ଥିଲେ। ସାଗରପାଲି ଗ୍ରାମର ୧୨ ଗୋଟି ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ମାଣ୍ଡିଆରୁ ପ୍ରସ୍ତୁତ ଆରିସା, ଠେଠେରି, କାଠିନିମକୀ, ରୋଜକେକ୍, ବିସ୍କୁଟ୍, ମିକ୍ସଚର, ବରା, ଶଙ୍ଖ ପିଠା, ସିଜିରୀ ପିଠା, ବରା, ରସ ବରା, କେକ୍, ସର୍ବତ, କ୍ଷୀରୀ ଆଦି ତିଆରି କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସେବକର ବର୍ଷା ସାହୁ, ହରପ୍ରିୟା ନାୟକ, ମନୋରଞ୍ଜନ ମଲିକ, ସିଆରପିମାନେ ପ୍ରମୁଖ ପରିଚାଳନା କରିଥିଲେ।

## 'ବିକଶିତ କୃଷି ସଂକଳ୍ପ ଅଭିଯାନ' କାର୍ଯ୍ୟକ୍ରମ ଅନୁଷ୍ଠିତ



**ଗୁଡାରି,୩।୬ (ସଂଚାର ବ୍ୟୁରୋ):** ରାୟଗଡା ଜିଲ୍ଲା ଗୁଡ଼ାରୀ ବ୍ଲକ୍ କୃଷି ବିଭାଗ ତରଫରୁ ସୋମବାର ଦିନ ୬ ଗୋଟି ଗ୍ରାମରେ ବିକଶିତ କୃଷି ସଂକଳ୍ପ ଅଭିଯାନ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ତିନୋଟି ଟିମ୍ ଗଠନ କରାଯାଇଥିଲା । ଟିମ୍-ଏ ସକାଳ ୦୯ ଘଣ୍ଟା ଠାରୁ ମଧ୍ୟାହ୍ନ ୧୨ ଘଣ୍ଟା ଯାଏଁ ଏଲ.ଏଲ.ପୁର ଗ୍ରାମ, ଅପରାହ୍ନ ୦୩ ଘଣ୍ଟା ଠାରୁ ୦୬ ଘଣ୍ଟା ଯାଏଁ ରେଙ୍ଗାମ୍ ଗ୍ରାମ, ଟିମ୍-ବି ସକାଳେ କଦମା ଗ୍ରାମ ଓ ଅପରାହ୍ନରେ ଖାରିଗୁଡ଼ା ଗ୍ରାମ, ଟିମ୍-ସିସକାଳେ ଡେଣ୍ଡୁଗୁଡା ଗ୍ରାମ ଓ ଅପରାହ୍ନରେ ସୌରଗୁଡ଼ା ଗ୍ରାମରେ ସଭା ପରିଚାଳନା କରିଥିଲେ ।

ଏହି ସଚେତନତା ଶିବିର ପାଇଁ ଟିମ୍-ଏ ସକାଶେ କ୍ଷେତ୍ର ବିଜ୍ଞାନ ବିଶେଷଜ୍ଞ ଡ଼ା ନାରମ୍ ରାମୁ, ଉଦ୍ୟାନ କୃଷି ବରିଷ୍ଠ ବୈଜ୍ଞାନିକ ଡ଼ା କାଳିଦାସ ପତି, ସହକାରୀ କୃଷି ଅଧିକାରୀ ଶ୍ରୀ ସୁଶିଲ ଶବର, ଟିମ୍-ବିସକାଶେ ଉଦ୍ଭିଦ ରୋଗ ପୋକ ବିଶେଷଜ୍ଞ ଶ୍ରୀ ରାଜୀବ ଟୁଡ୍ଡୁ, ଉଦ୍ଭିଦ ରୋଗ ବିଶେଷଜ୍ଞ ଡ଼ା ଆର. ଅରୁତ ସେଲଭାନ, ଉଦ୍ୟାନ କୃଷି ବିଶେଷଜ୍ଞ ଡ଼ା ଅନିନ୍ଦିତା ରୟେ, ଗୋଷ୍ଠୀ କୃଷି ଅଧିକାରୀ ଶ୍ରୀ ବିଭୂତି ଭୂଷଣ ବିଷୋୟୀ, ଟିମ୍-ସି ସକାଶେ ପ୍ରକଳ୍ପ ସହାୟକ, ବିହନ ବିଜ୍ଞାନ ଶ୍ରୀ ପରିମଳ ତରାଇ, ଉଦ୍ୟାନ କୃଷି ବିଶେଷଜ୍ଞ ଡ଼ା କେ.ଏଚ୍ ଗୌଡ଼, ସହକାରୀ କୃଷି ଯନ୍ତ୍ରୀ ସୁଶ୍ରୀ ଭଗ୍ୟଶ୍ରୀ ମଲ୍ଲିକ ଯୋଗ ଦେଇ ରାଜ୍ୟ ଓ କେନ୍ଦ୍ରର କୃଷି ସମ୍ବନ୍ଧୀୟ ଯୋଜନା ଯଥା ମାଟି ପରୀକ୍ଷା, ପିଏମ୍ କିସାନ, ସିଏମ୍ କିସାନ, ପ୍ରଧାନ ମନ୍ତ୍ରୀ ଫସଲ ବିମା ଯୋଜନା, କୃଷକ ପଞ୍ଜିକରଣ, ଶ୍ରୀ ଅନ୍ନ ଅଭିଯାନ, ମୁଖ୍ୟ ମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଚାଷୀଙ୍କୁ ଅବଗତ କରାଇଥିଲେ। ଏଥି ସହ ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟ/ସଭ୍ୟା, ୱାର୍ଡ ମେମ୍ବର ମାନଙ୍କ ସହ ୨୫୦ରୁ ଉର୍ଦ୍ଧ୍ୱ ଚାଷୀ ଭାଇ ଭଉଣୀମାନେ ଅଂଶ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସ୍ଥାନୀୟ ସମସ୍ତ କୃଷି ଅଧିଦର୍ଶକ, ଗ୍ରାମ୍ୟ କୃଷି କର୍ମଚାରୀ, ଏଟିଏମ୍ ଓ କୃଷକ ସାଥୀ ସହଯୋଗ କରିଥିଲେ ।

### ନୀଳଗିରି-ବଉଳଗଡିଆ ରାସ୍ତା ନିର୍ମାଣ ପ୍ରସଙ୍ଗ

## ବିଭାଗୀୟ ମୁଖ୍ୟଯନ୍ତ୍ରୀଙ୍କୁ ଚିଠି ଲେଖିଲେ ପୂର୍ବତନ ବିଧାୟକ

**ନୀଳଗିରି,୩।୬ (ସଂଚାର ବ୍ୟୁରୋ):** ନୀଳଗିରି ବଉଳଗଡିଆ ରାସ୍ତାର ସମ୍ପ୍ରସାରଣ ଏବଂ ପୁନଃନିର୍ମାଣ କାର୍ଯ୍ୟ ଦୀର୍ଘ ୧ ବର୍ଷରୁ ଉର୍ଦ୍ଧ ସମୟର ଅବଧି ପରିସମାପ୍ତି ହୋଇଯାଇଥଲେ ମଧ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ଠପ ହୋଇ ପଡିଛି। ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ ନିର୍ମାଣ ବିଭାଗ ମୁଖ୍ୟଯନ୍ତ୍ରୀ ଓଡିଶାଙ୍କୁ ଏନେଇ ଗତ ମାର୍ଚ୍ଚ ଓ ଏପ୍ରିଲ ମାସ ବାଲେଶ୍ୱର ଡିଭିଜନ ୧ ର ଏସ. ଇ ଏବଂ ସି. ଇଙ୍କୁ ଚିଠିଲେଖି ଉକ୍ତ ରାସ୍ତା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ ଏହାର ଦୃଷ୍ଟାନ୍ତମୂଳକ ପଦକ୍ଷେପ ନନିଆଯିବା କାରଣରୁ ଆଜି ଜୁନ ୨ ତାରିଖ ନିର୍ମାଣ ବିଭାଗ ମୁଖ୍ୟ ଯନ୍ତ୍ରୀ ଓଡିଶାଙ୍କୁ ତୁରନ୍ତ ହସ୍ତକ୍ଷେପ କରି ସମସ୍ୟାର ସମାଧାନ କରିବା ପାଇଁ ଚିଠି ଲେଖିଛନ୍ତି।

ସୂଚନା ଅନୁଯାୟୀ ୨୦୨୩ ମସିହା ମାର୍ଚ୍ଚମାସ ୧୬ ତାରିଖରେ ୨୮ କୋଟି ୪୧ ଲକ୍ଷ ୫୦ ହଜାର ଟଙ୍କା ଉକ୍ତ ରାସ୍ତା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ମଞ୍ଜୁରପ୍ରାପ୍ତ ହୋଇ କାର୍ଯ୍ୟାଦେଶ ମିଳିଥିଲା। ଯାହା ୨୦୨୪ ମସିହା ଏପ୍ରିଲ ମାସ ୧୫ ତାରିଖ ସୁଦ୍ଧା ରାସ୍ତାକାର୍ଯ୍ୟ ସମ୍ପୂର୍ଣ୍ଣ ହେବାର ଅବଧି ଥାଇ ମେସେର୍ସ ମେକଇନଟସ ବର୍ଣ୍ଣ ଲିଃକୁ କାର୍ଯ୍ୟଭାର ଅର୍ପଣ କରାଯାଇଥିଲା । ମାତ୍ର କୁଳଡିହା ଅଭୟାରଣ୍ୟ ଇକୋ ସେନସିଟିଭ ଜୋନ କଟକଣା ପାଇଁ ବନ ବିଭାଗର ହସ୍ତକ୍ଷେପ ଏବଂ ବିରୋଧ କାରଣରୁ ଉକ୍ତ ସଂସ୍ଥା କାମଛାଡି ଚାଲିଯିବା ସହିତ ନିଜର କ୍ଷତିପୂରଣ ପାଇଁ ଅଦାଲତରେ ଆଶ୍ରିତ ହୋଇଛନ୍ତି ।

ସୂଚନା ମୁତାବକ ପ୍ରତ୍ୟେହ ଉକ୍ତ ରାସ୍ତାରେ ଦୈନିକ ବଡ଼ ବଡ଼ ଭାରିଯାନ ଯିବାଆସିବା କରିବା ଫଳରେ ରାସ୍ତାର ଅବସ୍ଥା ଅଧିକ ଶୋଚନୀୟ ହୋଇ ପଡିଛି। ଫଳରେ ଉକ୍ତ ରାସ୍ତାଉପରେ ନିର୍ଭର କରି ଯାତାୟାତ କରୁଥିବା ସାଧାରଣ ଲୋକ ଏବଂ ଉତ୍ତର ଓଡିଶାର ପ୍ରସିଦ୍ଧ ଶୈବପୀଠ ବାବା ପଞ୍ଚଲିଙ୍ଗେଶ୍ୱରଙ୍କ ଦର୍ଶନ କରିବା ପାଇଁ ଆସୁଥିବା ପର୍ଯ୍ୟଟକ ଓ ଶ୍ରଦ୍ଧାଳୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ରାଜ୍ୟ ସରକାର ଏବଂ ନିର୍ମାଣ ବିଭାଗର ମୁଖ୍ୟ ଯନ୍ତ୍ରୀ ତୁରନ୍ତ ସମସ୍ୟାର ସମାଧାନ କରି ପର୍ଯ୍ୟଟନ ଶିଳ୍ପକୁ ପ୍ରାଧାନ୍ୟ ଦେବାକୁ ନୀଳଗିରିର ପୂର୍ବତନ ବିଧାୟକ ଶ୍ରୀଯୁକ୍ତ ନାୟକ ଚିଠି ଲେଖିଥିବା ଜଣାପଡିଛି।

# ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ବି ଡଙ୍ଗୀଝୁଲା ଓ ଚଣାଲିମା ପାଇଁ ବିକାଶ ସ୍ୱପ୍ନ

**କଳାହାଣ୍ଡି,୩।୬ (ସଂଚାର ବ୍ୟୁରୋ):** ଗ୍ରାମାଞ୍ଚଳର ବିକାଶ ଲାଗି ସରକାର ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ବାସ୍ତବ କ୍ଷେତ୍ରରେ ଏହାର ସଫଳ ରୂପାୟନ ଶତ ପ୍ରତିଶତ ହୋଇ ପାରୁ ନାହିଁ। ଏବେ ବି ଅନେକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଅନେକ ଗାଁ ରହିଛି ଯେଉଁଠାରେ ବିକାଶ ପହଞ୍ଚିପାରିନାହିଁ। ଏହାର ଜ୍ୱଳନ୍ତ ଉଦାହରଣ କଳାହାଣ୍ଡି ଜିଲ୍ଲା ଆଦିବାସୀ ବହୁଳ ଡଙ୍ଗୀଝୁଲା ଓ ଚଣାଲିମା ଗାଁ।

କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ପଞ୍ଚାୟତ ଡଙ୍ଗୀଝୁଲା ଗ୍ରାମ ମଝିରେ ବଂଶୀଧାରା ନଦୀ ରହୁଥିବାରୁ ଯାତାୟତରେ ବହୁ ସମସ୍ୟା ଲାଗିରହୁଛି। ଯାହାକୁ ନେଇ ଗ୍ରାମବାସୀ ଚିନ୍ତା ପ୍ରକଟ କରିଛନ୍ତି । ରାସ୍ତା ସମସ୍ୟା ଏହି ଗାଁର ବିକାଶରେ ପ୍ରତିବନ୍ଧକ ସାଜିଛି। ଏହି ଗାଁରେ ୧୮ ପରିବାର ବସବାସ କରନ୍ତି। ଏହି ଗାଁକୁ ଯିବା ପାଇଁ ରାସ୍ତା ନାହିଁ । କୌଣସି ବ୍ୟକ୍ତିଙ୍କ ଦେହ ଖରାପ ହେଲେ ଡାକ୍ତରଖାନା ନେବା ପାଇଁ



ଖଟିଆରେ ବୋହି ୫୦୦ ମିଟର ଦୂର ଲାଞ୍ଜିଗଡ଼-ମୁନିଗୁଡ଼ା ଡଙ୍ଗୀଝୁଲା ଓ ଚଣାଲିମା ଗାଁ ଅବହେଳିତ ମୁଖ୍ୟରାସ୍ତାକୁ ଆଣିବାକୁ ପଡେ । ମାତ୍ର ୫୦୦ ମିଟର ରାସ୍ତା ନିର୍ମାଣ ହୋଇନଥିବାରୁ ଗ୍ରାମବାସୀ ଏକ ପ୍ରକାର ବନ୍ଦୀ ଜୀବନଯାପନ କରୁଛନ୍ତି। ଗାଁରେ ଅଙ୍ଗନୱାଡି କେନ୍ଦ୍ର ନଥିବାରୁ ଛୋଟ ଛୋଟ ପିଲା ମାନେ ବଂଶୀଧାରା ନଦୀ ପାର ହୋଇ ଚଣାଲିମା ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ରକୁ ପାଠ ପଡିବା ଲାଗି ଯାଉଛନ୍ତି । ଅନ୍ୟ ପକ୍ଷରେ ବର୍ଷା ଦିନେ ଜଳବନ୍ଦୀ ଭାବେ ଜୀବନଯାପନ କରିବା ସହ ପିଲାଙ୍କ ପାଠପଢା ସଂପୂର୍ଣ ଭାବେ ବନ୍ଦ ରହେ।

ଏହି ଗାଁରେ ଏକ ନଳକୂଅ ଖନନ ହୋଇଛି। କିନ୍ତୁ ସେଥିରୁ ଠିକ ଭାବେ ପାଣି ବାହାରୁ ନାହିଁ। ଏନେଇ ଗ୍ରାମବାସୀ ଚିନ୍ତା ପ୍ରକଟ କରିଛନ୍ତି। ଫଳରେ ନଦୀ ଓ କୂଅର ପାଣିକୁ ପାନୀୟ ଭାବେ ବ୍ୟବହାର କରୁଛନ୍ତି। ଗାଁରେ ମାତ୍ର ୩ ଜଣକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ମିଳିଛି। ବର୍ତ୍ତମାନ ଘର ପାଇବା ପାଇଁ ଗାଁର ସମସ୍ତଙ୍କ ତାଲିକା ରହିଛି। ତେବେ ରାସ୍ତା ନଥିବା ଯୋଗୁଁ ଗ୍ରାମକୁ ଘର ନିର୍ମାଣ ସାମଗ୍ରୀ ଆଣିବାରେ ବହୁ ଆସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ତୁରନ୍ତ ଜିଲ୍ଲା ପ୍ରଶାସନ ପକ୍ଷରୁ ଗାଁକୁ ରାସ୍ତା ନିର୍ମାଣ କରିବାକୁ ଗ୍ରାମବାସୀମାନେ ଦାବି କରିଛନ୍ତି।



# ପ୍ରଣବଭାଇ ଶିଖାଇଥିବା ଗୀତ ଗାଇ ପ୍ରଥମ ପୁରସ୍କାର ଜିତିଥିଲି

ସବୁ ପ୍ରଥମ ଆମ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିନିଏ। ପ୍ରଥମ ପ୍ରେମ ଓ ପ୍ରଥମ ଶିଶୁ ପରି ପ୍ରଥମ ସୃଷ୍ଟି, ପ୍ରଥମ ପୁରସ୍କାର, ପ୍ରଥମ ଅନୁଭବ ବ୍ୟକ୍ତି ପାଇଁ ସ୍ୱତନ୍ତ୍ର ହୋଇଥାଏ। ସେଇଭଳି ଏକ ପ୍ରଥମ ପୁରସ୍କାର ପାଇବାର ଅନୁଭୂତିକୁ ଆମ ସହ ବାଣ୍ଟିଛନ୍ତି ଓଡ଼ିଶାର ଜଣାଶୁଣା କଣ୍ଠଶିଳ୍ପୀ ଦେବାଶିଷ ମହାପାତ୍ର। ସେ 'ଏଇ ପ୍ରୀତି ଫୁଲ ଝରା ପଥେ...', 'ଜହ୍ନ ଉଠିଥିବ ତାରା ଫୁଟିଥିବ...', 'ପାନ ଗୁଆ ଖଇର ଗୁଆକାତି...', 'ଶୁଆ ପୋଷିଥିଲା କେତେ ସେନେହ ଦେଇ...' ଆଦି ଚର୍ଚ୍ଚିତ ଗୀତ ଗାଇ ଓଡ଼ିଶାର ଶ୍ରୋତାଙ୍କ ହୃଦୟରେ ରହିଛନ୍ତି। ପ୍ରାୟ ୫୦ ସିନେମାରେ କଣ୍ଠଦାନ କରିଥିବା ଏହି ବରିଷ୍ଠ କଣ୍ଠଶିଳ୍ପୀ ଆମ ସହ ତାଙ୍କ ପିଲାଦିନର ସ୍ମୃତିକୁ ବାଣ୍ଟିଛନ୍ତି।

"୧୯୫୯-୬୦ ମସିହାର କଥା। ମୋତେ ସେତେବେଳେ ୬ ବର୍ଷ ବୟସ ହୋଇଥାଏ। ମୋର ସବୁଠାରୁ ବଡ଼ଭଉଣୀ ସେ ସମୟରେ ବିହାରର ପାଟ୍‌ନାରେ ଏକ କଲେଜରେ ଅଧାପନା କରୁଥିଲେ। ସେ ପ୍ରତିବର୍ଷ ଗ୍ରୀଷ୍ମ ଓ ଦଶହରା ଛୁଟିରେ ଓଡ଼ିଶା ଆସନ୍ତି। ଆମେ କଟକରେ ଭଡ଼ାଘରେ ରହୁଥାଉ। ମୋ ଭଉଣୀ ଛୁଟିରେ ଘରକୁ ଆସିଥାନ୍ତି। ମୁଁ ସେ ସମୟରେ ଜିଦ୍ କରି ତାଙ୍କ ସହ ପାଟ୍‌ନା ଯିବାକୁ ବାହାରିଲି। ସେ ମୋ ପାଖରେ ଗୋଟାଏ ସର୍ତ୍ତ ରଖିଲେ। ସେ କହିଲେ କି ଯଦି ମୋ ସହ ଯିବୁ, ମୁଁ ପୁଣି ପରବର୍ତ୍ତୀ ଛୁଟିରେ ଘରକୁ ଆସିବା ବେଳେ ଯାଇ ଆସିବୁ। ଅଧାରୁ ମୁଁ ତୋତେ ଛାଡ଼ିବାକୁ ଆସିପାରିବି ନାହିଁ। ମୁଁ ସେଥିରେ ରାଜି ହେଲି ଓ ଗଲି ମଧ। ମୋ ଭଉଣୀ ଓ ପାଟ୍‌ନା ମହିଳା କଲେଜରେ କାର୍ଯ୍ୟରତ ତାଙ୍କ ମହିଳା ସହକର୍ମୀମାନେ ମିଶି ଏକ ମେସ୍ କରି ରହୁଥିଲେ। ମୁଁ ମୋ ଭଉଣୀଙ୍କ ରୁମ୍‌ରେ ଯାଇ ରହିଲି। ସେଠି ପ୍ରାୟ ୪ ମାସ ଖଣ୍ଡେ ରହିଛି। ସେଠି ମୁଁ ପ୍ରତିଦିନ ପ୍ରାର୍ଥନା କରେ। ମୋ ପ୍ରାର୍ଥନା ମୋ ଭଉଣୀଙ୍କର ଜଣେ ବଙ୍ଗୀୟ ସହକର୍ମୀଙ୍କୁ ଶୁଣିବାକୁ ଭଲ ଲାଗିଲା। ସେ ମୋତେ ଡାକି କହିଲେ, 'ତମେ ତ ଭଲ ଗାଉଛ। ତମ ସ୍ୱର ବି ବହୁତ ଭଲ। ଆସ ମୁଁ ତୁମକୁ ଗୀତ ଶିଖେଇ ଦେବି।'

ସେତେବେଳେ ଲତା ମଙ୍ଗେସ୍‌କର୍ ଗାଇଥିବା ଏକ ବଙ୍ଗଳା ଗୀତ ଆସିଥାଏ- 'ନା ଯେଓନା ରଜନୀ ଏଖନ୍ ବାକି...''। ସେଇ ଗୀତଟିକୁ ସେ ମୋତେ ଶିଖେଇଥିଲେ। ତାହା ହିଁ ଥିଲା ମୋ ଜୀବନର ପ୍ରଥମ ସଂଗୀତ ଶିକ୍ଷା। ତା'ପରେ ମୁଁ କଟକ ଆସିବା ପରେ ରାଣୀହାଟ ସ୍କୁଲ୍‌ରେ ନାଁ ଲେଖାଇଲି। ଆମ ସ୍କୁଲ୍‌ରେ ସେତେବେଳେ ପ୍ରତିବର୍ଷ ସରସ୍ୱତୀ ପୂଜାରେ ଗୀତ ପ୍ରତିଯୋଗିତା ହେଉଥାଏ। ମୁଁ ସେଥିରେ ଅଂଶଗ୍ରହଣ କରିବାକୁ ନାଁ ଦେଲି। ମୋ ବଡ଼ଭାଇ ଶାନ୍ତନୁ ମହାପାତ୍ରଙ୍କୁ ଯାଇ କହିଲି, ମୋତେ ଗୋଟିଏ ଗୀତ ଶିଖେଇଦିଅ। ସେତେବେଳେ ପ୍ରଣବ ପଟ୍ଟନାୟକ ବରାବର ଆମ ଘରକୁ ଆସୁଥାନ୍ତି। ମୋ ଭାଇଙ୍କ କଥା ରଖି ସେ ମୋତେ ଏକ ଗୀତ ଶିଖେଇଦେଲେ ଏବଂ ମୁଁ ସେଇଟିକୁ ଆମ ସ୍କୁଲ୍‌ରେ ଗାଇଲି। ପ୍ରାୟ ୭୦ ପିଲାଙ୍କ ଭିତରେ ମୁଁ ପ୍ରଥମ ହୋଇପାରିଥିଲି। ସେଦିନର ସ୍ମୃତି ମୋର ଏବେ ବି ଜଳଜଳ ହୋଇ ମନେଅଛି। କାରଣ ପ୍ରଥମଥର ପାଇଁ ମୁଁ ମଞ୍ଚକୁ ଚଢ଼ି ଗୀତ ଗାଇଥିଲି। କେବଳ ସେତିକି ନୁହେଁ; ସେଇଟା ଥିଲା ମୋ ଜୀବନର ପ୍ରଥମ ପୁରସ୍କାର। ସେତେବେଳେ ଜଣେ ଅଷ୍ଟମ ଶ୍ରେଣୀର ପିଲା ପାଇଁ ମଞ୍ଚରେ ଗୀତଗାଇ ପ୍ରଥମ ପୁରସ୍କାର ଗ୍ରହଣ କରିବାଠାରୁ ବଡ଼ ଖୁସି ଆଉ କ'ଣ ବା ହୋଇପାରେ!''


'ଜୀବନ ସଂଗ୍ରାମ'ର ଗୀତ ରେକର୍ଡିଂ ସମୟରେ ଦେବାଶିଷ (ବାମରୁ ପ୍ରଥମ)

# ଏଥର ରଜରେ ରୋଚକ ଲଢ଼େଇ

**ଏଥର ରଜରେ ଦର୍ଶକଙ୍କ ମନୋରଞ୍ଜନ କରିବାକୁ ତିନିଟିନିଟି ଓଡ଼ିଆ ଚଳଚ୍ଚିତ୍ର ମୁକ୍ତିଲାଭ କରିବାକୁ ଯାଉଛି। ଏହି ସିନେମାଗୁଡ଼ିକ ହେଲା 'ବୋଉ ବୁଟୁ ଭୂତ', 'ଅନନ୍ତା' ଓ 'ଫାଷ୍ଟ୍ ଲଭ୍'। ଶ୍ରୀଧର ମାର୍ଥା ଓ କିଶୋର ନାୟକଙ୍କ ପ୍ରଯୋଜିତ 'ଫାଷ୍ଟ୍ ଲଭ୍' ଜୁନ୍ ୬ ତାରିଖରେ ପରଦାକୁ ଆସିବା ଲାଗି ସଜବାଜ ହେଉଥିବା ବେଳେ ଅନ୍ୟ ଦୁଇଟି ରଜ ସମୟରେ ହିଁ ଆସିବ। ଏ ଦୃଷ୍ଟିରୁ ରଜରେ ମୁଖ୍ୟ ଟକ୍କର 'ବୋଉ ବୁଟୁ ଭୂତ' ଓ 'ଅନନ୍ତା' ମଧ୍ୟରେ ହେବ ବୋଲି କୁହାଯାଉଛି।**



## ୭ ବର୍ଷ ପରେ ରଜରେ ସବ୍ୟସାଚୀ ଓ ବାବୁସାନ୍ ମୁହାଁମୁହିଁ

ପ୍ରାୟ ୭ ବର୍ଷ ପରେ ଏଥର ରଜରେ ଓଲିଉଡ୍‌ର ଦୁଇ ଲୋକପ୍ରିୟ ନାୟକ ସବ୍ୟସାଚୀ ଓ ବାବୁସାନ୍ ମୁହାଁମୁହିଁ ହେବେ। 'ବୋଉ ବୁଟୁ ଭୂତ'ରେ ବାବୁସାନ୍ ଓ 'ଅନନ୍ତା'ରେ ସବ୍ୟସାଚୀ ନାୟକ ଭୂମିକାରେ ଅଛନ୍ତି। ଏ ଦୁଇ ନାୟକ ନିଜ ନିଜ ଫିଲ୍ମ ଜରିଆରେ ଶେଷଥର ଲାଗି ମୁହାଁମୁହିଁ ହୋଇଥିଲେ ୨୦୧୮ ରଜରେ। ସେହି ବର୍ଷ ରଜରେ ସବ୍ୟସାଚୀଙ୍କ ଅଭିନୀତ 'ଫୋର୍ ଇଡିଅଟ୍‌ସ' ଓ ବାବୁସାନ୍‌ଙ୍କ ଅଭିନୀତ 'ସୁନ୍ଦରଗଡ଼ର ସଲ୍‌ମାନ୍ ଖାନ୍' ମୁକ୍ତିଲାଭ କରିଥିଲା। ସେଥର ବାବୁସାନ୍‌ଙ୍କ ସିନେମା ଅଧିକ ଆଦୃତ ହୋଇଥିଲା। ବାବୁସାନ୍‌ଙ୍କ ଅଭିନୀତ ଗତବର୍ଷର ରଜ ସିନେମା 'ପାବାର୍' ହିଟ୍ ହୋଇଥିଲା, ତେଣେ ସବ୍ୟସାଚୀଙ୍କ ଶେଷ ମୁକ୍ତିପ୍ରାପ୍ତ ସିନେମା 'ପୁଷ୍କରା'କୁ ବି ଭଲ ଦର୍ଶକୀୟ ସମର୍ଥନ ମିଳିଥିଲା। ଏଥର କ'ଣ ଘଟୁଛି, ତାହା ଉପରେ ସମସ୍ତଙ୍କର ନଜର ରହିଛି।


ବୋଉ ବୁଟୁ ଭୂତ

## ଅଭିଜ୍ଞ ବନାମ ନବାଗତ ନିର୍ଦ୍ଦେଶକ

'ସବୁ ମାୟାରେ ବାୟା', 'ବୋଉ', 'ବାହୁଡ଼ିବେ ମୋ ଜଗାବଳିଆ' ଓ 'ଶ୍ରୀଜଗନ୍ନାଥ' ଭଳି ବ୍ୟାବସାୟିକ ଛବିର ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର ବ୍ୟାସକବି ଫକୀରମୋହନ ସେନାପତିଙ୍କ କାଳଜୟୀ ଗଳ୍ପ 'ରାଣ୍ଡି ପୁଅ ଅନନ୍ତା'ର କାହାଣୀ ଆଧାରରେ 'ଅନନ୍ତା' ନିର୍ମାଣ କରିଛନ୍ତି। ଅବଶ୍ୟ କୁମାର ସି ଦେବ ମଧ ଏହାର ନିର୍ଦ୍ଦେଶକ। ତେଣେ 'ବୋଉ ବୁଟୁ ଭୂତ' ଜଗଦୀଶ ମିଶ୍ରଙ୍କ ନିର୍ଦ୍ଦେଶିତ ପ୍ରଥମ ଓଡ଼ିଆ ଛବି। ସେ ଏହା ପୂର୍ବରୁ 'ଗ୍ୟାଙ୍ଗସ୍ ଅଫ୍ ପୁରୀ' ଭଳି ଲୋକପ୍ରିୟ ୱେବ୍ ସିରିଜ୍‌ର ଅନ୍ୟତମ ନିର୍ଦ୍ଦେଶକ ଥିଲେ। ସେହିପରି 'ଫାଷ୍ଟ୍ ଲଭ୍' ହେଉଛି ଅଭିଷେକ ମିତ୍ରଙ୍କ ନିର୍ଦ୍ଦେଶିତ ପ୍ରଥମ ଓଡ଼ିଆ ଛବି। ତେଣୁ ଏଥର ଜଣେ ଅଭିଜ୍ଞ ନିର୍ଦ୍ଦେଶକଙ୍କ ଛବି ସହ ସଂପୂର୍ଣ୍ଣ ନବାଗତ ନିର୍ଦ୍ଦେଶକଙ୍କ ଚଳଚ୍ଚିତ୍ର ବକ୍ସ ଅଫିସ୍‌ରେ ଲଢ଼ିବ।


ଫାର୍ଷ୍ଟ ଲଭ୍

## ରଜରେ ପ୍ରଥମଥର

- ବ୍ୟାସକବି ଫକୀରମୋହନ ସେନାପତିଙ୍କ ସାହିତ୍ୟକୃତି ଉପରେ ଆଧାରିତ କୌଣସି ସିନେମା ପ୍ରଥମ ଥର ରଜରେ ରିଲିଜ୍ ହେବ।
- 'ଅନନ୍ତା'ରେ ପ୍ରଥମଥର ପାଇଁ ସବ୍ୟସାଚୀଙ୍କ ବିପକ୍ଷରେ ନାୟିକା ଭୂମିକାରେ ସୂର୍ଯ୍ୟମୟୀ ନଜର ଆସିବେ।
- ଅନୁଭବଙ୍କ ପତ୍ନୀ ଜାଗୃତି ଓ ବାବୁସାନ୍‌ଙ୍କ ପତ୍ନୀ ତୃପ୍ତିଙ୍କ ପରେ ସବ୍ୟସାଚୀଙ୍କ ଅଭିନେତ୍ରୀ ପତ୍ନୀ ଅର୍ଚ୍ଚିତା ସାହୁ 'ଅନନ୍ତା' ଜରିଆରେ ପ୍ରଯୋଜିକା ତାଲିକାଭୁକ୍ତ ହୋଇଛନ୍ତି।
- ପ୍ରଥମ ଥର ପାଇଁ ରଜବଜାରରେ ବାବୁସାନ୍-ଅର୍ଚ୍ଚିତା ଯୋଡ଼ିର ଏକ ସିନେମା ମୁକ୍ତିଲାଭ କରିବ। ଶୈଳେନ୍ଦ୍ର-ଦିବ୍ୟା ଯୋଡ଼ିଙ୍କ କ୍ଷେତ୍ରରେ ବି ଏହା ପ୍ରଯୁଜ୍ୟ।
- 'ବୋଉ ବୁଟୁ ଭୂତ'ର କାହାଣୀକାର ମହମ୍ମଦ୍ ଇମ୍ରାନ୍‌ଙ୍କର ପ୍ରଥମ ଓଡ଼ିଆ ଛବି।
- ପ୍ରଥମ ଥର ପାଇଁ ସବ୍ୟସାଚୀ ମହାପାତ୍ରଙ୍କ କୌଣସି ସିନେମା ରଜରେ ରିଲିଜ୍ ହେଉଛି।
- ଏଣେ ସବ୍ୟସାଚୀ ମହାପାତ୍ରଙ୍କ ସିନେମାରେ ପ୍ରଥମ ଥର ଲାଗି ସଙ୍ଗୀତ ନିର୍ଦ୍ଦେଶନା ଦେବାର ସୁଯୋଗ ପାଇଛନ୍ତି ଜଣାଶୁଣା ସ୍ୱରକାର ଅଭିଜିତ ମଜୁମ୍‌ଦାର।

## କଳାକାର ଦମ୍ପତିଙ୍କ ଲଢ଼େଇ

କଳାକାର ଦମ୍ପତି ସବ୍ୟସାଚୀ ଓ ଅର୍ଚ୍ଚିତାଙ୍କ ମଧରେ ବି ଏଥର ରୋଚକ ଲଢ଼େଇ ଦେଖିବାକୁ ମିଳିବ। କାରଣ ଏଥର ଦୁହେଁ ଏକାଠି ଗୋଟିଏ ଛବିରେ ଆସୁନାହାନ୍ତି। ଉଭୟେ ପ୍ରତିପକ୍ଷ ଛବିର ମୁଖ୍ୟ କଳାକାର। 'ବୋଉ ବୁଟୁ ଭୂତ'ରେ ଅର୍ଚ୍ଚିତା ବାବୁସାନ୍‌ଙ୍କ ନାୟିକା ସାଜିଥିବା ବେଳେ ସବ୍ୟସାଚୀ 'ଅନନ୍ତା'ର ନାୟକ। ସବ୍ୟ-ଅର୍ଚ୍ଚିତା ବିବାହ ବନ୍ଧନରେ ବାନ୍ଧି ହେବା ପରେ ପ୍ରଥମଥର ଲାଗି ଏଭଳି ରୋଚକ ସ୍ଥିତି ଉପୁଜିଛି। ଉଲ୍ଲେଖଯୋଗ୍ୟ, ଅର୍ଚ୍ଚିତା 'ଅନନ୍ତା'ର ଅନ୍ୟତମ ପ୍ରଯୋଜିକା ମଧ।

# କମଲ୍-ମଣି ଯୋଡ଼ିର ଠଗ୍ ଲାଇଫ୍



ଭାରତୀୟ ସିନେମାକୁ ବହୁ ସୁପର୍‌ହିଟ୍ ସିନେମା ଉପହାର ଦେଇଥିବା ଅଭିନେତା କମଲ୍ ହାସନ୍ ଓ ନିର୍ଦ୍ଦେଶକ ମଣି ରତ୍ନମ୍‌ଙ୍କ ଯୋଡ଼ି ପୁଣିଥରେ ସକ୍ରିୟ ହୋଇଛି। ଜୁନ୍ ୫ ତାରିଖରେ ରିଲିଜ୍ ହେବାକୁ ଯାଉଛି ସେମାନଙ୍କ ଚଳଚ୍ଚିତ୍ର 'ଠଗ୍ ଲାଇଫ୍'। ମଣି ରତ୍ନମ୍‌ଙ୍କ ନିର୍ଦ୍ଦେଶିତ ଏହି ଛବିର କାହାଣୀ ଜଣେ ଗ୍ୟାଙ୍ଗ୍‌ଷ୍ଟର୍‌ର ଜୀବନ ଉପରେ ପର୍ଯ୍ୟବସିତ। ଏଥିରେ କମଲ୍ ହାସନ୍ ରଙ୍ଗାରାୟା ଶକ୍ତିବେଲ୍ ନାଇକର୍ ଚରିତ୍ରରେ ଅଭିନୟ କରୁଛନ୍ତି। ଗ୍ୟାଙ୍ଗ୍‌ଷ୍ଟର୍ ନାଇକର୍ ହଠାତ୍ ନିଖୋଜ ହୋଇଯାଏ, ତା'ର ମୃତ୍ୟୁ ହୋଇଛି ବୋଲି ପ୍ରଚାର ହୋଇଯାଏ। ଏହି ପରିସ୍ଥିତିରେ ତା'ର ପାଳିତ ପୁତ୍ର ଅମରନ୍ ନାଇକର୍‌ର କଳାସାମ୍ରାଜ୍ୟକୁ ହାତକୁ ନିଏ। କିନ୍ତୁ କିଛି ବର୍ଷ ପରେ ନାଇକର୍ ଫେରିଆସେ ଏବଂ ନିଜର ଗ୍ୟାଙ୍ଗ୍‌କୁ ହାତକୁ ନେବାକୁ ଚାହେ। ଏଇଠି ଆରମ୍ଭ ହୁଏ ରକ୍ତାକ୍ତ ସଂଘର୍ଷ। ଶେଷରେ କ'ଣ ହୁଏ? କିଏ ଜିତେ? ଏହି ପ୍ରଶ୍ନର ଉତ୍ତର ଫିଲ୍ମର କ୍ଲାଇମାକ୍ସରେ ଉପସ୍ଥାପିତ ହୋଇଛି। 'ଠଗ୍ ଲାଇଫ୍'ରେ କମଲ୍‌ଙ୍କ ପୁଅ ଭୂମିକାରେ ତାମିଲ୍ ସିନେମାର ଜଣାଶୁଣା ଅଭିନେତା ସିଲାମ୍‌ବରାସନ୍ ଟିଆର୍ ଥିବା ବେଳେ ତ୍ରିଷା କୃଷ୍ଣନ୍, ଅଭିରାମୀ, ଐଶ୍ୱର୍ଯ୍ୟା ଲକ୍ଷ୍ମୀ, ଅଶୋକ ସେଲ୍‌ଭନ୍, ଜୋଗୁ ଜର୍ଜ, ଅଲ୍ଲୀ ଫାଜଲ୍ ଓ ପଙ୍କଜ ତ୍ରିପାଠୀ ପ୍ରମୁଖ ମୁଖ୍ୟ ଚରିତ୍ରରେ ଅଛନ୍ତି। ନିର୍ଦ୍ଦେଶକ ରତ୍ନମ୍‌ଙ୍କ ଫେବରାଇଟ୍ ଏ. ଆର୍. ରହମନ୍ ଏହାର ସଂଗୀତ ନିର୍ଦ୍ଦେଶନା ଦେଉଛନ୍ତି। 'ଠଗ୍ ଲାଇଫ୍' ତେଲୁଗୁ, ତାମିଲ୍, କନ୍ନଡ଼, ମଲାୟାଲମ୍ ସହ ହିନ୍ଦୀରେ ମଧ ରିଲିଜ୍ ହେଉଛି।



# ପ୍ରାଣୀପ୍ରେମୀ ଗୁଞ୍ଜନ



ଚଳିତ ବର୍ଷ ମୁକ୍ତିଲାଭ କରିଥିବା ପୃଥ୍ୱୀରାଜ ପଟ୍ଟନାୟକଙ୍କ ନିର୍ଦ୍ଦେଶିତ ଓଡ଼ିଆ ସିନେମା 'ଭାଇ'ରେ ଅତିଥି କଳାକାର ଭାବେ ନାୟିକା ଗୁଞ୍ଜନ ନଜର ଆସିଛନ୍ତି। ଏଣେ ତାଙ୍କ ଅଭିନୀତ ଯଶ୍-ସୁନୀଲଙ୍କ ନିର୍ଦ୍ଦେଶିତ 'ମାଷ୍ଟର' ଓ ସଂଗ୍ରାମ ମହାନ୍ତିଙ୍କ ନିର୍ଦ୍ଦେଶିତ 'ଲାଇଫ୍ ପାର୍ଟନର୍' ମୁକ୍ତି ପ୍ରତୀକ୍ଷାରେ ରହିଛି। ଗୁଞ୍ଜନ ସିଦ୍ଧାର୍ଥ ଟିଭିରେ ପ୍ରସାରିତ ମେଗା ଧାରାବାହିକ 'ମଙ୍ଗୁଳା କନ୍ୟା'ରୁ ଅଭିନୟ ଜୀବନ ଆରମ୍ଭ କରିଥିଲେ। ଏଥିରେ ଦ୍ୱିତୀୟ ଲିଡ୍ ନାୟିକା ଭାବେ ଦର୍ଶକ ତାଙ୍କୁ ପାଖାପାଖି ଦେଢ଼ବର୍ଷ ଯାଏଁ ଦେଖିବାକୁ ପାଇଥିଲେ। ନିର୍ଦ୍ଦେଶକ ସୁଧାଂଶୁମୋହନ ସାହୁ ସ୍କ୍ରିନ୍ ଟେଷ୍ଟ ନେବାପରେ ତାଙ୍କୁ ମନୋନୀତ କରିଥିଲେ ବୋଲି କହନ୍ତି ଗୁଞ୍ଜନ। ଏହାପରେ ସେ ଆଗକୁ ଆଗକୁ ମାଡ଼ି ଚାଲିଛନ୍ତି। ଗୁଞ୍ଜନ 'ରକତେ ଲେଖିଛି ନାଆଁ' ଓ 'ପ୍ରେମ ନା ଆଉ କିଛି' ଭଳି ଦୁଇଟି ମ୍ୟୁଜିକ୍ ଭିଡିଓରେ ବି ନାୟିକା ଭାବେ ନଜର ଆସିଛନ୍ତି। ଗୁଞ୍ଜନ 'ନୀଳ ନକ୍‌ସା' ଶୀର୍ଷକ ଏକ ୱେବ୍ ସିରିଜରେ ମଧ ଲିଡ୍ ରୋଲ୍ କରି ଚର୍ଚ୍ଚାକୁ ଆସିଥିଲେ। ମା'ଙ୍କ ପ୍ରେରଣାରେ ସେ ଅଭିନୟ କ୍ଷେତ୍ରକୁ ଆସିଛନ୍ତି। ଯୁକ୍ତଦୁଇ ବିଜ୍ଞାନ ପରେ ସେ ବିବିଏ କରିଛନ୍ତି ଏବଂ ଏବେ ଜର୍ଣ୍ଣାଲିଜିମ୍‌ରେ ପୋଷ୍ଟ ଗ୍ରାଜୁଏସନ୍ ଲାଗି ପ୍ରସ୍ତୁତ ହେଉଛନ୍ତି। ଗୁଞ୍ଜନ ଜଣେ ପ୍ରାଣୀପ୍ରେମୀ ମଧ। ଭବିଷ୍ୟତରେ ପ୍ରାଣୀମାନଙ୍କ ସୁରକ୍ଷା ଲାଗି କିଛି କରିବା ପାଇଁ ତାଙ୍କର ଲକ୍ଷ୍ୟ ରହିଛି। ଏହାଛଡ଼ା ବୃଦ୍ଧାଶ୍ରମ ପ୍ରତିଷ୍ଠା କରି ସେବା କରିବାର ଯୋଜନା ବି ରହିଛି ତାଙ୍କର।

## ଆଗାମୀ

- 'ପୁଷ୍କରା', 'ଶ୍ରୀଜଗନ୍ନାଥଙ୍କ ନବକଳେବର', 'ଦେବକନ୍ୟା', 'ଗଣ୍ଡ ଭୈରବ' ଓ 'ନାୟିକା' ପରେ ସାହିତ୍ୟିକ ଶଙ୍କର ତ୍ରିପାଠୀଙ୍କ ଅନ୍ୟ ଏକ ସାହିତ୍ୟକୃତିକୁ ସିନେରୂପ ଦିଆଯାଉଛି। ଏହି ସିନେମାର ଚିତ୍ରନାଟ୍ୟ ଓ ସଂଳାପ ମଧ ଲେଖିଛନ୍ତି ଶଙ୍କର ତ୍ରିପାଠୀ। ଏହାର ସ୍କ୍ରିପ୍ଟ କାମ ଶେଷ ହୋଇଛି। ଦେବରଂଜନ ପାତ୍ର ଏହାର ନିର୍ଦ୍ଦେଶନା ଦେବେ ବୋଲି ଜଣାଯାଇଛି।



- 'ହସିବ ପୁଣି ମୋ ସୁନାସଂସାର' ପରେ ଆଉଥରେ ଏକାଠି ହୋଇଛନ୍ତି ନିର୍ଦ୍ଦେଶକ ରଞ୍ଜନ ମିଶ୍ର ଓ ସଂଳାପକାର ଡକ୍ଟର ରଜନୀରଂଜନ। ଏମାନଙ୍କ ନୂଆ ସିନେମାର ଶୀର୍ଷକ ରହିଛି 'ଟୁଆଁଟୁଇଁ'। ଏହି ସିନେମାର ସ୍କ୍ରିପ୍ଟ କାମ ସରିଛି। କଳାକାର ଚୟନ ପରେ ସୁଟିଂ ଆରମ୍ଭ ହେବ ବୋଲି ଜଣାଯାଇଛି।



- 'ହେଲା ମତେ ପ୍ରେମ ଜର', 'ବାଳ-ଦି ରିଦିମ୍ ଅଫ୍ ଲାଇଫ୍' ଓ 'ଶେଷ ରାତି' ଭଳି ଭିନ୍ନ ଭିନ୍ନ ସ୍ୱାଦର ସିନେମାର ନିର୍ଦ୍ଦେଶକ ଅମରେଶ ପତି 'ତରଙ୍ଗ' ଚ୍ୟାନେଲ୍ ପାଇଁ ଏକ ଟେଲି ସିନେମା ନିର୍ମାଣ କରୁଛନ୍ତି। ଏଥିରେ ନାୟିକା ଭୂମିକାରେ ନଜର ଆସିବେ କୁକିଜ୍ ସ୍ୱାଇଁ।





● ଦଶପଲ୍ଲା ବନ୍ଧୁକ କାରଖାନାରେ ଚଢ଼ାଉ

# ୨ଟି ବନ୍ଧୁକ ଓ ପ୍ରସ୍ତୁତ ସାମଗ୍ରୀ ଜବତ, ୩ ଗିରଫ

**ନୟାଗଡ଼,୩।୬(ସଂଚାର ବ୍ୟୁରୋ):** ଦଶପଲ୍ଲା ଥାନା ଅନ୍ତର୍ଗତ ମଧ୍ୟଖଣ୍ଡ ଅଞ୍ଚଳରେ ଚାଲିଥିବା ଏକ ବନ୍ଧୁକ ନିର୍ମାଣ କାରଖାନାକୁ ପୁଲିସ ଠାବ କରିଛି । ୨ଟି ବନ୍ଧୁକ ସମେତ ନିର୍ମାଣ ସାମଗ୍ରୀ ଜବତ କରାଯାଇଛି। ଏହି ଘଟଣାର ୪ ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ପୁଲିସ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ନୟାଗଡ଼ ଏସ୍‌ଡି ଏସ୍ ସୁଶ୍ରୀ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ଗିରଫ ଅଭିଯୁକ୍ତମାନେ ହେଲେ ଦଶପଲ୍ଲା ଦୁଆରଗାଁର ରାଜେଶ କୁମାର ପ୍ରଧାନ, ମଧ୍ୟଖଣ୍ଡର ତପନ ପରିଡ଼ା, ମଧ୍ୟଖଣ୍ଡ ଗଡ଼ଭିତର ସାହିର ଗୋବର୍ଦ୍ଧନ ପରିଡ଼ା। ଅନ୍ୟ ଅଭିଯୁକ୍ତ ଜଣଙ୍କ ହେଲେ ମଧ୍ୟଖଣ୍ଡର ବିଭୂତି ପରିଡ଼ା । ନୟାଗଡ଼ ଏସ୍‌ଡିପିଓ ଜ୍ୟୋତିରଞ୍ଜନ ସାମନ୍ତରାୟଙ୍କ ନେତୃତ୍ୱରେ ଦଶପଲ୍ଲା ଥାନା ଅଧିକାରୀ ଅନିତା ସାହୁଙ୍କ ସମେତ ଅନ୍ୟ ପୁଲିସ ଅଧିକାରୀମାନେ ସାମିଲ ହୋଇ ଗତକାଲି ରାତିରେ ଚଢ଼ାଉ କରିଥିଲେ । ଚଢ଼ାଉ ସମୟରେ ପୁଲିସ ଗୋଟିଏ ଦେଶୀ ବନ୍ଧୁକ, ଗୋଟିଏ ଡବଲ ବ୍ୟାରେଲ୍ ପିସ୍ତଲ ଓ ନିର୍ମାଣ ସାମଗ୍ରୀ ଜବତ କରିଛି। ବନ୍ଧୁକ ନିର୍ମାଣ କରି ବିକ୍ରି କରୁଥିବା ଅଭିଯୁକ୍ତଙ୍କୁ ପୁଲିସ ରିମାଣ୍ଡରେ ଆଣିବ ବୋଲି ଏସ୍‌ପି ସୂଚନା ଦେଇଛନ୍ତି । ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସନାତନ କାଲୋ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁବାଷ ଚନ୍ଦ୍ର ପଣ୍ଡା ପ୍ରମୂଖ ଉପସ୍ଥିତ ରହିଥିଲେ ।

## ପ୍ରଶାସନ କୌଣସି ପଦକ୍ଷେପ ନନେବାରୁ, ଠାକୁରମହାଲ ସାମ୍ନାରେ ଧାରଣାରେ ବସିଲେ ଶ୍ରଦ୍ଧାଳୁ

**ନୀଳଗିରି,୩।୬(ସଂଚାର ବ୍ୟୁରୋ):** ଠାକୁରମାହାଲ ଅଧୀନରେ ନୀଳଗିରିର ତିନିପ୍ରମୁଖ ଜଗନ୍ନାଥମନ୍ଦିର ଯଥା:- ଗରଡ଼ିହି, ନୀଳଗିରି ଏବଂ ଔପଦା ବ୍ଲକ୍ ଅନ୍ତର୍ଗତ ମୁକୁନ୍ଦପୁର ବଳଦେବଜୀଉ ମନ୍ଦିରର ରକ୍ଷଣାବେକ୍ଷଣ, ନୀତିକାନ୍ତିର ସମସ୍ତ ଦାୟିତ୍ୱ ରହିଥାଏ। ମାତ୍ର ମୁକୁନ୍ଦପୁର ବଳଦେବଜୀଉ ମନ୍ଦିର ବୈମାତୃକ ମନୋଭାବର ଶିକାରହୋଇ କେବଳ ବାର୍ଷିକ ୨୦ହଜାର ଟଙ୍କା ପ୍ରଦାନକରି ହାତବାନ୍ଧି ବସିଯାଏ ଠାକୁରମାହାଲ।ତେବେ ପ୍ରତିବର୍ଷ ଭଳି ଚଳିତବର୍ଷ ରଥନିର୍ମାଣ ପାଇଁ ଆବଶ୍ୟକ ହେଉଥିବା ଚକ, ଅଖ ଏବଂ ଅନ୍ୟ ଆନୁଷଙ୍ଗିକ କାଠ ବଳଦେବଜୀଉ ମନ୍ଦିର ପାଖରେ ନଥିବାରୁ ଏନେଇ କମିଟି ଗତ ୧୩ତାରିଖରେ ଠାକୁରମାହାଲକୁ ଅବଗତ କରିଥିଲେ। ନହେଲେ ଜୁନ ୩ତାରିଖରେ ଧାରଣା ଦିଆଯିବବୋଲି ଚେତାବନୀ ମଧ୍ୟ ଦିଆଯାଇଥିଲା। ମାତ୍ର ପ୍ରଶାସନ କୌଣସି ପଦକ୍ଷେପ ନନେବାରୁ ଆଜି ଠାକୁରମାହାଲ ସାମ୍ନାରେ ଧାରଣାରେ ବସିଥିଲେ। ଭକ୍ତ ଯୋଗାନନ୍ଦ ଦାସ, ଶରତଚନ୍ଦ୍ର ଦାସ, ସୁରେନ୍ଦ୍ର ରାଉଳ, ଅନନ୍ତ ବେହେରା, ମଧୁସୂଦନ ନାୟକ, ରାଜେନ୍ଦ୍ର ମହାକୁଡ, ରାଧାକୃଷ୍ଣ ବେହେରା, ରାମଚନ୍ଦ୍ର ଦାସ, ନିତ୍ୟାନନ୍ଦ ବାରିକ, ହରିଶ ଚନ୍ଦ୍ର ବାରିକ, ଶ୍ରୀକାନ୍ତ ରାଉଳ, ଗୌରାଙ୍ଗ ସେନାପତି ପ୍ରମୁଖ ୫୦ରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଧାରଣାରେ ସାମିଲ ରହିଥିଲେ।

### ଅନିର୍ଦ୍ଦିଷ୍ଟ କାଳ ଛୁଟିରେ ସ୍ଥାୟୀ ଡାକ୍ତର

# ଫାର୍ମାସିଷ୍ଟଙ୍କ ଭରସାରେ ରୋଗୀ



**କାକଟପୁର,୩।୬(ସଂଚାର ବ୍ୟୁରୋ):** ଅନିର୍ଦ୍ଦିଷ୍ଟ କାଳ ପାଇଁ ଛୁଟିରେ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ଥାୟୀ ଡାକ୍ତର । ତେଣୁ ଅନ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରୁ ଡାକ୍ତର ଆସି କାକଟପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡ୍ୟୁଟି କରୁଥିଲେ । ପିଜି ପରୀକ୍ଷା ଆଳରେ ସେମାନେ ବି ଚାଲି ଯାଇଛନ୍ତି । ଏବେ ଫାର୍ମାସିଷ୍ଟ ଓ ଆୟୁଷ ଡାକ୍ତରଙ୍କ ଭରସାରେ ଚାଲିଛି ସ୍ୱାସ୍ଥ୍ୟସେବା । ଅନେକ ସମୟରେ ଡାକ୍ତରଖାନାରେ ତାଲା ଝୁଲୁଥିବାରୁ ଚିକିତ୍ସା ପାଇଁ କଟକ ଭୁବନେଶ୍ୱର ଯିବାକୁ ବାଧ୍ୟ ହେଉଛନ୍ତି ରୋଗୀ। କାକଟପୁର ବ୍ଲକ ବଙ୍ଗୁରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ରହିଛି କାକଟପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର । ଏହା ଉପରେ ୫୦ ହଜାରରୁ ଅଧିକ ଲୋକ ନିର୍ଭର କରନ୍ତି । ତେଣୁ ତୁରନ୍ତ ଡାକ୍ତର ଅଭାବ ପୂରଣ ନହେଲେ ନବନିର୍ମାଣ କୃଷକ ସଂଗଠନ ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦେଇଛି । ଅନ୍ୟପଟେ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବ ଦୂର ପାଇଁ ପ୍ରକ୍ରିୟା ଚାଲିଥିବା କହିଛନ୍ତି ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ। କାକଟପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କେବେ ସ୍ୱାସ୍ଥ୍ୟ ସେବା ସୁଧିରିବ ଆଉ ରୋଗୀ ନିୟମିତ ଡାକ୍ତର ସେବା ପାଇବେ ତାହା ସବୁଠୁ ବଡ଼ ପ୍ରଶ୍ନ।

# କୋଇଲା ସାଇଡିଂ ପାଇଁ ଜମି ଅଧିଗ୍ରହଣ ନେଇ ସ୍ୱତନ୍ତ୍ର ଗ୍ରାମସଭା



**ସୁନ୍ଦରଗଡ,୩।୬(ସଂଚାର ବ୍ୟୁରୋ):** ନିସ ସୁନ୍ଦରଗଡ଼ ଜିଲ୍ଲା ହେମଗିର ବ୍ଲକ ଜୁଲୁମବାହାଲ ପଞ୍ଚାୟତ ସ୍ଥିତ ଖଜୁରବାହାଲ ଠାରେ ମଙ୍ଗଳବାର ଦିନ ବିଲମ ଇମଫାଷ୍ଟ୍ରାକ୍ଚର ପ୍ରାଇଭେଟ୍ ଲିମିଟେଡର କୋଇଲା ସାଇଡିଙ୍ଗ ପାଇଁ ୩୯ ଏକର ଜମି ଅଧିଗ୍ରହଣ ସମ୍ବନ୍ଧରେ ସ୍ୱତନ୍ତ୍ର ଗ୍ରାମ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ପଞ୍ଚାୟତର ସରପଞ୍ଚ ସେଫାଳି ଭୋଇ ସଭାପତିତ୍ୱ କରିଥିବା ବେଳେ ହେମଗିର ବିଡ଼ିଓ ରିନା ନାଏକ, ତହସିଲଦାର ସାରିକାରାଣୀ ଧମେଲ, କାର୍ଯ୍ୟନିର୍ବାହୀ ଅଧିକାରୀ ଅମୁଲ୍ୟ ସିଂ, ସମିତି ସଭ୍ୟ ଉପେନ୍ଦ୍ର ଭୋଇ, କମ୍ପାନୀର ଜିଏମ୍ ପିକେ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଗ୍ରାମବାସୀ ମାନଙ୍କ ତରଫରୁ ପାନୀୟ ଜଳ, ରାସ୍ତା, ଅହେଡା ନାଳା ଯେପରି ପ୍ରଦୁଷଣ ନହେବ, ଶିକ୍ଷା, ସ୍ୱାସ୍ଥ୍ୟ ତଥା ଅଞ୍ଚଳର ଯୁବକ ଯୁବତୀ ମାନଙ୍କୁ ସାଇଡିଙ୍ଗରେ ନିଯୁକ୍ତି, ଅଞ୍ଚଳର ଉନ୍ନତୀକରଣ ଆଦି ୧୪ ଦଫା ଦାବି ଉପରେ ଆଲୋଚନା ହୋଇଥିଲା। ଏହି ସବୁ ଦାବି ଗୁଡ଼ିକ ଉପରେ କମ୍ପାନୀ,ପ୍ରଶାସନ ଓ ଗ୍ରାମବାସୀ ମାନଙ୍କ ଉପସ୍ଥିତିରେ ଆଲୋଚନା କରିଥିଲେ । ଏହି ଦାବି ଗୁଡିକ ଉପରେ କମ୍ପାନୀ ସହମତି ପ୍ରକାଶ କରିଥିଲା। ଏହି ଅବସରରେ ଗ୍ରାମ ଅନେକ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ।

# ପିଲାଙ୍କ ବ୍ୟାଡ଼ମିଣ୍ଟନର ସମରକ୍ୟାମ୍ପ ଉଦ୍‌ଯାପିତ




**ଫୁଲବାଣୀ,୩।୬ (ସଂଚାର ବ୍ୟୁରୋ):** ଫୁଲବାଣୀ କନ୍ଧମାଳ ଷ୍ଟାଡିଅମ ରେ ଥିବା ବ୍ୟାଡମିଣ୍ଟନ ଇନଡୋର ହଲ ରେ ଗତ ଏପ୍ରିଲ ମାସ ୨୫ ତାରିଖ ରୁ ଆରମ୍ଭ ହୋଇଥିବା ୧୬ ଦିନିଆ, ଦୁଇଟି ବ୍ୟାଚର ବ୍ୟାଡମିଣ୍ଟନ ସମର କ୍ୟାମ୍ପ ଉଦଯାପିତ ହୋଇଯାଇଛି। ୮ ବର୍ଷ ରୁ ୧୬ ବର୍ଷ ବର୍ଗର ବାଳକ ଓ ବାଳିକା ମାନଙ୍କ ଏହି ଶିବିରରେ ସମୁଦାୟ ୪୫ ଜଣ ଭାଗ ନେଇଥିଲେ। ଆଜି ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ, ମୁଖ୍ୟ ଉନ୍ନୟନ ଓ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ କନ୍ଧମାଳ, ଶମ୍ଭୁନାଥ ନନ୍ଦୀ ଯୋଗ ଦେଇ ପିଲା ମାନଙ୍କ ମାନସିକ ଓ ଶାରୀରିକ ବିକାଶ ପାଇଁ କ୍ରୀଡ଼ା ନିହାତି ଆବଶ୍ୟକ କେବଳ ପାଠ ପଢା ନୁହେଁ ଶାରୀରିକ ଦକ୍ଷତା ଓ କ୍ରୀଡ଼ା ମଧ୍ୟ ପିଲାମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଏଥିପାଇଁ ଅବିଭାବକ ମାନେ ମଧ୍ୟ କ୍ରୀଡା ଦିଗରେ ପିଲା ମାନଙ୍କୁ ଉତ୍ସାହିତ କରିବା ଆବଶ୍ୟକ ବୋଲି କହିଥିଲେ। ଅନ୍ୟତମ ଅତିଥିଭାବେ କନ୍ଧମାଳ ଜିଲ୍ଲା ବ୍ୟାଡମିନ୍ଟନ ଆସୋସିଏସନର କାର୍ଯ୍ୟକାରୀ ସଭାପତି ଦେବେନ୍ଦ୍ର କୁମାର ପାତ୍ର ଯୋଗ ଦେଇ ଖେଳାଳି ମାନେ ଶୃଙ୍ଖଳାର ସହ ଖେଳିଲେ ଜୀବନରେ ଏହି ଦିଗରେ ସଫଳତା ହାସଲ କରିପାରିବେ ବୋଲି କହିଥିଲେ। କାର୍ଯ୍ୟକ୍ରମ କୁ ବରିଷ୍ଠ ବ୍ୟାଡମିଣ୍ଟନ ଖେଳାଳି ତଥା ସାମ୍ବାଦିକ ପ୍ରଶାନ୍ତ କୁମାର ବେହେରା ପରିଚାଳନା କରିଥିଲେ। ଶେଷରେ ଏହି କ୍ୟାମ୍ପ ଅବସରରେ ଅନୁଷ୍ଠିତ ପ୍ରତିଯୋଗିତାର ଚମ୍ପିଅନ ଓ ରନର୍ସ ମାନଙ୍କୁ ଅତିଥି ମାନେ ସାର୍ଟିଫିକେଟ ଓ ଟ୍ରଫି ପ୍ରଦାନ କରିଥିଲେ। ଏଥିସହ ଶିବିରରେ ଅଂଶଗ୍ରହଣ କରିଥିବା ସମସ୍ତ ବାଳକ ବାଳିକା ମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଏହି ଉଭୟ ବ୍ୟାଚର ପ୍ରଶିକ୍ଷଣ ଶିବିର ରେ ଫୁଲବାଣୀ ଇନଡୋର ଷ୍ଟାଡିୟମ ର ବ୍ୟାଡମିନ୍ଟନ ପ୍ରଶିକ୍ଷକ ଅସୀମ କୁମାର ନାୟକ ପ୍ରଶିକ୍ଷଣ ଦେଇଥିଲେ ।

# ପୂର୍ବ ଶତ୍ରୁତାରୁ ଯୁବକଙ୍କୁ ହତ୍ୟା ଅଭିଯୋଗ



**ବ୍ରହ୍ମପୁର,୩।୬ (ସଂଚାର ବ୍ୟୁରୋ):** ପୁଣି ଅଶାନ୍ତ ହୋଇଛି ବ୍ରହ୍ମପୁର। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି। ବ୍ରହ୍ମପୁର ବଡ଼ବଜାର ଥାନା ଜଗବନ୍ଧୁ ସାହି ଆପାର୍ଟମେଣ୍ଟ ନିକଟରେ ବିଦ୍ୟାଧର ପାଣିଗ୍ରାହୀ (ଲଡୁ) ନାମକ ଜଣେ ଯୁବକଙ୍କୁ ଅତି ନିର୍ମମ ଭାବେ ହତ୍ୟା କରିଛନ୍ତି ଦୁର୍ବୃତ୍ତ। ହତ୍ୟା ସଂପର୍କରେ ଖବର ପାଇ ବଡ଼ବଜାର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ୍ କରିବା ସହ ଛାନ୍‌ଭିନ୍ ଆରମ୍ଭ କରିଥିଲା। ଖବର ଅନୁଯାୟୀ, ହତ୍ୟା ଉଦ୍ୟମ ଘଟଣାରେ ଜେଲ୍ ଯାଇଥିଲା 'ଲଡୁ'। କିଛି ଦିନ ତଳେ ସେ ଜେଲ୍‌ରୁ ଫେରିଥିଲା। ତେବେ ପ୍ଲାନିଂ କରି ତାକୁ ନିର୍ମମ ଭାବେ ହତ୍ୟା କରାଯାଇଥିବା ଜଣାପଡିଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ହତ୍ୟାକାଣ୍ଡ ଘଟିଥିବା ପୋଲିସ୍ ଅନୁମାନ କରିଥିବା ବେଳେ ପ୍ରାଥମିକ ରିପୋର୍ଟ ଏବଂ ଶବ ବ୍ୟବଚ୍ଛେଦ ରିପୋର୍ଟ ପରେ ହିଁ ହତ୍ୟାକାଣ୍ଡ ପଛର ପ୍ରକୃତ କାରଣ ଜଣାପଡିବ ବୋଲି ଆଶା କରାଯାଉଛି।

# ସତ୍ୟକୁ ସାମ୍ନା କରିବାକୁ ଡରୁଛନ୍ତି 'ମେୟର' !




**ବ୍ରହ୍ମପୁର,୩।୬(ସଂଚାର ବ୍ୟୁରୋ):** ସହରରେ ଗଦା ଗଦା ସମସ୍ୟା। ବିଶେଷ କରି ବ୍ରହ୍ମପୁର ମହାନଗର ନିଗମର ବେଫିକର ନୀତି, ଅବହେଳିତ କାର୍ଯ୍ୟ,ଦାୟିତ୍ୱହୀନତା ଯୋଗୁଁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇ ଆସୁଛି। ସାମାନ୍ୟ ବର୍ଷାରେ ରାସ୍ତାରେ ଆଣ୍ଠୁଏ ପାଣି ଜମୁଛି। ନାଳ ପାଣି ସଠିକ୍ ଭାବେ ନିଷ୍କାସନ ହେଉନଥିବାରୁ ଘରେ ପଶୁଛି। ନାଳ ନର୍ଦ୍ଦମା ଠାରୁ ଆରମ୍ଭ କରି ସଫେଇ, ରାସ୍ତା ଘାଟ ସବୁଠି ସମସ୍ୟା ରହିଛି। ବିଶେଷ କରି ସହରର ଏକ ରାସ୍ତାର ସମସ୍ୟା ସମ୍ପର୍କରେ ସୋମବାର ଖବର ପ୍ରକାଶିତ କରିଥିଲା ସଂଚାର। ଲଗାତାର ବିଭିନ୍ନ ସମସ୍ୟା ନେଇ 'ସଂଚାର' ଖବର ପ୍ରକାଶିତ କରି ଆସୁଛି। ଏହାର ମୂଳ ଉଦ୍ଦେଶ୍ୟ ହେଉଛି ବିଏମସି ଏବଂ ସ୍ଥାନୀୟ ଜନ ପ୍ରତିନିଧିଙ୍କୁ ସମସ୍ୟା ସମ୍ପର୍କରେ ଅବଗତ କରାଇବା। କିନ୍ତୁ ଏହାକୁ ସଠିକ୍ ଭାବେ ବୁଝି ସମସ୍ୟା ଦୂର କରିବା ବଦଳରେ ପ୍ରକାଶିତ ହେଉଥିବା ଖବରକୁ ଅସତ୍ୟ ଉପସ୍ଥାପନା ବୋଲି କହିଛନ୍ତି ମେୟର ସଂଘମିତ୍ରା ଦଳେଇ। ଯାହାକୁ ନେଇ ସାଧାରଣରେ ନିନ୍ଦା କରାଯାଉଛି। ଏକ ହ୍ୱାଟ୍ସଆପ୍ ଗ୍ରୁପରେ ସଂଚାରର ଖବରକୁ ସେ ବ୍ୟଙ୍ଗାତ୍ମକ ଢଙ୍ଗରେ ଲେଖିଛନ୍ତି,ବହୁତ ସୁନ୍ଦର ଭାବେ ଅସତ୍ୟକୁ ଉପସ୍ଥାପନା,ଧନ୍ୟବାଦ ଜାରି ରହୁ। ତେବେ ଜଣେ ଲୋକ ପ୍ରତିନିଧି ହିସାବରେ ସାଧାରଣ ଲୋକଙ୍କ ସମସ୍ୟା ଖବରକୁ ଗ୍ରହଣ କରିବା ବଦଳରେ ମେୟରଙ୍କ ଏଭଳି ମନ୍ତବ୍ୟ ଆଦୌ ଗ୍ରହଣୀୟ ନୁହେଁ ବୋଲି ଚର୍ଚ୍ଚା ହେଉଛି।

# ଡକ୍ଟରଙ୍କ ସହଯୋଗୀ କର୍ମଚାରୀଙ୍କ ଅବସର କାଳୀନ ସମ୍ବର୍ଦ୍ଧନା



**ଗୁଡାରି,୩।୬(ସଂଚାର ବ୍ୟୁରୋ):** ରାୟଗଡା ଜିଲ୍ଲା ଗୁଡାରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଥିବା ସର୍ଗିଗୁଡା ଚଣ୍ଡୀଉ ନ୍ୟୁର ଡକ୍ଟରଙ୍କ (ଏଟେନେଣ୍ଡ)/ ସହଯୋଗୀ କର୍ମଚାରୀ ସତ୍ୟବାଦୀ ଗୌଡ଼ଙ୍କୁ ଆଜି ଦିବା ୧୨.୩୦ ମି. ସମୟରେ ଗୁଡାରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଥିବା ସଭାଗୃହ ଠାରେ ଅବସର କାଳୀନ ବିଦାୟ ଉତ୍ସବ ପାଳନ କରାଯଇଛି କ୍ଷ ଏଭଳି ଦୁଃଖଦ ସମୟରେ ଗୁଡାରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟରତ ସମସ୍ତ କର୍ମଚାରୀ ଏକ ବିଦାୟ କାଳିନ ସମ୍ବର୍ଦ୍ଧନା ସଭାର ଆୟୋଜନ କରିଥିଲେ । ଉକ୍ତ ସଭାରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡଃ.ସ୍ୱାଗତ ସ୍ୱାଇଁ, ସମ୍ମାନୀତ ଅତିଥି ଭାବେ ଡଃ. ଦିବ୍ୟ ଦର୍ଶନ ସାହୁ ,ଡଃ. ସତୀଶ ସାହୁ, ଡଃ.ଶକ୍ତି ମାନ ପଣ୍ଡା,ଦାନ୍ତ ଚିକିତ୍ସକ ଡଃ.ସ୍ମୃତି କୁମାରୀ,ଡଃ.ତୃପ୍ତିମୟୀ ଖାଡ଼ଙ୍ଗା, ରଶ୍ମିତା ମାହାଙ୍କୁଡ ଉକ୍ତ ଭବ୍ୟ ସମ୍ବର୍ଦ୍ଧନା ଉତ୍ସବରେ ଯୋଗଦାନ କରି ଆତିଥ୍ୟ ସ୍ୱୀକାର କରିଥିଲେ । ଗୌଡ଼ ଉତ୍ଥାନ ପତନ ସହ ସଂଗ୍ରାମ ରତ କର୍ମମୟ ଜୀବନରେ ଆଜି ତାଙ୍କ ଚାକିରୀ ଜୀବନର କାର୍ଯ୍ୟକାଳ ସମାପ୍ତ ହୋଇଛି ତେଣୁ ମୁଖ୍ୟଅତିଥି ଡଃ. ସ୍ୱାଇଁ ଦୁଃଖ ପ୍ରକାଶ କରିବା ସଙ୍ଗେସଙ୍ଗେ ଜୀବନ ଓ ମୃତ୍ୟୁ ଯେମିତି ମଣିଷ ଜୀବନରେ ଦିନେ ନା ଦିନେ ଆସେ ଠିକ ସେମିତି ଚାକିରୀ ଜୀବନରେ ଅବସର ସମୟ ମଧ୍ୟ ଆସି ପହଞ୍ଚିଥାଏ ଏଣୁ ଏଥିରେ ମନଦୁଃଖ ନକରି ଜୀବନକୁ ଏକ ସୁନ୍ଦର କରି ନିଜ ପରିବାର ସହ ହସଖୁସି ରେ ଆଗେଇ ନେବାକୁ ଉଦବୋଧନ ଦେଇଥିଲେ। ସେହିଭଳି ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ମାନେ ନିଜ ନିଜ ଅଭିରଭାଷଣ ମାଧ୍ୟମରେ କିଛି କିଛି ବକ୍ତବ୍ୟ ଦେଇଥିଲେ । ପରି ଶେଷରେ ଉପସ୍ଥିତ ସମସ୍ତ କର୍ମଚାରୀଙ୍କ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ଅତିଥି ମାନେ ମିଳିତ ଭାବେ ଅବସର ନେଉଥିବା ଶ୍ରୀଯୁକ୍ତ ଗୌଡ଼ଙ୍କୁ ଫୁଲତୋଡା ସହ ମାନପତ୍ର, ଉପଢ଼ୌକନ,ଛତା, ଚପଲ ଇତ୍ୟାଦି ପ୍ରଦାନ କରିଥିଲେ କ୍ଷ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଜନ ସ୍ୱାସ୍ଥ୍ୟ ସମ୍ପ୍ର ସାରଣ ଅଧିକାରୀ ରଶ୍ମିତା ମାହାଙ୍କୁଡ ଏବଂ ଗୋଷ୍ଠୀ କାର୍ଯ୍ୟକ୍ରମ ପରିଚାଳକ ( ବି ପି ଏମ ) ଶ୍ରୀମାନ ଟୋଟା ତ୍ରିପତି ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ ।

# ବନ ବିଭାଗ ଦ୍ୱାରା ମୋରମ ବୋଝେଇ ହାଇୱା ଜବତ




**ବେତନଟୀ,୩।୬ (ସଂଚାର ବ୍ୟୁରୋ):** ବେତନଟୀ ଅଞ୍ଚଳରୁ ଦୈନିକ ବାଲି ଯେଉଁ ପରିମାଣରେ ଚୋରା ଚାଲାଣ ହେଉଛି ସେହିଭଳି ବିଭିନ୍ନ ସ୍ଥାନରୁ ମୋରମ ମଧ୍ୟ ଚୋରାରେ ଚାଲାଣ ହେଉଛି। ସରକାରଙ୍କର କୌଣସି ନିର୍ଦ୍ଦିଷ୍ଟ ନିୟମ ନଥିବା ଯୋଗୁଁ ପୁଲିସ, ତହସିଲ, ଖଣି ସମେତ ବନ ବିଭାଗ ଏହି ଚୋରା ଗାଡ଼ିକୁ ଅଟକ ରଖୁଥିବା ଜଣାଯାଇଛି। ସୋମବାର ପୂର୍ବାହ୍ନ ଏଗାରଟା ସମୟରେ ଭୁଡୁରବଣି- ପୁରୁଣାପାଣି କେନାଲ ରାସ୍ତାରେ ଏକ ମୋରମ ବୋଝେଇ ହାଇୱା ଆସୁଥିବା ଖବର ବନାଞ୍ଚଳ ଅଧିକାରୀ ମନୱାର ଖାଁ ପାଇଥିଲେ। ଖବର ପାଇ ସଙ୍ଗେ ସଙ୍ଗେ ଘଟଣାସ୍ଥଳରେ ପହଞ୍ଚି ମୋରମ ବୋଝେଇ ହାଇୱା ଓଡି ୧୧ ଏଏଚ ୬୬୧୨ କୁ ଜବତ କରି ବନ ବିଭାଗ କାର୍ଯ୍ୟାଳୟକୁ ଆଣିଥିଲେ। ଏହି ମୋରମ ସମ୍ଭବତଃ ଜଙ୍ଗଲରୁ ଆସୁଥିଲା ବୋଲି ଜଣାପଡିଥିଲା। ବନାଞ୍ଚଳ ଅଧିକାରୀ ଏନେଇ କେସ ନଂ ୧୩/୨୦୨୫ ରେ ମାମଲା ରୁଜୁ କରି ବଡ଼ସାହି ଥାନା ଅଧିନ ତେନ୍ତୁଳ ଗ୍ରାମର ହରପ୍ରସାଦ ମହାନ୍ତଙ୍କ ପୁଅ ଜଗନ୍ନାଥ ମହାନ୍ତ(୩୪)ଙ୍କୁ ଅଟକ ରଖି ଘଟଣାର ତଦନ୍ତ କରାଯାଇ ମଙ୍ଗଳବାର ଦିନ ତାଙ୍କୁ ରେଞ୍ଜ କାର୍ଯ୍ୟାଳୟରୁ ଜାମିନରେ ଛଡାଯାଇଛି ସୂଚନା ମିଳିଛି । ଏହି ମୋରମ ବୋଝେଇ ହାଇୱା ଟି କୌଣସି ଏକ କମ୍ପାନୀର ବୋଲି ଜଣାଯାଇଛି। ଜବତ ମୋରମ ବୋଝେଇ ହାଇୱାର ଟିଟି ପରମିଟ ର ଯାଞ୍ଚ ଚାଲିଛି।

# ମାଦକ ଦ୍ରବ୍ୟ ବିରୋଧୀ 'ଆମ ସଙ୍କଳ୍ପ' ସଚେତନତା ରଥର ଶୁଭାରମ୍ଭ



**କଟକ,୩।୬ (ସଂଚାର ବ୍ୟୁରୋ):** ଜିଲ୍ଲାବ୍ୟାପୀ ନିଶାଦ୍ରବ୍ୟ ତଥା ଅପମିଶ୍ରିତ ଓ ବିଷାକ୍ତ ମାଦକ ଦ୍ରବ୍ୟ ବିରୋଧୀ ଜନସଚେତନା ସୃଷ୍ଟି ଉଦ୍ଦେଶ୍ୟରେ ଆଜି କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ଏକ ସଚେତନତା ରଥର ଶୁଭାରମ୍ଭ କରାଯାଇଛି । ଭାରପ୍ରାପ୍ତ ଜିଲ୍ଲାପାଳ ଶ୍ରୀ ଶିବ ଟପୋ, ଅତିରିକ୍ତ ଜିଲ୍ଲାପାଳ ଡଃ ଦିବ୍ୟଲୋଚନ ମହନ୍ତ, ଅତିରିକ୍ତ ଜିଲ୍ଲାପାଳ ଡଃ ଇପସିତା ପ୍ରୟଦର୍ଶିନୀ ମିଶ୍ର, ଅବକାରୀ ଅଧୀକ୍ଷକ କରୁଣା ଶଙ୍କର ତିୱାରୀ ପ୍ରମୁଖ ପତାକା ଦେଖାଇ ଏହି ସଚେତନତା ରଥର ଶୁଭାରମ୍ଭ କରିଛନ୍ତି । ବିଭିନ୍ନ ମାଦକ ତଥା ଅପମିଶ୍ରିତ ନିଶାଦ୍ରବ୍ୟ ବ୍ୟବହାରର କୁପରିଣାମ ବିଷୟରେ ଜନସାଧାରଣଙ୍କୁ ଅବଗତ କରିବା ସହିତ ଅପମିଶ୍ରିତ, ବିଷାକ୍ତ ଏବଂ ଚୋରାମଦ କାରବାର ରୋକିବା ଲାଗି ଜିଲ୍ଲାବ୍ୟାପୀ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପ୍ରତି ବ୍ଲକରେ ଗୋଟିଏ ଲେଖାଏଁ ରଥ ଓ କଟକ ମହାନଗର ନିଗମ ଅଂଚଳରେ ଦୁଇଟି ରଥ ପରିକ୍ରମା କରିବ । ଆମ ସଙ୍କଳ୍ପ ନିଶା ନୁହେଁ ଜୀବନ' ଅଭିଯାନକୁ ପ୍ରତ୍ୟେକ ଲୋକଙ୍କ ନିକଟରେ ପହଂଚାଇବା ପାଇଁ ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ଏହି ଅଭିଯାନର ଶୁଭାରମ୍ଭ କରାଯାଇଛି । ପ୍ରଥମ ପର୍ଯ୍ୟାୟରେ ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଏହି ରଥ ବିଭିନ୍ନ ସ୍ଥାନ ପରିକ୍ରମା କରି ସଚେତନତା ସୃଷ୍ଟି କରିବ ।

# କୁଡୁମି ସେନାର ପ୍ରତିଷ୍ଠା ଦିବସ ପାଳନ




**ବେତନଟୀ,୩।୬(ସଂଚାର ବ୍ୟୁରୋ):** କୁଡୁମୀ ସେନା ପକ୍ଷରୁ ବେତନଟୀରେ କୁଡୁମୀ ସେନା ର ୧୩ ତମ ପ୍ରତିଷ୍ଠା ଦିବସ ପାଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଯାଇଛି । ସାରା ଭାରତରେ ୨ କୋଟି ରୁ ଉର୍ଦ୍ଧ୍ୱ କୁଡୁମୀ ସମ୍ପ୍ରଦାୟର ଲୋକେ ଓଡିଶା ,ଝାରଖଣ୍ଡ,ପଶ୍ଚିମବଙ୍ଗ,ବିହାର ଓ ଆସାମ୍ ରେ ବସବାସ କରୁଛନ୍ତି ।ଏହି ଜାତି କୁ ୧୯୫୦ ମସିହା ପର୍ଯ୍ୟନ୍ତ ଆଦିବାସୀ ମାନ୍ୟତା ମିଳିଥିଲା ।କିନ୍ତୁ ପରେ ସମ୍ବିଧାନରୁ ଆଦିବାସୀ ମାନ୍ୟତା ହଟାଇ ଦିଆଗଲା । ପୁନଃ ଆଦିବାସୀ ମାନ୍ୟତା ପାଇଁ ଏହି ସମ୍ପ୍ରଦାୟର ଲୋକେ ଦୀର୍ଘ ବର୍ଷ ଧରି ଦାବି ରଖି ଆସୁଛନ୍ତି କ୍ଷ ତେଓ୍ୱେ ଓଡିଶାରେ କ୍ରାନ୍ତିକାରୀ ଯୁବ ନେତା ଜୈମୁନୀ କୁମାର ମହାନ୍ତଙ୍କ ନେତୃତ୍ୱରେ କୁଡୁମୀ ସମ୍ପ୍ରଦାୟର ଲୋକଙ୍କୁ ଏକାଠି କରି ୨୦୧୨ ଜୁନ ୩ ରେ ବେତନଟୀ ଠାରେ କୁଡୁମୀ ସେନା ଗଠନ କରି କୁଡୁମୀ ଲୋକଙ୍କ ର ସାମାଜିକ ,ଅର୍ଥନୈତିକ, ଭାଷା,ସଂସ୍କୃତି ର ସୁରକ୍ଷା ଓ କୁଡୁମୀ ଜାତି କୁ ପୁନଃ ଆଦିବାସୀ ତାଲିକା ରେ ସାମିଲ କରିବା ପାଇଁ ୧୨ ବର୍ଷ ଧରି ଜିଲ୍ଲା,ରାଜ୍ୟ ତଥା ଜାତୀୟ ସ୍ତରରେ କାର୍ଯ୍ୟକ୍ରମ ଆୟୋଜନ କରି ଆସୁଛନ୍ତି । ତେବେ ଏହି ଦିନଟିକୁ ମନେ ରଖିବା ପାଇଁ କୁଡୁମୀ ସେନା ଓଡିଶାର ରାଜ୍ୟ ସଭାପତି ଜୈମୁନୀ କୁମାର ମହାନ୍ତଙ୍କ ସଭାପତିତ୍ୱରେ ବେତନଟୀର ଡାକ ବଙ୍ଗଳା ଠାରେ କୁଡୁମି ସେନାର ୧୩ ତମ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି । ଅନ୍ୟ ମାନଙ୍କ ମଧ୍ୟ ରେ କୁଡୁମୀ ସେନା ର ବିବେକାନନ୍ଦ ମହାନ୍ତ,ଡମ୍ବରୁଧର ମହାନ୍ତ, ଚନ୍ଦ୍ରମୋହନ ମହାନ୍ତ,ଟିକିନା ମହାନ୍ତ ଯୁବ ସେନା ର ହିମାଂଶୁ ମହାନ୍ତ,ମାନଗୋବିନ୍ଦ ମହାନ୍ତ,ରଞ୍ଜନ ମହାନ୍ତ, ନରହରି ମହାନ୍ତ, ଛତିଶ ମହାନ୍ତ,ଚୈତନ ମହାନ୍ତ,ଛାତ୍ର ସେନା ଗୌତମ ,ମୋନଜ,ଚନ୍ଦନ,ସୋନୁ,ଡେବିଡ , ଲିପୁନ,ବାବୁ,ଦେବାଶିଷ ଓ ମହିଳା ସେନା ର ଦମୟନ୍ତୀ ମହାନ୍ତ ପ୍ରମୁଖ ଯୋଗଦେଇଥିଲେ ।

# ବିଦ୍ୟୁତ ଭିତ୍ତିଭୂମି ସୁଦୃଢ଼ କରୁଛି ଟିପିଏସ୍‌ଓଡିଏଲ୍

**ମାଥିଲି ସବଷ୍ଟେସନର କ୍ଷମତା ୮.୧୫ ଏମଭିଏରୁ ୧୦ ଏମଭିଏକୁ ବୃଦ୍ଧି**



**ବ୍ରହ୍ମପୁର,୩।୬ (ସଂଚାର ବ୍ୟୁରୋ):** ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିଏସ୍‌ଓଡିଏଲ୍) ପକ୍ଷରୁ ମାଲକାନଗିରି ଜିଲ୍ଲାର ମାଥିଲି ପ୍ରାଇମେରୀ ସବଷ୍ଟେସନ (ପିଏସ୍‌ଏସ୍)ର ଉନ୍ନତିକରଣ କରାଯାଇଛି। ମାଲକାନଗିରିର ଆଦିବାସୀ ବହୁଳ ତଥା ପାହାଡ଼ ଜଙ୍ଗଲ ଘେରା ଅଞ୍ଚଳରେ ଗୁଣାତ୍ମକ ଏବଂ ଭରସାଯୋଗ୍ୟ ବିଜୁଳି ଯୋଗାଣ ସୁନିଶ୍ଚିତ କରିବା ପାଇଁ କମ୍ପାନୀ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ସମୃଦ୍ଧ ଜନଜାତି ସଂସ୍କୃତି ଏବଂ ଘଞ୍ଚ ଜଙ୍ଗଲ ସହ ପ୍ରାକୃତିକ ସୌନ୍ଦର୍ଯ୍ୟ ପାଇଁ ପରିଚିତ ମାଲକାନଗିରି ଜିଲ୍ଲାରେ ଅନେକ ଜନଜାତି ଗୋଷ୍ଠୀ ବସବାସ କରନ୍ତି। ମାଳ ଭୂଇଁ, ଉପତ୍ୟକା ଏବଂ ପାହାଡି ନଦୀ ଝରଣାରେ ଭରପୂର ଏହି ଅଞ୍ଚଳର ପ୍ରାକୃତିକ ଦୃଶ୍ୟ ବେଶ୍ ଆକର୍ଷକ। କିନ୍ତୁ ଭୌଗୋଳିକ ଦୃଷ୍ଟିରୁ ବିଜୁଳି ବିତରଣ୍ ପାଇଁ ଏଠାରେ ଅନେକ ଆହ୍ୱାନ ମଧ୍ୟ ରହିଛି। ପୂର୍ବରୁ ମାଥିଲି ପିଏସ୍‌ଏସରେ ୫ ଏମଭିଏ ଏବଂ ୩.୧୫ ଏମଭିଏ କ୍ଷମତା ବିଶିଷ୍ଟ ଦୁଇଟି ପାୱାର ଟ୍ରାନ୍ସଫର୍ମର ଥିଲା। ବର୍ତ୍ତମାନ ଏହି ୩.୧୫ ଏମଭିଏ ଟ୍ରାନ୍ସଫର୍ମର ବଦଳରେ ଏକ ନୂତନ ୫ ଏମଭିଏ ଟ୍ରାନ୍ସଫର୍ମର ସ୍ଥାପନ କରାଯାଇଛି। ଯାହା ଫଳରେ ସବଷ୍ଟେସନର ମୋଟ କ୍ଷମତା ୧୦ ଏମଭିଏକୁ ବୃଦ୍ଧି ପାଇଛି। ଏହି ଉନ୍ନତିକରଣ ପଦକ୍ଷେପ ଦ୍ୱାରା ଏହି ଅଞ୍ଚଳର ପ୍ରାୟ ୬,୦୦୦ ରୁ ଅଧିକ ଉପଭୋକ୍ତା ଉପକୃତ ହୋଇଛନ୍ତି ଏବଂ ସ୍ଥାନୀୟ ଅଞ୍ଚଳର ଘର, ସ୍କୁଲ, କଲେଜ, ଡାକ୍ତରଖାନା ଓ ସରକାରୀ କାର୍ଯ୍ୟାଳୟଗୁଡିକୁ ସ୍ଥାୟୀ ଓ ଭରସାଯୋଗ୍ୟ ବିଜୁଳି ସେବା ପହଞ୍ଚିପାରିଛି। ଏହି ପଦକ୍ଷେପ ଉପରେ ଗୁରୁତ୍ୱ ଦେଇ ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, "ମାଥିଲି ପିଏସ୍‌ଏସର ଉନ୍ନତିକରଣ ପରେ ମାଲକାନଗିରି ଜିଲ୍ଲାର ଉପଭୋକ୍ତାଙ୍କ ବିଜୁଳି ଚାହିଦା ପୂରଣ ହେବା ସହ ଲୋକଙ୍କ ନିକଟରେ ଗୁଣାତ୍ମକ ସେବା ପହଞ୍ଚିପାରିଛି। ସବଷ୍ଟେସନର କ୍ଷମତା ବୃଦ୍ଧି ସହ ଆମେ ଆଦିବାସୀ ଅଧ୍ୟୁଷିତ ମାଳ ଅଞ୍ଚଳରେ ବିଜୁଳି ସେବାକୁ ଉନ୍ନତ କରିଛୁ। ଦକ୍ଷିଣ ଓଡ଼ିଶାରେ ବିଦ୍ୟୁତ ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ ଉତ୍ତମ ମାନର ବିଜୁଳି ସେବା ଯୋଗାଇବା ଦିଗରେ ଆମ ପ୍ରୟାସ ଜାରି ରହିଛି। ମାଲକାନଗିରି ଭଳି ଜନଜାତି ବହୁଳ ଏବଂ ପାହାଡିଆ ଇଲାକାରେ ବିଦ୍ୟୁତ ବିତରଣ ବ୍ୟବସ୍ଥାକୁ ସୁଦୃଢ଼ କରିବା ଦିଗରେ ଟିପିଏସ୍‌ଓଡିଏଲ୍ ପ୍ରତିବଦ୍ଧ ରହିଛି।

# ୬ରେ କଳାଦିବସ ପାଳନ ବିଜେଡି

**କଳିଙ୍ଗନଗର,୩।୬ (ସଂଚାର ବ୍ୟୁରୋ):** ସୁକିନ୍ଦା ରେ ପ୍ରଫୁଲ୍ଲ ଘଡ଼େଇ ଙ୍କ ସହ ରହି ପରିଚୟ ପାଇ କୋଟି ପତି ହୋଇ ଆଜି ବିଜେପି ର ଆଗ ଧାଡି ର ନେତା ବୋଲାଇ ସାମ୍ବାଦିକ ସମ୍ମିଳନୀ କରି ବେଇମାନି ଓ ଦୋମୁହାଁ ପରି ଅଭିନୟ କରୁଛନ୍ତି, ପ୍ରୀତି ରଞ୍ଜନ ଓ ପ୍ରଫୁଲ୍ଲ ଙ୍କପାଇଁ ମଣିଷ ହୋଇଥିବା ଲୋକ ଆଜି ତାଙ୍କୁ ନିନ୍ଦା କରୁଛନ୍ତି ସେମାନେ ସ୍ୱାର୍ଥ ପାଇଁ କିଛି ବି କରିଦେଇ ପାରନ୍ତି ବୋଲି ଆଜି ଏକ ସାମ୍ବାଦିକ ସମ୍ମିଳନୀ କରି ବିଜେଡି ନେତୃବୃନ୍ଦ କଡା ସମାଲୋଚନା କରିଛନ୍ତି, ସୁକିନ୍ଦା ରେ ନିରୀହ ଶ୍ରମିକ, ମହିଳା, ସାମ୍ବାଦିକ, ସାଧାରଣ ଲୋକଙ୍କ ମାଡ଼ ମାରି ଅତ୍ୟାଚାର କରିବା କଣ ଓଡ଼ିଆ ଅସ୍ମିତା ବୋଲି ପ୍ରଶ୍ନ କରିଛନ୍ତି, ସୁକିନ୍ଦା ରେ ନିର୍ବାଚନ ପୂର୍ବରୁ ପରିବାର ବାଦ କୁ ଅଙ୍ଗୁଳି ଦେଖାଉଥିବା ନେତା ଆଜି ନିଜ ପୁଅ, ଭାଇ ମାନଙ୍କୁ ଲଗାଇ ରାଜନୀତି କରି ଖଣି ଶିଳ୍ପ ରୁ ଚାନ୍ଦା ଆଦାୟ କରିବା କଣ ଦୋ ମୁହାଁ କଥା ନୁହଁକି ବୋଲି ପ୍ରଶ୍ନ କରିଛନ୍ତି, ଡବଲ ଇଞ୍ଜିନ୍ ସରକାର ଗଠନ ହେବା ପରଠାରୁ ସୁକିନ୍ଦା ନିର୍ବାଚନ ମଣ୍ଡଳୀରେ ଅଶାନ୍ତ ହେବାରେ ଦିନକୁ ଦିନ ବୃଦ୍ଧି ଘଟୁଛି । ଶ୍ରମିକ ମାନଙ୍କୁ ଛଟେଇ ର ଭୟ ଦେଖାଇ ନିଜ ଦଳ ରେ ମିଶାଇବା ପାଇଁ ଧମକ ଦିଆଯାଉଛି,ଅଶାନ୍ତ ସୁକିନ୍ଦାରେ ଶାନ୍ତି ଫେରାଇ ଆଣିବାକୁ ସୁକିନ୍ଦା ବିଜେଡି ପକ୍ଷରୁ ଜୁନ୍ ୬ ତାରିଖ ଦିନ କଳାଦିବସ ପାଳନ କରାଯିବା ପାଇଁ ବିଜେଡି ଡାକରାଦେଇଛି। ଏହି ପରିପ୍ରେକ୍ଷିରେ ସୁକିନ୍ଦା ବିଜେଡି ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଡୁବୁରୀ ରେ ହୋଇଥିଲା । ଇତି ମଧ୍ୟରେ ୧୧ମାସରୁ ଉର୍ଦ୍ଧ୍ୱ ହେବ ବିଜେପି ଶାସନ ସମୟରେ ସୁକିନ୍ଦାରେ ବିଜେପି ଗୁଣ୍ଡାମାନଙ୍କ ଦ୍ୱାରା ସାଧାରଣ ଲୋକ, ଦଳିତ ଆଦିବାସୀ ବର୍ଗର ଲୋକ, ଶ୍ରମିକ,ମହିଳାଙ୍କୁ ଆକ୍ରମଣ କରି ଲହୁ ଲୁହାଣ କରିବା ସହିତ କାହା ଘର ଭାଙ୍ଗିବା, ଗାଡି ଭାଙ୍ଗିବା ଦେଖା ଯାଇଛି ।

## ଆମ ସଂକଳ୍ପ ସଚେତନତା ରଥର ଶୁଭାରମ୍ଭ

**ଜଗତସିଂହପୁର,୩।୬(ସଂଚାର ବ୍ୟୁର):** ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ଆମ ସଂକଳ୍ପ ସଚେତନତା ରଥକୁ ଜଗତସିଂହପୁର ଜିଲ୍ଲାପାଳ ଶ୍ରୀ ଜେ. ସୋନାଲ ଶୁଭାରମ୍ଭ କରିଛନ୍ତି। ଏହି ରଥ ଜଗତସିଂହପୁର ଜିଲ୍ଲାର ପ୍ରତ୍ୟେକ ବ୍ଲକ୍ ଏବଂ ପୌରାଞ୍ଚଳ ବୁଲି ନିଶାଦ୍ରବ୍ୟ ତଥା ଅପମିଶ୍ରିତ ଓ ମାଦକ ଦ୍ରବ୍ୟ ବ୍ୟବହାର ବିରୋଧରେ ଲୋକଙ୍କୁ ସଚେତନ କରାଇବ । ଏହା ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ବୁଲିବ । ଏହି କାର୍ଯ୍ୟକ୍ରମରେ ଜଗତସିଂହପୁର ଅବକାରୀ ଅଧିକ୍ଷୀକା ଅନିତା ପ୍ରଧାନ, ଡେପୁଟି ଅବକାରୀ ଅଧିକ୍ଷୀକା ଆଦ୍ୟାଶା ସ୍ୱାଇଁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି ଙ୍କ ସମେତ ସମସ୍ତ ଅବକାରୀ ବିଭାଗ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲାରେ ଚାଲିଥିବା ବେଆଇନ ମାଦକ ଦ୍ରବ୍ୟ କାରବାର ଉପରେ ଲାଗିବ ଲଗାମ। ଏହି କାରବାରକୁ ସମ୍ପୂର୍ଣ୍ଣ ରୋକିବା ପାଇଁ ଅବକାରୀ ବିଭାଗ ସଂକଳ୍ପବଦ୍ଧ ବୋଲି କୁହାଯାଇଛି।